ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Friday, August 22/2025 | Page 16 | ₹ 7.00 | DHENKANAL
୫୧ଶ ଭାଗ ୨୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 51 ISSUE 267 | ମୂଲ୍ୟ ₹୭/-

# ଖୁବ୍‌ଶୀଘ୍ର ହାତୀ ସୁରକ୍ଷା ସ୍ୱତନ୍ତ୍ର ନୀତି: ମୁଖ୍ୟମନ୍ତ୍ରୀ

**ରାଜ୍ୟରେ ହାତୀ–ମଣିଷ ସଂଘର୍ଷକୁ ରୋକିବା ଏବଂ ଏହି ଐତିହ୍ୟ ପ୍ରାଣୀଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ନୀତି ଖୁବ୍‌ଶୀଘ୍ର ଅଣାଯିବ। ଏଥିସହ ଭୁବନେଶ୍ୱର ଉପକଣ୍ଠ ଚନ୍ଦକା ନିକଟ ଗୋଡ଼ିବାରିରେ ସ୍ଥାପନ ହେବ ବିଶ୍ୱର ପ୍ରଥମ 'ଏସିଆନ୍ ଏଲିଫାଣ୍ଟ ସ୍ପେସିସ୍ ସର୍ଭାଇଭାଲ୍ ସେଣ୍ଟର'। ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଘୋଷଣା କରିଛନ୍ତି। ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ମାନବ–ହାତୀ ସହାବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ହାତୀମାନେ କେବଳ ପ୍ରାଣୀ ନୁହଁନ୍ତି, ସେମାନେ ଆମର ପରିଚୟ ଏବଂ ଇତିହାସ ଓ ଆଧ୍ୟାତ୍ମିକତାର ଅଂଶ। ଜାତୀୟ ଐତିହ୍ୟ ପ୍ରାଣୀ ଭାବେ ହାତୀ ପ୍ରକୃତରେ ଆମ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ତେବେ କୃଷି ପ୍ରସାର ଓ ଭିତ୍ତିଭୂମି ବିକାଶ ପାରମ୍ପରିକ ହାତୀ ବାସସ୍ଥାନକୁ ସଙ୍କୁଚିତ କରୁଛି, ଫଳରେ ମଣିଷ–ହାତୀ ସଂଘର୍ଷ ହେଉଛି। ହେବାକୁ ଥିବା ଏଲିଫାଣ୍ଟ ସର୍ଭାଇଭାଲ୍ ସେଣ୍ଟର ହାତୀଙ୍କ ସୁରକ୍ଷା ପାଇଁ ବେଶ୍ ସହାୟକ ହେବ। ସେମାନେ କିଭଳି ଜଙ୍ଗଲରେ ସୁରକ୍ଷିତ ରହିବେ, ଗାଁ କିମ୍ବା ସହରମୁହାଁ ହେବେନାହିଁ ସେନେଇ ଆବଶ୍ୟକ ପଦକ୍ଷେପ ନେବା ଦିଗରେ ଏହି କେନ୍ଦ୍ର ଗବେଷଣା କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।**

## ଗୋଡ଼ିବାରିରେ ହେବ ଏସିଆନ୍ ଏଲିଫାଣ୍ଟ ସ୍ପେସିସ୍ ସର୍ଭାଇଭାଲ୍ ସେଣ୍ଟର



ମାନବ–ହାତୀ ସହାବସ୍ଥାନ ଅନ୍ତର୍ଜାତୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପେଣ୍ଟିଂ ପ୍ରଦାନ କରୁଛନ୍ତି ପିସିସିଏଫ୍ (ବନ୍ୟପ୍ରାଣୀ) ପି.କେ. ଝା।

ଭୁବନେଶ୍ୱର,୨୧।୮(ବନ୍ଦନା ସେଠୀ)

ଭୁବନେଶ୍ୱର ମେ ଫେୟାର ହୋଟେଲରେ ଗୁରୁବାର ଆୟୋଜିତ କର୍ମଶାଳାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏଲିଫାଣ୍ଟ ସର୍ଭାଇଭାଲ୍ ସେଣ୍ଟର କେବଳ ଓଡ଼ିଶା ପାଇଁ ନୁହେଁ, ସମଗ୍ର ଦକ୍ଷିଣ ଏବଂ ଦକ୍ଷିଣପୂର୍ବ ଏସିଆ ପାଇଁ ଗବେଷଣା, ନୀତି ଓ ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବ। ଏହି ପଦକ୍ଷେପ ଏସୀୟ ହାତୀ ସଂରକ୍ଷଣରେ ଏକ ନୂତନ ବିଶ୍ୱ ମାନଦଣ୍ଡ ସ୍ଥାପନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ହାତୀ କରିଡର ମ୍ୟାପିଂ, ଅବକ୍ଷୟ ଜଙ୍ଗଲର ପୁନରୁଦ୍ଧାର, ଗଜ ସାଥୀ ଏବଂ ବନ ସୁରକ୍ଷା ସମିତି ମାଧ୍ୟମରେ ସ୍ଥାନୀୟ ସୁରକ୍ଷା ଗୋଷ୍ଠୀକୁ ସଶକ୍ତ କରିବା, ଶିକାର ବିରୋଧୀ ସ୍କ୍ୱାଡ୍‌କୁ ସୁଦୃଢ଼ କରିବା ଏବଂ ହାତୀ ଗତିବିଧିକୁ ଟ୍ରାକ୍ କରିବା ପାଇଁ ଜିପିଏସ୍ କଲାର, ଡ୍ରୋନ୍ ଏବଂ ଏଆଇ କ୍ୟାମେରା ବ୍ୟବହାର ସହ ସରକାରଙ୍କ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ହାତୀମାନେ ମୁକ୍ତ ଭାବେ ବିଚରଣ କରିବା, ଆମ ଜଙ୍ଗଲକୁ ସୁସ୍ଥ ରଖିବା ଏବଂ ସମ୍ପ୍ରଦାୟଗୁଡ଼ିକ ପ୍ରାଣୀମାନଙ୍କ ସହିତ ଶାନ୍ତିରେ ସହାବସ୍ଥାନ କରିବା ନେଇ ଓଡ଼ିଶା ପାଇଁ ଏକ ବିକାଶ ମଡେଲ ସୃଷ୍ଟି କରିବା ଆମର ଦୃଷ୍ଟିକୋଣ। ତେଣୁ ଏହି ମଡେଲ ବିଶ୍ୱର ଅନ୍ୟ ଦେଶକୁ ପ୍ରେରଣା ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିରେ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହଖୁଣ୍ଟିଆ ଯୋଗଦେଇ ପ୍ରମୁଖ ରଣନୀତି ମଧ୍ୟରେ ହାତୀଙ୍କ ବାସସ୍ଥାନର ପୁନରୁଦ୍ଧାର ଉପରେ ଗୁରୁତ୍ୱାରୋପ କରିଥିଲେ। ପିସିସିଏଫ୍ (ବନ୍ୟପ୍ରାଣୀ) ପି. କେ. ଝା ସ୍ୱାଗତ ଭାଷଣ ଦେଇଥିବାବେଳେ ଆଇୟୁସିଏନ୍ ସ୍ପେସିସ୍ ସର୍ଭାଇଭାଲ୍ ଉପାଧ୍ୟକ୍ଷ ହାଇଡି ରିଡ୍‌ଲେ ଯୋଗଦେଇ ସହଯୋଗପୂର୍ଣ୍ଣ ବିଶ୍ୱସ୍ତରୀୟ

☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

## ବିପଦକୁ ଆମନ୍ତ୍ରଣ

# ୧୮ରୁ ମୌସୁମୀ ଅଧିବେଶନ

## ଉଠିବ ଭୋଟ୍ ଚୋରି, ଅନାସ୍ଥା ଓ ନାରୀ ନିର୍ଯାତନା: ବିରୋଧୀ

ଭୁବନେଶ୍ୱର,୨୧।୮ (ରବିନାରାୟଣ ଜେନା)

ବହୁ କଳ୍ପନା ଜଳ୍ପନା ପରେ ଚଳିତବର୍ଷ ବିଧାନସଭାର ମୌସୁମୀ ଅଧିବେଶନ ଆସନ୍ତା ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ। ଏହି ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟଦିବସ ରହିଛି ବୋଲି ବିଧାନସଭା ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏ ସଂକ୍ରାନ୍ତରେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ସେପ୍ଟେମ୍ବର ୧୮ ତଥା ଗୁରୁବାର ମୌସୁମୀ ଅଧିବେଶନ ଆରମ୍ଭ ହୋଇ ୨୫ ତାରିଖରେ ଶେଷ ହେବ। ତେବେ ୧୮ ତାରିଖରେ ସରକାରୀ କାର୍ଯ୍ୟଦିବସ,୧୯ରେ ବେସରକାରୀ ବିଲ୍ ଓ ସଂକଳ୍ପ ଆଗତ ହେବାକୁ ରହିଥିବାବେଳେ ୨୦ରେ ସରକାରୀ କାର୍ଯ୍ୟଦିବସ ରହିଛି। ସେପ୍ଟେମ୍ବର ୨୧ ରବିବାର ପଡୁଥିବାରୁ ଉକ୍ତଦିନ ବିଧାନସଭା ପକ୍ଷରୁ କୌଣସି କାର୍ଯ୍ୟ ରଖାଯାଇନାହିଁ। ୨୨ରୁ ୨୫ ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟଦିବସ ରହିଛି। ତେବେ ଦୀର୍ଘଦିନ ଧରି ଅପେକ୍ଷାରେ ରହିଥିବା ବିରୋଧୀ ବିଜେଡି ଓ କଂଗ୍ରେସ ଏହି ସ୍ୱଳ୍ପକାଳୀନ ଅଧିବେଶନରୁ

☞ ପୃଷ୍ଠା–୪










## ଚାପୁଡ଼ା ମାରିବାରୁ ଶିକ୍ଷକଙ୍କୁ ଗୁଳିକଲେ ୯ମ ଶ୍ରେଣୀ ଛାତ୍ର

**ଡେରାଡୁନ୍, ୨୧।୮**

ଉତ୍ତରାଖଣ୍ଡର ଉଧାମ ସିଂ ନଗର ଜିଲା କାଶୀପୁରସ୍ଥିତ ଗୁରୁ ନାନକ ପ୍ରାଇଭେଟ ସ୍କୁଲରୁ ଏକ ଚାଞ୍ଚଲ୍ୟକର ଗୁଳିକାଣ୍ଡ ମାମଲା ସାମ୍ନାକୁ ଆସିଛି। ବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ପଢ଼ାଉଥିବା ଗଗନଦୀପ ସିଂ କୋହଲୀ କିଛିଦିନ ତଳେ ନବମ ଶ୍ରେଣୀ ଛାତ୍ର ସମର୍ଥ ବାଜୱାଙ୍କୁ ଚାପୁଡ଼ା ମାରିଥିଲେ। ସମର୍ଥ ଏହାର ପ୍ରତିଶୋଧ ନେବା ପାଇଁ ବୁଧବାର ଶ୍ରେଣୀଗୃହ ମଧ୍ୟରେ ଗଗନଦୀପଙ୍କୁ ଗୁଳି କରିଛନ୍ତି। ଗଗନଦୀପଙ୍କ ଡାହାଣ କାନ୍ଧରେ ଗୁଳି ଲାଗିଥିବାବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସମର୍ଥ ନିଜ ଟିଫିନ ବାକ୍ସ ମଧ୍ୟରେ ବନ୍ଧୁକ ଲୁଚାଇ ସ୍କୁଲକୁ ଆଣିଥିଲେ ବୋଲି ପୋଲିସ କହିଛି। ପୋଲିସ ବନ୍ଧୁକ ଜବତ କରିବା ସହ ସମର୍ଥଙ୍କୁ ଗିରଫ କରିଛି। ଗଗନଦୀପଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାବେଳେ ଆଇସିୟୁରେ ତାଙ୍କର ଚିକିତ୍ସା ଜାରି ରହିଛି ବୋଲି ଗୁରୁବାର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସତୀଶ ଗୋଲ୍‌ଚା ହେଲେ ଦିଲ୍ଲୀ ପୋଲିସ କମିଶନର



ସତୀଶ ଗୋଲ୍‌ଚା

**ନୂଆଦିଲ୍ଲୀ, ୨୧।୮**

ବରିଷ୍ଠ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀ ସତୀଶ ଗୋଲ୍‌ଚାଙ୍କୁ ଗୁରୁବାର ଦିଲ୍ଲୀ ପୋଲିସର ନୂତନ କମିଶନର ଭାବେ ନିଯୁକ୍ତ କରାଯାଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଛି। ସମ୍ପ୍ରତି ଦିଲ୍ଲୀ ପୋଲିସ କମିଶନର ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ଶଶୀଭୂଷଣ କୁମାର ସିଂଙ୍କୁ ଉକ୍ତ ପଦରୁ ହଟାଇ ଦିଆଯାଇଛି। ୧୯୯୨ ବ୍ୟାଚ୍ ଏଜିଏମ୍‌ୟୁଟି କ୍ୟାଡରର ସତୀଶ ସମ୍ପ୍ରତି ଦିଲ୍ଲୀର ଜେଲ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବୁଧବାର ନିଜ ସିଭିଲ ଲାଇନ୍ସସ୍ଥିତ ବାସଭବନରେ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ତାଙ୍କ ଉପରକୁ ଆକ୍ରମଣ ହୋଇଥିଲା। ଏହି ଘଟଣାର ଦିନକ ପରେ ଦିଲ୍ଲୀ ପୋଲିସ କମିଶନରଙ୍କୁ ବଦଳା ଯାଇଛି।

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜେଡ୍ ଶ୍ରେଣୀ ସୁରକ୍ଷା

**ନୂଆଦିଲ୍ଲୀ, ୨୧।୮**

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ବୁଧବାର ଆକ୍ରମଣ କରାଯିବା ପରେ ଗୁରୁବାର କେନ୍ଦ୍ର ସରକାର ତାଙ୍କୁ ଜେଡ୍ ଶ୍ରେଣୀ ସୁରକ୍ଷା ପ୍ରଦାନ କରିଛନ୍ତି। ଏବେ ରେଖାଙ୍କର ସୁରକ୍ଷା ଦାୟିତ୍ୱ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍)ର ସ୍ୱତନ୍ତ୍ର ଭିଆଇପି ସୁରକ୍ଷା ଗ୍ରୁପ୍ ନିକଟରେ ରହିବ। ତାଙ୍କ ସୁରକ୍ଷାରେ ସିଆର୍‌ପିଏଫ୍‌ର ୨୨ରୁ ୨୫ ସଶସ୍ତ୍ର କମାଣ୍ଡୋ ନିୟୋଜିତ ରହିବେ। ତେବେ ରେଖାଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତ ରାଜେଶ ଭାଇ ଖିମଜୀ ଭାଇ ଶକରିୟାଙ୍କୁ ଗୁରୁବାର ଦିଲ୍ଲୀର ଦ୍ୱାରକାସ୍ଥିତ ସ୍ୱତନ୍ତ୍ର ମାଜିଷ୍ଟ୍ରେଟ୍ ଅଦାଲତରେ ହାଜର କରାଯାଇଥିଲା। ଅଦାଲତ ତାଙ୍କୁ ୫ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇଛନ୍ତି।

### ଦିଲ୍ଲୀରେ ଆଜି



ହିମାଚଳ ପ୍ରଦେଶ, ପଞ୍ଜାବ ଏବଂ ହରିୟାଣାରେ ପ୍ରବଳ ବର୍ଷା ଯୋଗୁ ଯମୁନାର ଜଳସ୍ତରରେ ବୃଦ୍ଧି ଘଟିଛି। ହରିୟାଣା ପକ୍ଷରୁ ହାଥନି ବ୍ୟାରେଜଠାରେ ଗେଟ୍ ଖୋଲାଯାଇଥିବାରୁ ଏହାର ପ୍ରଭାବରେ ଦିଲ୍ଲୀରେ ଯମୁନାର ଜଳସ୍ତର କ୍ରମାଗତ ଭାବେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। (ଫଟୋ–ଚମନ ଗୌତମ)

# ଶେଷ ହେଲା ମୌସୁମୀ ଅଧିବେଶନ

**ପାର୍ଲାମେଣ୍ଟ ଅନିର୍ଦ୍ଦିଷ୍ଟ କାଳ ମୁଲତବୀ**

**ଲୋକ ସଭାରେ ୧୨, ରାଜ୍ୟ ସଭାରେ ୧୫ ବିଲ୍ ଗୃହୀତ**



**ନୂଆଦିଲ୍ଲୀ, ୨୧।୮ (ପି.ଟି.)**

ଜୁଲାଇ ୨୧ରୁ ଆରମ୍ଭ ହୋଇଥିବା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଗୁରୁବାର ଶେଷ ହୋଇଛି। ସଂସଦର ଉଭୟ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖାଯାଇଛି। ଅପରେଶନ ସିନ୍ଦୂର, ବିହାରରେ ନିର୍ବାଚନ ପୂର୍ବରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରସଙ୍ଗକୁ ନେଇ ଉଭୟ ଗୃହରେ ବିରୋଧୀ ସଦସ୍ୟମାନେ କ୍ରମାଗତ ଭାବେ ହଙ୍ଗାମା ଜାରି ରଖିବା ଓ କକ୍ଷତ୍ୟାଗ କରିବା ଆଦି କାରଣରୁ ଅଧିବେଶନର ଅନେକ ସମୟ ବରବାଦ ହୋଇଥିଲା। ଏହା ସତ୍ତ୍ୱେ ମାସେ ଧରି ଚାଲିଥିବା ଏହି ଅଧିବେଶନରେ ଲୋକ ସଭାରେ ୧୨ ବିଲ୍ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ୧୫ଟି ବିଲ୍‌କୁ ଅନୁମୋଦନ ମିଳିଥିଲା। ଲୋକ ସଭାରେ ଗୃହୀତ ବିଲ୍‌ଗୁଡ଼ିକ ମଧ୍ୟରେ ରହିଛି ଗୋଆ ରାଜ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜାତି ପ୍ରତିନିଧିତ୍ୱର ସମାଯୋଜନ ବିଲ୍, ମର୍ଚ୍ଚାଣ୍ଟ ଶିପିଂ ବିଲ୍, ମଣିପୁର ଜିଏସ୍‌ଟି (ସଂଶୋଧନ) ବିଲ୍, ମଣିପୁର ବ୍ୟୟମଞ୍ଜୁରୀ(ନଂ.୨) ବିଲ୍, ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍, ନ୍ୟାଶନାଲ ଆଣ୍ଟି-ଡୋପିଂ (ସଂଶୋଧନ) ବିଲ୍, ଆୟକର ବିଲ୍, ଟିକସ ଆଇନ (ସଂଶୋଧନ) ବିଲ୍, ଭାରତୀୟ ବନ୍ଦର ବିଲ୍, ଖଣି ଓ ଖଣିଜ(ବିକାଶ ଓ ନିୟାମକ) ସଂଶୋଧନ ବିଲ୍, ଆଇଆଇଏମ୍ (ସଂଶୋଧନ) ବିଲ୍ ଏବଂ ଅନ୍‌ଲାଇନ ଗେମିଂ ବିଲ୍। ସେହିପରି ରାଜ୍ୟ ସଭାରେ କ୍ୟାରେଜ୍ ଅଫ୍ ଗୁଡ୍ସ ବାଏ ସି ବିଲ୍, ଉପକୂଳ ଜାହାଜ ଚଳାଚଳ ବିଲ୍, ମଣିପୁର ଜିଏସ୍‌ଟି (ସଂଶୋଧନ) ବିଲ୍, ମଣିପୁର ବ୍ୟୟମଞ୍ଜୁରୀ ବିଲ୍, ଜାତୀୟ କ୍ରୀଡ଼ା ପରିଚାଳନା ବିଲ୍, ନ୍ୟାଶନାଲ ଆଣ୍ଟି ଡୋପିଂ (ସଂଶୋଧନ) ବିଲ୍, ଖଣି ଓ ଖଣିଜ (ସଂଶୋଧନ) ବିଲ୍, ଅନ୍‌ଲାଇନ ଗେମିଂ ବିଲ୍ ଇତ୍ୟାଦି।

ଏଥର ପାର୍ଲାମେଣ୍ଟରେ ସର୍ବାଧିକ ଅଚଳାବସ୍ଥା ଦେଖାଦେଇଥିଲା। ବିରୋଧୀ ସଦସ୍ୟମାନେ ଗୃହକାର୍ଯ୍ୟ ପରିଚାଳନାରେ ଆଦୌ ସହଯୋଗ କରି ନ ଥିଲେ। ଫଳରେ ସେମାନେ ବହୁ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଲୋଚନାରେ ଭାଗନେଇ ପାରି ନ ଥିଲେ। ଜୁଲାଇ ୨୧ ତାରିଖରେ ଅଧିବେଶନ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ହଠାତ୍ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ। ସେ ସ୍ୱାସ୍ଥ୍ୟଗତ କାରଣରୁ ଇସ୍ତଫା ଦେଉଛନ୍ତି ବୋଲି ଦର୍ଶାଇଥିବାବେଳେ ସରକାରଙ୍କ ସହ ତାଙ୍କ ମତଭେଦ ବଢ଼ିଥିବା ନେଇ ଚର୍ଚ୍ଚା ହେଉଛି। ଅଧିବେଶନ ଶେଷ ହେବାର ଦିନକ ପୂର୍ବରୁ ସରକାର ବୁଧବାର ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁରୁବାର ରାଜ୍ୟ ସଭାରେ ଉକ୍ତ ବିଲ୍ ଆଗତ କରିବା ପରେ ସେଗୁଡ଼ିକୁ ଅନୁଧ୍ୟାନ ପାଇଁ ଯୁଗ୍ମ ସଂସଦୀୟ କମିଟିକୁ ପଠାଇବା ପ୍ରସ୍ତାବ ଗୃହୀତ ହୋଇଥିଲା। ସେଥିରୁ ଗୋଟିଏ ହେଲା ଗୁରୁତର ଆପରାଧିକ ମାମଲାରେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ୩୦ ଦିନ ଜେଲରେ ରହିଲେ, ସେମାନଙ୍କୁ ପଦ ଛାଡ଼ିବାକୁ ହେବ। ମାସେ ବ୍ୟାପୀ ଅଧିବେଶନରେ ଲୋକ ସଭା ମାତ୍ର ୩୧ ପ୍ରତିଶତ ଫଳପ୍ରଦ ହୋଇଛି। ୧୨୦ ଘଣ୍ଟା ସମୟ ମଧ୍ୟରୁ ମାତ୍ର ୩୭ ଘଣ୍ଟା ପାଇଁ ଆଲୋଚନା ହୋଇଥିଲା। ସେହିପରି ରାଜ୍ୟ ସଭା ୩୩ ପ୍ରତିଶତ ଫଳପ୍ରଦ ହୋଇଥିଲା।

## ନାମାଙ୍କନପତ୍ର ଦାଖଲକଲେ ସୁଦର୍ଶନ ରେଡ୍ଡୀ

**ଉପରାଷ୍ଟ୍ରପତି ନିର୍ବାଚନ**

**ନୂଆଦିଲ୍ଲୀ, ୨୧।୮ (ପି.ଟି.)**

ସେପ୍ଟେମ୍ବର ୯ରେ ହେବାକୁ ଥିବା ଉପରାଷ୍ଟ୍ରପତି ନିର୍ବାଚନ ଲାଗି ବିରୋଧୀ ଦଳଗୁଡ଼ିକର ମିଳିତ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ବୁଧବାର ଏନ୍‌ଡିଏ ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଏହି ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଜଷ୍ଟିସ୍ ରେଡ୍ଡୀ ନାମାଙ୍କନ ଭରିବା ଅବସରରେ କହିଛନ୍ତି, ଲଢ଼େଇ କେବଳ ଜଣେ ବ୍ୟକ୍ତିବିଶେଷଙ୍କୁ ନେଇ ନୁହେଁ, ବରଂ ସଂସଦ ସଙ୍କୋଚତାର ସହ କାର୍ଯ୍ୟ କରିବା, ଅସହମତିକୁ ସମ୍ମାନ ମିଳିବା ଏବଂ ଅନୁଷ୍ଠାନଗୁଡ଼ିକ ନିରପେକ୍ଷ ଭାବେ ଜନସାଧାରଣଙ୍କ ସେବା କରିବା ନେଇ ଭାରତର ବିଚାରଧାରାକୁ ପୁନଃ ପୁଷ୍ଟି କରାଇବା। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ରେଡ୍ଡୀ ନାମାଙ୍କନପତ୍ର ଦାଖଲ କରିବା ସମୟରେ ତାଙ୍କ ସହ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ଏନ୍‌ସିପି(ଏସପି) ମୁଖ୍ୟ ଶରଦ ପାୱାର, ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।



ଜଷ୍ଟିସ୍ ସୁଦର୍ଶନ ରେଡ୍ଡୀ ନାମାଙ୍କନପତ୍ର ଦାଖଲ କରୁଥିବାବେଳେ ପାଖରେ ଅଛନ୍ତି କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ, ସୋନିଆ ଗାନ୍ଧୀ, ଏନ୍‌ସିପି(ଏସ୍‌ପି) ନେତା ଶରଦ୍ ପାୱାର।

## ନୂଆ ଆଧାର କାର୍ଡ ଜାରି କରିବନି ଆସାମ

**ଗୁଆହାଟୀ, ୨୧।୮**

ଆସାମ ସରକାର ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବପିଢ଼ିଙ୍କୁ ଆଉ ବର୍ଷେ ପାଇଁ ନୂଆ ଆଧାର କାର୍ଡ ଜାରି କରିବେ ନାହିଁ। ରାଜ୍ୟ କ୍ୟାବିନେଟ୍‌ରେ ଏଭଳି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଗୁରୁବାର କହିଛନ୍ତି। କେବଳ ଅନୁସୂଚିତ ଜାତି, ଜନଜାତି ଓ ଚା' ବଗିଚା ଶ୍ରମିକମାନଙ୍କୁ ଆଧାର କାର୍ଡ ଜାରି ରହିବ। ଅନ୍ୟ ସମ୍ପ୍ରଦାୟର ଯେଉଁମାନେ ଏପର୍ଯ୍ୟନ୍ତ ଆଧାର କାର୍ଡ କରିନାହାନ୍ତି, ସେମାନଙ୍କୁ ସେପ୍ଟେମ୍ବର ମାସରେ ଆବେଦନ ପାଇଁ ସୁଯୋଗ ମିଳିବ। ଅତି ବିରଳ ମାମଲାରେ ଆବେଦନପତ୍ର ୱିଣ୍ଡୋ ବନ୍ଦ ହେବା ପରେ ଆଧାର କାର୍ଡ ଇସ୍ୟୁ ନେଇ ଜିଲା କମିଶନର ନିଷ୍ପତ୍ତି ନେବେ। ତେବେ ଏଥିପାଇଁ ଅନୁମୋଦନ କରିବା ପୂର୍ବରୁ କମିଶନରଙ୍କୁ ସ୍ପେଶାଲ ବ୍ରାଞ୍ଚ୍ ରିପୋର୍ଟ ଓ ଫରେନର୍ସ ଟ୍ରିବ୍ୟୁନାଲ ରିପୋର୍ଟକୁ ଯାଞ୍ଚ କରିବାକୁ ହେବ। ବେଆଇନ ବିଦେଶୀ ବିଶେଷ କରି ବାଂଲାଦେଶୀମାନେ ଯେପରି ଆସାମରେ ଆଧାର କାର୍ଡ ନ ପାଆନ୍ତି ଓ ନିଜକୁ ଭାରତୀୟ ନାଗରିକ ଭାବେ ଦାବି ନ କରନ୍ତି, ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଥିବା ବିଶ୍ୱଶର୍ମା କହିଛନ୍ତି।

## ୮ ମାମଲାରେ ଇମ୍ରାନ୍‌ଙ୍କୁ ଜାମିନ

**ଇସଲାମାବାଦ, ୨୧।୮**



ଇମ୍ରାନ୍ ଖାନ୍

ପାକିସ୍ତାନ ସୁପ୍ରିମକୋର୍ଟ ଗୁରୁବାର ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ ପ୍ରତିଷ୍ଠାତା ଇମ୍ରାନ୍ ଖାନ୍‌ଙ୍କୁ ୨୦୨୩ ମେ' ୯ରେ ହୋଇଥିବା ହିଂସାର ୮ ବିଭିନ୍ନ ମାମଲାରେ ଜାମିନ ପ୍ରଦାନ କରିଛନ୍ତି। ପୂର୍ବରୁ ଉକ୍ତ ମାମଲାଗୁଡ଼ିକରେ ଲାହୋର ହାଇକୋର୍ଟ ଇମ୍ରାନ୍‌ଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରିଥିଲେ। ସୁପ୍ରିମକୋର୍ଟ ଲାହୋର ହାଇକୋର୍ଟଙ୍କ ଉକ୍ତ ନିର୍ଦ୍ଦେଶକୁ ରଦ୍ଦ କରିଛନ୍ତି। ୨୦୨୩ ମେ' ୯ରେ ଇମ୍ରାନ୍‌ଙ୍କ ଗିରଫଦାରି ପରେ ତାଙ୍କ ସମର୍ଥକମାନେ ଦେଶବ୍ୟାପୀ ହିଂସାତ୍ମକ ବିରୋଧ ପ୍ରଦର୍ଶନ କରିଥିଲେ, ଯାହାପରେ ଇମ୍ରାନ୍‌ଙ୍କ ବିରୋଧରେ ଉକ୍ତ ୮ ମାମଲା ରୁଜୁ କରାଯାଇଥିଲା। ତେବେ ସମ୍ପ୍ରତି ଇମ୍ରାନ୍ ବିଭିନ୍ନ ଅନ୍ୟାନ୍ୟ ମାମଲାରେ ମଧ୍ୟ ଅଭିଯୁକ୍ତ ଥିବାରୁ ସେ ଜେଲରୁ ମୁକୁଳି ନ ପାରନ୍ତି ବୋଲି ବିଭିନ୍ନରେ ରିପୋର୍ଟ ପ୍ରକାଶ ପାଇଛି।

## ପାକ୍‌ରେ ସଂଖ୍ୟାଲଘୁ ବିରୋଧୀ ହିଂସା ବଢ଼ିଛି

**ଲାହୋର, ୨୧।୮ (ପି.ଟି.)**

ପାକିସ୍ତାନ ମାନବାଧିକାର କମିଶନ (ଏଚ୍‌ଆର୍‌ସିପି)ର ସଦ୍ୟ ରିପୋର୍ଟ 'ଷ୍ଟ୍ରିଟ୍ସ୍ ଅଫ୍ ଫିଅର: ଫ୍ରିଡମ୍ ଅଫ୍ ରିଲିଜିଅନ୍ ଅର୍ ବିଲିଫ୍ ଇନ୍ ୨୪/୨୫' ଅନୁଯାୟୀ, ଗତ ବର୍ଷକ ମଧ୍ୟରେ ଦେଶରେ ହିନ୍ଦୁ, ଖ୍ରୀଷ୍ଟିଆନ ପରି ସଂଖ୍ୟାଲଘୁ ସମୁଦାୟର ଲୋକଙ୍କ ବିରୋଧରେ ହିଂସା ମାମଲାରେ ବୃଦ୍ଧି ଘଟିଛି। ସେହିପରି ପାକିସ୍ତାନର ପଞ୍ଜାବ ଏବଂ ସିନ୍ଧ ଅଞ୍ଚଳରେ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ଯୁବତୀଙ୍କୁ ଜବରଦସ୍ତ ଧର୍ମ ପରିବର୍ତ୍ତନ ଏବଂ କମ୍ ବୟସରେ ବିବାହ ପରି ମାମଲା ମଧ୍ୟ ଦ୍ରୁତ ଗତିରେ ବଢ଼ୁଥିବା ଏଚ୍‌ଆର୍‌ସିପି କହିଛି। ଦେଶରେ ବାଲ୍ୟ ବିବାହ ନିବାରଣ ଆଇନକୁ କାର୍ଯ୍ୟକାରୀ କରିବାରେ ଶାସନତନ୍ତ୍ରର ବିଫଳତାକୁ ଏହି ତଥ୍ୟ ଦର୍ଶାଉଥିବା ନେଇ ରିପୋର୍ଟରେ କୁହାଯାଇଛି।

## ୟୁକ୍ରେନ୍ ଯୁଦ୍ଧ ବନ୍ଦ ପାଇଁ ଭାରତ ଉପରେ ଟାରିଫ୍

**ୱାଶିଂଟନ, ୨୧।୮**

ରୁଷିଆରୁ ତୈଳ କିଣୁଥିବା ଦର୍ଶାଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ସାମଗ୍ରୀର ଆମଦାନି ଉପରେ ୨ଟି ପର୍ଯ୍ୟାୟରେ ୫୦% ଟାରିଫ ଲଗାଇଛନ୍ତି। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ବନ୍ଦ କରିବା ପାଇଁ ଭାରତ ଉପରେ ଉକ୍ତ ଟାରିଫ ଲଗାଯାଇଥିବା ହ୍ୱାଇଟହାଉସ୍ ପ୍ରେସ୍ ସେକ୍ରେଟାରୀ କାରୋଲିନ୍ ଲେଭିଟ୍ କହିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ସମାପ୍ତ କରିବାକୁ ଚାହାଁନ୍ତି ବୋଲି ଅନେକବାର ସ୍ପଷ୍ଟ କରିଛନ୍ତି। ତେଣୁ ସେ ଭାରତ ଉପରେ ଟାରିଫ ଲଗାଇବା ସହ ଆହୁରି ଅନେକ ପଦକ୍ଷେପ ନେଇଛନ୍ତି ବୋଲି ହ୍ୱାଇଟହାଉସରେ ଖବରଦାତା ସମ୍ମିଳନୀ କରୁଥିବା ବେଳେ ଏକ ପ୍ରଶ୍ନର ଉତ୍ତରରେ କାରୋଲିନ୍ କହିଛନ୍ତି। ୟୁକ୍ରେନ୍‌କୁ ଆକ୍ରମଣ ବନ୍ଦ କରିବା ପାଇଁ ରୁଷିଆ ଉପରେ ଚାପ ପକାଇବା ଦିଗରେ ଏହା ଏକ ସୁଚିନ୍ତିତ ପ୍ରୟାସ ବୋଲି ସେ କହିଛନ୍ତି।

## ଧମକପୂର୍ଣ୍ଣ ଚିଠି ସହ ସୀମାରେ ଧରାପଡ଼ିଲା ପାରା

**ଜମ୍ମୁ, ୨୧।୮**



ପାକିସ୍ତାନ ସହ ସୀମାବର୍ତ୍ତୀ ଜମ୍ମୁ-କଶ୍ମୀରର ଜମ୍ମୁ ଜିଲା ଅନ୍ତର୍ଗତ ଆର୍‌ଏସ୍‌ପୁରା ଅଞ୍ଚଳରୁ ଧମକପୂର୍ଣ୍ଣ ଚିଠି ସହ ଏକ ପାରା ଧରାପଡ଼ିଛି। ଉକ୍ତ ଚିଠିରେ ଜମ୍ମୁ ରେଳ ଷ୍ଟେଶନରେ ଆଇଡି ବିସ୍ଫୋରଣ କରାଯିବ ବୋଲି ଉଲ୍ଲେଖ ରହିଛି। ଚିଠିଟି ପାରାର ଗୋଡ଼ରେ ବନ୍ଧା ହୋଇଥିବା ନେଇ ସୀମା ସୁରକ୍ଷା ବାହିନୀ (ବିଏସ୍‌ଏଫ୍)ର ଜଣେ ଯବାନ ଦେଖିବାକୁ ପାଇଥିଲେ। ଚିଠିରେ ଉର୍ଦ୍ଦୁ ଏବଂ ଇଂଲିଶ ଭାଷାରେ ଜମ୍ମୁ ରେଳ ଷ୍ଟେଶନକୁ ଉଡ଼ାଇଦେବାକୁ ଧମକ ଦିଆଯାଇଛି। ସେହିପରି ଉର୍ଦ୍ଦୁ ଭାଷାରେ ଲେଖାଯାଇଛି, 'ଏବେ ସମୟ ଆସିଯାଇଛି। କଶ୍ମୀର ଆମର।' ଏହି ଧମକପୂର୍ଣ୍ଣ ଚିଠିକୁ ସୁରକ୍ଷା ଏଜେନ୍ସିଗୁଡ଼ିକ ପକ୍ଷରୁ ଗୁରୁତ୍ୱର ସହ ନିଆଯିବା ସହିତ ଘଟଣାର ତଦନ୍ତ କରାଯାଉଛି। ଜମ୍ମୁ ଡିଭିଜନର ବିଭିନ୍ନ ସମ୍ବେଦନଶୀଳ ସ୍ଥାନଗୁଡ଼ିକର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ସେହିପରି ଜମ୍ମୁ ରେଳ ଷ୍ଟେଶନର ଆଖପାଖ ଅଞ୍ଚଳକୁ ହାଇଆଲର୍ଟରେ ରଖାଯିବା ସହ ଡଗ୍ ସ୍କ୍ୱାଡ ଓ ବୋମା ନିଷ୍କ୍ରିୟକାରୀ ଦଳ ନିୟୋଜନ କରାଯାଇଛି। ଏହା କେତେଜଣ ପାକିସ୍ତାନୀ ଅସାମାଜିକ ତତ୍ତ୍ୱଙ୍କ କାର୍ଯ୍ୟ ହୋଇ ଥାଇପାରେ ବୋଲି ସୁରକ୍ଷା ଏଜେନ୍ସିଗୁଡ଼ିକ ଅନୁମାନ କରୁଛନ୍ତି। ପୂର୍ବରୁ ମଧ୍ୟ ପାକିସ୍ତାନ ଦ୍ୱାରା ବେଲୁନ, ପତାକା ଏବଂ ପାରା ଆଦି ମାଧ୍ୟମରେ ଭାରତକୁ ଧମକପୂର୍ଣ୍ଣ ବାର୍ତ୍ତା ମିଳିଥିବାର ନଜିର ରହିଛି। ତେଣୁ ଏହି ମାମଲାକୁ ହାଲୁକା ଭାବେ ନ ନେବାକୁ ସୁରକ୍ଷା ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ପାରାକୁ ସ୍ୱତନ୍ତ୍ର ଭାବେ ତାଲିମ ଦିଆଯାଇ ସୀମାପାର ପଠାଯାଇଥାଇ ପାରେ ବୋଲି ସେମାନେ କହିଛନ୍ତି।

## ଶୋଇଥିବା ଭିଡିଓ ଦେଖାଇ ଲକ୍ଷାଧିକ ରୋଜଗାର



ଡେବୋରା ପିକ୍ସୋଟୋ

**ବ୍ରାସିଲିଆ**

ବ୍ରାଜିଲର କଣ୍ଟେଣ୍ଟ କ୍ରିଏଟର ତଥା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଡେବୋରା ପିକ୍ସୋଟୋ (୩୨) ସମ୍ପ୍ରତି ନିଜର ଏକ ଅନନ୍ୟ ଷ୍ଟ୍ରିମିଂ ପାଇଁ ଚର୍ଚ୍ଚାରେ ରହିଛନ୍ତି। ସେ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଶୋଇବା ବେଳର ନିଜ ଭିଡିଓ ଲୋକଙ୍କୁ ଦେଖାଇ ପ୍ରତିଦିନ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଡେବୋରା କହିଛନ୍ତି, ପ୍ରଶଂସକମାନେ ତାଙ୍କୁ ରାତିରେ ଶୋଇଥିବାବେଳେ ଦେଖିବା ପାଇଁ ପସନ୍ଦ କରୁଛନ୍ତି ଏବଂ ଏଥିପାଇଁ ସେମାନେ ତାଙ୍କୁ ଅର୍ଥ ଦେଉଛନ୍ତି। ସାରା ରାତି ତାଙ୍କ ଶୋଇବାର ଲାଇଭ୍ ଷ୍ଟ୍ରିମିଂ ଦେଖିବା ପାଇଁ ଡେବୋରା ତାଙ୍କ ପ୍ରତ୍ୟେକ ପ୍ରଶଂସକଙ୍କୁ ୮୪ ପାଉଣ୍ଡ (ପ୍ରାୟ ୧୦ ହଜାର ଟଙ୍କା) ଚାର୍ଜ କରିଥାନ୍ତି। ଡେବୋରା ଏହି ଷ୍ଟ୍ରିମିଂକୁ 'ନାଇଟ୍ ଟାଇମ୍ ରିୟାଲିଟି ଶୋ'ର ନାମ ଦେଇଛନ୍ତି, ଯେଉଁଥିରେ ପ୍ରତିଦିନ ସର୍ବାଧିକ ୪୦ ଜଣ ପ୍ରଶଂସକ ଏହି ନିଆରା ଲାଇଭ୍ ଷ୍ଟ୍ରିମିଂକୁ ଦେଖିବାର ସୁଯୋଗ ପାଇଥାନ୍ତି।

ଡେବୋରା କହିଛନ୍ତି, ପ୍ରଥମେ ତାଙ୍କୁ ଏସବୁ ଅଜବ ଲାଗୁଥିଲା, କିନ୍ତୁ ଧୀରେ ଧୀରେ ସେ ଅନୁଭବ କରିଥିଲେ ଯେ, ତାଙ୍କ ପ୍ରଶଂସକମାନେ ଏଥିରେ ଏକ ଭିନ୍ନ ପ୍ରକାରର ଶାନ୍ତି ଓ ଆତ୍ମୀୟତାକୁ ଅନୁଭବ କରୁଛନ୍ତି। ଅନେକ ପ୍ରଶଂସକ ଡେବୋରାଙ୍କୁ ମେସେଜ୍ ପଠାଇ କୁହନ୍ତି, ତାଙ୍କୁ କିଛି କରିବାର ଆବଶ୍ୟକତା ନାହିଁ। ସେମାନେ କେବଳ ଡେବୋରାଙ୍କୁ ଶୋଇଥିବା ବେଳେ ଦେଖିବାକୁ ଚାହାଁନ୍ତି। ତେଣୁ ଲୋକଙ୍କ ପସନ୍ଦକୁ ଦୃଷ୍ଟିରେ ରଖି କିଛିଦିନ ତଳେ ଡେବୋରା ଏହାକୁ ଏକ ବ୍ୟବସାୟରେ ପରିଣତ କରିବାକୁ ଚିନ୍ତା କରିଥିଲେ। ସେ ତାଙ୍କ ଶୟନ କୋଠରିକୁ ଏପରି ଭାବରେ ସଜାଇଛନ୍ତି, ଯେପରି ଲାଇଭ୍ ଷ୍ଟ୍ରିମିଂରେ ଦର୍ଶକମାନେ ତାଙ୍କ ସହ ପୂରା କୋଠରିକୁ ଦେଖିପାରିବେ ଏବଂ ଉକ୍ତ କୋଠରିରେ ଥିବା ପରି ସେମାନଙ୍କୁ ଅନୁଭବ ହେବ। ଡେବୋରା କହିଛନ୍ତି, ସମଗ୍ର ଷ୍ଟ୍ରିମିଂ ସିଷ୍ଟମ ତାଙ୍କ ନିୟନ୍ତ୍ରଣରେ ରହିଛି ଏବଂ ଏହାକୁ ଏପରି ଭାବେ ଡିଜାଇନ୍ କରାଯାଇଛି, ଯେପରି ତାଙ୍କର ଗୋପନୀୟତା ବଜାୟ ରହିବ।

**ଫୁର୍ସତ୍**

## ୨୪ରୁ 'ବିଗ୍‌ବସ୍ ୧୯'



ସଲମାନ ଖାନ୍

**ମୁମ୍ବାଇ**

ଲୋକପ୍ରିୟ ଟିଭି ରିୟାଲିଟି ଶୋ 'ବିଗ୍‌ବସ୍'ର ୧୯ତମ ସିଜନ୍ ଆସନ୍ତା ୨୪ରୁ ଆରମ୍ଭ ହେବାକୁ ଯାଉଛି। ଆସନ୍ତା ରବିବାର ଓଟିଟି ପ୍ଲାଟ୍‌ଫର୍ମ ଜିଓ ହଟ୍‌ଷ୍ଟାରରେ ରାତି ୯ଟା ବେଳେ, କଲର୍ସ ଟିଭିରେ ସାଢ଼େ ୧୦ରେ 'ବିଗବସ୍ ୧୯'ର ପ୍ରିମିୟରର ପ୍ରସାରଣ ହେବ। ଚଳିତ ସିଜନ୍‌ରେ ମଧ୍ୟ ଅଭିନେତା ସଲମାନ ଖାନ୍ ବିଗ୍‌ବସ୍‌କୁ ହୋଷ୍ଟ କରିବେ। 'ବିଗ୍‌ବସ୍ ୧୯'ର ଥିମ୍ ରହିଛି 'ଇସ୍‌ବାର୍ ଚଲେଗି ଘରୱାଲୋ କି ସରକାର', ଯାହାକୁ ନେଇ ଦର୍ଶକଙ୍କ ମଧ୍ୟରେ 'ବିଗ୍‌ବସ୍ ୧୯' ପାଇଁ ଉତ୍କଣ୍ଠା ବଢ଼ିଛି।

ବର୍ତ୍ତମାନ ସୁଦ୍ଧା ଶୋ'ର ପ୍ରତିଯୋଗୀଙ୍କ ନାମକୁ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନ ଥିଲେ ସୁଦ୍ଧା ଟିଭି ଅଭିନେତା ଗୌରବ ଖାନ୍ନା, ଅଭିନେତ୍ରୀ ଅସନୂର କୌର, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ପ୍ରମୁଖ ଚଳିତ ସିଜନ୍‌ରେ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି। ପୂର୍ବ ସିଜନଗୁଡ଼ିକ ତୁଳନାରେ 'ବିଗ୍‌ବସ୍ ୧୯' ଲମ୍ବା ଚାଲିବ। ରିପୋର୍ଟ ଅନୁଯାୟୀ, ଚଳିତ ସିଜନ୍ ୫ ମାସ ପର୍ଯ୍ୟନ୍ତ ଜାରି ରହିବ।

# ବାରିପଦା ମାଟି ସହ ବହୁ ପରିଚିତ: ତଥାଗତ

## ଧରିତ୍ରୀ ସମ୍ପାଦକଙ୍କୁ ଭେଟିଲେ ବରିଷ୍ଠ ନାଗରିକ



ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କ ସହ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ।

ବାରିପଦା,୨୧।୮
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ବରିଷ୍ଠ ନାଗରିକମାନେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀଙ୍କୁ ଗୁରୁବାର ଅପରାହ୍ଣରେ ବାରିପଦାସ୍ଥିତ ସର୍କିଟ ହାଉସ୍‌ଠାରେ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଶୁକ୍ରବାର ବାଙ୍ଗିରିପୋଷିସ୍ଥିତ ଖଇରୀ ରିସୋର୍ଟରେ ଆୟୋଜନ ହେବାକୁ ଥିବା ହାତୀ ଓ ଜଙ୍ଗଲ ସୁରକ୍ଷା କାର୍ଯ୍ୟକ୍ରମରେ ସମ୍ପାଦକ ସତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି ଅବସରରେ ସେ ୨ ଦିନିଆ ମୟୂରଭଞ୍ଜ ଜିଲା ଗସ୍ତରେ ଆସିଥିବା ବେଳେ ବରିଷ୍ଠ ନାଗରିକମାନଙ୍କ ସହ ଭାବ ବିନିମୟ କରିଥିଲେ। ବରିଷ୍ଠ ନାଗରିକ ଦିବସ ପରିପ୍ରେକ୍ଷୀରେ କର୍ମକର୍ତ୍ତାମାନେ ସମ୍ପାଦକ ଓ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇବା ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

ଏହି ଅବସରରେ ତଥାଗତ କହିଥିଲେ, ମୟୂରଭଞ୍ଜ ମାଟି ସହ ତାଙ୍କର ପୂର୍ବସମ୍ପର୍କ ଯୋଡ଼ିହୋଇରହିଛି। ଏହା ହେଉଛି ତାଙ୍କ ଦ୍ୱିତୀୟ ଘର ସଦୃଶ। ଏଠାକାର ଲୋକମାନେ ଅତ୍ୟନ୍ତ ସରଳ। ସେମାନଙ୍କ ସହ କଥାବାର୍ତ୍ତା ହୋଇ ବେଶ୍ ଖୁସି ଲାଗୁଛି ବୋଲି ସେ କହିଥିଲେ।

ବରିଷ୍ଠ ନାଗରିକ ସଂଘର ବିକ୍ରମ କେଶରୀ ଜେନା, ସର୍ବେଶ୍ୱର ଭୂୟାଁ, ସୁବୋଧ ପଲେଇ, ରଘୁନାଥ ପଣ୍ଡା, କୁଞ୍ଜବନ ପୃଷ୍ଟି, ରବୀନ୍ଦ୍ର ନାଥ ନାୟକ, ରବୀନ୍ଦ୍ର ସାହୁ, ଶିଶିର ଲେଙ୍କା, ନନି ଗୋପାଳ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଦାସ, ଶ୍ରୀଧର ପରିଡ଼ା, ଈଶ୍ୱର ଚନ୍ଦ୍ର ଦାସ, କ୍ଷୀରୋଦ ପଣ୍ଡା, ଈଶ୍ୱର ଚନ୍ଦ୍ର ପାତ୍ର, ରମାକାନ୍ତ ମହାନ୍ତ, ଅଶ୍ୱିନୀ ପାତ୍ର, ହରିହର ମହାନ୍ତ, ଉପେନ୍ଦ୍ର ମାଝୀ, ଖଗେଶ୍ୱର ଦାସ, ଦୀପକ କୁମାର ଦାଶ, ଚନ୍ଦ୍ରମୋହନ ମୁର୍ମୁ, ଡା. କିଶୋର କୁମାର ପାତ୍ର, କ୍ଷମରାଜ ଅଗ୍ରୱାଲ ଓ ନିମାଇଁ ଚରଣ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ।

# ୩୧ରେ ଆଉ ୯ ନୂଆ ଏନ୍‌ଏସି ଘୋଷଣା: ମନ୍ତ୍ରୀ

## ଝାରସୁଗୁଡ଼ା ମହାନଗର ନିଗମ ଘୋଷଣା ହୋଇପାରେ

ଭୁବନେଶ୍ୱର,୨୧।୮
(ରବିନାରାୟଣ ଜେନା)

ନଗର ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ୩୧ରେ ପାଳିତ ହେବାକୁ ଥିବା ସ୍ୱାୟତ୍ତଶାସନ ଦିବସ ଅବସରରେ ବଡ଼ଧରଣର ଘୋଷଣା ହେବ। ପୂର୍ବ ସରକାର ୨୧ଟି ସହରାଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିବାବେଳେ ରାଜ୍ୟରେ ଭାଜପା ସରକାର ଏହାଠାରୁ ଆଉପାଦେ ଆଗକୁ ଯିବାକୁ ଲକ୍ଷ୍ୟ ରଖିଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗୁରୁବାର ଗଣମାଧ୍ୟମକୁ ମନ୍ତ୍ରୀ କହିଛନ୍ତି, ଆସନ୍ତା ୩୧ ତାରିଖ ସ୍ୱାୟତ୍ତ ଶାସନ ଦିବସରେ ରାଜ୍ୟର ଆଉ ୯ଟି ଏନ୍‌ଏସିର ନାଁ ଘୋଷଣା କରିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହାବାଦ୍ ଆଉ କେତେକ ସହର ଯେଉଁ ଏନ୍‌ଏସି ପାଇଁ ଦାବି କରୁଛନ୍ତି ତାହାକୁ ମଧ୍ୟ ବିଚାର କରାଯାଉଛି। ଗତ ୧୬ ତାରିଖରେ ବିଭାଗ ପକ୍ଷରୁ ରାଜ୍ୟର ୧୨ଟି ନୂତନ ଏନ୍‌ଏସିର ଚିଠା ଘୋଷଣା ହୋଇଥିଲା। ସେଥିମଧ୍ୟରେ ଅନୁଗୋଳର ପାଲଲହଡା, ସୁବର୍ଣ୍ଣପୁରର ବୀରମହାରାଜପୁର, ବାଲେଶ୍ୱରର ସିମୁଳିଆ ଓ ବସ୍ତା, ମୟୂରଭଞ୍ଜର ବେତନଟୀ, ବାଙ୍ଗିରିପୋଷୀ, ଚିତ୍ରଡା, ରାୟଗଡାର ବିଷମକଟକ, ସମ୍ବଲପୁରର ବାମରା ଓ ରେଙ୍ଗାଲୀ, ଭଦ୍ରକର ତିହିଡି ଏବଂ ଧୂଷରୀ ରହିଥିଲା। ବାକି ରହିଥିବା ୯ ଏନ୍‌ଏସି ଘୋଷଣା ସହ ଅନ୍ୟ ଯେଉଁ ଜିଲାଗୁଡ଼ିକରେ କିଛି ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଦାବି ହେଉଛି ତାକୁ ସରକାର ବିଚାରକୁ ନେଇଛନ୍ତି। ସେଠିକାର ଜନସଂଖ୍ୟା, ଯାହା ଯାହା ମାପଦଣ୍ଡ ରହିଛି ତାକୁ ଆଧାର କରି ବିଭିନ୍ନ ସମସ୍ୟାକୁ ଅନୁଧ୍ୟାନ ପରେ ଡ୍ରାଫ୍ଟ ନୋଟିସ ପ୍ରସ୍ତୁତ କରାଯିବ। ତା'ପରେ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଅନୁମୋଦନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଡ୍ରାଫ୍ଟ ନୋଟିସ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଯାହାକିଛି ଘୋଷଣା କରାଯିବ। ଖାଲି ସବୁ ଛୋଟ ଛୋଟ ସହରକୁ ଏନ୍‌ଏସି ପାଇଁ ଦାବି କଲେ ହେବନି। ଏଥିପାଇଁ କିଛି ନିୟମ ଏବଂ ମାପଦଣ୍ଡକୁ ଭଲ ଭାବେ ତର୍ଜମା କରିବାର ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଆସନ୍ତା ସ୍ୱାୟତ୍ତଶାସନ ଦିବସକୁ ବିଭାଗ ପକ୍ଷରୁ ଜାକଜମକରେ ପାଳନ କରାଯିବ। ଏଥିପାଇଁ ଜନତା ମଇଦାନ, କଳିଙ୍ଗ ଷ୍ଟାଡିୟମ କିମ୍ବା ଲୋକସେବା ଭବନର ସମ୍ମିଳନୀ କକ୍ଷକୁ ନେବା ପାଇଁ ବିଭାଗ ପକ୍ଷରୁ ଚିନ୍ତା କରାଯାଉଛି। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ଯେ, ସେଦିନ ଏନ୍‌ଏସି ଘୋଷଣା ହେବ ତାହା ନୁହେଁ, ରାଜ୍ୟର ଦ୍ରୁତ୍ ଅଭିବୃଦ୍ଧି ସହର ଝାରସୁଗୁଡାକୁ ମହାନଗର ନିଗମ କରାଯିବାକୁ ବିଚାରବିମର୍ଶ ଚାଲିଛି। ଏହାସହିତ ଦକ୍ଷିଣ ଓଡ଼ିଶାର କେତେକ ଏନ୍‌ଏସିକୁ ମ୍ୟୁନିସିପାଲିଟି କରିବା ପାଇଁ ମଧ୍ୟ ବିଭାଗର ପ୍ରସ୍ତାବ ରହିଛି ବୋଲି କହିଛନ୍ତି।







# ପାଣିରେ ବୁଡ଼ି ମା' ଝିଅ ସମେତ ୩ ମୃତ

ନନ୍ଦପୁର,୨୧।୮
(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଏବଂ ରାୟଗଡା ଜିଲାରେ ପାଣିରେ ବୁଡି ଗୁରୁବାର ମା'ଝିଅଙ୍କ ସହ ୩ ଜଣଙ୍କ ମୃତ୍ୟୁ ଘଟିଛି। କୋରାପୁଟ ଜିଲା ନନ୍ଦପୁର ଥାନା ଅଧୀନ ଲମତାପୁଟ ବ୍ଲକ୍ କୁମାରଗନ୍ଧନା ପଞ୍ଚାୟତର ବାଲିଆ ଗାଁରେ ଏକ ନୂତନ ପୋଖରୀରେ ବୁଡ଼ି ମା' ଝିଅଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ନବୀନା ମାଝୀ (୪୦), ତାଙ୍କ ଝିଅ ଅମ୍ବିକା(୧୫)। ସେହିପରି ରାୟଗଡା ଜିଲା ଗୁଣପୁର ଦେଇ ପ୍ରବାହିତ ମହେନ୍ଦ୍ରତନୟା ନଦୀରେ ଭାସିଯାଇ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତ ନାବାଳକ ହେଲେ ଗୁଣପୁର ବ୍ଲକ ଟିଟିମିରି ପଞ୍ଚାୟତ ଚନ୍ଦନପୁର ନିକଟ ମୁଣ୍ଡା ଗ୍ରାମର ଜସ୍ତିନ ଶବର(୬)।

ସୂଚନା ଅନୁଯାୟୀ, ନନ୍ଦପୁର ବ୍ଲକ୍ ବିଲାପୁଟ ପଞ୍ଚାୟତର ହରଗଣ୍ଡା ଗ୍ରାମର ସନୁ ମାଝୀଙ୍କ କିଛି ଜମି ବାଲିଆ ଗ୍ରାମରେ ଥିବାରୁ ସେଠାକୁ ୪ ଦିନ ହେବ ଅଦାଚାଷ କରିବାକୁ ସପରିବାର ଯାଇଥିଲେ। ମଙ୍ଗଳବାର ନବୀନା ଜମିରେ ଅଦାଚାଷ କରୁଥିବା ବେଳେ ତାଙ୍କ ଝିଅ ପୁଅ ଜମି ପାର୍ଶ୍ୱ ପୋଖରୀକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଅମ୍ବିକା ପାଣି ଭିତରେ ବୁଡ଼ିଯାଇଥିଲେ। ପୁଅ ପାଟି କରିବାରୁ ନବୀନା ଝିଅକୁ ବଞ୍ଚାଇବାକୁ ପୋଖରୀ ଭିତରେ ପଶିଥିଲେ। କିନ୍ତୁ ସେ ମଧ୍ୟ ପାଣିରେ ବୁଡ଼ିଯାଇଥିଲେ। ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ପୋଖରୀ ଭିତରୁ ୨ ମୃତଦେହ ଜବତକରି ପୋଲିସକୁ ହସ୍ତାନ୍ତର କରିଥିଲେ। ନନ୍ଦପୁର ପୋଲିସ ନଂ. ୧୩/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନାଧିକାରୀ ମମତା ପଣ୍ଡା ସୂଚନା ଦେଇଛନ୍ତି। ସନ୍ଧ୍ୟା ହେବାରୁ ୨ ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ସୁରକ୍ଷିତ ରଖାଯାଇଛି। ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ସେହିପରି ଜସ୍ତିନଙ୍କ ମା'ବାପା ଚାଷ ଜମିକୁ ଯାଇଥିବା ବେଳେ ସେ ତାଙ୍କ ପଛରେ ଚାଲି ଯାଇଥିଲେ। ମା'ବାପା ଚାଷ କରୁଥିବା ବେଳେ ଜସ୍ତିନ ନଦୀ ନିକଟରେ ଖେଳୁଥିବା ସମୟରେ ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଗ୍ରାମବାସୀ ନଦୀରେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଗୁରୁବାର ନଦୀରେ ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ଗୁଣପୁର ଅଗ୍ନିଶମ ବାହିନିକୁ ଖବର ଦେଇଥିଲେ। ପୁଟାସିଂ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଦିଆଯାଇଛି।

# ୨୪ରେ ଆଉ ଏକ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର,୨୧।୮(ଅନୁରାଧା ମହାରଣା)

ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ରହିଛି। ଏଥିସହ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପାଇଁ ବର୍ଷା ଜାରି ରହିଛି। ତେବେ ୨୪ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଏହା ପ୍ରଭାବରେ ପୁଣି ବର୍ଷା ପରିମାଣ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ପୁରୀ, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼ ଓ ସମ୍ବଲପୁର ଆଦି ଜିଲାରେ ପ୍ରବଳ ବର୍ଷା ସହ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼, ଗଞ୍ଜାମ, ଗଜପତି, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିକୁ ୟେଲୋ ୱାର୍ନିଂ ରହିଛି। ଶନିବାରଠାରୁ ବର୍ଷାର ବିସ୍ତୃତି ଓ ପରିମାଣ ବଢ଼ିପାରେ।






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ଏକ ଦିବସୀୟ ଶିଶୁ ସାହିତ୍ୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ ଟା।
- ଭଏସ୍‌ସ ଏବଂ ଭୋଟସ୍ ପୁସ୍ତକ ଉନ୍ମୋଚନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରୀୟ ଅଭିଲେଖାଗାର ପକ୍ଷରୁ ୧୭ତମ ମାସିକ ଆଲୋଚନା ଚକ୍ର, ସ୍ଥାନ: ଅଭିଲେଖାଗାର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।
- ବିଶ୍ୱ ଫଟୋଗ୍ରାଫି ଦିବସ ଓ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ:ଅପରାହ୍ନ ୫ଟା ୩୦।
- ଦେବେନ୍ଦ୍ର ସ୍ମୃତିନ୍ୟାସ, ସ୍ଥାନ: ରେଡ୍‌କ୍ରସ ସଭାଭବନ, ସମୟ: ସନ୍ଧ୍ୟା ୬ଟା।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ବର୍ଷା ସଙ୍ଗୀତ ଉତ୍ସବ ୨୦୨୫, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ଶିକ୍ଷାସନ୍ଧାନ ପକ୍ଷରୁ ଭିନ୍ନ ଜଣେ ମଣିଷ ପୁସ୍ତକ ଉନ୍ମୋଚନ, ସ୍ଥାନ: ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଶତାବ୍ଦୀର କଳାକାର ପକ୍ଷରୁ ନାଟକ 'ଆପଣମାନେ ଖୁସି ତ ?' ନାଟକ ମଞ୍ଚସ୍ଥ, ସ୍ଥାନ: ବିଜୁ ନାଟ୍ୟକେନ୍ଦ୍ର, ନୟାପଲ୍ଲୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଯୁବ ଓଡ଼ିଶୀ ନୃତ୍ୟ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କଟକ
- କମଳାକାନ୍ତ ବିଦ୍ୟାପୀଠର ହୀରକ ଜୟନ୍ତୀ ଉଦ୍‌ଘାଟନ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, କାଳିଆବୁଦା, ସମୟ: ପୂର୍ବାହ୍ନ ୧୦ଟା।
- ହାଇକୋର୍ଟ ଅଧିବକ୍ତାଙ୍କ ପକ୍ଷରୁ ବର୍ଷାବାସରୀୟ କବିତା ପାଠୋତ୍ସବ. ସ୍ଥାନ: ହାଇକୋର୍ଟ ବାର୍ ଉପର ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା ୩୦।
- ଓଡ଼ିଶା ହାଇକୋର୍ଟ ପକ୍ଷରୁ ଜିଲା ଜଜ୍‌ମାନଙ୍କ ସମ୍ମିଳନୀ, ସ୍ଥାନ: ଜୁଡିସିଆଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମୋହରିର ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ, ସ୍ଥାନ: ସବ୍-ରେଜିଷ୍ଟ୍ରାର ଅଫିସ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କର୍ମଶାଳାର ଚତୁର୍ଥ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସପ୍ତାହବ୍ୟାପୀ ଗଣଧାରଣାର ପଞ୍ଚମ ଦିବସ, ସ୍ଥାନ: ଜିଲାପାଳଙ୍କ ଦପ୍ତର ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଲଣ୍ଡା ଗୋସ୍ୱାମୀ ମଠ ପରିସର, ମଠସାହି, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ
- ଭାଜପା ରାଜ୍ୟ ସଭାପତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚରମ୍ପା ଅଗ୍ରେସନ ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌କୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଇଣ୍ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର
- ନବ ନିର୍ବାଚିତ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସାଧାରଣ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ପାଟଣା ମୁଖ୍ୟାଳୟ ସରକାରୀ ବାଳିକା ବିଦ୍ୟାଳୟ, ସମୟ: ଅପରାହ୍ନ ୩ ଟା ୩୦।

## ମୟୂରଭଞ୍ଜ
- ହ୍ୟାଣ୍ଡଲୁମ ଫେବ ପ୍ରଦର୍ଶନୀ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ:ପୂର୍ବାହ୍ନ ୧୧ଟା।
- ହାତୀ ସୁରକ୍ଷାକୁ ନେଇ ସଚେତନତା ଶିବିର,ସ୍ଥାନ: ଖଇରୀ ରିସୋର୍ଟ, ବାଙ୍ଗରିପୋଷି,ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ଦୋଳନ ଚଳଚ୍ଚିତ୍ରର ପ୍ରିମିୟର ଶୋ', ସ୍ଥାନ: ମ୍ୟୁନସିପାଲିଟି କଲ୍ୟାଣ ମଣ୍ଡପ, ରାଇରଙ୍ଗପୁର,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର
- ବିଇଏମ୍‌ସି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ,ସମୟ: ସକାଳ ୯ଟା।
- ସାଇବର ନିରାପତ୍ତା କର୍ମଶାଳା, ସ୍ଥାନ: ସିଟି କଲେଜ,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ସ୍ୱାୟତ୍ତ ଶାସନ ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟ ସଭାଗୃହ, ସମୟ: ଅପରାହ୍ନ ୩ ଟା।

## କନ୍ଧମାଳ
- ଶିକ୍ଷା ବିଭାଗ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ, ସ୍ଥାନ: ଫୁଲବାଣୀ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୪ଟା।
- ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନା ଉପରେ ବୈଠକ, ସ୍ଥାନ: ଫୁଲବାଣୀ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର
- ଷଷ୍ଠ ଜିଲା ପରିଷଦ ସାଧାରଣ ବୈଠକ, ସ୍ଥାନ: ଜିଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଓ ଶିଶୁ ବିକାଶ ବିକାଶ ପକ୍ଷରୁ କ୍ୟାମ୍ପ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ରେଲୱେ କେଟରିଂ ଟୁରିଜିମ କର୍ପୋରେସନ ଲିମିଟେଡ (ଆଇଆର୍‌ସିଟିସି) ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବ୍ୟାଙ୍କ ଲେନ ପାଖ ହୋଟେଲ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ନନ୍ଦୋତ୍ସବ, ସ୍ଥାନ: କଂସାର ଓ ଆୟେବା, ସମୟ: ପୂର୍ବାହ୍ନ ୧୦ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କରିଲୋପାଟଣା, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ଉପଲକ୍ଷେ ନାମଯଜ୍ଞ, ସ୍ଥାନ: ମାନପୁର, ଆଳି, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- କୃଷି ଓ କୃଷକଙ୍କ ସମସ୍ୟାକୁ ନେଇ ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ନୟାଗଡ ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୨ୟ ଦିବସ, ସ୍ଥାନ: ନୟାଗଡ ବ୍ଲକ ସଜନାପଡା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା୩୦।
- ସଂସ୍କୃତ ସମ୍ଭାଷଣ ପ୍ରଶିକ୍ଷଣର ୨ୟ ଦିବସ, ସ୍ଥାନ: ନୟାଗଡ ବ୍ଲକ ବରପଲ୍ଲୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା
- ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଯୁକ୍ତ ଦୁଇ ବିଦ୍ୟାଳୟ, ଉମ୍ବସରା, ସମୟ: ପୂର୍ବାହ୍ନ ୧୦ଟା।
- ଅମଲା ସଂଘର ଆନ୍ଦୋଳନକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ତହସିଲ ଅଫିସ, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।

## ନବରଙ୍ଗପୁର
- ନବରଙ୍ଗପୁର ଜିଲା କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଶୋଭାଯାତ୍ରା, ସ୍ଥାନ: ଭଣ୍ଡାର ଘରଣୀ ମନ୍ଦିରରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଗଠନ ନେଇ ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ, ସ୍ଥାନ: ବ୍ଲକ୍ ଅଫିସ ପରିସର, ବୈପାରୀଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟରେ ଏନସିସି ଖୋଲିବାକୁ ଟିମ୍‌ର ପରିଦର୍ଶନ, ସ୍ଥାନ: ସେମିଳିଗୁଡ଼ା କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବୃତ୍ତି ସମ୍ବନ୍ଧୀତ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି
- ବାଲ୍ୟ ବିବାହ ନିରାକରଣ ସମ୍ବନ୍ଧୀୟ ଏକ ଦିବସୀୟ ତାଲିମ ଶିବିର, ସ୍ଥାନ: ମାଲକାନଗିରି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ ଟା।
- କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଡ୍ରାଗନ ଫଳକୁ ନେଇ ସଚେତନତା, ସ୍ଥାନ: ଏମ୍‌ଭି ୯ ଗ୍ରାମ : ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଆଦିବାସୀ ସମାଜ ମହାସଂଘର ବିଭିନ୍ନ ସମସ୍ୟା ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ସ୍ୱାଗତ, ସମୟ:ମଧ୍ୟାହ୍ନ ୧୨ଟା।

## ସମ୍ବଲପୁର
- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ଛକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ସୁଇଟ ଆୟୋଜିତ ଦକ୍ଷତା କାର୍ଯ୍ୟକ୍ରମ, ସ୍ଥାନ : ଜ୍ୟୋତି ବିହାର ସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
- ରାଜସ୍ୱ ଅମଲା ସଂଘର ଧାରଣା ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦

## ରାଉରକେଲା
- ହାଓ ପକ୍ଷରୁ ରାଜ୍ୟସ୍ତରୀୟ ହକି ଚାମ୍ପିୟନଶିପ୍‌ର ୩ୟ ଦିବସ, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ସମୟ: ସକାଳ ୮ଟା।
- ସଙ୍ଗୀତ ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪ ଦିଲ୍ଲୀ ପବ୍ଲିକ ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨୧ ଦଳୀୟ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଲାୟନ୍ସ କ୍ଲବର ଯୁଗ୍ମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ବ୍ରାହ୍ମଣୀ କ୍ଲବ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଆର୍‌ଏସ୍‌ପି ପ୍ରାୟୋଜିତ ନାଟକ, ସ୍ଥାନ: ସେକ୍ଟର-୧୯ ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼
- ଜୀବନ ଜିଜ୍ଞାସା ଆଲୋଚନାଚକ୍ର, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର,ସମୟ:ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଯୋଜନା ଓ ସମନ୍ୱୟ ବିଭାଗର ସ୍ୱତନ୍ତ୍ର ସଚିବଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଏନ୍‌ଏସି ଘୋଷଣା ଦାବିରେ ଜୟପାଟଣା ବନ୍ଦ, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ଆଞ୍ଚଳିକ ବିକାଶ ପରିଷଦର ଶୋଭାଯାତ୍ରା, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବେଟି ବଚାଓ ବେଟି ପଢାଓ ଜିଲାସ୍ତରୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ ବୌଦ୍ଧ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼
- ଓଡ଼ିଶା ରାଜସ୍ୱ ଅମଲା ସଂଘ, ଦେବଗଡ଼ ଶାଖା ପକ୍ଷରୁ ଆନ୍ଦୋଳନ ସମ୍ବନ୍ଧୀୟ ସାଧାରଣ ସଭା, ସ୍ଥାନ: ରୋନୋକ ପ୍ଲାଜା ସଭାଗୃହ, ସମୟ: ମଧ୍ୟାହ୍ନ ୧୨ଟା।
- କାଉନ୍‌ସିଲର ଫୁଟ୍‌ବଲ କପ୍ ପ୍ରତିଯୋଗିତା, ସ୍ଥାନ: ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ମାଗଣା ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ବିନିକା ସ୍ପୋର୍ଟ୍ସ କ୍ଲବ, ସମୟ: ସକାଳ ୯ଟା।

## ନୂଆପଡ଼ା
- ଜିଲା ରାଜସ୍ୱ ଅମଲା ସଂଘ ଧାରଣା ଦ୍ୱାଦଶ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ନୂଆପଡ଼ା ବାନର ସେନା ମଞ୍ଚ ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ନାଏକପଡ଼ା ଗାଁ, ସମୟ: ସକାଳ ୯ଟା।

# ଶିଶୁ ସେବିକା ନିଯୁକ୍ତି ପାଇଁ ଜାରିହେଲା ମାର୍ଗଦର୍ଶିକା

ଭୁବନେଶ୍ୱର,୨୧।୮(ସୁଚିସ୍ମିତା ସାହୁ)

ରାଜ୍ୟର ପ୍ରାକ୍ ପ୍ରାଥମିକ ଶିକ୍ଷା ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲାଯାଇଥିବା ଶିଶୁ ବାଟିକାରେ ନିଯୁକ୍ତ ହେବେ ଶିଶୁ ସେବିକା। ଏଥିପାଇଁ ଗୁରୁବାର ମାର୍ଗଦର୍ଶିକା ଜାରି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ବିଭାଗୀୟ ସ୍ୱତନ୍ତ୍ର ସଚିବ ମନୋଜ କୁମାର ପାଢ଼ୀ ଓସେପା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଉକ୍ତ ମାର୍ଗଦର୍ଶିକା ପ୍ରଦାନ କରିଛନ୍ତି। ଶିଶୁ ସେବିକାମାନେ ବିଦ୍ୟାଳୟରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିବେ। ଶିଶୁଙ୍କ ସୁରକ୍ଷା, ପାଠପଢ଼ା ସହିତ ସେମାନଙ୍କ ଅନ୍ୟାନ୍ୟ ଯତ୍ନ ନେବେ। ଶିକ୍ଷକମାନଙ୍କୁ କାର୍ଯ୍ୟକ୍ଷେତ୍ରରେ ସହାୟତା କରିବା ସହିତ ଶିଶୁଙ୍କୁ ପାଠ୍ୟ ଉପକରଣ ଓ ଖେଳନା ପ୍ରଦାନ କରିବେ। ଶିଶୁମାନେ ଶୌଚାଳୟ ଯିବା ବେଳେ ସେମାନେ ତାଙ୍କ ସାଥୀରେ ଯିବେ। ଯଦି ଶିଶୁମାନେ କୌଣସି ପ୍ରକାର ଅଣନିଶ୍ୱାସୀ ଅନୁଭବ କରନ୍ତି ତେବେ ଶିକ୍ଷକଙ୍କୁ ତୁରନ୍ତ ଜଣାଇବେ। ଏହାସହିତ ବିଦ୍ୟାଳୟର ଉତ୍ତମ ପରିବେଶ କିଭଳି ବଜାୟ ରହିବ ସେଦିଗରେ ଦୃଷ୍ଟି ଦେବେ। ତେବେ ପ୍ରତି ୩୦ରୁ ୧୦୦ଜଣ ଶିଶୁଙ୍କ ଲାଗି ଜଣେ ଲେଖାଏ ଶିଶୁ ସେବିକା ନିୟୋଜିତ ହେବେ। ୧୦୦ରୁ ଅଧିକ ଶିଶୁଙ୍କ କ୍ଷେତ୍ରରେ ୨ଜଣ ସେବିକା ନିଯୁକ୍ତି ହୋଇପାରିବେ। ଶିଶୁସେବିକାଙ୍କ ବୟସ ଏପ୍ରିଲ ୧ ସୁଦ୍ଧା ୧୮ବର୍ଷରୁ ଅଧିକ ଏବଂ ୪୫ ବର୍ଷରୁ କମ୍ ହୋଇଥିବ। ସେ ସ୍ଥାନୟ ଅଞ୍ଚଳ ବାସିନ୍ଦା କିମ୍ବା ସ୍ଥାନୀୟ ୱାର୍ଡର ହୋଇଥିବେ। ସେ ଶିକ୍ଷିତ ହେବା ସହ ଶାରିରୀକ ଓ ମାନସିକସ୍ତରରେ ସୁସ୍ଥ ହୋଇଥିବେ। ସେମାନେ ଓଡିଆ, ସ୍ଥାନୀୟ ଏବଂ ଆଞ୍ଚଳିକ ଭାଷା କହୁଥିବା ବାଧ୍ୟତାମୂଳକ। ବିଦ୍ୟାଳୟ ପରିଚାଳନା କମିଟିର ଦୁଇ-ତୃତୀୟାଂଶ ସଭ୍ୟଙ୍କ ଦ୍ୱାରା ଅନୁମୋଦିତ ସଦସ୍ୟାଙ୍କୁ ସେବିକା ଭାବେ ନିୟୋଜିତ କରାଯିବ। ତେବେ ଏହି ସମସ୍ତ କାର୍ଯ୍ୟକ୍ରମ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଜରିଆରେ ହେବା ଆବଶ୍ୟକ। ଶିଶୁ ସେବିକାଙ୍କ ବୟସ ୬୦ ବର୍ଷ ହେଲେ ଓ ଦୀର୍ଘକାଳୀନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଲେ କାର୍ଯ୍ୟରୁ ଅବ୍ୟାହତି ଦିଆଯିବ। ସେମାନେ ଜିଲା ପରିଷଦ ସଦସ୍ୟ, ସମିତି ସଦସ୍ୟ, ସରପଞ୍ଚଙ୍କ ପରିବାର ସଦସ୍ୟ, ସରକାରୀ କର୍ମଚାରୀଙ୍କ ପରିବାର ସଦସ୍ୟ କିମ୍ବା ସମ୍ପର୍କୀୟ ହୋଇଥିଲେ ତାଙ୍କୁ ଆଯୋଗ୍ୟ ଘୋଷଣା କରାଯିବ। ଫୌଜଦାରୀ ମାମଲା ବିଚାରାଧୀନ ଥିବା ବ୍ୟକ୍ତି ଶିଶୁ ସେବିକା ଭାବରେ ନିଯୁକ୍ତି ପାଇପାରିବେ ନାହିଁ। ଶିଶୁ ବାଟିକା ସମୟ ଅନୁଯାୟୀ ସ୍କୁଲ କାର୍ଯ୍ୟରେ ଯୋଗଦେବେ। ବିନା ଅନୁମତିରେ ଅନୁପସ୍ଥିତ ରହିଲେ କୌଣସି ମଜୁରୀ ଦିଆଯିବ ନାହିଁ। ଶିଶୁ ସେବିକା ଡାକ୍ତରୀ ଭାବରେ ଫିଟ୍ ନ ଥିଲେ ତାଙ୍କ ନିଯୁକ୍ତିକୁ ବାତିଲ କରାଯିବ ବୋଲି ମାର୍ଗଦର୍ଶିକାରେ ଲେଖାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଲବଙ୍ଗଲତା, ଫୁଲ ଚହଟା,**
**ଫୁଲ କେଉଁଦିନ ଫୁଟିବ,**
**ଅନାଇ ଅନାଇ ବୟସ ଗଲା,**
**କାନ୍ତ କେଉଁଦିନ ଆସିବ।**

ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ଦୀର୍ଘବର୍ଷ ଧରି ପ୍ରେମିକକୁ ପ୍ରତୀକ୍ଷା କରି ହତାଶ ହୋଇ ପଡ଼ିଥିବା ପ୍ରେମିକାର ବ୍ୟଥିତ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଲୁଚିଛି,**
**ନା ଗୋଡ଼ ଦି' ଟା ଦିଶୁଛି।**

ବ୍ୟକ୍ତି ଯେତେ ପାପ କରି ତାକୁ ଲୁଚାଇ ବସୁ ପଛେ, ତାହା ଦିନେ ନା ଦିନେ ଅନ୍ୟ ଆଖିରେ ଧରାପଡ଼ି ଯାଇଥାଏ। ପାପକୁ ଯେତେ ଲୁଚାଇଲେ ତାହା ଲୁଚିବା ଅସମ୍ଭବ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପୂଜା ମଣ୍ଡପରେ ପ୍ରଚାର ହେବ ସଡ଼କ ସୁରକ୍ଷା ବାର୍ତ୍ତା

## ସମସ୍ତ ଜିଲାପାଳ, ଏସ୍‌ପିଙ୍କୁ ଚିଠି ଲେଖିଲେ ପରିବହନ ଆଯୁକ୍ତ

କଟକ,୨୧।୮(କାର୍ତ୍ତିକ ସାହୁ)

ଆସୁଛି ପାର୍ବଣ। ପାର୍ବଣର ମାହୋଲରେ ସଡ଼କ ସୁରକ୍ଷାର ବାର୍ତ୍ତା ପ୍ରଚାର ପାଇଁ ଏକ ଅଭିନବ ଯୋଜନା ପ୍ରସ୍ତୁତ କରିଛି ରାଜ୍ୟ ପରିବହନ ବିଭାଗ। ପ୍ରତି ପୂଜା ମଣ୍ଡପରେ ଲାଗିବ ସଡ଼କ ସୁରକ୍ଷା ବାର୍ତ୍ତା। ମା'ଙ୍କ ଆଶୀର୍ବାଦ ସହ ପରିବାରର ସୁରକ୍ଷା ପାଇଁ ଶ୍ରଦ୍ଧାଳୁ ହେବେ ସଚେତନ। ଏଥିପାଇଁ ସମସ୍ତ ପୂଜା କମିଟିକୁ ଅନୁରୋଧ କରାଯିବ। ନିଜ ଅଞ୍ଚଳକୁ ଦୁର୍ଘଟଣା ମୁକ୍ତ କରିବା ଦିଗରେ ସହଯୋଗ କରିବାକୁ ସାହି ମୁରବିଙ୍କୁ ମଧ୍ୟ ଅନୁରୋଧ କରାଯିବ। ପାର୍ବଣ ସମ୍ପର୍କିତ ସମନ୍ୱୟ ବୈଠକରେ ପୂଜା କମିଟିଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିବାକୁ ସମସ୍ତ ଜିଲାପାଳ, ଏସ୍‌ପିଙ୍କ ସମେତ କଟକ ଓ ଭୁବନେଶ୍ୱରର ଡିସିପିଙ୍କୁ ଚିଠି ଲେଖିଛନ୍ତି ପରିବହନ ଆଯୁକ୍ତ ଅମିତାଭ ଠାକୁର।

ସୂଚନାନୁସାରେ, ପରିବହନ ଆଯୁକ୍ତ ଠାକୁର ଚିଠିରେ ଉଲ୍ଲେଖ କରିଛନ୍ତି ସଡ଼କ ଦୁର୍ଘଟଣା ଚିନ୍ତାର କାରଣ ପାଲଟିଛି। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ପାର୍ବଣ ସମୟରେ ବିଭିନ୍ନ ପୂଜା ମଣ୍ଡପରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ତେଣୁ ଏହି ସମୟରେ ଅନେକ ଲୋକଙ୍କ ପାଖରେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚା ଯାଇପାରିବ। ଏହାକୁ ଦୃଷ୍ଟିରେ ରଖି ପୂଜା କମିଟିଗୁଡ଼ିକୁ ସଡ଼କ ସୁରକ୍ଷା ବାର୍ତ୍ତା ପ୍ରସାର ପାଇଁ ଅନୁରୋଧ କରାଯାଇ ପାରିବ। ଏହି ଅଭିଯାନ ଜରିଆରେ ଜନସାଧାରଣଙ୍କ ମଧ୍ୟରେ ସୁରକ୍ଷିତ ଯାତ୍ରା ପାଇଁ ନିୟମ ପାଳନର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରଦର୍ଶିତ ହେବ। ପୂଜା କମିଟିଗୁଡ଼ିକ ବିଭିନ୍ନ ଉପାୟରେ ଏହି ବାର୍ତ୍ତା ଲୋକଙ୍କ ନିକଟରେ ପହଞ୍ଚାଇ ପାରିବେ। ସେହିଭଳି ଏହି ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଧ୍ୟ ଦର୍ଶକଙ୍କୁ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ଅନୁରୋଧ କରାଯାଇପାରିବ। ପାର୍ବଣ ସମ୍ପର୍କିତ ସମନ୍ୱୟ ବୈଠକରେ ଏ ପ୍ରସଙ୍ଗରେ ଆଲୋଚନା କରିବାକୁ କୁହାଯାଇଛି। ଜିଲାପାଳ ଓ ଏସ୍‌ପିମାନେ ଏ ଦିଗରେ ପୂଜା କମିଟିଗୁଡ଼ିକୁ ଉତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀମାନେ ସକ୍ରିୟ ଭାବରେ ଏହି ଅଭିଯାନରେ ସାମିଲ ହୋଇ ଅଧିକରୁ ଅଧିକ ଲୋକଙ୍କ ପାଖେ ସଡ଼କ ସୁରକ୍ଷା ବାର୍ତ୍ତା ପହଞ୍ଚାଇବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ଖୁର୍ଦ୍ଧାଶୀଘ୍ର ହାତୀ ସୁରକ୍ଷା...

ପ୍ରୟାସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ ସୁରେଶ ପନ୍ଥ ହାତୀ ସଂରକ୍ଷଣରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ କହିଥିଲେ। କଲମ୍ବସ ଚିଡ଼ିଆଖାନାର ପ୍ରାଣୀ ଯତ୍ନ ଉପାଧ୍ୟକ୍ଷ ଆଡାମ ଫେଲ୍ଟସ ସର୍ବୋତ୍ତମ ଅଭ୍ୟାସ ଉପରେ ଅନ୍ତର୍ଜାତୀୟ ଦୃଷ୍ଟିକୋଣ ସମ୍ପର୍କରେ କହିଥିଲେ। ଅତିରିକ୍ତ ବନ ମହାନିର୍ଦ୍ଦେଶକ ରମେଶ କୁମାର ପାଣ୍ଡେ, ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ହାତୀ ସଂରକ୍ଷଣରେ ଓଡ଼ିଶାର ପ୍ରୟାସକୁ ପ୍ରଦର୍ଶିତ କରୁଥିବା କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ସହିତ ଏକ କଫି ଟେବୁଲ ବୁକ୍, ଗ୍ରନ୍ଥସୂଚୀ ଏବଂ ବ୍ରୋଚରକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ଏସିଆ ମହାଦେଶର ହାତୀ ଥିବା ଦେଶ, ଭାରତର ହାତୀ ବହୁଳ ରାଜ୍ୟ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ଓ ବନ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ୧୫୦ରୁ ଅଧିକ ପ୍ରାଣୀ ସଂରକ୍ଷଣବିତ୍, ନୀତି ନିର୍ଦ୍ଧାରକ, ବୈଜ୍ଞାନିକ ଏବଂ ଗବେଷକମାନେ ଯୋଗଦେଇଛନ୍ତି। ସିସିଏଫ୍ (ବନ୍ୟପ୍ରାଣୀ) ଡକ୍ଟର ମନୋଜ ଭି ନାୟାର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୮ରୁ ମୌସୁମୀ...

କିଭଳି ଫାଇଦା ଉଠାଇବେ ସେଥିପାଇଁ ଏବେଠାରୁ ରଣହୁଙ୍କାର ଦେଇଥିବାବେଳେ ଶାସକଦଳ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହାର କଡ଼ା ଜବାବ ରଖିଛନ୍ତି।

ମୌସୁମୀ ଅଧିବେଶନକୁ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ଏଥର ଭାଜପା ସରକାରଙ୍କ ଭୋଟ୍ ଚୋରିଠାରୁ ଆରମ୍ଭ କରି ବାଲେଶ୍ୱର ଛାତ୍ରୀ ଆତ୍ମାହୁତି, ବଲଙ୍ଗା ଛାତ୍ରୀପୋଡ଼ି ଭଳି ସମସ୍ତ ନାରୀ ନିର୍ଯାତନା ପ୍ରସଙ୍ଗକୁ କଂଗ୍ରେସ ଅସ୍ତ୍ର କରିବ। ରାଜ୍ୟରେ ନାରୀମାନେ କିଭଳି ଅସୁରକ୍ଷିତ ଅଛନ୍ତି, ସେହି ବିଷୟରେ ସ୍ୱର ଉଠାଯିବ। ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଓଡ଼ିଶାରେ କିଭଳି ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି ତାକୁ ନେଇ ସରକାରଙ୍କୁ ଜବାବ ମଗାଯିବ। ଏହାସହିତ ଭୋଟ ଚୋରି ଓ ନାରୀ ନିର୍ଯାତନା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ। ଏନେଇ ବିରୋଧୀଦଳ ବିଜେଡି ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇ ରଣନୀତି ସ୍ଥିର କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଏହା ସ୍ୱଳ୍ପକାଳୀନ ଅଧିବେଶନ ହୋଇଥିଲେ ହେଁ ଏହାର ଗୁରୁତ୍ୱ ଅଧିକ ରହିଛି। ବିରୋଧୀ ଦଳ ପକ୍ଷରୁ ଯାହା ସବୁ ଗଠନମୂଳକ ପ୍ରସ୍ତାବ ଦିଆଯିବ, ତାହା ଉପରେ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ। ବିରୋଧୀ ବିରୋଧ କରିବାର ମନା ନାହିଁ, ହେଲେ ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସକାରାତ୍ମକ ଢଙ୍ଗରେ ଯେଉଁ ପ୍ରସ୍ତାବ ଉପରେ ଆଲୋଚନା କରିବାକୁ ଚାହିଁବେ, ସରକାର ସେଥିପାଇଁ ପ୍ରସ୍ତୁତ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି କର୍ମକ୍ଷେତ୍ର କିମ୍ବା ପରିବାରରେ ଭୁଲ ବୁଝାମଣା କାରଣରୁ ସମସ୍ୟାର ସମ୍ମୁଖୀନ ହେବେ। ପ୍ରତିବନ୍ଧକ ଦେଖାଦେଲେ ମଧ୍ୟ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରି ନେବେ। ବାହାର ଜାଗାରେ ସତର୍କତାର ସହ କାମ କରିବା ଭଲ ହେବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ କରିବାରେ ସମର୍ଥ ହେବେ।

**ବୃଷ** – କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଘଟିପାରେ। ଆକସ୍ମିକ ଆବଶ୍ୟକତା କାରଣରୁ ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ପାଇବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ ଓ ଲାଭବାନ୍ ମଧ୍ୟ ହେବେ।

**ମିଥୁନ** – କର୍ମଜଞ୍ଜାଳ ବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ଋଣ ପରିଶୋଧ କରିବା ସକାଶେ ବିଭିନ୍ନ ପ୍ରକାରର ଧନ୍ଦା କରିବାକୁ ମନ ବଳାଇବେ। ପାରିବାରିକ ସମସ୍ୟା ନିରାକରଣ ସକାଶେ ସ୍ତ୍ରୀଙ୍କ ପରାମର୍ଶକୁ ଗ୍ରହଣକଲେ ମନ୍ଦ ହେବନି। ବ୍ୟବସାୟ, ଶିଳ୍ପ ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

**କର୍କଟ** – ଆଜି କର୍ମକ୍ଷେତ୍ରରେ ବ୍ୟତିକ୍ରମ ଓ ଆର୍ଥିକ ସମସ୍ୟା ନେଇ ଚିନ୍ତିତ ରହିବେ। ପାରିବାରିକ ସ୍ତରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। କଳା, ସାହିତ୍ୟ,ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ଆର୍ଥିକ ସ୍ଥିତି ପୂର୍ବପରି ରହିବା ହେତୁ ସାମୟିକ ମନ ଭାରାକ୍ରାନ୍ତ ରହିବ।

**ସିଂହ** – ଆତ୍ମୀୟଙ୍କ ସକାଶେ ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ଗୁଡିଏ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି। ସମସ୍ୟା ସମାଧନ ଦିଗରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ସହକର୍ମୀ କିମ୍ବା ପଡୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**କନ୍ୟା** – ବହୁତ ଦିନର ଅପୂରଣୀୟ ଆଶା ଓ ଅବଦମିତ ଇଚ୍ଛା ମନରେ ଭୟ ସୃଷ୍ଟି କରିବ। ବିବାଦୀୟ ପରିସ୍ଥିତି ହେତୁ ପରିବହନ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୃହ ସଜ୍ଜା, ଗାଡି ମରାମତି, ପୁରୁଣା ଘରକୁ ସଜାଡିବାରେ ମନୋନିବେଶ କରିବେ, ସାମାଜିକ ସ୍ତରରେ ଟାଳଟୁଳ ନୀତିରେ କାମ କରି ବନ୍ଧୁଙ୍କ ଅପ୍ରିୟଭାଜନ ହେବେ।

**ତୁଳା** – ଘରୋଇ କାରଣକୁ କେନ୍ଦ୍ରକରି ମନ ଅସ୍ଥିର ରହିବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ, ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ମାନସିକ ଅଶାନ୍ତି ଲାଗି ରହିବା କାରଣରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ରହିବା ହେତୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। କ୍ରୀଡା, କଳା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦେଖାଦେବାର ସୂଚନା ରହିଛି। ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେଲେ ମଧ୍ୟ ବିଜୟୀ ହେବେ। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବ ଓ ଆଶାଜନକ ସୁଫଳ ମଧ୍ୟ ପାଇବେ।

**ଧନୁ** – ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ମନ ଭଲ ରହିବ ନାହିଁ। ସଭାସମିତି କିମ୍ବା ଆଲୋଚନା ପରିସରରେ ଆପଣଙ୍କ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେବ। ଜମିଜମା, ବିଦ୍ୟୁତ୍ ଉପକରଣ, ବ୍ୟବସାୟରେ ଲକ୍ଷ୍ୟହାସଲ କରିବେ। ରାଜନୀତିରେ ଓ ସାଂଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** – ବିଭିନ୍ନ ଦିଗରୁ ସାହାଯ୍ୟ ଲାଭକରି ଦୀର୍ଘଦିନରୁ ସ୍ଥଗିତ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣ କଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକୁଳି ଯାଇ ପାରନ୍ତି। ପାରସ୍ପରିକ ଆଲୋଚନା, ଗଠନମୂଳକ କାମ, ଲେଖାପଢା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ। ପରିବହନ, ଜମିଜମା, ଗଠନମୂଳକ କାମରୁ ଲାଭବାନ ହେବେ।

**କୁମ୍ଭ** – ପାରିବାରିକ ବିଭିନ୍ନ ପ୍ରତିବନ୍ଧକ ମଧ୍ୟରେ ଗତି କରିବାର ବହୁ ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ ମଧ୍ୟ ପରୋକ୍ଷ ଶତ୍ରୁତା କାରଣରୁ ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ସମସ୍ୟା ବଢ଼ିବ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହୋଇପାରନ୍ତି। ବିଶେଷ କିଛି ଅସୁବିଧା ନ ଥିଲେ ସୁଦ୍ଧା ମାନସିକ ସ୍ତରରେ ଅଶାନ୍ତ ରହିପାରନ୍ତି।

**ମୀନ** – କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ର କରି ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ। ନିଜ ରହଣି ପରିସରସ୍ଥ ଆତ୍ମୀୟଙ୍କ ସହ ସୁସମ୍ପର୍କ ରଖିବାକୁ ଚେଷ୍ଟାକଲେ ଉପକୃତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢାରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଅଗଷ୍ଟ ୨୨ ତାରିଖ, ଭାଦ୍ରବ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟା ଶୁକ୍ରବାର, ସପ୍ତପୁରୀ ଅମାବାସ୍ୟା, ଅମାବାସ୍ୟାର ନିଶାପାଳନ, ଶ୍ରୀଜୀଉଙ୍କର ସାତପୁରୀ ତାଡ ବିଜେ। ରାଶି ନକ୍ଷତ୍ର-ଅଶ୍ଳେଷା/କର୍କଟ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୨ ଗତେ, ଘ.୦୬।୨୨ମଧ୍ୟେ, ଘ.୦୭।୧୨ ଗତେ, ଘ.୦୮।୪୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୦।୧୫ ଗତେ, ଘ.୧୧।୪୯ ମଧ୍ୟେ ରାହୁକାଳ।

# ଶ୍ରେଷ୍ଠ ୩୦ ଯୁବ ଜ୍ୟୋତିର୍ବିଜ୍ଞାନୀ ଇସ୍ରୋ ପରିଦର୍ଶନ କରିବେ

## ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ୧୯ତମ ସଂସ୍କରଣ ଶୁଭାରମ୍ଭ



ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ସହ ଅଧିକାରୀମାନେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣର ଶୁଭାରମ୍ଭ କରୁଛନ୍ତି।

ଭୁବନେଶ୍ୱର,୨୧।୮ (ସୁଚିସ୍ମିତା ସାହୁ)

ଟାଟା ଷ୍ଟିଲ ପକ୍ଷରୁ ପଠାଣି ସାମନ୍ତ ପ୍ଲାନେଟାରିୟମ ସହଭାଗିତାରେ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ(ୟାଟସ)ର ୧୯ତମ ସଂସ୍କରଣ ଗୁରୁବାର ଲୋକସେବା ଭବନସ୍ଥିତ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ କାର୍ଯ୍ୟାଳୟରେ ଶୁଭାରମ୍ଭ ହୋଇଛି। ପ୍ରତିଯୋଗିତାର ଶୁଭାରମ୍ଭ କରି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଲେ, ସବୁ ବର୍ଗର ଛାତ୍ରୀଛାତ୍ରଙ୍କୁ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣରେ ସାମିଲ ହେବାର ସମାନ ସୁଯୋଗ ମିଳିବ। ଏହାଦ୍ୱାରା ଯୁବପିଢ଼ିଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି ହେବ। କିମ୍ବଦନ୍ତୀ ପୁରୁଷ ଓ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତଙ୍କ ଜ୍ୟୋତିର୍ବିଜ୍ଞାନ ପ୍ରତି ରହିଥିବା ଅତୁଳନୀୟ ଅବଦାନର ପ୍ରଚାରପ୍ରସାର ହେଉଛି ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଚଳିତ ବର୍ଷର ବିଷୟବସ୍ତୁ 'ଆଜିର ନକ୍ଷତ୍ରଦର୍ଶୀ, କାଲିର ମହାକାଶଚାରୀ' ଶୀର୍ଷକ ଉପରେ ଏହି ସଂସ୍କରଣ ଆୟୋଜିତ ହେଉଛି। ବିଭିନ୍ନ ଜିଲା ଓ ବ୍ଲକ ସ୍ତରରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ-ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଓ ଅନ୍‌ଲାଇନ ଜରିଆରେ ପରୀକ୍ଷା କରାଯାଇ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ସେମାନଙ୍କ ମଧ୍ୟରୁ ପ୍ରତି ଜିଲାରୁ ଶ୍ରେଷ୍ଠ ୨ଜଣ ଛାତ୍ରୀଛାତ୍ରଙ୍କୁ ଆସନ୍ତା ଡିସେମ୍ବର ୧୩ରେ ଚୂଡ଼ାନ୍ତ ଚୟନ ପାଇଁ ଭୁବନେଶ୍ୱରକୁ ଆମନ୍ତ୍ରଣ କରାଯିବ। ବିଶେଷଜ୍ଞଙ୍କ ଦ୍ୱାରା ବ୍ୟକ୍ତିଗତ ଆଲୋଚନା, ପ୍ରସ୍ତୁତ ମଡେଲ ଓ ମୂଲ୍ୟାଙ୍କନ ଆଧାରରେ ଶ୍ରେଷ୍ଠ ୩୦ ଜଣ ବିଜେତାଙ୍କୁ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯିବ। ସେମାନେ ମଧ୍ୟ ଇସ୍ରୋ ଯାଇ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନର ସୁଯୋଗ ପାଇବେ। ଏହି ଅବସରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଶାସନ ସଚିବ ଭୂପିନ୍ଦର ସିଂ ପୁନିଆ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି ଓ ପୂଜା ମିଶ୍ର, ବିତ୍ତ ପରାମର୍ଶଦାତା ବିଦ୍ୟୁତ୍‌ପ୍ରଭା ରାଉତ, ପଠାଣି ସାମନ୍ତ ପ୍ଲାନେଟାରିୟମ୍ ନିର୍ଦ୍ଦେଶକ ଉର୍ମିପ୍ରଭା ମହାରଣା, ଚିନ୍ମୟୀ ଚେତନା ଦାସ, ଟାଟା ଷ୍ଟିଲର ମୁଖ୍ୟ ନିର୍ବାହୀ ଦେବାଶିଷ ଜେନା, ଅନନ୍ୟା ମିହିର ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ହେବ ୮୦୦ ବାତ୍ୟା ଆଶ୍ରୟସ୍ଥଳୀ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର, ୨୧।୮ (ସୁନିତ୍ ମିଶ୍ର)

**ବିଜୁଳି ଅଣ୍ଡର ଗ୍ରାଉଣ୍ଡ କରିବାକୁ ପ୍ରାଥମିକ ସ୍ତରରେ ଖର୍ଚ୍ଚ ହେବ ୭ ହଜାର କୋଟି**

ରାଜ୍ୟରେ ଆଉ ୮ ଶହ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ହେବ। ଏନେଇ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ନୂଆଦିଲ୍ଲୀ ଗସ୍ତ ଅବସରରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନାକରି ଦାବି ଜଣାଇଥିବା ରାଜସ୍ୱ ମନ୍ତ୍ରୀ ପୂଜାରୀ କହିଛନ୍ତି।

ନୂଆଦିଲ୍ଲୀରୁ ଫେରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ବହୁମୁଖୀ ହେବ। ପ୍ରାକୃତିକ ବିପର୍ଯ୍ୟୟ ଅଞ୍ଚଳଗୁଡ଼ିକରେ ଥିବା ସ୍କୁଲ ପାଖରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ତିଆରି ହେବ। ଏହା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକେ ସେଠାରେ କେମିତି ସୁରକ୍ଷିତ ଭାବେ ଆଶ୍ରୟ ନେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ଏହି ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ଅନ୍ୟ ସମୟରେ ସ୍କୁଲ ଓ ସ୍ଥାନୀୟ ଅଞ୍ଚଳର ସାମାଜିକ କାର୍ଯ୍ୟରେ ବ୍ୟବହାର ହେବ। ଏପରି ହେଲେ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ଅବହେଳିତ ଅବସ୍ଥାରେ ରହିବନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ସରକାର ଗଠନ ପରେ ପ୍ରଥମ ଥର ଦିଲ୍ଲୀ ଗସ୍ତକରି ରାଜସ୍ୱ ମନ୍ତ୍ରୀ କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କୁ ସାକ୍ଷାତକରି ଓଡ଼ିଶାର ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିବା ସହ ୭ଟି ବୁକ୍‌ଲେଟ୍ ପ୍ରଦାନ କରିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟଜନିତ ସମସ୍ୟା ସମାଧାନ କେନ୍ଦ୍ର ପାଇଁ ସହଯୋଗ ମଧ୍ୟ ଲୋଡ଼ିଛନ୍ତି। ଆଗୁଆ ପାଣିପାଗ ସୂଚନାକୁ ଆଧୁନିକୀକରଣ ପାଇଁ ସହାୟତା ଲୋଡ଼ିଛନ୍ତି। ବାତ୍ୟା, ବନ୍ୟା ସମୟରେ ଶକ୍ତି ବିଭାଗ ଅଧିକ କ୍ଷତିଗ୍ରସ୍ତ ହେଉଛି, ଲମ୍ବା ସମୟ ପର୍ଯ୍ୟନ୍ତ ବିଜୁଳି କାଟ ହେଉଛି। ମୁଖ୍ୟତଃ ବନ୍ୟା ପ୍ରଭାବିତ ଅଞ୍ଚଳରେ ବିଜୁଳି ଅଣ୍ଡର ଗ୍ରାଉଣ୍ଡ କରିବା ପାଇଁ ସାଢ଼େ ୭ ହଜାର କୋଟି ଟଙ୍କା ପ୍ରାଥମିକ ସ୍ତରରେ ଖର୍ଚ୍ଚ ହେବ। ସେଥିପାଇଁ ମଧ୍ୟ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିବା ମନ୍ତ୍ରୀ ପୂଜାରୀ କହିଛନ୍ତି।

# ରାଜ୍ୟରେ ସ୍ୱାସ୍ଥ୍ୟସେବା ନବସୃଜନ ବୃଦ୍ଧି କରିବ ଏମ୍‌ସ

## କିଟ୍-ଟିବିଆଇ ଏବଂ ବିସିକେଆଇସି ଫାଉଣ୍ଡେଶନ ସହ ବୁଝାମଣାପତ୍ର ସ୍ୱାକ୍ଷର



ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ବିସିକେଆଇସି ଅଧ୍ୟକ୍ଷ ତଥା କିଟ୍-ଟିବିଆଇ ସିଇଓ ମୃତ୍ୟୁଞ୍ଜୟ ସୁଆରଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର, ୨୧।୮ (ବନ୍ଦନା ସେଠୀ)

ସ୍ୱାସ୍ଥ୍ୟସେବା ନବସୃଜନକୁ ଆଗକୁ ବଢ଼ାଇବା ଏବଂ କ୍ଲିନିକାଲ ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଦିଗରେ ଏମ୍‌ସ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଗୁରୁବାର କିଟ୍-ଟେକ୍ନୋଲୋଜି ବିଜ୍‌ନେସ ଇନ୍‌କ୍ୟୁବେଟର (କିଟ୍-ଟିବିଆଇ) ଏବଂ ଭୁବନେଶ୍ୱର ସିଟି ନଲେଜ ଇନୋଭେଶନ କ୍ଲଷ୍ଟର (ବିସିକେଆଇସି) ଫାଉଣ୍ଡେଶନ ସହିତ ଏମ୍‌ସ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ସ୍ୱାସ୍ଥ୍ୟସେବା ପ୍ରଯୁକ୍ତିବିଦ୍ୟା ବିକାଶ ଏବଂ ବିନିଯୋଗ ପାଇଁ ଏକ ଦୃଢ଼ ପ୍ଲାଟ୍‌ଫର୍ମ ସୃଷ୍ଟି କରିବା ଏବଂ ସ୍ୱାସ୍ଥ୍ୟସେବା ନବସୃଜନ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏହି ବୁଝାମଣାର ଲକ୍ଷ୍ୟ। ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ବିସିକେଆଇସି ଅଧ୍ୟକ୍ଷ ଏବଂ କିଟ୍-ଟିବିଆଇ ସିଇଓ ମୃତ୍ୟୁଞ୍ଜୟ ସୁଆରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏମ୍‌ସ ଭୁବନେଶ୍ୱର, କିଟ୍-ଟିବିଆଇ ଏବଂ ବିସିକେଆଇସି ମିଳିତ ଭାବରେ ନବସୃଜନ ଏବଂ ଷ୍ଟାର୍ଟଅପ କାର୍ଯ୍ୟକ୍ରମ, ବୁଟ୍‌କ୍ୟାମ୍ପ, ନିୟାମକ କର୍ମଶାଳା ଏବଂ ଷ୍ଟାର୍ଟଅପ୍-ନିବେଶକ ଗୋଲଟେବୁଲ ଆୟୋଜନ ଦିଗରେ କାର୍ଯ୍ୟ କରିବେ। ଏହାସହିତ ଟେଲିହେଲ୍‌ଥ ପ୍ଲାଟଫର୍ମର ବାସ୍ତବ-ବିଶ୍ୱ ପରୀକ୍ଷଣ, ଏଆଇ-ଆଧାରିତ ଡାଇଗ୍ନୋଷ୍ଟିକ ଉପକରଣ ଏବଂ ଦୂରବର୍ତ୍ତୀ ମନିଟରିଂ ଡିଭାଇସଗୁଡ଼ିକ ମଧ୍ୟ ବିକାଶ କରାଯିବ। ଏଥିସହ ଉଚ୍ଚସ୍ତରୀୟ ଡାଇଗ୍ନୋଷ୍ଟିକ ଉପକରଣ, କ୍ଲିନିକାଲ ବୈଧତା ପଥ ଏବଂ ଉନ୍ନତ ଗବେଷଣା ସୁବିଧା ସହିତ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ଅବସରରେ ବିସିକେଆଇସି ସିଇଓ ଏବଂ କିଟ୍-ଟିବିଆଇ ପରାମର୍ଶଦାତା ଡ. ନମ୍ରତା ମିଶ୍ର, ଏମ୍‌ସ ଭୁବନେଶ୍ୱରର ଡିନ୍ (ଗବେଷଣା) ଡା. ସତ୍ୟଜିତ ମିଶ୍ର, ଏମ୍‌ସ ଏମ୍‌ଓୟୁ କମିଟି ସଚିବ ଡା. ଋତୁପର୍ଣ୍ଣା ମାଇତି, କିଟ୍-ଟିବିଆଇ ପରିଚାଳିକା (ଟେକ-ଇନୋଭେଶନ) ଡ. ଜୟଲକ୍ଷ୍ମୀ ଦାଶ ଏବଂ ବିସିକେଆଇସି ପରିଚାଳକ ଅର୍ପଣ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ସିଡିଏମ୍‌ଓଙ୍କ ବିଜ୍ଞପ୍ତି ଉପରେ ଦ୍ୱିତୀୟ ରୋକ୍

## ହାଇକୋର୍ଟରେ ଢେଙ୍କାନାଳ ଯୋଗ ଶିକ୍ଷକ ନିଯୁକ୍ତି ମାମଲା

କଟକ,୨୧।୮ (କାର୍ତ୍ତିକ ସାହୁ)

ଢେଙ୍କାନାଳ ଜିଲାରେ ଯୋଗ ଶିକ୍ଷକ (ପାର୍ଟ ଟାଇମ୍) ନିଯୁକ୍ତି ଉପରେ ହାଇକୋର୍ଟ ଦ୍ୱିତୀୟ ଥର ପାଇଁ ଗୁରୁବାର ରୋକ୍ ଲଗାଇଛନ୍ତି। ଏହି ପଦବୀରେ ବେଆଇନ ନିଯୁକ୍ତି ଅଭିଯୋଗ ନେଇ ରୁଜୁ ମାମଲାର ଅଗଷ୍ଟ ୫ ଶୁଣାଣିରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ନିଯୁକ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ଏଥିସହ ନୂତନ ନିଯୁକ୍ତି ପ୍ରକ୍ରିୟାରେ କୌଣସି ଅଗ୍ରଗତି ନ କରିବାକୁ ହାଇକୋର୍ଟ ଆଦେଶ ଦେଇଥିଲେ। ମାତ୍ର ସିଡିଏମ୍‌ଓ ଅଗଷ୍ଟ ୨୦ରେ ଅନ୍ୟ ଏକ ବିଜ୍ଞପ୍ତି ମାଧ୍ୟମରେ ୫୯ଜଣ ନୂତନ ପ୍ରାର୍ଥୀଙ୍କ ଯୋଗ୍ୟତା ତାଲିକା ପ୍ରକାଶ କରି ସେମାନଙ୍କୁ ଜିଲାର ବିଭିନ୍ନ ବ୍ଲକରେ ୭ ଦିନ ମଧ୍ୟରେ ଯୋଗ ଦେବାକୁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ସିଡିଏମ୍‌ଓଙ୍କ ଅଗଷ୍ଟ ୨୦ ତାରିଖ ବିଜ୍ଞପ୍ତି ଉପରେ ହାଇକୋର୍ଟ ରହିତାଦେଶ ଜାରି କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ଫେବୃଆରୀ ୩ରେ ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ୪୦ଜଣ ଯୋଗ ଶିକ୍ଷକ ନିଯୁକ୍ତି ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜୁଲାଇ ୫ରେ ୪୦ଜଣ ଉପଯୁକ୍ତ ଯୋଗ୍ୟ ପ୍ରାର୍ଥୀଙ୍କ ନାମ ପ୍ରକାଶ କରି ସେମାନଙ୍କୁ ୨୦୨୫ ଜୁଲାଇ ୧୮ରେ କାଉନସେଲିଂ ନିମନ୍ତେ ଡକାଯାଇଥିଲା। ମାତ୍ର ତା'ପୂର୍ବରୁ ଜୁଲାଇ ୧୫ରେ ଏକ ଚିଠି ପ୍ରକାଶ କରାଯାଇ କାଉନସେଲିଂକୁ ଘୁଞ୍ଚାଇ ଦିଆଯାଇଥିଲା। ଜିଲା ସ୍ୱାସ୍ଥ୍ୟ ସମିତି ୧୭ ଜୁଲାଇ ଚିଠିରେ ନୂତନ ଭାବେ ୯୧ଜଣ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରି ଜୁଲାଇ ୨୨ ଏବଂ ୨୩ ତାରିଖକୁ ସାକ୍ଷାତକାର ନିମନ୍ତେ ଧାର୍ଯ୍ୟ କରିଥିଲେ। ଢେଙ୍କାନାଳ ଜିଲା ସ୍ୱାସ୍ଥ୍ୟ ସମିତିର ଏଭଳି କାର୍ଯ୍ୟକୁ ବିରୋଧ କରି ଆଲୋକ ଚନ୍ଦ୍ର ନାୟକ ଏବଂ ଅନ୍ୟ ୧୦ଜଣ ହାଇକୋର୍ଟରେ ଏକ ରିଟ ପିଟିସନ ଦାୟର କରିଥିଲେ।

# ବିଚାରାଧୀନ କଏଦୀଙ୍କ ମେଡିକାଲରେ ମୃତ୍ୟୁ

ଅନୁଗୋଳ,୨୧।୮ (ମାନସ ବିଶ୍ୱାଳ)

ଅନୁଗୋଳ ଜିଲା କାରାଗାରର ବିଚାରାଧୀନ କଏଦୀ ଜରପଡ଼ା ଥାନା ବଡ଼ହିଂସର ଗ୍ରାମର ରଘୁନାଥ ସାହୁ (୬୬)ଙ୍କ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଏକ ହତ୍ୟା ମାମଲାରେ ଅଭିଯୁକ୍ତ ଥିବା ରଘୁନାଥ ଓ ତାଙ୍କ ପୁଅ ମାନସ ରଞ୍ଜନ ସାହୁ (୩୦) ୨୦୨୩ ଏପ୍ରିଲରୁ ଅନୁଗୋଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଥିଲେ। ରଘୁନାଥ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ ଥିଲେ। ପରିବାର ଲୋକେ ନିୟମିତ କାରାଗାରକୁ ଆସି ଔଷଧ ଦେଇଯାଉଥିଲେ। ୩ ଦିନ ତଳେ ପରିବାର ଲୋକେ ଜେଲ୍‌ରେ ରଘୁନାଥ ଏବଂ ମାନସଙ୍କୁ ଭେଟିଥିଲେ। ହେଲେ ଗୁରୁବାର ସନ୍ଧ୍ୟାରେ ମାନସ ଘରକୁ ଫୋନ କରି ବାପା ରଘୁନାଥଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ପାଇଁ ନିଆଯାଇଥିବା ଜଣାଇଥିଲେ। ପରିବାର ଲୋକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିବା ପରେ ରଘୁନାଥଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲେ। ଜେଲ୍‌ରେ ରଘୁନାଥଙ୍କୁ ଠିକ୍ ଭାବେ ଔଷଧ ଦିଆଯାଉ ନ ଥିଲା ଏବଂ ଚିକିତ୍ସା କରାଯାଉ ନ ଥିଲା ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି।



ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

-ଗୃହାଣାଂ ସପ୍ତପୁରୀ ଭୋଗ, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହଳ ନିଷେଧ



# ବିପଦକୁ ଆମନ୍ତ୍ରଣ



ରୋଗେରିଓ ଷ୍ଟୁଡାର୍ଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱରେ ଏକ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ କରିଛନ୍ତି। ଏହି କ୍ରମରେ ଆମେରିକାକୁ ବ୍ରାଜିଲ ରପ୍ତାନି କରୁଥିବା ସାମଗ୍ରୀଗୁଡ଼ିକ ଉପରେ ସେ ୫୦% ଟାରିଫ୍ ଲାଗୁ କରିଛନ୍ତି। ଟ୍ରମ୍ପ୍ ସ୍ପଷ୍ଟ ଭାବେ କହିଛନ୍ତି, ବ୍ରାଜିଲର ନ୍ୟାୟିକ ବ୍ୟବସ୍ଥାକୁ ଭୟଭୀତ କରି ପୂର୍ବତନ ରାଷ୍ଟ୍ରପତି ଜୈର ବୋଲସୋନାରୋଙ୍କ ବିରୋଧରେ ଚାଲିଥିବା ଆପରାଧିକ ମକଦ୍ଦମାକୁ ରୋକିବା ପାଇଁ ଏହ ଶୁଳ୍କ ଲାଗୁ କରାଯାଇଛି। ଉଲ୍ଲେଖନୀୟ ଯେ, ୨୦୨୩ରେ ବଳପୂର୍ବକ କ୍ଷମତା ଦଖଲ ପାଇଁ ବୋଲସୋନାରୋ ଉସୁକାଇଥିବା ଅଭିଯୋଗକୁ ନେଇ ତାଙ୍କ ବିରୋଧରେ ମକଦ୍ଦମା ଚାଲିଛି। ଏହା ସହ ଟ୍ରମ୍ପ୍ ପ୍ରଶାସନ ବୋଲସୋନାରୋଙ୍କ ମାମଲା ଉପରେ ନିରୀକ୍ଷଣ କରୁଥିବା ବ୍ରାଜିଲ ସୁପ୍ରିମକୋର୍ଟ ବିଚାରପତି ଆଲେକ୍ଜାଣ୍ଡ୍ରେ ଡି ମୋରାଏସ୍‌ଙ୍କ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ବ୍ରାଜିଲର ଗଣତାନ୍ତ୍ରିକ ସଂସ୍ଥା ଉପରେ ଟ୍ରମ୍ପ୍‌ଙ୍କର ଏହି ବେପରୁଆ ଆକ୍ରମଣ କେବଳ ଏକ ସାର୍ବଭୌମ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ଦୁର୍ବଳ କରିବା ଉଦ୍ଦେଶ୍ୟରେ କରାଯାଇନାହିଁ, ବରଂ ଡଲାରର ପ୍ରାଧାନ୍ୟ ଥିବା ଆର୍ଥିକ ବ୍ୟବସ୍ଥା ପ୍ରତି ବଢୁଥିବା ଆହ୍ୱାନକୁ ଦୂର କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ୫୦% ଟାରିଫ୍ ଲଗାଇ ଟ୍ରମ୍ପ୍ ବ୍ରାଜିଲକୁ ଧମକ ଦେବା ପରେ ଆମେରିକା ସେହି ଦେଶର ବେଆଇନ ବାଣିଜ୍ୟିକ କାରବାର ଉପରେ ଏକ ଔପଚାରିକ ତଦନ୍ତ ଆରମ୍ଭ କରିଛି, ଯେଉଁଥିରେ ଡିଜିଟାଲ ଟ୍ରେଡ୍ ଓ ଇଲେକ୍ଟ୍ରୋନିକ ପେମେଣ୍ଟ ସର୍ଭିସକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଏଥିରୁ ବୁଝାପଡୁଛି , ବ୍ରାଜିଲର ତତ୍କାଳ ଡିଜିଟାଲ ପେମେଣ୍ଟ ସିଷ୍ଟମ୍ ପିକ୍ସ ଟ୍ରମ୍ପ୍‌ଙ୍କ କ୍ଷମତାର ଦକ୍ଷତା ପ୍ରତି ଏକ ବିପଦ।

ବ୍ରାଜିଲର ସେଣ୍ଟ୍ରାଲ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପିକ୍ସ ବ୍ରାଜିଲରେ ଅର୍ଥ ନେଣଦେଣରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଅତିକମ୍‌ରେ ଏହି ସେବାକୁ ୭୬% ଲୋକ ବ୍ୟବହାର କରୁଛନ୍ତି। ନିକଟରେ ଅର୍ଥନୀତି ନୋବେଲ ବିଜେତା ପଲ କ୍ରୁଗ୍‌ମ୍ୟାନ କହିଛନ୍ତି, ପିକ୍ସ ତତ୍କାଳ ନେଣଦେଣକୁ ତ୍ୱରାନ୍ୱିତ କରୁଥିବାରୁ ଏହା ନଗଦ ଏବଂ କାର୍ଡଗୁଡ଼ିକୁ ହଟାଇ ଚାଲିଛି। ଏହା ବ୍ୟତୀତ ପାରମ୍ପରିକ ପଦ୍ଧତିରେ ବ୍ୟବସାୟୀମାନେ ଯାହା ଦେୟ ଦେଇଥାଆନ୍ତି, ତା' ତୁଳନାରେ ପିକ୍ସ ପଦ୍ଧତିରେ ବହୁତ କମ୍ ରହୁଛି। ଆଗକୁ ଲାଗୁ ହେବାକୁ ଥିବା 'ପିକ୍ସ ପାର୍ସେଲାଡୋ' ବିନା କ୍ରେଡିଟ୍ କାର୍ଡରେ କିସ୍ତିରେ ଦେୟକୁ ସୁଗମ କରିବ। ଏହା କ୍ରେଡିଟ୍ କାର୍ଡ ଇଣ୍ଡଷ୍ଟ୍ରି ବିଶେଷକରି ଆମେରିକାର ବୃହତ୍ ଭିଜା ଏବଂ ମାଷ୍ଟରକାର୍ଡ ପ୍ରତି ବିପଦ ସୃଷ୍ଟି କରିପାରେ। ଏକ ନୂଆ ପ୍ରକାର ମୁଦ୍ରା ବ୍ୟବସ୍ଥା ସୃଷ୍ଟି କରିବା ସକାଶେ ପିକ୍ସ ହେଉଛି ଏକ ପଦକ୍ଷେପ,




ଯେଉଁଥିରେ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ଅକାମୀ ହୋଇଯିବାର ସମ୍ଭାବନା ଅଧିକ। ଏହା ଟ୍ରମ୍ପ୍‌ଙ୍କର କୌଣସି ବୃହତ୍ ଟେକ୍ କମ୍ପାନୀ ସହଯୋଗୀଙ୍କ ଦ୍ୱାରା କରାଯାଇ ନ ଥିବାରୁ ଏଭଳି ଏକ ନୂତନତ୍ୱକୁ ସେ ପସନ୍ଦ କରୁନାହାନ୍ତି। ହେଲେ ଏହାର ବ୍ୟାପକ କାର୍ଯ୍ୟକାରିତା ଯୋଗୁ ଡଲାରର ପ୍ରାଧାନ୍ୟ ହ୍ରାସ ପାଇବାରେ ଲାଗିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକୀୟ ଡଲାର ବିଶ୍ୱ ବାଣିଜ୍ୟ ଓ ବିତ୍ତୀୟ ବ୍ୟବସ୍ଥାରେ ଏକ ଅଦ୍ୱିତୀୟ ମୁଦ୍ରା ହୋଇଗଲା। ଡଲାର ବିଶ୍ୱସ୍ତରରେ ରିଜର୍ଭ କରେନ୍ସି ବା ମୁଦ୍ରା ହୋଇଯିବା ହେତୁ ଆମେରିକାକୁ ବିପୁଳ ଲାଭ ପହଞ୍ଚାଇଥିଲା। ଫଳରେ ଆମେରିକା ସ୍ୱାଧୀନ ଭାବେ ଋଣ କରିପାରୁଛି। କେବଳ ଏତିକି ନୁହେଁ, ବିତ୍ତୀୟ ଯୁଦ୍ଧ ଏବଂ ଭୂରାଜନୈତିକ ସ୍ତରରେ ଏହାର ପ୍ରାଧାନ୍ୟ ବଜାୟ ରଖିଛି। କିନ୍ତୁ ଉକ୍ତ ଦଶନ୍ଧିରେ ଏହି ବିଶେଷ ସୁବିଧା ହ୍ରାସ ପାଇବାରେ ଲାଗିଛି, ଯାହା କେତେକାଂଶରେ ଟ୍ରମ୍ପ୍‌ଙ୍କ ଯୋଗୁ ହେଉଛି।

ପ୍ରଥମେ ନିୟମ ଆଧାରରେ ନିର୍ଦ୍ଦିଷ୍ଟ ବିଷୟରେ ଆମେରିକା କଟକଣା ଲଗାଇଥିଲେ ମଧ୍ୟ ବିଂଶ ଶତାବ୍ଦୀରେ ଆତଙ୍କବାଦ ବିରୋଧୀ ପଦକ୍ଷେପ ଭାବେ ବିଶେଷକରି ୯/୧୧ ଆକ୍ରମଣ ପରେ ଏହାକୁ ତୀବ୍ର କରାଯାଇଛି। ୨୦୧୦ ଦଶନ୍ଧିରେ ଆର୍ଥିକ କଟକଣା ଆମେରିକାର ବୈଦେଶିକ ନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ଆମେରିକାର ଶତ୍ରୁଦେଶ ଯଥା ଇରାନ୍, ରୁଷିଆ, ଭେନେଜୁଏଲା ଟ୍ରମ୍ପ୍‌ଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ ସମୟରେ ଅତ୍ୟଧିକ କଟକଣାର ସମ୍ମୁଖୀନ ହୋଇଥିଲେ। ଏପରିକି ପାଶ୍ଚାତ୍ୟର ପ୍ରାଧାନ୍ୟ ଥିବା ବିତ୍ତୀୟ ମେସେଜିଂ ବ୍ୟବସ୍ଥା ସ୍ୱିଫ୍ଟରୁ କେତେକ ଦେଶକୁ ବାଦ୍ ଦିଆଯାଇଥିଲା। ୨୦୨୨ରେ ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ପରେ ଆମେରିକା ଏବଂ ଏହାର ୟୁରୋପୀୟ ମିତ୍ରଦେଶଗୁଡ଼ିକ ରୁଷିଆର କେନ୍ଦ୍ରୀୟ ବ୍ୟାଙ୍କର ଗଚ୍ଛିତ ଅର୍ଥକୁ ଅଚଳ କରିଦେଇଥିଲେ ଏବଂ ତା' ଉପରେ ଅତ୍ୟଧିକ ବାଣିଜ୍ୟିକ କଟକଣା ଲଗାଇଥିଲେ। ଏହି କାରଣରୁ ଡଲାର ଏବଂ ଆମେରିକାର ବିତ୍ତୀୟ ବ୍ୟବସ୍ଥାର ବିକଳ୍ପ ଖୋଜିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସ ତୀବ୍ର ହୋଇଛି।

ଏହି ସମୟରେ ଆମେରିକାର ସରକାରୀ ଋଣ ବଢ଼ିଛି। ଟ୍ରମ୍ପ୍ ପ୍ରଥମେ ୨୦୧୭ରେ ରାଷ୍ଟ୍ରପତି ହେବାର ପ୍ରାରମ୍ଭିକ ସମୟରେ ଏହି ଋଣ ଥିଲା ୧୯.୮ ଟ୍ରିଲିୟନ ଡଲାର ଏବଂ ଏହା ବୃଦ୍ଧି ପାଇ ଜାନୁଆରୀ ୨୦୨୧ ସୁଦ୍ଧା ୨୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା। ପରେ ଜୋ ବାଇଡେନ୍‌ଙ୍କ ସମୟରେ ଏହା ବୃଦ୍ଧି ଘଟି ଜାନୁଆରୀ ୨୦୨୫ ସୁଦ୍ଧା ୩୬.୨ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା, ଯାହର ୩୦% ବିଦେଶୀ ତଥା ଅନ୍ତଃରାଷ୍ଟ୍ରୀୟ ନିବେଶକଙ୍କ ନିକଟରେ ରହିଛି। ଟ୍ରମ୍ପ୍‌ଙ୍କ ୱାନ ବିଗ୍ ବିଉଟିଫୁଲ ଆକ୍ଟ, ଧନିକଙ୍କ ପାଇଁ ଟିକସ ହ୍ରାସ ଇତ୍ୟାଦି ଯୋଗୁ ଆଗାମୀ ଶତାବ୍ଦୀ ମଧ୍ୟରେ ଏଥିରେ ଆଉ ଅଧିକ ୩.୪ ଟ୍ରିଲିୟନ ଡଲାର ଯୋଡ଼ି ହେବ। ଫଳରେ ଆମେରିକାର ବିତ୍ତୀୟ ବ୍ୟବସ୍ଥାକୁ ନେଇ ବୈଦେଶିକ ଋଣଦାତାମାନେ ସତର୍କ ହୋଇଗଲେଣି।

ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତା କମାଇବା ପ୍ରକ୍ରିୟା ଦୀର୍ଘଦିନ ହେଲା ଅନ୍ତର୍ଜାତୀୟ ସ୍ତରରେ ଆଲୋଚନାର ବିଷୟ ହୋଇ ରହିଛି। ବିଶ୍ୱ ବ୍ୟାଙ୍କ ଏବଂ ଇଣ୍ଟର ଆମେରିକାନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ପରିଷଦରେ ବ୍ରାଜିଲ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ପ୍ରଥମେ ମୁଁ ଏହା ଲକ୍ଷ୍ୟ କରିଥିଲି। ଅନେକ ବର୍ଷଧରି ଦେଶଗୁଡ଼ିକ ସତର୍କତାର ସହ ଏବଂ ନୀରବରେ ଆଗଉଛନ୍ତି, କାରଣ ସେମାନଙ୍କ ଡଲାର ସ୍ଥିତି ଶୀଘ୍ର ଦୁର୍ବଳ ହୋଇଗଲେ ଡଲାରର ପ୍ରାଧାନ୍ୟ ଥିବା ସମ୍ପତ୍ତିର ମୂଲ୍ୟ ପୂରା କମିଯିବ ଏବଂ ଅନେକ ଟ୍ରିଲିୟନ ଡଲାର କ୍ଷତି ଘଟିବ। କିନ୍ତୁ ମୁକ୍ତ ବାଣିଜ୍ୟ ଉପରେ ଟ୍ରମ୍ପ୍‌ଙ୍କ ମନମୁଖି ଆକ୍ରମଣ ଏବଂ ଆମେରିକାର ବିପର୍ଯ୍ୟସ୍ତ ବିତ୍ତୀୟ ବ୍ୟବସ୍ଥା ପ୍ରତି ଉପେକ୍ଷାଭାବ ପୂରା ଗଣିତକୁ ଏପାଖସେପାଖ କରିଦେବ ବୋଲି ମନେହେଉଛି।

ପ୍ରଥମେ ୫ଟି ବ୍ରିକ୍ସ ଦେଶ ଯଥା ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଏବଂ ଦକ୍ଷିଣ ଆଫ୍ରିକା ସ୍ଥାନୀୟ ମୁଦ୍ରାଗୁଡ଼ିକରେ ବାଣିଜ୍ୟ ସଞ୍ଚାଳନ କରିବା ଲାଗି ଗଢ଼ାଯାଇଥିବା ଏକ ବିକେନ୍ଦ୍ରିତ ବିତ୍ତୀୟ ମେସେଜିଂ ସିଷ୍ଟମ 'ବ୍ରିକ୍ସ ପେ' ବିଷୟରେ ଖୋଲାଖୋଲି ଆଲୋଚନା କରୁଛନ୍ତି। ଏହାର କାର୍ଯ୍ୟକାରିତା ଓ ସୀମାପାର ନେଣଦେଣ ଭିତ୍ତିଭୂମି ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଉଛି, ଯାହା ଆମେରିକାର ବିତ୍ତୀୟ ବ୍ୟବସ୍ଥା ଓ ଡଲାରକୁ ଟପିଯିବ। ଦେଖିବାକୁ ଗଲେ ପିକ୍ସର ସଫଳତା ସହ ସରକାରୀ ପ୍ରୋତ୍ସାହିତ ନେଣଦେଣ ବ୍ୟବସ୍ଥା ଡଲାରକୁ ଭୁଶୁଡ଼ାଇବା ଲାଗି ଏକ ପଦକ୍ଷେପ। ଟ୍ରମ୍ପ୍ ଏହିସବୁ ନିୟମ ଆଧାରିତ ବିଷୟକୁ ବୁଝନ୍ତୁ କି ନ ବୁଝନ୍ତୁ, ହେଲେ ସେ ଏହି ପରିବର୍ତ୍ତନ ସମ୍ପର୍କରେ ଆଭାସ ପାଇଛନ୍ତି। ପିକ୍ସ ଉପରେ ତଦନ୍ତ ଆରମ୍ଭ କରିବା ହେଉଛି ବିପଦରେ ଥିବା ଏବଂ ନିୟନ୍ତ୍ରଣ ବଜାୟ ରଖିବାରେ ହତାଶ ହୋଇପଡ଼ିଥିବା ଏକ ଦୁର୍ବଳ ଶାସନର ପଦକ୍ଷେପ। ବାଣିଜ୍ୟ ପାଇଁ ଯଦି ବିଶ୍ୱ ଡଲାର ଆବଶ୍ୟକ ନ କରେ, ତେବେ ଆମେରିକା ପ୍ରାଧାନ୍ୟ ବିସ୍ତାର ପାଇଁ ତାହାର ଦକ୍ଷତା ହରାଇବ ବୋଲି ଟ୍ରମ୍ପ୍ ଏବଂ ତାଙ୍କ ବିତ୍ତୀୟ ସହଯୋଗୀମାନେ ସଙ୍କେତ ପାଇଯାଇଛନ୍ତି। କିନ୍ତୁ ପିକ୍ସ ଉପରେ ଆକ୍ରମଣ କରି ଏବଂ ବ୍ରାଜିଲକୁ ଡରେଇ ଧମକେଇ ଟ୍ରମ୍ପ୍ ବିଶ୍ୱସ୍ତରରେ ଡଲାରର ପ୍ରାଧାନ୍ୟର ପତନ ପାଇଁ ବିପଦକୁ ଆମନ୍ତ୍ରଣ କରୁଛନ୍ତି।

**ସିନିୟର ଫେଲୋ, ବ୍ରାଜିଲିଆନ ସେଣ୍ଟର ଫର୍ ଇଣ୍ଟନ୍ୟାଶନାଲ ରିଲେଶନ**

# ନୀତିନିୟମ ବନାମ ମାନସିକତା



ଡ. ମୌସୁମୀ ପରିଡ଼ା

କାନାଡା, ନେଦରଲାଣ୍ଡ, ଇସ୍ରାଏଲ, ଜର୍ମାନୀ, ଅଷ୍ଟ୍ରେଲିଆ ଓ ଆମେରିକାର ଅତ୍ୟାଧୁନିକ କୃଷିପ୍ରଣାଳୀ ହେଉ ବା ଚାଇନାର ବିସ୍ତୃତ ବାଲୁକାଶଯ୍ୟାରେ ସବୁଜିମା ସୃଷ୍ଟିର ଅନନ୍ୟ ଉଦ୍ୟମ, ଅଲିମ୍ପିକ୍ସ ହେଉ ବା ବିଷୟଭିତ୍ତିକ ଗବେଷଣା ସେସବୁ ଏତେ ଉନ୍ନତ ଯେ ଆମଦେଶ ସେମାନଙ୍କଠାରୁ ପଛରେ। ବିଡ଼ମ୍ବନାର ବିଷୟ ଆମ ବୈଜ୍ଞାନିକମାନେ ସେସବୁକୁ କାର୍ଯ୍ୟକାରୀ କରାଇବା ଦିଗରେ ଅନେକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ପ୍ରଗତି କେବଳ କାଗଜ କଲମରେ ଚାଲିଛି, ବାସ୍ତବ ରୂପରେଖ କିନ୍ତୁ ଅଲଗା। ସ୍ୱାଧୀନ ଭାରତରେ ଆଖିଦୃଶିଆ ଉନ୍ନତି ହୋଇନାହିଁ। ଯୁବପିଢ଼ିଙ୍କଠାରେ ଆତ୍ମହତ୍ୟା ପ୍ରବଣତା। କର୍ମଜୀବୀମାନେ ଚାପଗ୍ରସ୍ତ। ଅନୁପ୍ରବେଶକାରୀଙ୍କ ପାଇଁ ଭାରତ ସ୍ୱର୍ଗ ପାଲଟିଛି! ସମ୍ବିଧାନର ନୀତିନିୟମ ସମସ୍ତଙ୍କ ପାଇଁ ସମାନ ନୁହେଁ ଏବଂ ସେ ଆଡ଼କୁ ପ୍ରଶାସନର ନିଘା ନାହିଁ। ବିଜ୍ଞାନ ଏତେ ଅଗ୍ରଗତି କରି ମଧ୍ୟ ରାସ୍ତାଗୁଡିକର ଦୁର୍ଦ୍ଦଶା କହିଲେ ନସରେ। ବର୍ଷାଦିନ ଆସିବା କ୍ଷଣି ପୋଖରୀର ଭ୍ରମ ସୃଷ୍ଟି କରୁଥିବା ରାସ୍ତାରେ ଫି ଦିନ ଦୁର୍ଘଟଣା।

ଅନେକ ସ୍ଥାନରେ ବର୍ଷା ଯୋଗୁ ରାସ୍ତା ବୁଡିରହିବାରୁ ଯୋଗାଯୋଗ ବିଚ୍ଛିନ୍ନ ହେଉଛି। ବର୍ଷା ଆସିବା କ୍ଷଣି ଲାଇନ୍ ରହୁନାହିଁ। କିନ୍ତୁ ମାସ ଶେଷରେ ବିଜୁଳି ଦେୟ ପୈଠ ନ କଲେ ଗାଡି, ଶିଡି ନେଇ ବିଦ୍ୟୁତ୍ ବିଭାଗୀୟ କର୍ମଚାରୀମାନେ ବିଜୁଳି କାଟିବାକୁ ଘରେ ହାଜର ହୋଇଯାଆନ୍ତି। ଯେତେବେଳେ ବିଜୁଳିର ବେଶି ଆବଶ୍ୟକତା ସେତେବେଳେ ଘଣ୍ଟାକୁ ଘଣ୍ଟା ବିଜୁଳି କାଟ ହୁଏ। ସମସ୍ୟା ଜଣାଇବାକୁ ଗଲେ କର୍ମଚାରୀ ନ ଥାନ୍ତି। ଏଭଳି ସବୁ ବିଭାଗ ସମସ୍ୟାରେ ବୁଡିଛି। ଜନସାଧାରଣ ନାହିଁ ନ ଥିବା ଛୋଟବଡ଼ ସମସ୍ୟାରେ ସନ୍ତୁଳି ହେଉଛନ୍ତି, ତେବେ ବି ବିଭାଗର ଚେତା ନାହିଁ। ନଦୀ ସଂଯୋଗୀକରଣ ସ୍ୱପ୍ନ ହୋଇ ରହିଯାଇଛି, ଯାହାପାଇଁ ପ୍ରତିବର୍ଷ ବନ୍ୟା ନ ହେଲେ ମରୁଡି। ସିଙ୍ଗାପୁରଠାରେ ବର୍ଜ୍ୟବସ୍ତୁକୁ ସୁନ୍ଦର ଭାବେ ପରିଚାଳନା କରାଯାଇ ସେଥିରୁ ବିଦ୍ୟୁତ୍ ଉତ୍ପାଦନ ସହିତ ରାସ୍ତା ନିର୍ମାଣ ସମ୍ଭବ ହୋଇପାରିଛି। ଜଳବାୟୁ ପ୍ରଦୂଷଣକୁ ଅତ୍ୟାଧୁନିକ ପ୍ରଣାଳୀରେ ରୋକା ଯାଇପାରିଛି, ଯାହା ଶିକ୍ଷଣୀୟ ଓ ଅନୁକରଣୀୟ। ଆମଦେଶରେ ଜନସଂଖ୍ୟା ବୃଦ୍ଧି ଅନୁସାରେ ବର୍ଜ୍ୟବସ୍ତୁ କାହିଁ କେତେ ଅଧିକ! ସେଗୁଡିକର ସୁଚାରୁ ପରିଚାଳନା ଆମ ଅର୍ଥନୀତିକୁ ସୁଦୃଢ଼ କରିବା ସହିତ ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରନ୍ତା। ଅନ୍ୟ ଦେଶଠାରୁ ଉନ୍ନତ ଜ୍ଞାନକୌଶଳ ଶିକ୍ଷାକରି ସେସବୁକୁ କାର୍ଯ୍ୟରେ ପରିଣତ କରାଗଲେ ଅଭୂତପୂର୍ବ ଲାଭ ହୁଅନ୍ତା।

ମହାରାଷ୍ଟ୍ର ଅନ୍ତର୍ଗତ ପୁଣେର ଜେଏମ୍ ରୋଡ୍ ଓ ଜଙ୍ଗଲୀ ମହାରାଜା ରୋଡ୍‌କୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏହି ରାସ୍ତା ଅଭିନବ ଉପାୟରେ ନିର୍ମାଣ କରାଯାଇଥିଲା। ୧୯୭୦ ଦଶକରେ ଜଣେ କଣ୍ଟ୍ରାକ୍ଟର୍ ରେକୋଣ୍ଡୋ ଦୁଇଜଣ ପାର୍ସୀ ଭାଇଙ୍କୁ ନେଇ ଏହି ରାସ୍ତା ଦୁଇଟିକୁ ଉନ୍ନତମାନର ଜିନିଷ ଓ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ନିର୍ମାଣ କରିଥିଲେ। କେବଳ ସେତିକି ନୁହେଁ ପୁଣେର ମ୍ୟୁନିସିପାଲିଟିକୁ ଲିଖିତ ଭାବେ ଜଣାଇଥିଲେ ( ଗ୍ୟାରେଣ୍ଟି କୁହାଯାଇ ପାରେ ) କି ଯଦି ଆଗାମୀ ଦଶ ବର୍ଷ ଭିତରେ ରାସ୍ତାରେ କିଛି ଅସୁବିଧା ପରିଲକ୍ଷିତ ହେବ ତେବେ ସେମାନେ ବିନା ପାରିଶ୍ରମିକରେ ସେସବୁର ମରାମତି କରିବେ। ଦଶ ବର୍ଷ ତ ଦୂରର କଥା ଦୀର୍ଘ ୫୦ବର୍ଷ ଧରି ରାସ୍ତାରେ କୌଣସି ଫାଟ, ଖାଲଖମା କିମ୍ବା ଅନ୍ୟ ଅସୁବିଧା ପରିଲକ୍ଷିତ ହୋଇ ନ ଥିଲା। ତାହା ହିଁ ସଚ୍ଚୋଟତା, ଯାହା ଆମ ଦେଶରେ ଘୋର ଅଭାବ। ଏଭଳି ଠିକ୍ କାମ କରି ମଧ୍ୟ ରେକୋଣ୍ଡୋ ମ୍ୟୁନିସିପାଲ କର୍ପୋରେଶନ୍‌ରୁ ଆଗକୁ କୌଣସି କାମ ପାଇ ନ ଥିଲେ। ତା'ର କାରଣ ହେଉଛି ରୁଗ୍ଣ ମାନସିକତା। ଏଠି ପୋଲ କାମ ନ ସରୁଣୁ ଭୁଶୁଡି ପଡିବା କିମ୍ବା ବର୍ଷକ ଭିତରେ ରାସ୍ତାରେ ପୋଖରୀ ସଦୃଶ ଖାଲଖମା ସୃଷ୍ଟି ହେବା ଅତି ସାଧାରଣ କଥା। ବାରବାର କାମ ବାହାନାରେ ଅଳ୍ପ କିଛି ଗୋଡି ପିଚୁ ଢାଳି ରାସ୍ତା ମରାମତି ବାବଦରେ କୋଟି କୋଟି ଟଙ୍କା ତୋସରପାତ ହୋଇଚାଲିଛି। କେବଳ ପ୍ରଶାସନ ଚାହିଁଲେ ସବୁ ସମସ୍ୟାର ସମାଧାନ ହେବନି। ସେସବୁକୁ କାର୍ଯ୍ୟକାରୀ କରିବାକୁ ଅଫିସରଙ୍କ ସମେତ ଲୋକଙ୍କ ଆନ୍ତରିକତା ଲୋଡା।

**ଜଗତ୍‌ସିଂହପୁର**
**ମୋ:୯୪୩୭୩୧୭୦୨୬**

## ଏଇ ଭାରତରେ

ଉତ୍ତରପ୍ରଦେଶ ବୁନ୍ଦେଲଖଣ୍ଡର ୩୦ ବର୍ଷୀୟ ରାମବାବୁ ତିୱାରୀ ଏବକାର ଜଳ ପ୍ରଦୂଷଣ ଓ ସଙ୍କଟକୁ ଲକ୍ଷ୍ୟ କରି ତାହାର ସମାଧାନ ପାଇଁ ପୋଖରୀ ପୁନରୁଦ୍ଧାର ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ନିଜ ଗାଁ ଅଧିୱାନର ଲୋକଙ୍କ ସହାୟତାରେ ବୁନ୍ଦେଲଖଣ୍ଡର ୭୫ଟି ପୋଖରୀର ପୁନରୁଦ୍ଧାର କରିସାରିଲେଣି। ଅନେକ ପୋଖରୀରୁ ପଙ୍କ ବାହାର କରି ତାହାର ପାଣିକୁ ବ୍ୟବହାର ଉପଯୋଗୀ କରିପାରିଛନ୍ତି। ରାମବାବୁଙ୍କୁ ଯେତେବେଳେ ବୟସ ୧୭ ବର୍ଷ ସେତେବେଳେ ସେ ଦ୍ୱାଦଶ ଶ୍ରେଣୀରେ ପଢୁଥିଲେ ଏବଂ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ସେ ତାଙ୍କ ଗାଁରେ ଥିବା ପୁଷ୍କରିଣୀକୁ ପୁନରୁଦ୍ଧାର କରିଥିଲେ। ପରେ ଏହି ଅଭିଯାନକୁ ସେ ବୁନ୍ଦେଲଖଣ୍ଡର ବିଭିନ୍ନ ଅଞ୍ଚଳକୁ ସମ୍ପ୍ରସାରିତ କରିଥିଲେ। ସେ ପ୍ରଥମେ ଏହି କାର୍ଯ୍ୟ ଆରମ୍ଭ କରିଥିବାବେଳେ ଏହା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ରୂପାନ୍ତର ହେବ ବୋଲି କେବେ ବି ଚିନ୍ତା କରି ନ ଥିଲେ। ହେଲେ ତାହା ଏବେ ତାଙ୍କ ଜୀବନରେ ଏକ ମୁଖ୍ୟ ବିଷୟ ହୋଇଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୨୨ ଅଗଷ୍ଟ ୧୯୭୬**

- ନାଗାଲାଣ୍ଡରେ ବଳବତ୍ତର ଥିବା ରାଷ୍ଟ୍ରପତି ଶାସନ ମିଆଦକୁ ପୁନଃ ୬ ମାସ ବଢ଼ାଇବା ସଂକ୍ରାନ୍ତ ପ୍ରସ୍ତାବ ଲୋକସଭାରେ ଅନୁମୋଦିତ।
- ବ୍ୟାପକ ମରୁଡ଼ି ହେତୁ ଦକ୍ଷିଣ-ପଶ୍ଚିମ ଇଂଲଣ୍ଡ ଓ ୱେଲ୍ସରେ ପାନୀୟ ଜଳ ପରିସ୍ଥିତି ଗୁରୁତର।
- ଡିଏଗୋଗାର୍ସିଆ ଦ୍ୱୀପରେ ଆମେରିକାର ସାମରିକ ଘାଟୀ ପ୍ରତିଷ୍ଠା ଉଦ୍ୟମକୁ ଲାଓସର ବିରୋଧ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 7 | | 4 | | |
| 9 | | | | | | | | 2 |
| 7 | 4 | | | | 5 | | | 1 |
| | 5 | 1 | | | 3 | | | |
| 8 | | | 6 | | | | | 3 |
| 6 | | | | | | | | |
| | | | | 5 | | | 2 | |
| | | 6 | | 1 | 4 | | 8 | 9 |
| | 8 | | | 9 | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 7 | 1 | 5 | 6 | 3 | 2 | 9 |
| 9 | 2 | 1 | 4 | 3 | 7 | 5 | 8 | 6 |
| 6 | 5 | 3 | 9 | 8 | 2 | 1 | 4 | 7 |
| 3 | 7 | 6 | 5 | 4 | 8 | 9 | 1 | 2 |
| 2 | 1 | 4 | 6 | 9 | 3 | 7 | 5 | 8 |
| 5 | 8 | 9 | 7 | 2 | 1 | 6 | 3 | 4 |
| 4 | 9 | 2 | 3 | 7 | 5 | 8 | 6 | 1 |
| 7 | 6 | 5 | 8 | 1 | 4 | 2 | 9 | 3 |
| 1 | 3 | 8 | 2 | 6 | 9 | 4 | 7 | 5 |

ଗତକାଲିର ଉତ୍ତର

# ବିନାଶ ରାସ୍ତାରେ ବିକାଶ



ଡ. ସୁବାସ ଚନ୍ଦ୍ର ପାତ୍ର

ବିକାଶ ଏବେ ଏକ ବହୁଳ ଉଚ୍ଚାରିତ ଓ ବହୁଳ ଅତ୍ୟାଚାରିତ ଶବ୍ଦ। ସାରା ଭାରତରେ (ଅବଶ୍ୟ ଦକ୍ଷିଣ ଭାରତରେ ଏହାର ପ୍ରତିଶବ୍ଦ ଥିବ) ଏହା ଏତେ ଗୁଞ୍ଜରିତ ଯେ ହୁଏତ ଅନେକେ ଭାବୁଥିବେ ଜୀବନର ମୋକ୍ଷ ପାଇଁ ଉଚ୍ଚାରିତ ମନ୍ତ୍ରର ଏହା ପ୍ରଥମ ଶବ୍ଦ!

ଏମିତି ଦେଖିଲେ ବିକାଶ ଚିନ୍ତା କିଛି ଖରାପ କଥା ନୁହେଁ, କିନ୍ତୁ ତାହା ଧାରଣକ୍ଷମ ହେବା ଉଚିତ। ବିକାଶ ତାହାର ଆନୁଷଙ୍ଗିକ ଶାଖା ପ୍ରଶାଖା ମେଲି ଏତେ ବିଶାଳ ରୂପ ନିଏ ଯେ ଏକ ସମୟରେ ସେ ତା' ନିଜ ବୋଝରେ ଭାଙ୍ଗିପଡ଼େ। ବିଶ୍ୱର ଅନେକ ପ୍ରମୁଖ ସଭ୍ୟତା ସେତେବେଳର ମାନଦଣ୍ଡରେ ବେଶ୍ ବିକଶିତ ରୂପ ନେଇ କିଛିଟା ପ୍ରାକୃତିକ, କିଛିଟା ବିକାଶଗତ କାରଣରୁ ଲୋପପାଇଯାଇଛନ୍ତି। ଓଡ଼ିଶା ବା ତାହାର କେତେକ ସ୍ଥାନ କିଛିବର୍ଷ ପରେ ସେହି ଅବସ୍ଥା ଆଡ଼କୁ ଚାଲିଯିବ। ବାଲେଶ୍ୱର କଥା ଦେଖାଯାଉ। ଏବେ ବାଲେଶ୍ୱର ଲୋକେ ଘର ତିଆରି ପାଇଁ ଚଣ୍ଡିଖୋଲରୁ ପଥର, ଚିପ୍ସ ଓ ଆନନ୍ଦପୁରରୁ ବାଲି ଆଣୁଛନ୍ତି। ବାଲେଶ୍ୱର ଆଖପାଖ ଅଞ୍ଚଳରୁ ଏହି ଦୁଇ ସ୍ଥାନର ଦୂରତ୍ୱ ପାଖାପାଖି ୨୦୦ କି.ମି. ଲେଖାଏ। ଆଗରୁ ବାଲେଶ୍ୱରଠୁ ୧୦ କି.ମି. ଦୂର ଫୁଲାଡ଼ି ପାଖରୁ ବାଲି ଓ ବାଲେଶ୍ୱରଠୁ ୨୦ କି.ମି. ମିତ୍ରପୁର ପାଖରୁ ଲୋକେ ପଥର ଚିପ୍ସ ଆଣୁଥିଲେ। ସେ ସ୍ଥାନରେ ୨୦୦ କି.ମି. ଦୂରରୁ ନିର୍ମାଣ ସାମଗ୍ରୀ ଆଣି ସାଧାରଣ ମଣିଷ କ'ଣ ଘର କରିବ? ଭଦ୍ରକ-ବାଲେଶ୍ୱର-ବାରିପଦା-ଜଳେଶ୍ୱର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥଗୁଡ଼ିକର ନିର୍ମାଣ ପାଇଁ ନୀଳଗିରି ପାହାଡ଼ର ପଥର ଓ ବାଲେଶ୍ୱରର ନନ୍ଦନଦୀର ବାଲିର ବହୁଳ ବ୍ୟବହାର ଯୋଗୁ ଆଜି ଏହି ବ୍ୟବସ୍ଥା। ଅର୍ଥାତ୍ ରାଷ୍ଟ୍ରର ବୃହତ୍ତର ବିକାଶର ବେଦୀରେ ସାଧାରଣ ମଣିଷର ମାମୁଲି ବିକାଶ ବଳିପଡୁଛି।

ବିକାଶର ମୂଳମନ୍ତ୍ର ହେଉଛି ଆବଶ୍ୟକତାର ମୂଲ୍ୟାୟନ (ନିଡ୍ ଆସେସ୍‌ମେଣ୍ଟ)। ବେଳେବେଳେ ରାଜନୈତିକ କାରଣରୁ ବା ଦେଖାଇହେବା ପାଇଁ ବିଶାଳ ଉଚ୍ଚାକାଂକ୍ଷୀ ପ୍ରକଳ୍ପ ସବୁ ହାତକୁ ନିଆଯାଏ ବା ପ୍ରସ୍ତାବିତ ହୁଏ ଯାହା ତୃଣମୂଳ ସ୍ତରରେ ବିକାଶକୁ ବାଧା ଜନ୍ମାଏ ବା ତା'ର ଗୁଣବତ୍ତା ହ୍ରାସକରେ, ମହଙ୍ଗା ମାଡ଼ର ପ୍ରଭାବରେ। ସେମିତି କିଛି ପ୍ରସ୍ତାବିତ ପ୍ରକଳ୍ପ ଯଥା ଓଡ଼ିଶା ଚାରିପଟେ ରିଂରୋଡ୍, ଓଡ଼ିଶାର ପୂର୍ବ-ପଶ୍ଚିମ ଓ ଉତ୍ତର-ଦକ୍ଷିଣ ମଧ୍ୟରେ ରାଜ୍ୟ ରାଜପଥ ନିର୍ମାଣ, ଭୁବନେଶ୍ୱରରେ ସବୁ ଜିଲା ପାଇଁ ଅତିଥିଶାଳା ନିର୍ମାଣ, ଦିଲ୍ଲୀର ଭାରତ ମଣ୍ଡପମ୍ ଢାଞ୍ଚାରେ ଭୁବନେଶ୍ୱରରେ ବିଶାଳ ପ୍ରେକ୍ଷାଳୟ ନିର୍ମାଣ ଇତ୍ୟାଦି ପ୍ରକଳ୍ପର ଜରୁରୀ ଆବଶ୍ୟକତା, ଏହାର ଗ୍ରାମାଞ୍ଚଳ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲ ଉପରେ ପ୍ରଭାବ- ଏସବୁକୁ ଅତି ଗମ୍ଭୀରତାର ସହ ଆକଳନକରି ପଦକ୍ଷେପ ନେବାକୁ ପଡ଼ିବ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ ଯେ ବାଲେଶ୍ୱର-ଭଦ୍ରକ ନିର୍ମାଣାଧୀନ ଜାତୀୟ ରାଜପଥ ଧାର୍ଯ୍ୟ ସମୟଠୁ ବର୍ଷ ବର୍ଷ ଗଡ଼ିଯିବାର ମୁଖ୍ୟ କାରଣ ହିସାବରେ ନିର୍ମାଣକାରୀ ସଂସ୍ଥା କହି ଚାଲିଛି, ଏଠାରେ ନିର୍ମାଣ ସମ୍ବନ୍ଧୀୟ କଞ୍ଚାମାଲର ଘୋର ଅଭାବ। ବିକାଶକୁ ସାର୍ବଜନୀନ ତଥା ସୁଲଭକରିବା ପାଇଁ ଅତି ଆବଶ୍ୟକ ନ ଥିବା ବୃହତ୍ ପ୍ରକଳ୍ପକୁ କିଛି ବର୍ଷ ଘୁଞ୍ଚାଇଦେଲେ ଜୀବନରେ ଥରେ ଘର କରୁଥିବା ମଣିଷମାନେ ନିଜ ସମ୍ବଳ ଭିତରେ ପକ୍କାଘରଟି କରିପାରିବେ, ଆପାତତଃ ଅପେକ୍ଷାକୃତ କମ୍ ଖର୍ଚ୍ଚରେ।

ଏବେ ନିର୍ମାଣ ସ୍ଥାପତ୍ୟ ଓ କାରିଗରି ବହୁ ବିକଶିତ ହେଲାଣି। ଇଟା, ବାଲି, ସିମେଣ୍ଟ, ପଥର, ଚିପ୍ସ ଭଳି ପ୍ରାକୃତିକ ସମ୍ବଳ କମ୍ ବ୍ୟବହାରକରି



ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଅନ୍ୟାନ୍ୟ କାରଖାନା ଉତ୍ପାଦ ମାଧ୍ୟମରେ ଗୃହନିର୍ମାଣ ଉପରେ ଗୁରୁତ୍ୱ ଆରୋପ କରାଯିବା ଉଚିତ। ପ୍ରସଙ୍ଗତଃ ଉଲ୍ଲେଖଯୋଗ୍ୟ, ଗୋପୀଚନ୍ଦ ଫାଉଣ୍ଡେଶନ ଆନୁକୂଲ୍ୟରେ ଭୁବନେଶ୍ୱରରେ ନିର୍ମିତ ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମକୁ ପୂରାପୂରି କଂକ୍ରିଟରେ ନିର୍ମାଣ ନ କରି ଅନ୍ୟ ଭାବରେ, ଆଧୁନିକ ଢଙ୍ଗରେ ସୁନ୍ଦର ଶୈଳୀରେ ନିର୍ମାଣ କରିହୁଅନ୍ତା। ବେଳେବେଳେ ଲାଗେ ଏଥିର ବ୍ୟବହୃତ ପାରମ୍ପରିକ ଗୃହ ନିର୍ମାଣ ସାମଗ୍ରୀ ଦ୍ୱାରା ହୁଏତ ଓଡ଼ିଶାର ଗୋଟିଏ ଜିଲାରେ ନିର୍ମାଣାଧୀନ ସମସ୍ତ ପାଣିଟାଙ୍କି ନିର୍ମାଣ ହୋଇପାରିଥାନ୍ତା!!

ଭାରତବର୍ଷରେ ଉଚ୍ଚାରିତ 'ବିକାଶ' ଶବ୍ଦର ହୃତ୍‌ପିଣ୍ଡ ହେଉଛି କଂକ୍ରିଟ। ବିକାଶ କହିଲେ କଂକ୍ରିଟକୈନ୍ଦ୍ରିକ ବିକାଶ କଥା କୁହାଯାଏ। ସେହି କ୍ରମରେ ରାସ୍ତା ବା କୋଠାବାଡ଼ି ନିର୍ମାଣବେଳେ ବହୁ ବୃକ୍ଷକୁ ଆତ୍ମାହୁତି ଦେବାକୁ ପଡ଼େ ଏବଂ ପୂର୍ବ ବ୍ୟବହୃତ ପିଚୁମିଖା ଅବା ସିମେଣ୍ଟ ଜାବୁଡ଼ା ପଥର ଚିପ୍ସଗୁଡ଼ିକୁ ରାସ୍ତାକଡ଼କୁ ଫିଙ୍ଗିଦିଆଯାଏ। ଦୁଃଖର କଥା ଏକଥା କରାଯାଏ ଯେତେବେଳେ ବୃହତ୍ ବୃହତ୍ ବୃକ୍ଷର ପୁନଃ ରୋପଣ ଓ ବ୍ୟବହୃତ ପଥର ଚିପ୍ସର ପୁନର୍ବ୍ୟବହାର କାରିଗରି ଉପଲବ୍ଧ। ଘଟଣାକ୍ରମେ ଥରେ କଲିକତା ଯିବା ବାଟରେ ଖଡ଼ଗପୁର ପାଖାପାଖି ଜାତୀୟ ରାଜପଥର ଏକ ଅଂଶକୁ ଏହି ବିଧିରେ ମରାମତି କରାଯାଉଥାଏ -ଅର୍ଥାତ୍ ରାସ୍ତା ଫାଟି ଢିଲା ହୋଇଯାଇଥିବା ପିଚୁଫଡ଼ାକୁ ଉଠାଇ ଏକ ମେଶିନରେ ପୂରାଇ ତାକୁ ପିଚୁମୁକ୍ତ ତଟକା ପଥର ଚିପ୍ସରେ ପରିଣତ କରି ଆଉ ଏକ ମେଶିନରେ ପିଚୁ ସହ ଗୋଳେଇ ପୁଣି ରାସ୍ତା ଉପରେ ବିଛାଇ ଦିଆଯାଉଥାଏ। ଓଡ଼ିଶାରେ ବୃକ୍ଷଚ୍ଛେଦନ ଓ ପଥରମୁଣ୍ଡାକୁ ଆବର୍ଜନା ଭାବି ଫିଙ୍ଗିଦେବାକୁ ଗୁରୁତ୍ୱ ଦିଆଯାଏ!!

ଆମେରିକା ଓ ଚାଇନା ତାଙ୍କର ପ୍ରାକୃତିକ ସମ୍ବଳମାନ ସାଇତି ରଖି ଅନ୍ୟ ଦେଶରୁ ତାହା ଆମଦାନୀ କରୁଥିଲାବେଳେ ଆମେ ଅବିଚାରିତ ଭାବରେ ଫିଙ୍ଗାଫୋପଡ଼ା ଦରରେ ରପ୍ତାନିକରୁ ବା ସେହି ଢଙ୍ଗରେ ବ୍ୟବହାର କରୁଛୁ। ଦିନ ଆସିବ ପଥର କୋଇଲା ଆମଦାନୀ କଲା ଭଳି ପଥର ଚିପ୍ସ ଓ ବାଲିକୁ ମଧ୍ୟ ଅଷ୍ଟ୍ରେଲିଆରୁ ଆମଦାନୀ କରିବାକୁ ପଡ଼ିବ, କାରଣ ନିର୍ମାଣ ସାମଗ୍ରୀର ସୁସଂହତ ବ୍ୟବହାର ଉପରେ ଏଠି ଗୁରୁତ୍ୱ ଦିଆଯାଏ ନାହିଁ ଅବା ତା'ର ବିକଳ୍ପ ଉପାଦାନ ଖୋଜାଯାଏ ନାହିଁ। ଭୂପୃଷ୍ଠ ପରିବହନ କ୍ଷେତ୍ରରେ ଲେନ୍ ଡ୍ରାଇଭିଂର ପ୍ରଚଳନ ଏତେ ନାହିଁ। କଟକ, ଭୁବନେଶ୍ୱର ମଧ୍ୟରେ ଏହା ହବହବ କହି ହୋଇପାରିଲା ନାହିଁ। ଏଣେ ଲେନ୍ ସଂଖ୍ୟା ବଢ଼ାଅ, କାରଣ ଆମେ ଓଭରଟେକ୍ କରିବୁ ସାମ୍ନା ଗାଡ଼ିକୁ! ଆମକୁ ଖେଳପଡ଼ିଆ ମାପର ରାସ୍ତା ଦରକାର! ଅଥଚ ଆଭ୍ୟନ୍ତରୀଣ ମୁମ୍ବାଇରେ ବେଶ୍ 'ସରୁଲେନ'ରେ ଓଭରଟେକିଂର ଅନୁପସ୍ଥିତି ଯୋଗୁ ଗାଡ଼ିଘୋଡ଼ା ସୁରୁଖୁରରେ ଚାଲେ।

ବିକାଶ ରାସ୍ତାରେ ପ୍ରକୃତି ରୂପରେ ମୁଖ୍ୟତଃ ବଳି ପଡୁଛନ୍ତି ପାହାଡ଼, ନଦୀ, ମୃତ୍ତିକା ଓ ଜଙ୍ଗଲ। ପାହାଡ଼ ଖୋଳି ତା'ର ମୂଳ ତାଡ଼ି ସୃଷ୍ଟିକରାଯାଉଛି କୃତ୍ରିମ ହ୍ରଦ ଯାହା ବିଡ଼ମ୍ବନା କ୍ରମେ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ ହେଉଛି, ଉଦାହରଣ ସ୍ୱରୂପ ବାଲେଶ୍ୱର ମିତ୍ରପୁର ସନ୍ନିକଟ ବୁ ଲେକ୍। ସହର ଆଖପାଖର ଗାଁର ଲୋକେ ସକାଳୁ ଉଠି ଦେଖୁଛନ୍ତି ନିଜ ଜମିରୁ ମାଟି ଉଭାନ୍ ଆଉ କାରଖାନା ନିର୍ମାଣ, ରାସ୍ତା ପ୍ରଶସ୍ତୀକରଣ ଓ ଗୃହ ସାମଗ୍ରୀ ନିର୍ମାଣ ପାଇଁ ବଳିପଡୁଛି ଜଙ୍ଗଲ। ପାହାଡ଼- ନଦୀ-ମାଟି-ଜଙ୍ଗଲ ରହିତ ବିକାଶର ସଂଜ୍ଞା କ'ଣ? ଏହା କ'ଣ ବିନାଶ ନୁହେଁ?

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ: ୯୪୩୭୩୭୬୨୧୯**

## ଚିରନ୍ତନୀ

ଜୀବନ ଗୋଟା ଲୋଡେ କରିବାକୁ ଖେଳନ୍ତୁଟି
ଧରାରେ ଯେଉଁ ହାସ
ବାର ମାସ ଉଠେ ଫୁଟି,
ପ୍ରଦୋଷ ଉଷା ପରେ ଫୁଲେ
ଫୁଲେ ଯାଏ ଲିହି
ଯେ ହାସ ପାଇଁ ତବ
ଅବୟବ ଗଢ଼େ ବିହି ।

-(ମରଣ ପାଳି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବ୍ୟାଙ୍କ କାରବାର ପାଇଁ ଜରୁରୀ କୋଡ୍

ମହାଶୟ,

ବ୍ୟାଙ୍କରେ ଖାତାଟିଏ ଖୋଲିବା ପରେ ସେଥିରୁ ଟଙ୍କା ଦେଣନେଣ କରିବା ପାଇଁ ଆମକୁ ନିଜ ଖାତା ନମ୍ବର, ବ୍ୟାଙ୍କ ଓ ଶାଖାର ନାମ ସହ ଭିନ୍ନ ଭିନ୍ନ ସମୟରେ ବ୍ରାଞ୍ଚ୍ କୋଡ୍ ଓ ଆଇଏଫ୍‌ଏସ୍‌ସି କୋଡ୍ ଆଦି ଲେଖିବା ଦରକାର ହୋଇଥାଏ। ଗୁରୁତ୍ୱପୂର୍ଣ୍ଣ କଥା ସମସ୍ତେ ଜାଣିବା ଉଚିତ, ବ୍ୟାଙ୍କଗୁଡ଼ିକର ବିଭିନ୍ନ ସ୍ଥାନରେ ଏକାଧିକ ଶାଖା ରହିଥିବାରୁ ପ୍ରତ୍ୟେକ ଶାଖାକୁ କୋଡ୍ ଦ୍ୱାରା ଚିହ୍ନିତ କରାଯାଏ। ପ୍ରତ୍ୟେକ ଶାଖାର କୋଡ୍ ସ୍ୱତନ୍ତ୍ର। କୌଣସି ଦୁଇଟି ଶାଖାର ବ୍ରାଞ୍ଚ୍ କୋଡ୍ ସମାନ ହୋଇପାରିବ ନାହିଁ।ସେହିପରି ଆଇଏଫ୍‌ଏସ୍ କୋଡ୍ ଇଣ୍ଡିଆନ ଫାଇନାନ୍ସିଆଲ ସିଷ୍ଟମ କୋଡ୍ ବା ଆଇଏଫ୍‌ଏସ୍‌ସି ନାମରେ ପରିଚିତ ଏହି ଏଗାର ସଂଖ୍ୟାବିଶିଷ୍ଟ କୋଡ୍‌ରେ ଅକ୍ଷର ଓ ଅଙ୍କ ଉଭୟ ଥାଏ। ଏହାର ପ୍ରଥମ ଚାରିଟି ସ୍ଥାନରେ ଥିବା ଚାରିଟି ଅକ୍ଷର ବ୍ୟାଙ୍କର ନାମକୁ ବୁଝାଏ। ଏଣୁ ଏହି କୋଡ୍ ଠିକ୍ ଭାବେ ଲେଖିବା ଜରୁରୀ। ଆଜିକାଲି ଅନେକ ଠକ ଅର୍ଥ ହାତସଫେଇ କରୁଥିବାର ଖବର ପ୍ରକାଶ ପାଉଛି। ତେଣୁ କୌଣସି ପରିସ୍ଥିତିରେ ଆପଣ ଅଜଣା ବ୍ୟକ୍ତିଙ୍କୁ ଆପଣଙ୍କର ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କିଙ୍ଗ୍ ସୂଚନା ଓ ବ୍ୟାଙ୍କିଙ୍ଗ୍ କୋଡ୍ ଦିଅନ୍ତୁ ନାହିଁ।

**-ଡ. ତପନ କୁମାର ପାଳ, ଏସ୍‌ବିଆଇ ଷ୍ଟାଫ୍ କଲୋନି, ଦେଉଳ ସାହି, ତୁଳସୀପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ନାବାଳିକା ବିକ୍ରି ଉଦ୍ୟମ ପଣ୍ଡ**

**ଖଇରା,(ଉତ୍କଳବନ୍ଧୁ ପଣ୍ଡା):** ବାଲେଶ୍ୱର ଜିଲା ଖଇରା ଥାନା ହରିପୁର ପଞ୍ଚାୟତ ଅଧୀନ କଳମଚୁଆ ଗ୍ରାମରେ ଜଣେ ନାବାଳିକାଙ୍କୁ ବିକ୍ରି ପାଇଁ ଉଦ୍ୟମ କରାଯାଉଥିବା ବେଳେ ବାଲେଶ୍ୱର ଚାଇଲ୍ଡ ଲାଇନର ସଦସ୍ୟମାନେ ପହଞ୍ଚି ପଣ୍ଡ କରିଛନ୍ତି। ଏହି ନାବାଳିକାଙ୍କ ଘର ରାୟଗଡା ଜିଲାର କଲ୍ୟାଣସିଂପୁର ଥାନା ଅଞ୍ଚଳରେ। କଳମଗଡିଆ ଗ୍ରାମର ଜଣେ ବ୍ୟକ୍ତି ନାବାଳିକାଙ୍କୁ ଆଣି ଘରେ ରଖି ବିକ୍ରି ପାଇଁ ପ୍ରସ୍ତୁତି ଚଳାଇଥିଲେ। ବୁଧବାର ରାତିରେ ଚାଇଲ୍ଡ ଲାଇନ ଟିମ୍‌ର ସଦସ୍ୟମାନେ ଖଇରା ପୋଲିସ ସହାୟତରେ ଉକ୍ତ ନାବାଳିକାଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରିଛନ୍ତି।

# ସ୍ତ୍ରୀଙ୍କୁ ପଥର ଚଟାଣରେ କଚାଡ଼ି ମାରିଲେ ସ୍ୱାମୀ

## ସ୍ୱାମୀଙ୍କ ଅନ୍ୟ ସ୍ତ୍ରୀ ସହ ସମ୍ପର୍କକୁ ବିରୋଧ କରୁଥିଲେ

ଯାଜପୁରରୋଡ୍,୨୧।୮
(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ୯ନଂ.ୱାର୍ଡର କୋର୍ଟ ପଛପଟ ବିନାୟକ ବିହାର ମହରମ ଛକ ବସ୍ତିରେ ଗୁରୁବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ପଥର ଚଟାଣରେ କଚାଡ଼ି ହତ୍ୟା କରିଛନ୍ତି। ମୃତା ମହିଳା ହେଲେ କିଷାନ ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀ ଦାସ(୩୦)। ଲକ୍ଷ୍ମୀ ତାଙ୍କ ସ୍ୱାମୀଙ୍କ ଅନ୍ୟ ସ୍ତ୍ରୀ ସହ ସମ୍ପର୍କକୁ ବିରୋଧ କରିବାରୁ ଏହି ଘଟଣା ଘଟିଛି। ତେବେ ଲକ୍ଷ୍ମୀଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ କିଷାନ ତାଙ୍କୁ ଏକ ଲୁଗାରେ ଘରେ ଟାଙ୍ଗି ଆତ୍ମହତ୍ୟାର ରୂପଦେବାକୁ ଚେଷ୍ଟା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ଏଥିସହିତ କିଷାନଙ୍କୁ ଅଟକ ରଖି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଆଶିଷ ସାହୁ କହିଛନ୍ତି।

ମହିଳାଙ୍କ ମୃତ୍ୟୁ ସମ୍ପର୍କରେ ସ୍ଥାନୀୟ କାଉନସିଲର ମଣିନ୍ଦ୍ର ସାହୁଙ୍କୁ କିଷାନଙ୍କ ପଡ଼ୋଶୀ ଖବର ଦେଇଥିଲେ। କାଉନସିଲର ସାହୁ ଯାଜପୁରରୋଡ୍ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରିଥିଲା। ଏହାପରେ ତାଙ୍କ ସ୍ୱାମୀ କିଷାନଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲା। କିଷାନ କହିଥିଲେ, ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଲକ୍ଷ୍ମୀ ରାଗିଯାଇ ରାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ ତାଙ୍କ ପଡ଼ୋଶୀମାନେ କହିଥିଲେ, କିଷାନଙ୍କ ଅନ୍ୟ ସ୍ତ୍ରୀ ଲୋକଙ୍କ ସହ ସମ୍ପର୍କ ରହିଛି। ଏହାକୁ ନେଇ ଦମ୍ପତିଙ୍କ ମଧ୍ୟରେ ମାରପିଟ ଲାଗି ରହିଥିଲା। ସକାଳେ ମଧ୍ୟ ଉଭୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଏଥିରେ କିଷାନ ଉତ୍କ୍ଷିପ୍ତ ହୋଇ ଲକ୍ଷ୍ମୀଙ୍କୁ ଟେକିଆଣି ଘର ସମ୍ମୁଖରେ ଥିବା ଏକ ମାଙ୍କଡ଼ା ପଥର ଉପରେ କଚାଡ଼ି ଦେଇଥିଲା। ଫଳରେ ଲକ୍ଷ୍ମୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଅନ୍ୟପକ୍ଷରେ ଲକ୍ଷ୍ମୀଙ୍କୁ ହତ୍ୟା କରାଯାଇଥିବା ତାଙ୍କ ମାଉସୀ ନାଗୁ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ନଂ.୪୮୯/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଛି।

# ଝାରସୁଗୁଡ଼ା ଜିଲା ଦୌରାଜଜ୍ କୋର୍ଟରେ ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ

## ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ମାମଲା

ଝାରସୁଗୁଡ଼ା, ୨୧।୮(ଆଶିଷ ରଞ୍ଜନ ଦାଶ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟା ମାମଲାରେ ଗୁରୁବାର ଝାରସୁଗୁଡ଼ା ଜିଲା ଦୌରାଜଜ୍ କୋର୍ଟରେ ୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସେମାନେ ହେଲେ ମହମ୍ମଦ ଆଲାମ ଓ ସଞ୍ଜୟ କିଷାନ। ଏହି ଘଟଣାର ଅଭିଯୁକ୍ତ ଗୋପାଳ ଦାସଙ୍କ ଓକିଲ ନରେଶ ନାୟକଙ୍କ ସୂଚନା ଅନୁଯାୟୀ, ଗୁରୁବାର ପ୍ରଥମେ ମହମ୍ମଦଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଗୋପାଳଙ୍କ କିଛି ଜିନିଷ ଓ ଝାରସୁଗୁଡ଼ା ରେଳଷ୍ଟେଶନ ନିକଟରେ ଥିବା ଏକ ବାଇକ୍ ପୋଲିସ ଜବତ କରିବା ସମୟରେ ମହମ୍ମଦ ଦେଖିଥିଲେ। ସେହିପରି ସଞ୍ଜୟଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ସେ ଜଣେ କନ୍‌ଷ୍ଟେବଲ୍ ଏବଂ ନବ ଦାସ ହତ୍ୟାକାଣ୍ଡର ଅନ୍ୟତମ ପ୍ରମୁଖ ସାକ୍ଷୀ। ଏହି ହତ୍ୟାକାଣ୍ଡ ପରେ ତାଳପଟିଆ ଆଉଟ୍‌ପୋଷ୍ଟ ଲାଟ୍ରିନ୍ ଟାଙ୍କିରୁ କାଗଜଖଣ୍ଡ ଜବତବେଳେ ସଞ୍ଜୟ ଉପସ୍ଥିତ ଥିଲେ। ସେହିପରି ଉକ୍ତ ହତ୍ୟାକାଣ୍ଡର କ୍ରାଇମ୍‌ସିନ୍ ରିକ୍ରିଏଶନ୍‌ବେଳେ ସଞ୍ଜୟ ଫଟୋ ଉଠାଇବା ସହ ଭିଡିଓଗ୍ରାଫି କରିଥିଲେ। ତେଣୁ ତାଙ୍କର ସାକ୍ଷ୍ୟ ଗ୍ରହଣ ଗୁରୁତ୍ୱପୂର୍ଣ୍ଣ ବୋଲି ଓକିଲ ନାୟକ ସୂଚନା ଦେଇଛନ୍ତି। ଶୁକ୍ରବାର ମଧ୍ୟ ଏହି ହତ୍ୟା ଘଟଣାର ସାକ୍ଷ୍ୟ ଗ୍ରହଣ କରାଯିବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ୨୦୨୩ ଜାନୁଆରୀ ୨୯ରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଗାନ୍ଧୀଛକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ନବ ଦାସ ଯୋଗଦେବାକୁ ଯାଉଥିବାବେଳେ ତାଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଗାନ୍ଧୀଛକ ଫାଣ୍ଡି ଅଧିକାରୀ ଗୋପାଳ ଦାସଙ୍କୁ ଗିରଫ କରାଯାଇଥିଲା। ଘଟଣାସ୍ଥଳରେ ଗୋପାଳ ଗୁଳି ଚଳାଇ ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁକରି ମାଡ଼ ମାରିଥିଲେ।

# ୩ ନାବାଳିକା କନ୍ୟାଙ୍କୁ ଧରି ମହିଳାଙ୍କ ଆତ୍ମାହୁତି ଉଦ୍ୟମ

## ସ୍ୱାମୀଙ୍କ ପରକୀୟା ପ୍ରୀତି ସନ୍ଦେହ

ନିଶ୍ଚିନ୍ତକୋଇଲି,୨୧।୮
(ଅଶୋକ କୁମାର ମହାପାତ୍ର)

ସ୍ୱାମୀଙ୍କ ପରକୀୟା ପ୍ରୀତି ସନ୍ଦେହରେ ୩ଝିଅଙ୍କ ସହ ମା' ଆତ୍ମାହୁତି ଉଦ୍ୟମ କରିଛନ୍ତି। ଗ୍ରାମବାସୀ ସେମାନଙ୍କୁ କାବୁ କରିବା ସହ ମହିଳାଙ୍କୁ ପୋଲିସ ଜିମା ଦେଇଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ଏହିଥାନା ଅଞ୍ଚଳର ଜଣେ ବ୍ୟକ୍ତିଓ ତାଙ୍କ ପଡ଼ୋଶୀ ଦୀର୍ଘଦିନ ହେବ ହାଇଦ୍ରାବାଦର ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ଉଭୟଙ୍କ ସ୍ତ୍ରୀ ଓ ପିଲାଛୁଆ ସେମାନଙ୍କ ଗାଁରେ ରୁହନ୍ତି। ଏପରିସ୍ଥଳେ ପଡ଼ୋଶୀ ସ୍ତ୍ରୀଙ୍କ ସହ ଆତ୍ମହୁତି ଉଦ୍ୟମ କରିଥିବା ମହିଳାଙ୍କ ସ୍ୱାମୀଙ୍କ ପରକୀୟା ପ୍ରୀତି ଥିବା ନେଇ ମହିଳା ଜଣକ ସନ୍ଦେହ କରିଆସୁଥିଲେ। ଗୁରୁବାର ସମ୍ପୃକ୍ତ ବ୍ୟକ୍ତି ହାଇଦ୍ରାବାଦରେ ଥିଲେ ମଧ୍ୟ ଉପରୋକ୍ତ ଘଟଣାକୁ ନେଇ ମାନସିକସ୍ତରରେ ଚିନ୍ତାଗ୍ରସ୍ତ ହୋଇ ତାଙ୍କ ସ୍ତ୍ରୀ ୩ ନାବାଳିକା କନ୍ୟାକୁ ସାଙ୍ଗରେ ନେଇ ଏକ ସ୍କୁଟି ଯୋଗେ ସ୍ଥାନୀୟ ଡିଲରଙ୍କ ଘରକୁ ଯାଇ କିରୋସିନ ଆଣିଥିଲେ। ଏହାପରେ ୩ କନ୍ୟାଙ୍କୁ ସାଥିରେ ନେଇ ସମ୍ପୃକ୍ତା ମହିଳା ତାଙ୍କ ପଡ଼ୋଶୀଙ୍କ ଘର ସମ୍ମୁଖରେ ପହଞ୍ଚି କଳିଝଗଡା କରିଥିଲେ। ଏହି ସମୟରେ ପଡ଼ୋଶୀଙ୍କ ମା'ଙ୍କ ଉପରେ ସମ୍ପୃକ୍ତା ମହିଳା ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିସହ ନିଜର ୩ କନ୍ୟାଙ୍କ ଦେହରେ କିରୋସିନ ଢାଳି ନିଆଁ ଲଗାଇବାକୁ ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ସେଠାରେ ପହଞ୍ଚି ୩ ନାବାଳିକାଙ୍କୁ ନେଇ ତାଙ୍କ ଜେଜେଙ୍କୁ ହସ୍ତାନ୍ତର କରିଛି। ଏଥିସହ ସମ୍ପୃକ୍ତା ମହିଳାଙ୍କୁ ପୋଲିସ ସାଙ୍ଗରେ ନେଇ ଥାନାରେ ତଦନ୍ତ କରିବା ସହ କଟକର ମନସ୍ତତ୍ତ୍ୱ କେନ୍ଦ୍ରରେ ଚିକିତ୍ସା କରାଇଛି। ଏହାପରେ ତାଙ୍କୁ ନେଇ ଘରେ ଛାଡ଼ିଦେଇଛି ବୋଲି ଥାନା ଅଧିକାରୀ ଯୁଗଳ କିଶୋର ଦାସ ସୂଚନା ଦେଇଛନ୍ତି।

# ଟ୍ରାପ୍ କ୍ୟାମେରାରେ ଧରାପଡ଼ିଲେ ୨ ଶିକାରୀ

## ବନ୍ଧୁକ ସହ ମାରଣାସ୍ତ୍ର ଉଦ୍ଧାର

ନୀଳଗିରି, ୨୧।୮(ପ୍ରଶାନ୍ତ ବିଶ୍ୱାଳ)

କୁଳଡ଼ିହା ଅଭୟାରଣ୍ୟ ମଧ୍ୟରେ ଶିକାରୀଙ୍କୁ ଜଗିଥିବା ଟ୍ରାପ କ୍ୟାମେରାରେ ଦୁଇଜଣ ଶିକାରୀଙ୍କୁ ଚିହ୍ନଟ କରି ବନବିଭାଗ ସେମାନଙ୍କୁ ଗିରଫ କରିଛି। ଅଗଷ୍ଟ ୧୫ତାରିଖ କୁଳଡ଼ିହା ବନବିଭାଗ ଦ୍ୱାରା ଅଭୟାରଣ୍ୟ ମଧ୍ୟରେ ରୁଟିନ୍ ଚେକ୍ ସମୟରେ ଟ୍ରାପ୍ କ୍ୟାମେରାରେ ଦୁଇଜଣ ଶିକାରୀ ଅଭୟାରଣ୍ୟ ମଧ୍ୟରେ ରାତି ପ୍ରାୟ ୧୧ଟା ୪୫ ମିନିଟ୍‌ରେ ସନ୍ଦିଗ୍ଧ ଅବସ୍ଥାରେ ନଜର ଆସିଥିଲେ। ପରେ ସେମାନଙ୍କୁ ଚିହ୍ନଟ କଲା ପରେ ଗତ ୧୯ତାରିଖ ସକାଳ ୬ଟା ୧୦ମିନିଟ୍ ସମୟରେ କୁଳଡ଼ିହା ବନବିଭାଗ ଦ୍ୱାରା ବରହମପୁର ଥାନା ନଟାପଡା ଗ୍ରାମର ଦୁଇଭାଇ କାଳନ୍ଦ୍ରୀ ହେମ୍ବ୍ରମ (୨୮) ଏବଂ ଭୁଣ୍ଡା ହେମ୍ବ୍ରମ(୨୫)ଙ୍କୁ ଗିରଫ କରିଛି।



ଗିରଫ ଦୁଇ ଅଭିଯୁକ୍ତ।

ସେମାନଙ୍କ ନିକଟରୁ ଗୋଟିଏ ଗୁଳି ଭର୍ତ୍ତି ବନ୍ଧୁକ(ଯାହା ପରେ ନିରାପତ୍ତା ପାଇଁ ଅକାମୀ କରାଯାଇଛି), ତନଖି ସମୟରେ କାଳନ୍ଦ୍ରିଙ୍କ ଛାତ ଉପରୁ ଗୋଟିଏ କାଣ୍ଡ, ୩ଟି ଧନୁତୀର, ୨ଟି ଜାଲ ଓ ଶିକାର ସରଞ୍ଜାମ ବନବିଭାଗ ଜବତ କରିଛି। ବନ୍ୟଜନ୍ତୁ ନିରାପତ୍ତା ଆଇନ୍ ୧୯୭୨ ଅନୁଯାୟୀ ଗିରଫ କରାଯାଇ ଅଧିକ ତଦନ୍ତ ଚାଲୁ ରହିଥିବା ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

# ଚୋରି ଅଭିଯୋଗରେ ଦମ୍ପତି ଗିରଫ

ଢେଙ୍କିକୋଟ,୨୧।୮(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧୀନସ୍ଥ ଢେଙ୍କିକୋଟ ପଞ୍ଚାୟତ ଟିକିରା ଛେଳିହାଟ ପଡ଼ିଆରୁ ୨ ଲୁଟେରା ଦମ୍ପତିଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ଭଦ୍ରକ ଜିଲା ଧାମରା ପାଇକସାହିର କାଳିଆ ଶବର, ତାଙ୍କ ସ୍ତ୍ରୀ ବର୍ଷା ସିଂହ। ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦ୍ୱୟ ଯାଯାବର ଭଳି ଗାଁ ଗାଁ ବୁଲି ହାତ ରେଖା ଦେଖିବା କାମ କରନ୍ତି। ବୁଧବାର ଦମ୍ପତି ଦ୍ୱୟ ପାଟଣା ବ୍ଲକ୍ ଚିନାମାଳିପଶି ପଞ୍ଚାୟତ ଚିନାମାଳିପଶିର ଲକ୍ଷ୍ମୀପ୍ରିୟା ମହାନ୍ତଙ୍କ ଘରକୁ ଯାଇଥିଲେ। ପରିବାର ଲୋକେ ବିଲକୁ କାମ କରିବାକୁ ଯାଇଥିବା ବେଳେ ଦମ୍ପତି ଘରେ ପଶି ବାକ୍ସରୁ ସୁନା ଚେନ୍, ହଳେ ସୁନା କାନଫୁଲ, ହଳେ ରୁପା ପାଉଁଜି ଚୋରି କରି ଫେରାର ହୋଇଯାଇଥିଲେ। ଲକ୍ଷ୍ମୀପ୍ରିୟା ଘରକୁ ଫେରି ଚୋରି ହୋଇଥିବା ଜାଣି ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କୁ ଜଣାଇଥିଲେ। ପୋଲିସ ତଦନ୍ତ କରି ଗୁରୁବାର ଦମ୍ପତିଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଘଟଗାଁ ପୋଲିସ ଏକ ମାମଲା(ନଂ. ୩୪୯/୨୫) ରୁଜୁ କରି ଦମ୍ପତିଙ୍କୁ କୋର୍ଟଚାଲାଣ କରି ଅଧିକ ତଦନ୍ତ କରୁଥିବା ଢେଙ୍କିକୋଟ୍ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକ ପ୍ରକାଶ କରିଛନ୍ତି।

# ଟାଙ୍ଗିଆରେ ହାଣି ବାପାଙ୍କୁ ହତ୍ୟା



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

## ଟାଙ୍ଗିଆ ଜବତ, ଅଭିଯୁକ୍ତ ଅଟକ

ଦେବଗଡ଼,୨୧।୮
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା କୁଣ୍ଢେଇଗୋଳା ଥାନା ଅଧୀନ ଗୋହିତା-ଜାମୁନାଳୀ ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ବୃଦ୍ଧ ବାପାଙ୍କୁ ଟାଙ୍ଗିଆରେ ହାଣି ପୁଅ ହତ୍ୟା କରିଛନ୍ତି। ମୃତକ ହେଲେ ବୁଧୁ କିଷାନ। ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିବା ସହ ଅଭିଯୁକ୍ତ ପୁଅ ଦୁଃଖବନ୍ଧୁ କିଷାନଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ଘରେ କେହି ନ ଥିବାବେଳେ ବୁଧୁ ଏବଂ ଦୁଃଖବନ୍ଧୁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଦୁଃଖବନ୍ଧୁ ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ବାପାଙ୍କୁ ହାଣି ହତ୍ୟା କରିଥିଲେ। ପରେ ଘର ପଛପଟ ଏକ ଗାତ ଭିତରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ପରିବାର ଲୋକେ ଫେରିବା ପରେ ଘର ଭିତରେ ରକ୍ତଛିଟା ପଡିଥିବା ଦେଖିଥିଲେ। ଏହାପରେ ବୁଧୁଙ୍କୁ ଖୋଜାଖୋଜି କରି ପାଇ ନ ଥିଲେ। ରକ୍ତଛିଟା ବାରିରେ ପଡିଥିବା ଦେଖି ସେମାନେ ପୋଲିସକୁ ଖବର ଦେଇଥିଲେ। ଗୁରୁବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଛି। ଏନେଇ ଦୁଃଖବନ୍ଧୁଙ୍କ ଭଉଣୀ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା(ନଂ.୧୮୬/୨୫) ରୁଜୁ କରିଛି। ପ୍ରାଥମିକ ତଦନ୍ତରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଥିବା ଆଇଆଇସି ଜୋହନ କୁଜୁର୍ କହିଛନ୍ତି।

# ୨ ଛାତ୍ରୀଙ୍କୁ ଅସଦାଚରଣ: ପ୍ରଧାନଶିକ୍ଷକ ଗିରଫ

ଝାରସୁଗୁଡ଼ା, ୨୧।୮
(ଆଶିଷ ରଞ୍ଜନ ଦାଶ)

ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ବନହରପାଲି ପୋଲିସ ଏକ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଗୁରୁବାର ଗିରଫ କରିଛି। ସେ ହେଲେ ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳରେ ଥିବା ଏକ ଆଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଅଜୟ ବେହେରା। ସୂଚନା ଅନୁଯାୟୀ, ଅଜୟ ନିୟମିତ ଭାବେ ଅଷ୍ଟମ, ନବମ, ଦଶମ ଶ୍ରେଣୀ ଛାତ୍ରୀଙ୍କ କୋଠରି ଏବଂ ଗାଧୁଆ ଘରକୁ ଯାଇ ସେମାନଙ୍କୁ ଦୁର୍ବ୍ୟବହାର କରିଆସୁଥିଲେ। ବୁଧବାର ୨ ଜଣ ଛାତ୍ରୀଙ୍କୁ ଅଜୟ ଅସଦାଚରଣ କରିଥିଲେ। ଏନେଇ ସେମାନେ ଲଖନପୁର ବ୍ଲକର ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ରାଉଡ଼ିଆଙ୍କୁ ଜଣାଇଥିଲେ। ପରେ ଜ୍ୟୋତ୍ସ୍ନା ଘଟଣା ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରିଣୀ ପୁଣ୍ୟବତୀ ହେଲେନ୍ ଖେସ୍‌ଙ୍କୁ ଅବଗତ କରିଥିଲେ। ପୁଣ୍ୟବତୀଙ୍କ ନିର୍ଦ୍ଦେଶକ୍ରମେ ଜ୍ୟୋତ୍ସ୍ନା ବନହରପାଲି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା(ନଂ.୧୭୧/୨୫) ରୁଜୁ କରିଥିଲା। ଶୁକ୍ରବାର ଅଜୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ରଞ୍ଜିତ୍ ନାଇକ ସୂଚନା ଦେଇଛନ୍ତି।

# ସ୍ତ୍ରୀଙ୍କୁ ପିଟି ହତ୍ୟାକଲେ ସ୍ୱାମୀ

ଚଣ୍ଡିଖୋଲ/ଛତିଆ/ବଡ଼ଚଣା,୨୧।୮
(ପ୍ରଦୀପ୍ତ କୁମାର ପୃଷ୍ଟି/ସୌମ୍ୟରଞ୍ଜନ ସାହୁ/ଦିଲୀପ କୁମାର ମହାନ୍ତି)

ଯାଜପୁର ଜିଲା ବୈରୀ ଥାନା ଶାଳପଡ଼ା ପଞ୍ଚାୟତ ବାଉଁଶମୂଳୀ ଗ୍ରାମରେ ଗୁରୁବାର ଏକ ହତ୍ୟାକାଣ୍ଡ ଘଟିଛି। ଚରିତ୍ରକୁ ସନ୍ଦେହକରି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ପିଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ଗ୍ରାମର ସୁରେଶ ମଲ୍ଲିକଙ୍କ ସ୍ତ୍ରୀ ପିଙ୍କି ମଲ୍ଲିକ ଓରଫ୍ ଚୁନି(୩୦)। ଘଟଣା ସମ୍ପର୍କରେ ଖବର ପାଇବା ପରେ ଥାନା ଅଧିକାରୀ ଅଂଶୁମାଳା ଦାସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏହାପରେ ସୁରେଶଙ୍କୁ ଗିରଫ କରିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

ସୂଚନା ମୁତାବକ, ପୂର୍ବରୁ ଦମ୍ପତିଙ୍କ ମଧ୍ୟରେ ବାରମ୍ବାର ଝଗଡ଼ା ହେଉଥିଲା। ସୁରେଶ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିବାରୁ ୭ ଦିନ କିମ୍ବା ୧୫ ଦିନରେ ଥରେ ଘରକୁ ଆସୁଥିଲେ। ଗୁରୁବାର ସକାଳେ ସୁରେଶ ଗାଁ ବୁଲି ଘରକୁ ଫେରିବାବେଳକୁ ପିଙ୍କି ନ ଥିଲେ। ସେ ଡାକିବାରୁ ପିଙ୍କି ବାରିପଟୁ ବାହାରି ଆସିଥିଲେ। ଏହାପରେ ପିଙ୍କିଙ୍କ ଚରିତ୍ରକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହି ସମୟରେ ଘର ବାରଣ୍ଡାରେ ପଡ଼ିଥିବା ଏକ ଲୁହାପାଇପ ସାହାଯ୍ୟରେ ସୁରେଶ ପିଙ୍କିଙ୍କୁ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଏହାଦେଖି ସୁରେଶ ନିଜ ମୁଣ୍ଡକୁ କାନ୍ଥରେ ପିଟି ଫଟାଇ ଦେଇଥିଲେ। ଏନେଇ ଥାନାରେ ନଂ.୧୮୬/୨୫ ରେ ଏକ ମାମଲା ରୁଜୁ ହୋଇଛି।

# ନାବାଳିକାଙ୍କୁ ଅପହରଣ, ବଳାତ୍କାର ମାମଲା: ଦୋଷୀଙ୍କୁ ୨୦ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)

ବାଲିପାଟଣା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରି ବଳାତ୍କାର ମାମଲାରେ ଭୁବନେଶ୍ୱର ଆଡ୍ ହକ୍ ଅତିରିକ୍ତ ଦୌରା ଜଜ୍ ତଥା ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ (ପୋକ୍ସ) ଗୁରୁବାର ରାୟ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅଞ୍ଚଳର ଅଭିଯୁକ୍ତ ବିଶ୍ୱଜିତ ସେଠୀ ଓରଫ ଟିକୁନ (୨୪)ଙ୍କୁ ବିଚାରପତି ସରୋଜ କୁମାର ସାହୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଥିବା ବେଳେ ଅନାଦେୟ କ୍ଷେତ୍ରରେ ଅଧିକ ୩ମାସ ଜେଲରେ ରହିବାକୁ ହେବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୨ ଜାନୁଆରୀ ୧୪ ଦିନ ପ୍ରାୟ ୧୨ଟାରେ ୯ବର୍ଷର ପୀଡ଼ିତା ନାବାଳିକା ତାଙ୍କ ଘର ପଛପାର୍ଶ୍ୱରେ ଥିବା ନଳକୂପକୁ ଗାଧୋଇବାକୁ ଯାଉଥିଲେ। ସେହି ସମୟରେ ଅଭିଯୁକ୍ତ ଟିକୁନ ପୀଡ଼ିତାଙ୍କ ପାଟି ବନ୍ଦ କରି ବଳପୂର୍ବକ ଉଠାଇ ନେଇ ନିକଟସ୍ଥ ଏକ ସ୍ଥାନରେ ବଳାତ୍କାର କରିଥିଲେ। ନାବାଳିକ ଜଣକ କିଛି ସମୟ ପରେ କାନ୍ଦି କାନ୍ଦି ଘରକୁ ଫେରି ଘଟଣା ବିଷୟରେ ତାଙ୍କ ବାପାଙ୍କୁ ଜଣାଇଥିଲେ। ଯନ୍ତ୍ରଣା ହେବାରୁ ପୀଡିତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ପରେ ଅଧିକ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ଯାଇଥିଲେ। ଏନେଇ ପୀଡ଼ିତାଙ୍କ ବାପାଙ୍କ ପକ୍ଷରୁ ଏତଲାକ୍ରମେ ବାଲିପାଟଣା ପୋଲିସ ମାମଲା (ନଂ.୧୧/୨୦୨୨) ରୁଜୁ କରି ତଦନ୍ତ କରିଥିଲା। ପୋଲିସ ଟିକୁନଙ୍କୁ ଗିରଫ କରିବା ପରେ ସେ ଜେଲ ଯାଇଥିଲେ। ଏହି ଘଟଣାରେ ଫେବୃଆରୀ ୧୪ରେ ପୋଲିସ ପୋକ୍ସ ଆକ୍ଟର ଧାରା ୬ ଓ ଆଇପି ଦଫା ୩୭୬(୨)(ଏମ୍) ଓ ୩୭୬ଏବି ଅନୁଯାୟୀ ଚାର୍ଜଶିଟ୍ ଦାଖଲ କରିଥିଲା। କୋର୍ଟ ୧୬ଜଣଙ୍କ ସାକ୍ଷ୍ୟ ଓ ୬୦ଟି ପ୍ରଯୁଜ୍ୟ ଦସ୍ତାବିଜକୁ ଆଧାର କରି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ସାସ୍ମଲ ଓ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ବଳରାମ ଦେଓ ମାମଲା ପରିଚାଳନା କରୁଥିଲେ।

# ୫ ମାଓବାଦୀ ଗିରଫ



ଗିରଫ ମାଓବାଦୀ।

ମାଲକାନଗିରି,୨୧।୮(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ବିଜାପୁର ପୋଲିସ ୫ ମାଓବାଦୀଙ୍କୁ ଗିରଫ କରିଛି। ବିଜାପୁର ଡିଆରଜି ଓ ଭେରମଗଡ଼ ପୋଲିସ ମିଳିତ ଭାବେ ମାଡ୍ର ବଂଗୋଲୀ, ସତବା, ବେଲନାର, ମରକାପାଲ ଓ ଘୋଟପାଲ ଅଞ୍ଚଳରେ କୋମ୍ବିଂ କରୁଥିବା ବେଳେ ବଂଗୋଲୀ ଗ୍ରାମ ନିକଟ ଜଙ୍ଗଲରେ ୫ ମାଓବାଦୀ ବିସ୍ଫୋଟକ ସାମଗ୍ରୀ ସହ ଥିବା ଦେଖି ଗିରଫ କରିଥିଲେ। ଗିରଫଙ୍କ ମଧ୍ୟରୁ ୩ ଲକ୍ଷ ପୁରସ୍କାର ଘୋଷିତ ମାହରୁ ଯାଦବ ଓରଫ ସଗନୁ, ୧ ଲକ୍ଷ ପୁରସ୍କାର ଘୋଷିତ ଲଖୁ ଫରସା, ବୁଧରାମ କବାସୀ, ସୁଖରାମ ହେମଲା ଓରଫ ଜୟରାମ ଓ ସୀତାରାମ ଡୋଡି ରହିଛନ୍ତି। ଗୁରୁବାର ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏମାନଙ୍କ ନିକଟରୁ ଟିଫିନ୍ ବୋମା, କଡେକ୍ସ ତାର, ବିଦ୍ୟୁତ୍ ତାର, ବ୍ୟାଟେରି, ଶାବଳ ଓ ବନ୍ଧୁକ ସହ ଅନ୍ୟାନ୍ୟ ବିସ୍ଫୋଟକ ସାମଗ୍ରୀ ଜବତ କରିଥିଲେ।

# ଅଭିଯୁକ୍ତ ଭଡ଼ାଟିଆ, ବଣିଆ ଗିରଫ

## ବରିଷ୍ଠ ମହିଳାଙ୍କ ଘରୁ ଚୋରି ଘଟଣା

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)

ଜଣେ ବରିଷ୍ଠ ମହିଳାଙ୍କ ଘରୁ ଚୋରି କରିବା ଅଭିଯୋଗରେ ଅଭିଯୁକ୍ତ ଭଡ଼ାଟିଆ ଓ ସହଯୋଗୀ ବଣିଆଙ୍କୁ ବଡ଼ଗଡ ଥାନା ପୋଲିସ ଗୁରୁବାର ଗିରଫ କରିଛି। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ ଜଗତ୍‌ସିଂପୁର ଜିଲା ରଘୁନାଥପୁର ଅଞ୍ଚଳର ସ୍ମୃତିକାନ୍ତ ନାୟକ ଓରଫ ପିକୁ (୩୦) ଓ ତାଙ୍କ ସହଯୋଗୀ କଟକ ମଙ୍ଗଳାବାଗ ବଣିଆଗଳିରେ ଥିବା ମନୋଜ ଜୁଏଲେରୀ ୱାର୍କଶପ୍‌ର ମାଲିକ ମନୋଜ କୁମାର ରାଣା (୪୦)। ସେମାନଙ୍କଠାରୁ ୩୦ ହଜାର ଟଙ୍କା, ୨ଟି ସୁନା ଚେନ ଓ ୩ଟି ସୁନା ମୁଦି ଜବତ ହୋଇଛି। କୋର୍ଟଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଜ୍ୟୋତ୍ସ୍ନା ଦେଈ (୭୫) ଶିବନଗରର ପ୍ଲଟ୍ ନଂ.ଏସ୍‌ଏନ୍-୧୬ସ୍ଥିତ ଘରେ ଏକୁଟିଆ ରୁହନ୍ତି। ସ୍ମୃତିକାନ୍ତ ତାଙ୍କ କୋଠାର ତଳମହଲାରେ ପରିବାର ସହ ଦୁଇବର୍ଷ ହେବ ଭଡାଟିଆ ଭାବେ ରହୁଥିଲେ। ଜ୍ୟୋତ୍ସ୍ନା ଏକା ରହୁଥିବାରୁ ଏହାର ସୁଯୋଗ ନେଇ ସ୍ମୃତିକାନ୍ତ ବିଭିନ୍ନ ସମୟରେ ତାଙ୍କ ଘରୁ ଚୋରି କରୁଥିଲେ। ଜୁନ ୧୮ରେ ସେ ଜ୍ୟୋତ୍ସ୍ନାଙ୍କ ଆଲମିରାରୁ ଦୁଇଟି ସୁନାଚେନ୍ ଏବଂ ୩ଟି ସୁନା ମୁଦି ଚୋରି କରିନେଇଥିଲେ। ପୂର୍ବରୁ ତାଙ୍କ ଭ୍ୟାନିଟି ବ୍ୟାଗରୁ ୩୦ ହଜାର ଟଙ୍କା ମଧ୍ୟ ଚୋରି କରିଥିଲେ। ମଙ୍ଗଳବାର ଜ୍ୟୋତ୍ସ୍ନା ତାଙ୍କ ମୁଖ୍ୟ କବାଟ ବନ୍ଦ କରି ଛାତ ଉପରେ ଥିବା ଠାକୁର ଘରକୁ ଯିବାବେଳେ ସ୍ମୃତିକାନ୍ତ ତାଙ୍କ ଘରେ ଲୁଚିଥିବା ଦେଖି ସେ ହିଁ ଏସବୁ ଚୋରି କରୁଥିବା ସନ୍ଦେହ କରିଥିଲେ। ଏନେଇ ଜୋତ୍ସ୍ନାଙ୍କ ଏତଲାକ୍ରମେ ପୋଲିସ ମାମଲା (ନଂ.୪୬୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ତେବେ ସ୍ମୃତିକାନ୍ତ ଗିରଫ ହେବା ପରେ ଚୋରି ସୁନାକୁ ବଣିଆ ମନୋଜଙ୍କୁ ଦେଇଥିବା କହିବା ପରେ ତାଙ୍କୁ ମଧ୍ୟ ଗିରଫ କରିଥିଲା ପୋଲିସ।



ଗିରଫ ସ୍ମୃତିକାନ୍ତ ନାୟକ ଓ ବଣିଆ ମନୋଜ କୁମାର ରାଣା।

# ୨୯ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୧।୮
(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ଦାନ୍ତେୱାଡା ଓ ନାରାୟଣପୁର ଜିଲାରେ ୫୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ୨୯ ମାଓବାଦୀ ଗୁରୁବାର ଆତ୍ମସମର୍ପଣ କରିଛନ୍ତି। ନାରାୟଣପୁର ଜିଲା ପୋଲିସ ନିକଟରେ ୮ ଜଣ ଆତ୍ମସମର୍ପଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୬ ପୁରୁଷ ଓ ୨ ମହିଳା ରହିଛନ୍ତି। ଏମାନଙ୍କ ଉପରେ ୩୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିବା ବେଳେ ଦାନ୍ତେୱାଡା ଜିଲାରେ ୨୧ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୩ ଜଣଙ୍କ ନାମରେ ୨୫ ଲକ୍ଷର ପୁରସ୍କାର ଘୋଷଣା କରାଯାଇଛି। ଏଥିରେ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ କେୟେ ଓରଫ କେସା ଲେକାମ ମଧ୍ୟ ସାମିଲ ଅଛନ୍ତି। ଆତ୍ମସମର୍ପଣ କରିଥିବା ସମସ୍ତଙ୍କୁ ସରକାରଙ୍କ ତରଫରୁ ପୁନର୍ବାସ ନୀତି ଅନୁଯାୟୀ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରାଯାଇଛି।



ଆତ୍ମସମର୍ପଣ କରିଥିବା ମାଓବାଦୀ।

ମାଓବାଦୀମାନେ କହିଛନ୍ତି, ବର୍ତ୍ତମାନ ସଂଗଠନ ଭୁଶୁଡ଼ିଯାଇଥିବା ବେଳେ ପୂର୍ବ ଆଦର୍ଶ ନ ଥିବା, ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଯବାନମାନଙ୍କ କ୍ୟାମ୍ପ ପ୍ରତିଷ୍ଠା, ଛତିଶଗଡ଼ରେ ଉନ୍ନୟନମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଏମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତଙ୍କୁ ସୁବିଧା ସୁଯୋଗ ଯୋଗାଇଦିଆଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

# ହସ୍ପିଟାଲରେ ଆତଙ୍କ ଖେଳାଇ ୫ ଗିରଫ

ଭୁବନେଶ୍ୱର,୨୧।୮(ସତ୍ୟଜିତ୍ ରାଉତ)

କେୟାର ହସ୍ପିଟାଲରେ ସିକ୍ୟୁରିଟି ଗାର୍ଡଙ୍କୁ ଆକ୍ରମଣ ଓ ହସ୍ପିଟାଲ କର୍ମଚାରୀଙ୍କୁ ଗାଳିଗୁଲଜ ସହ ଭଙ୍ଗାରୁଜା ହୋଇଛି। ବୁଧବାର ରାତିରେ ଘଟିଥିବା ଏହି ଘଟଣାରେ ମୈତ୍ରୀବିହାର ଥାନା ପୋଲିସ ୫ଜଣଙ୍କୁ ଗୁରୁବାର ଗିରଫ କରିଛି। ସେମାନେ ହେଲେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ହାଉସିଂବୋର୍ଡ କଲୋନୀରେ ରହୁଥିବା ବିହାରର ରାମ ରତନ ଯାଦବ (୨୫), କେଶୁରାରେ ରହୁଥିବା ସୁନୀଲ ଯାଦବ (୩୦), ସାଲିଆ ସାହିରେ ରହୁଥିବା ରାଜେଶ ଯାଦବ (୩୦), ଗୌତମ କୁମାର (୪୦) ଓ ପ୍ରଶାନ୍ତି ବିହାରରେ ରହୁଥିବା ସଞ୍ଜୟ ଯାଦବ (୪୦)। ଆକ୍ରମଣରେ ବ୍ୟବହୃତ ପ୍ଲାଷ୍ଟିକ୍ ପାଇପ ଓ ଆଲୁମିନିୟମ ପାଇପ ଜବତ ହୋଇଛି। କୋର୍ଟଚାଲାଣ ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଗିରଫ ୫ ଅଭିଯୁକ୍ତ।

ପୋଲିସ ସୂଚନା ଅନୁଯାୟୀ, ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଶୈଳେନ୍ଦ୍ର ଯାଦବ ନାମକ ଜଣେ ବ୍ୟକ୍ତିଙ୍କର ବୁଧବାର ରାତି ପ୍ରାୟ ୮ଟା ୧୫ରେ ମୃତ୍ୟୁ ହୋଇଥିଲା। ବିଲ୍ ବାକି ଥିବାରୁ ହସ୍ପିଟାଲ କର୍ତ୍ତୃପକ୍ଷ ମୃତଦେହ ହସ୍ତାନ୍ତର କରିବାକୁ ବାରଣ କରିଥିଲେ। ମୃତକଙ୍କ ସମ୍ପର୍କୀୟମାନେ ଏନେଇ ହସ୍ପିଟାଲ ପରିଚାଳନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରୁଥିଲେ। ସେହି ସମୟରେ ୨୦ରୁ ୨୫ଜଣ ବ୍ୟକ୍ତି ଉତ୍ତେଜିତ ହୋଇ ହସ୍ପିଟାଲ ପରିସରେ ବଳପୂର୍ବକ ପଶିଥିଲେ। ସେମାନେ ସୁରକ୍ଷାକର୍ମୀଙ୍କୁ ଆକ୍ରମଣ ଓ ଭଙ୍ଗାରୁଜା କରିବା ସହ ଆତଙ୍କ ଖେଳାଇଥିଲେ। ଆକ୍ରମଣରେ ସୁରକ୍ଷାକର୍ମୀ ପ୍ରଦୀପ ଜେନା, ସୌମ୍ୟକାନ୍ତ ସାହୁ, ଦିଲୀପ ରାଉତରାୟ ଏବଂ କୁଳମଣି ନାୟକ ଆହତ ହୋଇଥିଲେ। ଏନେଇ ସିକ୍ୟୁରିଟି ସଂସ୍ଥାର ଶାଖା ମୁଖ୍ୟ ସରୋଜ କୁମାର ସ୍ୱାଇଁଙ୍କ ଏତଲାକୁ ଭିତ୍ତିକରି ମୈତ୍ରିବିହାର ଥାନା ପୋଲିସ ମାମଲା (ନଂ.୩୩୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ପଦକ୍ଷେପ ଗ୍ରହଣ କରିଛି।

# ସାଲିମା ଅଧିନାୟିକା, ଓଡ଼ିଶାରୁ ସୁନେଲିତା

**ନୂଆଦିଲ୍ଲୀ, ୨୧।୮ (ପି.ଟି.)**

**ଏସିଆ କପ୍ ମହିଳା ହକି**

ଚାଇନାର ହାଙ୍ଗଝୋଠାରେ ସେପ୍ଟେମ୍ବର ୫ରୁ ୧୪ ପର୍ଯ୍ୟନ୍ତ ହେବାକୁଥିବା ଏସିଆ କପ୍ ମହିଳା ହକି ପ୍ରତିଯୋଗିତା ପାଇଁ ଗୁରୁବାର ୨୦ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଦଳରେ ଓଡ଼ିଶାର ଖେଳାଳି ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ପୁରୁଖା ମିଡ୍ଫିଲ୍ଡର ସାଲିମା ଟେଟେ ଅଧିନାୟିକା ପଦ ବଜାୟ ରଖିଛନ୍ତି। ଚାମ୍ପିୟନ ଦଳ ଏଫ୍ଆଇଏଚ୍ ୨୦୨୬ ମହିଳା ହକି ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ କରିବାକୁ ଥିବାରୁ



ସାଲିମା ଟେଟେ

ଏହି ଟୁର୍ନାମେଣ୍ଟର ଗୁରୁତ୍ୱ ରହିଛି। ଭାରତ ପୁଲ୍ 'ବି'ରେ ଜାପାନ, ଥାଇଲାଣ୍ଡ ଓ ସିଙ୍ଗାପୁର ସହିତ ସ୍ଥାନ ପାଇଛି। ଦଳ ସେପ୍ଟେମ୍ବର ୫ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଏହାର ଅନ୍ତିମ ପୁଲ୍ ପର୍ଯ୍ୟାୟ ମ୍ୟାଚ ସେପ୍ଟେମ୍ବର ୮ରେ ସିଙ୍ଗାପୁର ବିପକ୍ଷରେ ଖେଳିବ। ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ କହିଛନ୍ତି, ହାଙ୍ଗଝୋ ମହିଳା ଏସିଆ କପ୍ ପାଇଁ ମନୋନୀତ ହୋଇଥିବାରୁ ଦଳ ଉତ୍ସାହିତ ଅଛି। ୨୩ ବର୍ଷୀୟା ସାଲିମା ଦଳର ଜଣେ ପ୍ରମୁଖ ଖେଳାଳି। ଗତ ବର୍ଷ ମଧ୍ୟ ସେ ଦଳର ନେତୃତ୍ୱ ନେଇଥିଲେ। ଉଭୟ ଅଭିଜ୍ଞ ଓ ଯୁବ ପ୍ରତିଭା ଖେଳାଳିଙ୍କୁ ନେଇ ଦଳ ବେଶ୍ ସନ୍ତୁଳିତ। ଟୁର୍ନାମେଣ୍ଟ ପାଇଁ ଦଳ ନିଜକୁ ଭଲରୂପେ ପ୍ରସ୍ତୁତ କରିଛି। ଟୁର୍ନାମେଣ୍ଟରେ ଦଳ ଆକ୍ରମଣାତ୍ମକ ଓ ଶୃଙ୍ଖଳିତ ହକି ଖେଳିବ। **ମହିଳା ଏସିଆ କପ୍ ପାଇଁ ଭାରତୀୟ ଦଳ:** ଗୋଲକିପର: ବନସାରୀ ସୋଲାଙ୍କି, ବିଚୁ ଦେବି ଖରିବାମ୍; ଡିଫେଣ୍ଡର ମନୀଷା ଚୌହାନ, ଉଦିତା, ଜ୍ୟୋତି, ସୁମନ ଦେବୀ ଥୋଦମ, ନିକ୍କି ପ୍ରଧାନ, ଇଶିକା ଚୌଧାରୀ। ମିଡ୍ଫିଲ୍ଡର: ନେହା, ବୈଷ୍ଣବୀ ଭିଠାଲ ଫାଲ୍କେ, ସାଲିମା ଟେଟେ, ଶର୍ମିଳା ଦେବୀ, ଲାଲ୍ରେମ୍ସିଆମି, ସୁନେଲିତା ଟେପ୍ପୋ। ଫରୱାର୍ଡ: ନବନୀତ କୌର, ଋତାଜା ଦାଦାସୋ ପିସାଲ, ବ୍ୟୁଟି ଡୁଙ୍ଗଡଙ୍ଗ, ମମ୍ତାଜ ଖାନ୍, ଦୀପିକା ଓ ସଙ୍ଗୀତା କୁମାରୀ।

# ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ

**ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)**

ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନ ଆନୁକୂଲ୍ୟରେ ୬ଷ୍ଠ ରାଜ୍ୟ ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତାର ଦଳଗତ ଇଭେଣ୍ଟ ଗୁରୁବାର କଟକ ସିଡିଏସ୍ଥିତ ବିଜୁପଟ୍ଟନାୟକ ଇନ୍ଡୋର ହଲ୍ରେ ଶେଷ ହୋଇଛି। ଏହାର ସିନିୟର ବାଳିକା ଫାଇନାଲରେ ଷ୍ଟିୱାର୍ଟ ସ୍କୁଲକୁ ୩-୦ରେ ହରାଇ ଗୁରୁ ନାନକ ପବ୍ଲିକ୍ ସ୍କୁଲ ଏବଂ ସିନିୟର ବାଳକରେ ଖ୍ରୀଷ୍ଟ କଲିଜିଏଟକୁ ୩-୦ରେ ପରାସ୍ତ କରି ଭୁବନେଶ୍ୱର କେଭି-୧ ଚାମ୍ପିୟନ ହୋଇଛି। ଜୁନିୟର ବାଳକରେ ଡିପିଏସ୍ କଳିଙ୍ଗାକୁ ୩-୧ରେ ହରାଇ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ଏବଂ ଜୁନିୟର ବାଳିକାରେ ପୁରୀ ଜିଲା ସ୍କୁଲକୁ ୩-୧ରେ ପରାସ୍ତ କରି କଟକ ସିଡିଏ ଡିଏଭି ପବ୍ଲିକ୍ ସ୍କୁଲ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ପ୍ରତିଯୋଗିତାରେ ୬୬ ସ୍କୁଲର ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଥିଲେ। ୟଙ୍ଗ ଜେନେରେଶନ ଟେବୁଲ ଟେନିସ ଆସୋସିଏଶନ (ୱାଇଜିଟିଟିଏ) ଆନୁକୂଲ୍ୟରେ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତା ୨୨ରୁ ୨୪ ପର୍ଯ୍ୟନ୍ତ ଖେଳାଯିବ।




ସିନିୟର ବାଳିକା ବିଭାଗ ଚାମ୍ପିୟନ
ଗୁରୁ ନାନକ ପବ୍ଲିକ୍ ସ୍କୁଲର ଶ୍ୱେତା ବର୍ମା ଓ ଉର୍ଜା ବର୍ମା।

# ଫାଇନାଲରେ ଇଷ୍ଟ ଜୋନ



ବାସନ୍ତୀ ହାଂସଦା।

**ଭୁବନେଶ୍ୱର,୨୧।୮ (ଅନାଦି କର)**

**ଆନ୍ତଃ ଜୋନ ମହିଳା ଟି୨୦ କ୍ରିକେଟ୍**

ଚଳିତ ଆନ୍ତଃ ଜୋନ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ୍ ଟୁର୍ନାମେଣ୍ଟରେ ଇଷ୍ଟ ଜୋନ କ୍ରମାଗତ ୩ୟ ବିଜୟ ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନର୍ଥ ଜୋନ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୨୫ ରନ କରିଥିଲା। ଇଷ୍ଟ ଜୋନ ପାଇଁ ଝିଲି ଜେନା ୧ ଉଇକେଟ ନେଇଥିବା ବେଳେ ୫ ବ୍ୟାଟର ରନଆଉଟ୍ ହୋଇଥିଲେ। ଇଷ୍ଟ ଜୋନ ୧୨.୩ ଓଭରରେ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳ ଲାଗି ବାସନ୍ତୀ ହାଂସଦା ୬୧ ଓ ଜମୁନା ରାଣୀ ଟୁଡୁ ୨୬ ରନ କରିଥିଲେ। ବାସନ୍ତୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅନ୍ୟ ଏକ ମ୍ୟାଚ୍ରେ ସାଉଥ୍ ଜୋନକୁ ହରାଇ ୱେଷ୍ଟ ଜୋନ ଫାଇନାଲରେ ପ୍ରବେଶ କରିଛି।




ବିହାରର ରାଜଗିର ହକି ଷ୍ଟାଡିୟମରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ପୁରୁଷ ଏସିଆ କପ୍ ହକି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଗୌରବ ଯାତ୍ରାର ଅଂଶବିଶେଷ ସ୍ୱରୂପ ଏସିଆ କପ୍ ଟ୍ରଫି ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛି। ଟ୍ରଫିକୁ ସ୍ୱାଗତ ଅବସରରେ କଳିଙ୍ଗ ଷ୍ଟାଡିୟମରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ସହ ରାଜ୍ୟ କ୍ରୀଡ଼ା ବିଭାଗ କର୍ମକର୍ତ୍ତା ଓ ଖେଳାଳିମାନେ।

# ଭାରତ-ପାକିସ୍ତାନ ମ୍ୟାଚ୍ ହେବ

**ନୂଆଦିଲ୍ଲୀ,୨୧।୮ (ପି.ଟି.):** ଆସନ୍ତା ୧୪ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏସିଆ କପ୍ ଟି୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ। ପହଲଗାମ ଆକ୍ରମଣ ଓ ଅପରେଶନ ସିନ୍ଦୂର କାରଣରୁ ଏହି ମ୍ୟାଚ୍କୁ ନେଇ ଅନିଶ୍ଚିତତା ଲାଗି ରହିଥିଲା। କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ଉନ୍ମୋଚିତ କରାଯାଇଥିବା ଭାରତର ଅନ୍ତର୍ଜାତୀୟ କାର୍ଯ୍ୟ ସମ୍ପର୍କୀତ ନୂଆ ନୀତିରେ ପାକିସ୍ତାନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ନୀତି ଭାରତୀୟ ଆଥ୍ଲେଟଙ୍କୁ ପାକିସ୍ତାନ ଟ୍ରାଭେଲ କରିବାକୁ ବାରଣ କରିବା ସହ ପଡ଼ୋଶୀ ଦେଶର କ୍ରୀଡ଼ାବିତ୍ଙ୍କୁ ଦ୍ୱିପାକ୍ଷୀକ ପ୍ରତିଯୋଗିତା ଲାଗି ଭାରତ ଆସିବା ଉପରେ କଟକଣା ଜାରି କରିଛି। ଦ୍ୱିପାକ୍ଷୀକ ସ୍ପୋର୍ଟିଂ ଇଭେଣ୍ଟ କ୍ଷେତ୍ରରେ ପାକିସ୍ତାନରେ ହେଉଥିବା ପ୍ରତିଯୋଗିତାରେ ଭାରତୀୟ ଦଳ ଅଂଶଗ୍ରହଣ କରିବ ନାହିଁ। ସେହିଭଳି ଭାରତରେ ପାକିସ୍ତାନ ଦଳକୁ ଖେଳିବାକୁ ଅନୁମତି ମିଳିବ ନାହିଁ। କିନ୍ତୁ ଭାରତୀୟ କ୍ରିକେଟ୍ ଦଳକୁ ଏସିଆ କପ୍ରେ ଭାଗ ନେବାରୁ ରୋକାଯିବ ନାହିଁ। କାରଣ ଏହା ଏକ ବହୁ ଦେଶ ଭିତ୍ତିକ ଟୁର୍ନାମେଣ୍ଟ।

# ରଶ୍ମିଙ୍କୁ ସ୍ୱର୍ଣ୍ଣ, ନାଓରେମଙ୍କୁ ରୌପ୍ୟ



ନାଓରେମ ଜେମ୍ସ ସିଂ



ରଶ୍ମିତା ସାହୁ

**ଭୁବନେଶ୍ୱର, ୨୧।୮ (ତପନ ସ୍ୱାଇଁ)**

**ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ**

ଜମ୍ମୁ-କଶ୍ମୀରର ଶ୍ରୀନଗରଠାରେ ସର୍ବପ୍ରଥମ ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସ ଫେଷ୍ଟିଭାଲ ଆରମ୍ଭ ହୋଇଛି। ଏହାର ସି୧ଡବ୍ଲ୍ୟୁ ୨୦୦ ମିଟରରେ ସ୍ୱର୍ଣ୍ଣ ପଦକ ଜିତି ରଶ୍ମିତା ସାହୁ ଓଡ଼ିଶାକୁ ଗର୍ବିତ କରିଛନ୍ତି। ଖେଲୋ ଇଣ୍ଡିଆ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ଏହା ପ୍ରଥମ ସ୍ୱର୍ଣ୍ଣ ପଦକ। ସେହିପରି ଓଡ଼ିଶା ଜଳକ୍ରୀଡ଼ା କେନ୍ଦ୍ରରେ ପ୍ରଶିକ୍ଷଣ ନେଉଥିବା ନାଓରେମ ଜେମ୍ସ ସିଂ ରୌପ୍ୟ ପଦକ ଲାଭ କରିଛନ୍ତି। ସେ କାୟାକିଂ ଆଣ୍ଡ କାନୋଇଂ କେ୧ଏମ୍-୧୦୦୦ ମିଟର ଇଭେଣ୍ଟରେ ଏହି ସଫଳତା ପାଇଛନ୍ତି।

# ଜୁନିୟର ପୁରୁଷ ହକି: ଓଡ଼ିଶା-ହରିୟାଣା ଫାଇନାଲ

**ଜଲନ୍ଧର, ୨୧।୮ (ପି.ଟି.)**

ଓଡ଼ିଶା ଓ ହରିୟାଣା ସେମାନଙ୍କ ସେମିଫାଇନାଲ ମ୍ୟାଚ ଜିତି ଏଠାରେ ଚାଲିଥିବା ୧୫ତମ ହକି ଇଣ୍ଡିଆ ଜୁନିୟର ପୁରୁଷ ଜାତୀୟ ଚାମ୍ପିୟନଶିପ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଓଡ଼ିଶା ସେମିଫାଇନାଲରେ ପଞ୍ଜାବକୁ ୩-୨ ଗୋଲ୍ରେ ହରାଇ ଦେଇଛି। ଓଡ଼ିଶା ତରଫରୁ ପ୍ରତାପ ଟପ୍ପୋ (୧ମ ଓ ୧୫ତମ ମିନିଟ) ଦୁଇଟି ଗୋଲ ଦେଇଥିବା ବେଳେ କରଣ ଲାକ୍ରା ୫୮ତମ ମିନିଟରେ ଦଳ ପକ୍ଷରୁ ବିଜୟସୂଚକ ଗୋଲ୍ଟିକୁ ସ୍କୋର କରିଥିଲେ। ପଞ୍ଜାବ ତରଫରୁ ଗୁରସେବକ ସିଂ (୧୨ତମ) ଓ ମନ୍ମିତ୍ ସିଂ ରାୟ (୪୪ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ। ପ୍ରଥମ ସେମିଫାଇନାଲରେ ହରିୟାଣା ୩-୦ ଗୋଲ୍ରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଥିଲା।

# ଅଜୟ ସିଂ ପୁଣିଥରେ ସଭାପତି

**ଗୁରୁଗ୍ରାମ,୨୧।୮ (ପି.ଟି.)**

**ବିଏଫ୍ଆଇ ନିର୍ବାଚନ**

ଅଜୟ ସିଂ ଭାରତୀୟ ବକ୍ସିଂ ମହାସଂଘ (ବିଏଫ୍ଆଇ) ସଭାପତି ଭାବେ ପୁନଃ ନିର୍ବାଚିତ ହୋଇଛନ୍ତି। ଗୁରୁବାର ଅନୁଷ୍ଠିତ ବହୁ ପ୍ରତୀକ୍ଷିତ ମହାସଂଘ ନିର୍ବାଚନରେ ସେ ପ୍ରତିପକ୍ଷ ଯଶପାଲ ପ୍ରଧାନଙ୍କୁ ହରାଇ କ୍ରମାଗତ ତୃତୀୟ ଥର ଲାଗି ସଭାପତି ହୋଇଛନ୍ତି। ଆଇନଗତ ବିବାଦ କାରଣରୁ ୬ରୁ ଅଧିକ ମାସ ପାଇଁ ସ୍ଥଗିତ ହୋଇଥିବା ନିର୍ବାଚନ ରିଟର୍ନିଂ ଅଫିସର ରାଜେଶ ଟଣ୍ଡନ ଓ ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଅବଜରଭର ଭାବେ ପଠାଯାଇଥିବା ବିଏଫ୍ଆଇ ଅନ୍ତରୀଣ କମିଟି ମୁଖ୍ୟ ସିଙ୍ଗାପୋରର ଫାଇରୁଜ ମହମ୍ମଦଙ୍କ ଉପସ୍ଥିତିରେ ହୋଇଥିଲା। ଡବ୍ଲ୍ୟୁବି ସଭାପତି ବୋରିସ ଭାନ ଡର ଭର୍ଷ୍ଟ ଓ ସମ୍ପାଦକ ମାଇକ ମ୍ୟାକଏଟି ଯୋଗ ଦେଇନଥିଲେ। କ୍ରୀଡ଼ା ମନ୍ତ୍ରଣାଳୟ ଓ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ପକ୍ଷରୁ ମଧ୍ୟ କୌଣସି ଅବଜରଭର ପଠାଯାଇଥିଲା। ସ୍ପାଇସ୍ଜେଟ ଏୟାରଲାଇନ୍ସର ମ୍ୟାନେଜିଂ ଡାଇରେକ୍ଟର ଥିବା ଅଜୟ ୪୦-୨୬ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି। ସେ ନୂଆ ସମ୍ପାଦକ ଉତ୍ତର ପ୍ରଦେଶର ପ୍ରମୋଦ କୁମାରଙ୍କ ସହ କାର୍ଯ୍ୟ କରିବେ। ସେ ସମ୍ପାଦକ ଭାବେ ଆସାମର ହେମନ୍ତ କାଲିତାଙ୍କ ସ୍ଥାନ ନେଇଛନ୍ତି। ଲଗାତର ଦୁଇ ଥର କର୍ମକର୍ତ୍ତା ଭାବେ ୪ ବର୍ଷିଆ କାର୍ଯ୍ୟକାଳ ପୂରଣ କରିଥିବାରୁ କାଲିତାଙ୍କୁ ନିର୍ବାଚନ ଲାଗି ଅଯୋଗ୍ୟ ଘୋଷିତ କରାଯାଇଥିଲା। ତାମିଲନାଡୁର ପନ ବାସ୍କରନ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ତେବେ ଏହି ଫଳାଫଳ ଦିଲ୍ଲୀ ହାଇକୋର୍ଟରେ ଚାଲିଥିବା ମାମଲାର ଚୂଡ଼ାନ୍ତ ରାୟ ଉପରେ ନିର୍ଭର କରେ। କାରଣ କିଛି ରାଜ୍ୟ ଶାଖା ବିଏଫ୍ଆଇର ଦୈନନ୍ଦିନ କାର୍ଯ୍ୟକଳାପର ତଦାରଖ କରିବା ଦାୟିତ୍ୱରେ ଥିବା ଅନ୍ତରୀଣ କମିଟି ଦ୍ୱାରା ମହାସଂଘର ସମ୍ବିଧାନରେ କରାଯାଇଥିବା ସଂଶୋଧନକୁ ଚ୍ୟାଲେଞ୍ଜ କରିଛନ୍ତି।






Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ 51 Years
ପୃଷ୍ଠା–୮+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Friday, August 22/2025 Page 16 ₹ 7.00 | DHENKANAL
୫୧ଶ ଭାଗ ୨୬୭ ସଂଖ୍ୟା www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada VOLUME 51 ISSUE 267 ମୂଲ୍ୟ₹୭/-

DSPL-223



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଶୁଭାରମ୍ଭ

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ

# ସମନ୍ୱିତ ବିଶ୍ୱ ଆର୍ଥିକ ପ୍ରଯୁକ୍ତିବିଦ୍ୟା ସାମର୍ଥ୍ୟ ହବ୍ (I-GFTCH)

# 'ଭାରତନେତ୍ର'

୨୨ ଅଗଷ୍ଟ ୨୦୨୫ | ଭୁବନେଶ୍ୱର

ବିଶ୍ୱସ୍ତରୀୟ ପ୍ରଶିକ୍ଷଣ

ବିଶ୍ୱସ୍ତରୀୟ ଜ୍ଞାନ ଆଦାନ ପ୍ରଦାନ

ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ର

ବିଶ୍ୱସ୍ତରୀୟ ସାମର୍ଥ୍ୟ କେନ୍ଦ୍ର

- ସିଙ୍ଗାପୁରସ୍ଥିତ ଗ୍ଲୋବାଲ୍ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱାର୍କ (GFTN), ନ୍ୟାସନାଲ୍ ୟୁନିଭରସିଟି ଅଫ୍ ସିଙ୍ଗାପୁର (NUS) ଏବଂ ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ୍ ଫାଇନାନ୍ସ (AIDF)ର ସହଯୋଗରେ
- ୭,୦୦୦ ସ୍ନାତକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି
- ୨୯୯ କୋଟି ଟଙ୍କାର ପ୍ରତ୍ୟକ୍ଷ ସମ୍ବଳ ସୃଷ୍ଟି
- ୮୯୮ କୋଟି ଟଙ୍କାର ପରୋକ୍ଷ ଅର୍ଥନୈତିକ ପ୍ରଭାବ
- ଡିଜିଟାଲ ନବସୃଜନ ଏବଂ ବ୍ୟବସାୟକୁ ତ୍ୱରାନ୍ୱିତ କରିବା ପାଇଁ ଉତ୍କର୍ଷ କେନ୍ଦ୍ର

OIPR-16003/13/0115/2526


ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର

# ପୌରାଞ୍ଚଳରେ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଅନୁଦାନ ଦାବି

## କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି, ବିଧାୟକ ଓ ଭାଜପା ନେତା

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳର ବହୁବିଧ ଉନ୍ନତିକରଣ ଓ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ପାଇଁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏମ୍‌ପି ରୁଦ୍ର ପାଣିଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ । ଗୁରୁବାର ଢେଙ୍କାନାଳ ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ପାଇଁ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କ ନେତୃତ୍ୱରେ ପୌରାଧ୍ୟକ୍ଷାଙ୍କ ପ୍ରତିନିଧି ଭାବେ ବରିଷ୍ଠ ଭାଜପା ନେତା ରାମଚନ୍ଦ୍ର ପାତ୍ର, କେନ୍ଦ୍ର ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ନୂଆଦିଲ୍ଲୀଠାରେ ଭେଟି ଅନୁଦାନ ମଞ୍ଜୁର କରିବା ପାଇଁ ଦାବୀପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଉପସ୍ଥିତ ରହି କାମାକ୍ଷାନଗର ବିଜ୍ଞାପିତ ପରିଷଦ ଅଂଚଳର ବିକଶା ପାଇଁ ମଧ୍ୟ କେନ୍ଦ୍ର ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସବୁଜିମା ପରିବେଶରେ ଭରପୁର ଢେଙ୍କାନାଳକୁ ବର୍ଷତମାମ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ବାହାର ରାଜ୍ୟରୁ ଏପରିକି ବିଦେଶୀ ପର୍ଯ୍ୟଟକ ମାନେ ମଧ୍ୟ ଆସିଥାନ୍ତି। ତେଣୁ ପର୍ଯ୍ୟଟନର ବିକାଶ ପାଇଁ ଢେଙ୍କାନାଳ ପୌରାଞ୍ଚଳର ବିଭିନ୍ନ ଉନ୍ନତିକରଣ ସହିତ ସୌନ୍ଦର୍ଯ୍ୟକରଣର ମଧ୍ୟ ଆବଶ୍ୟକତା ରହିଛି ବୋଲି ଦର୍ଶାଇ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିମନ୍ତେ ଅନୁଦାନ ମଞ୍ଜୁର କରିବା ପାଇଁ ଏମ୍‌ପି କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ପାଇଁ ଢେଙ୍କାନାଳ ପୌରାଞ୍ଚଳ ନିମନ୍ତେ ମୋଟ ୧୪୩କୋଟି ୩୭ଲକ୍ଷ ଟଙ୍କା ମଞ୍ଜୁର କରିବା ପାଇଁ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଲିଖିତ ଭାବରେ ଅନୁରୋଧ କରିଥିବା ପତ୍ରକୁ ଏମ୍‌ପି, କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରଦାନ କରିବା ସହ ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ ।



ନୂଆଦିଲ୍ଲୀଠାରେ ଢେଙ୍କାନାଳ ପୌରଞ୍ଚଳର ଉନ୍ନତିମୂଳକ ପ୍ରକଳ୍ପ ପାଇଁ ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଓ ଭାଜପା ନେତା ରାମଚନ୍ଦ୍ର ପାତ୍ର, କେନ୍ଦ୍ରମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କୁ ଭେଟୁଛନ୍ତି।

# ସଦ୍‌ଭାବନା ଦିବସ ପାଳିତ

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ଜିଲ୍ଲାର ଓଡାପଡା ବ୍ଲକ୍ ସାମାଜିକ ଅନୁଷ୍ଠାନ ନିଶ୍ୱାର୍ଡ ଓ ମୋ ଭାରତ-ଢେଙ୍କାନାଳ ମିଳିତ ଆନୁକୂଲ୍ୟରେ ବାରଦା ଗ୍ରାମପଂଚାୟତ ସମ୍ମିଳନୀ କକ୍ଷରେ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି । ନିର୍ଦ୍ଦେଶକ ରୁଦ୍ର ନାରାୟଣ ଷଡଙ୍ଗୀଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଦୁର୍ଗା ଚରଣ ମହାପାତ୍ର ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସମାଜସେବୀ ସରୋଜ କୁମାର ଶତପଥୀ, ସମ୍ମାନିତ ଅତିଥି ଭାବେ ସିମିନଇ ସରପଂଚ ଅଜିତ୍ କୁମାର ସିଂ ଯୋଗଦାନ କରିଥିଲେ । ଅନୁଷ୍ଠାନର ସଭାପତି ଅକ୍ଷୟ କୁମାର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ମମତା ରାଜ, ସୋମବାରୀ ସେଠୀ, ସଞ୍ଜୟ ନାୟକ, ବିଚିତ୍ର ସ୍ୱାଇଁ ଉପସ୍ଥିତ ଥିବା ବେଳେ ଜଗବନ୍ଧୁ ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଶିଶିର ସଭାପତି, ପ୍ରଭାକର ସମ୍ପାଦକ



## ଅରବିନ୍ଦ ବଜାର ପୂଜା କମିଟି ବୈଠକ

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ସହରର ୮ନଂ ୱାର୍ଡ ମହିଷାପାଟ ଅରବିନ୍ଦ ବଜାର ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ଏକ ବୈଠକ ରବିବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଚଳିତବର୍ଷ ମା'ଙ୍କର ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା, ସୁନିଆରେ ମୂର୍ତିଗଢ଼ା ପାଇଁ ମାଟି ଅନୁକୂଳ କରିବା, ଆଲୋକ ସଜ୍ଜା, ମୂର୍ତି ନିର୍ମାଣ ଏବଂ ପୂଜାପାଠ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଚଳିତବର୍ଷ ପୂଜା କମିଟିର ସଭାପତି ଭାବେ ପୁନର୍ବାର ଶିଶିର ଶତପଥି, ସଂପାଦକ ଭାବରେ ପ୍ରଭାକର ନାୟକ, ଉପସଭାପତି ଭାବେ ବିଜୟ କୁମାର ନାୟକ, କୋଷାଧ୍ୟକ୍ଷ ଭାବରେ ପ୍ରତାପ କୁମାର ନାୟକ ପ୍ରମୁଖ ମନୋନୀତ ହୋଇଥିଲେ। ବୈଠକରେ ପୂଜା କମିଟିର ପୂର୍ବତନ ସଂପାଦକ ଶିବାନନ୍ଦ ସ୍ୱାଇଁ, ପୂର୍ବତନ କୋଷାଧ୍ୟକ୍ଷ ଭଗବାନ ସେଠି, ବୀରେନ୍ଦ୍ର କୁମାର ସାମନ୍ତ, କୈଳାସ ଚନ୍ଦ୍ର ବେହେରା, ଅଦ୍ୱୈତ ଚରଣ ଭୋଇ, ପ୍ରସନ୍ନ ପଣ୍ଡା, ବିକାଶ ପଣ୍ଡା, ଅଭୟ ସାହୁ, ବାଇଧର ନାଏକ, ଆଶୁତୋଷ ସାହୁ, ପ୍ରକାଶ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ନିଜସ୍ୱ ମତ ଉପସ୍ଥାପନ କରିଥିଲେ । ଚଳିତ ବର୍ଷ ଅରବିନ୍ଦ ବଜାର ପୂଜା କମିଟି ସହାୟତାରେ ଅପେରା, ଇନ୍ଦ୍ରଭୂବନ ଓ ମୀନା ବଜାର ଏବଂ ଆକର୍ଷଣୀୟ ସାଜସଜ୍ଜା କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଅଭୟ ସାହୁ ଧନ୍ୟବାଦ ଦେଇଥିଲେ ।

# କଂଗ୍ରେସର କର୍ମୀ ସମ୍ମିଳନୀ



କାମାକ୍ଷାନଗର,୨୧।୮(ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ ସହିତ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲା କିଷାନ କଂଗ୍ରେସ ସଭାପତି ତଥା କାମାକ୍ଷାନଗର କଂଗ୍ରେସ ବିଧାୟକ ପ୍ରାର୍ଥୀ ବିପ୍ରବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା ଏହି କାର୍ଯ୍ୟକ୍ରମ। ପ୍ରଥମେ ରାଜୀବ ଗାନ୍ଧୀଙ୍କ କର୍ମମୟ ଜୀବନ ଉପରେ ଆଲୋକପାତ କରି ଆଗାମୀ ଦିନରେ କର୍ମୀ ଙ୍କ ଭିତରେ ସଚେତନତା ସୃଷ୍ଟି କରି ସଂଗଠନକୁ ସୁଦୃଢ କରିବା ଉପରେ ଆଲୋକପାତ କରିଥିଲେ। ଏଠାରେ ଏକ ସଭାରେ ମୁଖ୍ୟ ଅତିଥି ଭାବରେ ଜିଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳ ଉପସ୍ଥିତ ଥିବାବେଳେ ସମ୍ମାନିତ ଅତିଥି ଭାବରେ ରାଜୀବ ଲୋଚନ ସିଂହଦେଓ, ମହମଦ ଆରାସାଦ, ପ୍ରଭୁଦତ୍ତ ଭଟ, ଦୁଃଶାସନ ସାହୁ, ସଂଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ଭାଜପାର ଭୋଟ ଚୋରି କରି ମାଡ଼ିବସିଥିବା ଗାଦିକୁ ଛାଡ଼ ଏହି ସ୍ଲୋଗାନଭ ଗ୍ରାମର ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଭୟ ମହାପାତ୍ର, ଦିଲ୍ଲୀପ କୁମାର ସାସମଲ,ବିଭୁତି ଭୁତିଆ,ଚାଷୀ ନେତା ସୁଧାକର ଜେନା,ଏସଡି ସେଲର ଯୁବନେତା କେଶବ ପଧାନ,ଅନ୍ତର୍ଯ୍ୟାମୀ ପାଳ, ଅଜିତ ମହାନ୍ତି, ସୁରେଶ ନାଏକଙ୍କ ସମେତ କାମାକ୍ଷାନଗର ବ୍ଲକ ଓ ଏନଏସିରୁ ଶତାଧିକ ନେତାକର୍ମୀ ଉପସ୍ଥିତ ଥିଲେ ।

# ରାଜ୍ୟ ନିର୍ବାଚନ କମିଶନରଙ୍କ ସମୀକ୍ଷା

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ସଭା ଗୃହରେ ଗୁରୁବାର ଜିଲାରେ ଅନୁଷ୍ଠିତ ହୋଇଯାଇଥିବା ତ୍ରିସ୍ତରୀୟ ପଂଚାୟତରାଜ ସଂସ୍ଥା ଓ ସହରାଞ୍ଚଳ ସ୍ୱାୟତ ସଂସ୍ଥାର ନିର୍ବାଚନ ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ ନିର୍ବାଚନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ପଂଚାୟତରାଜ ସଂସ୍ଥା ଏବଂ ସହରାଂଚଳ ସ୍ୱାୟତ ଶାସନ ସଂସ୍ଥା ନିବର୍ରାଚନ ସମୟରେ ଉପୁଜିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ବିଭାଗୀୟ ଅଧିକାରୀ ମାନଙ୍କୁ ପଚାରି ବୁଝିଥିଲେ । ନିର୍ବାଚନର ସୁପରିଚାଳନା ପାଇଁ ପୋଲିଂ ବୁଥ ସ୍ଥାପନ, ପୋଲିଂ କର୍ମଚାରୀ ନିୟୋଜନ ପ୍ରକ୍ରିୟା, ପ୍ରତ୍ୟେକ ବୁଥରେ ମତଦାନ ପାଇଁ ଆନୁସାଙ୍ଗିକ ବ୍ୟବସ୍ଥା, ଉତେଜନା ପ୍ରବଣ ବୁଥରେ ସୁରକ୍ଷା ବ୍ୟବସ୍ଥା, ଭୋଟ ଗଣତି ପାଇଁ ହୋଇଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୋଇଥିଲେ । ଆଗାମୀ ନିବର୍ରାଚନ ସମୟରେ ବ୍ୟବହାର ପାଇଁ ମହଜୁଦ ଥିବା ବାଲାଟ୍ ବକ୍ସକୁ ସୁରକ୍ଷିତ ରଖିବା ପାଇଁ ଯତ୍ନବାନ ହୋଇ ଏହାର ସଠିକ୍ ତଦାରଖ କରିବା ପାଇଁ ପରାମର୍ଶ ଦେଇଥିଲେ। ଜିଲାପାଳ ଆଶିଷ ଇଶ୍ୱର ପାଟିଲ, ଆଇଏଏସ୍ ପ୍ରୋବେସନର ଭଗତ ସାମଲ କଲ୍ୟାଣ ରାଓ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠି, ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡନାୟକ ଓ କାମାକ୍ଷାନଗର ଉପଜିଲାପାଳ ଦିନମଣୀ ନାୟକ, ହିନ୍ଦୋଳ ଉପଜିଲାପାଳ ପ୍ରଭାସ କୁମାର ବେଉରାଙ୍କ ସମେତ ଜିଲା ପଂଚାୟତ ଅଧିକାରୀ, ସମସ୍ତ ପୌରାଞ୍ଚଳର ନିର୍ବାହୀ ଅଧିକାରୀ ଓ ବିଡିଓମାନେ ଉପସ୍ଥିତ ଥିଲେ ।




# ଆଦୃତା ଶିଶୁ ଗୃହରେ ଶିକ୍ଷାବିତଙ୍କ ଶ୍ରାଦ୍ଧବାର୍ଷିକୀ

ଢେଙ୍କାନାଳ,୨୧।୮(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ଅଞ୍ଚଳରେ ଥିବା ଆଦୃତା ଶିଶୁ ଗୃହରେ ବିଶିଷ୍ଟ ଶିକ୍ଷାବିତ ତଥା ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଗଦାଧର ମିଶ୍ରଙ୍କର ଶ୍ରାଦ୍ଧବାର୍ଷିକୀ ୧୭ ତାରିଖ ଦିନ ପାଳିତ ହୋଇଯାଇଛି । ଗଦାଧର ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଦୃତା ଶିଶୁ ଗୃହର ଅନ୍ତେବାସୀ ଓ ଅଭ୍ୟାଗତ ମାନେ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କର ସ୍ମୃତିଚାରଣ କରିଥିଲେ । ପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲ । ଶିଶୁ ଗୃହ ପିଲାଙ୍କୁ ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା । ସ୍ୱର୍ଗତ ଗଦାଧର ମିଶ୍ରଙ୍କ କନିଷ୍ଠ କନ୍ୟା ତଥା ଦଧିଚୀ ସଂଗଠିକା ଶୈଳବାଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଫେସର ଦେବେନ୍ଦ୍ର କୁମାର ମିଶ୍ର, ବିଣା ମିଶ୍ର, ସାରଦା ମିଶ୍ର, ନାଟ୍ୟକାର ଶତ୍ରୁଘ୍ନ ମାଟି, ସ୍ୱର୍ଣ୍ଣଲତା ମାଟି, ବିନାୟକ ପ୍ରସାଦ ନନ୍ଦ, ରୁଦ୍ର ନନ୍ଦ, କଣ୍ଠଶିଳ୍ପୀ ସ୍ନିଗ୍ଧା ନନ୍ଦ ଓ କମଳ ନନ୍ଦ, ଚକ୍ରଧର ପାତ୍ର, ସାହିତ୍ୟିକା ନିର୍ମଳା ମହାପାତ୍ର, ରାଧାନାଥ ରଥ, ଅନିତା ରଥ, କିଶୋରଚନ୍ଦ୍ର ମିଶ୍ର, ସତ୍ୟଭାମା ମିଶ୍ର, ଚନ୍ଦନ ମିଶ୍ର, ସୌମେନ୍ଦ୍ର ପଟ୍ଟନାୟକ, ଜ୍ୟୋସ୍ନାରାଣୀ ପଟ୍ଟନାୟକ ଓ ଶିକ୍ଷାବିତ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ଆଦୃତା ଶିଶୁ ଗୃହର ନିଳମଣୀ ମହାପାତ୍ର ଓ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ଗଦାଧର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ ।

# ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା




ଭାଗ ନେଇଥିବା ଢେଙ୍କାନାଳର ପ୍ରତିଯୋଗୀ ମାନେ

## ଢେଙ୍କାନାଳ ଜିଲାରୁ ୧୮ଜଣ ପ୍ରତିଯୋଗୀ ଭାଗନେଲେ

ଢେଙ୍କାନାଳ,୨୧।୮(ରତନ ନାୟାର)

ରାଜ୍ୟସ୍ତରୀୟ ୬ଷ୍ଠ ଯୋଗ ପ୍ରତିଯୋଗିତା କଳିଙ୍ଗ ଷ୍ଟାଡିୟମ ଠାରେ ଅଗଷ୍ଟ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ୨୧ଟି ଜିଲାରୁ ୩୫୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଢେଙ୍କାନାଳ ଜିଲାରୁ ମୋଟ ୧୮ଜଣ ଭାଗ ନେଇଥିଲେ । ଜୁନିୟର ବିଭାଗରେ ଶ୍ୟାମାଶ୍ରୀ ବେହେରା ଏବଂ ଶୁଭଙ୍କି ପ୍ରିୟଦର୍ଶିନୀ ରୌପ୍ୟ ପଦକ, ଦିବ୍ୟଜ୍ୟୋତି ରଣା ଓ ମୌସୁମୀ ରାଉତ ବ୍ରୋଞ୍ଜ୍ ପଦକ, ସବ୍ ଜୁନିୟର ବିଭାଗରେ ସୁମନ୍ ପ୍ରସାଦ ପରିଡା ବ୍ରୋଞ୍ଜ୍ ପଦକ, ସିନିୟର ବିଭାଗରେ ଚିନ୍ତାମଣି ମହାନ୍ତିଙ୍କୁ ରୋପ୍ୟ ଓ ବ୍ରୋଞ୍ଜ ପଦକ, ସିନିୟର ବିଭାଗରେ ହେମନ୍ତ କୁମାର ସାହୁ ବ୍ରୋଞ୍ଜ ପଦକ ମିଳିଛି । ଟିମ ମ୍ୟାନେଜର ଭାବରେ ସବିତା ତ୍ରିପାଠୀ, ଟିମ କୋଚ୍ ଭାବରେ ସସ୍ମିତା ସାହୁ ଭାଗ ନେଇଥିଲେ । ଜାତୀୟସ୍ତରରେ ଯୋଗଦାନ କରିବା ଦୁଇ ପ୍ରତିଯୋଗୀ ଶ୍ୟାମାଶ୍ରୀ ବେହେରା ଏବଂ ଚିନ୍ତାମଣି ମହାନ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।। ରାଜ୍ୟସ୍ତରରେ ଯୋଗାସନ ବିଚାରକ ଭାବରେ ଅଶ୍ୱିନୀ କୁମାର ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କୃତି ପ୍ରତିଯୋଗୀଙ୍କୁ ସଂପାଦକ ବିଭୁତି ଭୂଷଣ ସାହୁ ଏବଂ ସଭାପତି ପ୍ରଦୀପ କୁମାର ସାହୁ ଶୁଭେଚ୍ଛା ଜଣାଇଥିଲେ ।

# କମନୱେଲ୍‌ଥ ଭାରୋତ୍ତୋଳନ ପ୍ରତିଯୋଗିତା







## ଢେଙ୍କାନାଳର ପ୍ରୀତିସ୍ମିତା, ବିଦ୍ୟୁସ୍ମିତା ଓ ହୃଦାନନ୍ଦ ଭାଗନେବେ

ଢେଙ୍କାନାଳ,୨୧।୮(ରତନ ନାୟାର)

ଅହମ୍ମଦାବାଦଠାରେ ଆସନ୍ତା ୨୪ ତାରିଖରୁ ୩୦ରୁ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା କମନୱେଲଥ ଭାରୋ ଉତ୍ତୋଳନ ପ୍ରତିଯୋଗିତା-୨୦୨୫ରେ ଭାରତ ପାଇଁ ଢେଙ୍କାନାଳର ପ୍ରୀତିସ୍ମିତା ଭୋଇ, ବିଦ୍ୟୁସ୍ମିତା ଭୋଇ ଓ ହୃଦାନନ୍ଦ ଦାସ ମନୋନିତ ହୋଇଛନ୍ତି । ଏହି ୩ ଭାରୋ ଉତୋଳନ ଖେଳାଳି ଢେଙ୍କାନାଳର ଭାରୋ ଉତ୍ତେଳନ ସବ୍‌ସେଣ୍ଟରର ଖେଳାଳି ହୋଇଥିବା ବେଳେ ସେମାନେ ଢେଙ୍କାନାଳସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ହଲରେ ଅଭ୍ୟାସ କରନ୍ତି । ପ୍ରୀତିସ୍ମିତା ପୂର୍ବରୁ ଭାରୋ ଉତ୍ତୋଳନରେ ବିଶ୍ୱ ରେକର୍ଡ କରିଥିବା ବେଳେ ବିଦ୍ୟୁସ୍ମିତା ଓ ହୃଦାନନ୍ଦ ଜାତୀୟସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି । କୋଚ୍ ଗୋପାଳ ଦାସଙ୍କ ଅଧିନରେ ଏହି ୩ ଖେଳାଳି ପ୍ରଶିକ୍ଷଣ ନେଉଛନ୍ତି । ଭାରତୀୟ ଦଳରେ ଏହି ୩ ଖେଳାଳିଙ୍କ ସ୍ଥାନ ଯୋଗୁ ଢେଙ୍କାନାଳରେ କ୍ରୀଡାବିତ୍ ଓ କ୍ରୀଡା ସଂଗଠନ ମଧ୍ୟରେ ଖୁସିର ଲହରି ଖେଳିଯାଇଛି ।

# ପଦାର୍ଥ ବିଜ୍ଞାନ ବିଭାଗର ସ୍ୱାଗତ ଉତ୍ସବ

ସାତମାଇଲ, ୨୦।୮ (ସୁଶାନ୍ତ ପତି)

ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ +୩ ପଦାର୍ଥ ବିଜ୍ଞାନ ବିଭାଗ ନବାଗତ ଛାତ୍ରୀଛାତ୍ରଙ୍କୁ ଦ୍ୱିତୀୟ ଓ ଶେଷ ବର୍ଷ ଛାତ୍ରୀଛାତ୍ରମାନେ ପୁଷ୍ପ ଚନ୍ଦନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ବୁଧବାର ବିଭାଗୀୟ ମୁଖ୍ୟ ଜୟନ୍ତ ନାରାୟଣ ପତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଶୃଙ୍ଖଳାଭ୍ୟାସ ସମସ୍ତ ଉନ୍ନତିର ମୂଳାଧାର, ଏହି ସତ୍ୟକୁ ଛାତ୍ରୀଛାତ୍ରଙ୍କୁ ଉପଲବ୍ଧି କରାଇବା ନିମିତ୍ତ ସକଳ ପ୍ରକାର ଯତ୍ନ କରାଯିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ କୁମାର ପତି, ସଂସ୍କୃତ ବିଭାଗ ମୁଖ୍ୟ ଶୁଭସ୍ମିତା ବେହେରା, ଡେମୋନେଷ୍ଟ୍ରେଟର ବିମଳ ସାହୁ, କର୍ମଚାରୀ ମଙ୍ଗରାଜ ପ୍ରଧାନ ଓ ପ୍ରାକ୍ତନ ଛାତ୍ର ସୁଶାନ୍ତ କୁମାର ପତି ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ହୃଦୟ ମଧ୍ୟରେ ଆଶାବାଦ ଓ ଦୃଢ ବିଶ୍ୱାସ ପୋଷଣ କରି ଉପଯୁକ୍ତ ଗୁଣାବଳୀ ଅହରହ ଅଭ୍ୟାସ ପୂର୍ବକ ଅଧ୍ୟୟନରେ ଅଧିକ ମନୋନିବେଶ କରିବା ଏକାନ୍ତ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଅଧ୍ୟାପକ ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍କୁଟି ଓ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଗଁଦିଆ,୨୧।୮(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ଥାନା ସମ୍ମୁଖରେ ଗୁରୁବାର ସ୍କୁଟି ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କାହେବା ଫଳରେ ୨ଜଣ ଗୁରୁତର ଆହତ ହୋଇଛନ୍ତି । ଗଁଦିଆ ପୋଲିସ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଗୁରୁତରଙ୍କୁ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଗୁରୁତର ମାନେ ହେଲେ ସଦର ଥାନା ଲୋଚନାପଲୀ ଗ୍ରାମର ଜାକି ସରବ ବେହେରା(୨୫) ଓ ଗଁଦିଆ ଥାନା ରାଇତଳା ଗ୍ରାମର ନିର୍ଝରିଣୀ ବାରିକ(୨୫)। ଜାକି ସରବ ବେହେରାଙ୍କ ସ୍ୱାସ୍ଥ୍ୟ ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# କଂଗ୍ରେସର ବ୍ଲକ୍‌ସ୍ତରୀୟ କର୍ମୀ ସମ୍ମିଳନୀ

ପରଜଙ୍ଗ, ୨୧।୮
(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ କରଗୋଳା ପଞ୍ଚାୟତ କାଠପାଳ ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଜାତୀୟ କଂଗ୍ରେସ ଦଳର ପୂର୍ବତନ କଙ୍କଡ଼ାହାଡ଼ ବ୍ଲକ ସଭାପତି ଧନେଶର ସାହୁଙ୍କ ଅଧ୍ୟକ୍ଷତାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ଜିଲା ସଂଯୋଜକ ଛବିରାଜ ବିଶାଳ ଯୋଗ ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ଅବିନାଶ ପଣ୍ଡା ଯୋଗଦେଇ କଂଗ୍ରେସର ବିଚାରଧାରା ଉପରେ ଆଲୋକପାତ କରି ଆଗାମୀ ଦିନରେ କିପରି ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ କରିବା, ନିଜ ନିଜ ମଧ୍ୟରେ ମତାନ୍ତର ନ ରଖିବା, ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ନିଷ୍ପତ୍ତିକୁ ଗ୍ରହଣ କରିବା, ଦଳ ପାଇଁ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା, ଦଳ କିପରି ଆଗକୁ ବଢ଼ିପାରିବ ଏହା ଉପରେ ଉପସ୍ଥିତ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲାର ବରିଷ୍ଠ ନେତା ରାଜୀବ ଲୋଚନ ସିଂଦେଓ, ଜିଲ୍ଲା ପୂର୍ବତନ ଉପସଭାପତି ବିଜୟ କୁମାର ପଣ୍ଡା, ଜୋନ ସଭାପତି ଅଜୟ କୁମାର ସାହୁ, ରାମଚନ୍ଦ୍ର ସାହୁ, ଦୁଃଖବନ୍ଧୁ ପଣ୍ଡା ପ୍ରମୁଖ ସାଙ୍ଗଠନିକ ଉପରେ ସୂଚନା ପ୍ରଦାନ କରିଥିଲେ । ଏଥିରେ କଙ୍କଡ଼ାହାଡ଼ ବ୍ଲକର ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ଦଳୀୟ ସାଙ୍ଗଠନିକ ସଂପର୍କରେ ଆଲୋଚନା କରିଥିଲେ ।




# ଗଁଦିଆ ମେଡିକାଲ ସମସ୍ୟା: ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

## ■ଆମ୍ବୁଲାନ୍ସକୁ ଫେରାଇ ଅଣାଗଲା
## ■୧ମାସ ମଧ୍ୟରେ ଆରମ୍ଭ ହେବ ପୋଷ୍ଟମର୍ଟମ

ଗଁଦିଆ,୨୧।୮(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ୨୯ଟି ପଞ୍ଚାୟତ ନିର୍ଭର କରୁଥିବା ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ଚାଲିଥିବା ଶାନ୍ତିପୂର୍ଣ୍ଣ ଧାରଣା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଲିଖିତ ଭାବେ ପ୍ରତିଶୃତି ଦେବା ପରେ ଗୁରୁବାର ଭଙ୍ଗ କରାଯାଇଛି । ୩ଦଫା ଦାବି ମଧ୍ୟରୁ ଗୋଟିଏ ଦାବି ପୂରଣ ହେଇଛି । ଯାହାକି ବିଧାୟକ ପାଣ୍ଠିରୁ ପୂର୍ବତନ ବିଧାୟକ ସରୋଜ କୁମାର ସାମଲଙ୍କ ସମୟରେ ଦିଆଯାଇଥିବା ଆମ୍ବୁଲାନକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଫେରାଇ ଅଣାଯାଇଛି, ଯାହାକି କୋଭିଡ ମହାମାରୀରେ ଜିଲାମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲା । ଫଳରେ ଜନସାଧାରଣ ବହୁ ଅସୁବିଧାରେ ସମ୍ମୁଖିନ ହେଉଥିଲେ । ଆଗାମୀ ଏକମାସ ମଧ୍ୟରେ ପୋଷ୍ଟମର୍ଟମ କାର୍ଯ୍ୟ ଆରମ୍ଭ ହେବ ବୋଲି ଲିଖିତ ଭାବରେ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସ୍ଥିତପ୍ରଜ୍ଞ ମହାନ୍ତି ଦେବା ପରେ ଧାରଣା ଭଙ୍ଗ ହୋଇଥିଲା । ତେବେ ୪ ଦିନର ଶାନ୍ତିପୂର୍ଣ୍ଣ ଧାରଣାରେ ଓଡିଶା ଡ୍ରାଇଭର ମହାସଂଘ ଗଁଦିଆ, ମିଳିତ ସାମ୍ବାଦିକ ସଂଘ, ଓଡିଶା ଯାଦବ ମହାସଂଘ ଓ ଆମ ଆଦମୀ ପାର୍ଟି ପକ୍ଷରୁ ଏହି ଧାରଣାକୁ ସମର୍ଥନ ଜଣାଇବା ସହିତ ଗଁଦିଆ ଯୁବବର୍ଗ, ସମାଜସେବୀ ଓ ଜନସାଧାରଣଙ୍କୁ ଧାରଣାରେ ବସିଥିବା ସମାଜସେବୀ କ୍ଷୀରୋଦ ଚନ୍ଦ୍ର ଦାସ ଧନ୍ୟବାଦ ଜଣାଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସ୍ଥିତପ୍ରଜ୍ଞ ମହାନ୍ତି କୁହନ୍ତି ଯେ ମେଡିକାଲ ଉନ୍ନତି ନିମନ୍ତେ ଆମେ ସବୁବେଳେ ପ୍ରସ୍ତୁତ ରହିଛୁ । ଡାକ୍ତର ପଦବୀ ପାଇଁ ଆମେ ଉପସ୍ଥିତ ଅଧିକାରୀଙ୍କୁ ଜଣାଇଛୁ। ପୋଷ୍ଟ ମର୍ଟମ ପାଇଁ ଆମର ସ୍ୱିପରଙ୍କ ଅସୁବିଧା କାରଣରୁ ହେଉପାରୁନଥିଲା । ଏବେ ସେମାନେ ଟ୍ରେନିଂ ଯାଉଛନ୍ତି। ଟ୍ରେନିଂ ସରିବା ମାତ୍ରେ ଆମେ ଏକ ମାସ ଭିତରେ ଶବ ବ୍ୟବଚ୍ଛେଦ କେନ୍ଦ୍ର ଚାଲୁ କରିବୁ । ଗଁଦିଆ ମାଟିର ସ୍ୱାର୍ଥ ପାଇଁ ଗଁଦିଆ ବ୍ଲକର ବିଭିନ୍ନ ଅସୁବିଧା ପାଇଁ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସମାଜସେବୀ ପୁଷ୍ପାଲତା ସାମଲ ସୂଚନା ଦେଇଥିଲେ । ଧାରଣାରେ ଗଁଦିଆ ସାମ୍ବାଦିକ ସଂଘର ବେତୁଜି ପ୍ରସାଦ ବେହେରା, ଅକ୍ଷୟ କୁମାର ପାତ୍ର, ସୁନିତା ବେହେରା, ଦୀପକ ସାହୁ, ବିଶ୍ୱମୋହନ ସାହୁ, ଅମ୍ବିକା ମହାପାତ୍ର, ଦୀପ୍ତି ରଞ୍ଜନ ସାହୁ, ରଞ୍ଜିତ ସାମଲ, ମଦନ ରାଉତଙ୍କ ସମେତ ଗଁଦିଆ ଡ୍ରାଇଭର ମହାସଂଘର ଆକାର ଦେହୁରୀ, ନିରାକାର ଦେହୁରୀ, ସୁବାସ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



ଧରିତ୍ରୀ 51 Years
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ | Bhubaneswar, Friday, August 22/2025




ଗଣେଶ ପୂଜାକୁ ଆଉ ୬ଦିନ ଥିବାବେଳେ କଟକ ଶିଳ୍ପୀ କୁମ୍ଭାର ସାହିରେ ଜଣେ କାରିଗର ଗଣେଶ ମୂର୍ତ୍ତିରେ ରଙ୍ଗ ଲଗାଇ ଶେଷ ସ୍ପର୍ଶ ଦେଉଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

# ସାମ୍ବିଧାନିକ ପଦାଧିକାରୀ କାର୍ଯ୍ୟ ନ କଲେ ଅଦାଲତ ହାତବାନ୍ଧି ବସିପାରିବେ କି

**ସାମ୍ବିଧାନିକ ପଦାଧିକାରୀମାନେ ଯଦି ସେମାନଙ୍କ କର୍ତ୍ତବ୍ୟ ପାଳନ ନ କରନ୍ତି କିମ୍ବା ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଉପରେ ରାଜ୍ୟପାଳ କୌଣସି ପଦକ୍ଷେପ ନ ନେଇ ବସିରହନ୍ତି, ତେବେ ସାମ୍ବିଧାନିକ ଅଦାଲତ ହାତବାନ୍ଧି ବସିପାରିବେ କି ବୋଲି ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଯଦି କୌଣସି ରାଜ୍ୟପାଳ ବିଲ୍ ଉପରେ ଚୁପ୍ ରହୁଛନ୍ତି, ତେବେ ରାଜ୍ୟଗୁଡ଼ିକ ଏହାର ରାଜନୈତିକ ସମାଧାନ ପନ୍ଥା ବାହାର କରିବା ଆବଶ୍ୟକ; ନ୍ୟାୟିକ ସମାଧାନ ନୁହେଁ ବୋଲି କେନ୍ଦ୍ର ସରକାରଙ୍କ ତରଫରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଅଦାଲତଙ୍କୁ କହିବା ପରେ ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।**

ନୂଆଦିଲ୍ଲୀ,୨୧।୮(ପି.ଟି.)

ରାଜ୍ୟ ବିଧାନସଭାରେ ଗୃହୀତ ବିଲ୍ ଉପରେ ନିଷ୍ପତ୍ତି ନେବାକୁ ସର୍ବୋଚ୍ଚ ଅଦାଲତ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିପାରିବେ କି ବୋଲି ପ୍ରଶ୍ନ ଉଠିଥିଲା। ପ୍ରେସିଡେନ୍ସିଆଲ୍ ରିଫରେନ୍ସର ଶୁଣାଣି ପାଇଁ ଗଠିତ ଖଣ୍ଡପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପି.ଏସ୍. ନରସିମ୍ହା ଏବଂ ଏ.ଏସ୍. ଚନ୍ଦୁରକର ରହିଛନ୍ତି। ଯଦି କୌଣସି ଭୁଲ୍ ରହିଛି, ତେବେ ତାହାର ସମାଧାନର ଉପାୟ ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

ମେହେଟ୍ଟା କହିଥିଲେ, ଅଦାଲତରେ ସବୁ ସମସ୍ୟାର ସମାଧାନ ହୋଇପାରିବ ନାହିଁ। ଏକ ଗଣତନ୍ତ୍ରରେ ଆଲୋଚନାକୁ ପ୍ରାଧାନ୍ୟ ଦେବାକୁ ହେବ। ଏହା ଉପରେ ଜଷ୍ଟିସ୍ କାନ୍ତ ପ୍ରଶ୍ନ କରିଥିଲେ, ଯଦି ବିଭିନ୍ନ ରାଜ୍ୟରେ ରାଜ୍ୟପାଳ କାର୍ଯ୍ୟ ନ କରନ୍ତି ଏବଂ ସମ୍ପୃକ୍ତ ରାଜ୍ୟ ଅଦାଲତଙ୍କ ଦ୍ୱାରସ୍ଥ ହୁଅନ୍ତି, ତେବେ ସେଭଳି କ୍ଷେତ୍ରରେ ନ୍ୟାୟିକ ସମୀକ୍ଷାକୁ ସମ୍ପୂର୍ଣ୍ଣ ବର୍ଜନ କରାଯାଇପାରିବ କି? ତେବେ ସମାଧାନ କ'ଣ ହୋଇପାରିବ ଜଣାଇବାକୁ ସେ ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ଏହାର ଜବାବରେ ସଲିସିଟର ଜେନେରାଲ କହିଥିଲେ, ରାଜ୍ୟପାଳ ବିଲ୍‌କୁ ପକାଇ ରଖୁଥିଲେ, ଏହାର ରାଜନୈତିକ ସମାଧାନକୁ ଗ୍ରହଣ କରାଯାଇପାରେ। ସବୁଠାରେ ମୁଖ୍ୟମନ୍ତ୍ରୀ କୋର୍ଟକୁ ଯାଉନାହାନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଭେଟି ଆଲୋଚନା କରୁଥିବାର ବହୁ ନଜିର ରହିଛି। ☞ପୃଷ୍ଠା-୪

**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**



# ୩ ପାକ୍ସ ସମ୍ପାଦକଙ୍କ ପରେ ଡିଆର୍‌ସିଏସ୍ ନିଲମ୍ବିତ

## ଚାଷୀ ପଞ୍ଜୀକରଣ ବେଳେ ଥାଇଲାଣ୍ଡ ଗସ୍ତ

ବୌଦ୍ଧ,୨୧।୮(ଅଜିତ କୁମାର ବାରିକ)

ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସମୟରେ ଥାଇଲାଣ୍ଡ ବୁଲିବା ପାଇଁ ଯିବା ଅଭିଯୋଗରେ ଗୁରୁବାର ବୌଦ୍ଧ ଜିଲା ଡିଆରସିଏସ୍‌ଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ସେ ହେଲେ ଗିରିଶ ଚନ୍ଦ୍ର ପୁରୋହିତ। ନିଲମ୍ବନ ସମୟରେ ଡିଆର୍‌ସିଏସ୍ ପୁରୋହିତ ଭୁବନେଶ୍ୱରଠାରେ ଆର୍‌ସିଏସ୍ କାର୍ଯ୍ୟାଳୟରେ ରହିବାକୁ ନିର୍ଦ୍ଦେଶ ରହିଛି। ସୂଚନା ଅନୁସାରେ, ଖରିଫ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଚାଲିଥିବାବେଳେ ବୌଦ୍ଧ ଓ ସୋନପୁର ଜିଲା ସମବାୟ ବିଭାଗର ଅଧିକାରୀ ଓ କେତେଜଣ ପାକ୍ସ ସମ୍ପାଦକ ଗତ ୮ରୁ ୧୧ ତାରିଖ ପର୍ଯ୍ୟନ୍ତ ଥାଇଲାଣ୍ଡ ବୁଲିବାକୁ ଯାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସମବାୟ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିଦେଶ ବୁଲା ଘଟଣାରେ ଗତ ୧୨ ତାରିଖରେ ସୋନପୁର ଜିଲା ସମବାୟ ସମିତି ନିବନ୍ଧକ ଓ ୩ ଜଣ ପାକ୍ସ ସମ୍ପାଦକଙ୍କୁ ନିଲମ୍ବିତ କରାଯାଇଥିଲା। ସେହିପରି ଗତ ବୁଧବାର ବୌଦ୍ଧ ଜିଲାର ଲୁଣିବାହାଲ, ବୌଦ୍ଧ ଓ ଖୁଣ୍ଟବନ୍ଧ ପାକ୍ସ ସମ୍ପାଦକ ନିଲମ୍ବିତ ହୋଇଥିବା ବେଳେ ଗୁରୁବାର ସମବାୟ ବିଭାଗ ପକ୍ଷରୁ ବୌଦ୍ଧ ଡିଆର୍‌ସିଏସ୍ ପୁରୋହିତଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି।

# ବିଏସ୍‌ଇ, ସିଏଚ୍‌ଏସ୍‌ଇକୁ ମିଶାଇ ହେବ ଗୋଟିଏ ବୋର୍ଡ

**ଆସନ୍ତା ୩ ବର୍ଷରେ ପୂରଣ ହେବ ୪୪,୪୩୩ ଶିକ୍ଷକ ପଦବୀ**

- ସ୍କିମାଟିକ୍ ପ୍ରାଥମିକ ଶିକ୍ଷକଙ୍କୁ ନିୟମିତ କରିବାକୁ ନିଆଯିବ ପଦକ୍ଷେପ
- ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ ପଦବୀ ସୃଷ୍ଟି କରାଯିବ
- ୩୦୦ ପିଲାଙ୍କ ପାଇଁ ଜଣେ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ ହେବେ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ଜାତୀୟ ଶିକ୍ଷାନୀତି ୨୦୨୦ ଅନୁସାରେ ଓଡ଼ିଶାରେ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ପ୍ରାଥମିକ ଶିକ୍ଷାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଅଧିକ ଫୋକସ୍ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରେ ଗୁରୁବାର ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟକ୍ରମ ସମୀକ୍ଷାକରି ଏହି ପରାମର୍ଶ ଦେବା ସହ ଅନେକ ନୂତନ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ସ୍କିମାଟିକ୍ ପ୍ରାଥମିକ ଶିକ୍ଷକମାନଙ୍କୁ ନିୟମିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ନୂତନ ଶିକ୍ଷାନୀତି ଅନୁଯାୟୀ ଅଧିକ ଶିକ୍ଷକଙ୍କ ଆବଶ୍ୟକତା ରହିଛି। ରାଜ୍ୟରେ ବର୍ତ୍ତମାନ ୪୫,୨୯୨ଟି ପ୍ରାଥମିକ ବିଦ୍ୟାଳୟରେ ୧, ୬୦, ୩୧୯ ଟି ଶିକ୍ଷକ ପଦବୀ ରହିଛି। ନୂତନ ଶିକ୍ଷାନୀତି ଅନୁଯାୟୀ ଆଉ ୩୯, ୩୬୬ଟି ପଦବୀ ସୃଷ୍ଟି କରାଯିବ। ଏହାସହ ଡିସେମ୍ବର ୨୦୨୫ ସୁଦ୍ଧା ୫,୦୬୭ଟି ଶିକ୍ଷକ ପଦବୀ ମଧ୍ୟ ଖାଲି ହେବ। ତେଣୁ ଏହି ସମସ୍ତ ପଦବୀକୁ ମିଶାଇ ଆସନ୍ତା ୩ ବର୍ଷ ମଧ୍ୟରେ ୪୪, ୪୩୩ଟି ପଦବୀ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷକୁ ପ୍ରାୟ ୧୫ ହଜାର ପଦବୀ ପୂରଣ କରାଯିବ।

ସ୍କୁଲ ଶିକ୍ଷାକୁ ସୁଦୃଢ଼ ଓ ଉନ୍ନତ କରିବା ପାଇଁ ରାଜ୍ୟରେ ଗୋଟିଏ ବୋର୍ଡର ଆବଶ୍ୟକତା ରହିଛି ବୋଲି ବୈଠକରେ ମତ ପ୍ରକାଶ ପାଇଛି। ଏହି ଅନୁଯାୟୀ ରାଜ୍ୟର ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ, ସିଏଚ୍‌ଏସଇ) କୁ ମିଶାଇ ଗୋଟିଏ ବୋର୍ଡ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇ ଦିଆଯାଉଥିବା ବେଳେ ନବମ ଓ ଦଶମ ଶ୍ରେଣୀରେ କେବଳ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ପାଠ୍ୟପୁସ୍ତକ ଦିଆଯାଉଛି। ନବମ ଓ ଦଶମ ଶ୍ରେଣୀର ସବୁ ପିଲାଙ୍କୁ ମାଗଣାରେ ପାଠ୍ୟପୁସ୍ତକ ଯୋଗାଇଦେବା ପାଇଁ ବୈଠକରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଶିକ୍ଷାର ଆବଶ୍ୟକତା ସହିତ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସେଥିପାଇଁ ହଷ୍ଟେଲରେ ରହୁଥିବା ପିଲାମାନଙ୍କ ଲାଗି ଏନ୍‌ଏମ୍ ନିଯୁକ୍ତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତ୍ୟେକ ୩୦୦ ପିଲାଙ୍କ ପାଇଁ ଜଣେ ଏଏନ୍‌ଏମ ବା ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ନୂତନ ବେସରକାରୀ ବିଦ୍ୟାଳୟ ଅନୁମୋଦନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ ପ୍ରକ୍ରିୟାରେ କରିବା ପାଇଁ ବୈଠକରେ ନିଷ୍ପତ୍ତି କରାଯାଇଛି।

ସେହିପରି ଆଦିବାସୀ ପିଲାମାନଙ୍କୁ ମାତୃଭାଷାରେ ଶିକ୍ଷା ଦେବା ଉପରେ ଗୁରୁତ୍ୱାରୋପ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ପିଲାମାନଙ୍କ ସହ ଭାଷାଗତ ଯୋଗାଯୋଗରେ ସୁବିଧା ହେବ ଏବଂ ଶିକ୍ଷାର ମାନ ବୃଦ୍ଧି ପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ସହିତ ଏସ୍‌ସିଏସ୍‌ଟିଆର୍‌ଟିଆଇ ସହଯୋଗରେ କୋରାପୁଟରେ ଏକ ବହୁଭାଷୀ ଶିକ୍ଷା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯିବ। ସେହିପର ଭିନ୍ନକ୍ଷମ ପିଲାଙ୍କ ଶିକ୍ଷା ପାଇଁ ନିୟମିତ ଶିକ୍ଷକମାନଙ୍କୁ ଯେଉଁମାନେ ବିଏଡ୍ କରିଥିବେ, ସେମାନଙ୍କୁ ବିଭିନ୍ନ କ୍ଲଷ୍ଟରରେ ରିସୋର୍ସ ପର୍ସନ ଭାବେ ନିଯୁକ୍ତି ଦିଆଯିବ। ଏନ୍‌ସିଇଆର୍‌ଟି ଢାଞ୍ଚାରେ ଏସ୍‌ସିଇଆର୍‌ଟି କୁ ବିକଶିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଡାଇରେକ୍ଟର ଅଫ୍ ଟେକ୍ସଟବୁକ୍ ପବ୍ଲିକେଶନ ଆଣ୍ଡ ମାର୍କେଟିଂ ସଂସ୍ଥାର ସୁଦୃଢ଼ୀକରଣ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି।

ବୈଠକରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ଶାଳିନୀ ପଣ୍ଡିତ, ଓସେପାର ନିର୍ଦ୍ଦେଶିକା ଅନନ୍ୟା ଦାସ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଇପିଏସ୍ ସ୍ତରରେ ବଡ଼ ଅଦଳବଦଳ

- ୮ ଜିଲାର ଏସ୍‌ପି ସ୍ତରରେ ଅଦଳବଦଳ
- ପୁରୀ ଏସ୍‌ପି ହେଲେ ପ୍ରତୀକ ସିଂ, ସନ୍ତୋଷ ବାଲାଙ୍କୁ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ବଦଳି

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଗୁରୁବାର ଆଇପିଏସ୍ ସ୍ତରରେ ଏକ ବଡଧରଣର ଅଦଳବଦଳ କରିଛନ୍ତି। ଏହିକ୍ରମରେ ୮ ଜିଲାର ଏସ୍‌ପି ବଦଳିଛନ୍ତି। ପୁରୀରେ ପୁଣିଥରେ ନୂଆ ଏସ୍‌ପି ଭାବେ ପ୍ରତୀକ ସିଂଙ୍କୁ ଦାୟିତ୍ୱ ମିଳିଛି। ରଥଯାତ୍ରା ଦଳଚକଟାରେ କେତେଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ପରେ ପୁରୀ ଏସ୍‌ପିଙ୍କୁ ସରକାର ପରିବର୍ତ୍ତନ କରି ପିନାକ ମିଶ୍ରଙ୍କୁ ଦାୟିତ୍ୱ ଦେଇଥିଲେ। ପୁଣିଥରେ ସରକାର ପୁରୀ ଏସ୍‌ପିଙ୍କୁ ବଦଳାଇଥିବାରୁ ଏହାକୁ ନେଇ ଚର୍ଚ୍ଚା ହେଲାଣି।

୧୯୯୫ ବ୍ୟାଚ୍ ଆଇପିଏସ୍ ଅଫିସର ସନ୍ତୋଷ ବାଲାଙ୍କୁ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେ ପୂର୍ବରୁ ଏସ୍‌ସିଆର୍‌ବି ନିର୍ଦ୍ଦେଶକ ଏବଂ ଏସ୍‌ଏଫ୍‌ଏସ୍‌ଏଲ୍ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱରେ ଥିଲେ। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଫିସର୍ ପ୍ରବୀଣ କୁମାରଙ୍କୁ ପୋଲିସ୍ ପ୍ରୋଭିଜନିଂର ଆଇଜି ଭାବେ ନୂଆ ଦାୟିତ୍ୱ ମିଳିଛି। ୨୦୦୨ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସଶସ୍ତ୍ର ପୋଲିସ୍ ବଳର ଆଇଜି, ୨୦୦୩ ବ୍ୟାଚ୍ ଆଇପିଏସ୍ ଅଫିସର୍ ସଞ୍ଜୟ କୁମାର କୌଶଲଙ୍କୁ ଇଓଡବ୍ଲ୍ୟୁର ଆଇଜି, ୨୦୦୭ ବ୍ୟାଚ୍ ଆଇପିଏସ୍ ଅଫିସର ଅଶ୍ୱିନୀ କୁମାରଙ୍କୁ ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋର ନିର୍ଦ୍ଦେଶକ, ୨୦୦୮ ବ୍ୟାଚ୍ ଆଇପିଏସ୍ ଅଫିସର୍ ସତ୍ୟଜିତ୍ ନାୟକଙ୍କୁ ସେଣ୍ଟ୍ରାଲ ରେଞ୍ଜ ଡିଆଇଜି, ୨୦୧୧ ବ୍ୟାଚ୍ ଆଇପିଏସ୍ ଅଫିସର୍ ପିନାକ ମିଶ୍ରଙ୍କୁ ଇଷ୍ଟର୍ଣ୍ଣ ରେଞ୍ଜ ଡିଆଇଜି ଭାବେ ଅବସ୍ଥାପିତ କରାଯାଇଛି। ପିନାକ ମିଶ୍ର ରଥଯାତ୍ରା ଚାଲିଥିବା ବେଳେ ପୁରୀ ଏସ୍‌ପି ଥିଲେ। ସେହିପରି ୨୦୧୩ ବ୍ୟାଚ୍ ଆଇପିଏସ୍ ଅଫିସର ☞ପୃଷ୍ଠା-୪

# ରହିବ ୫%, ୧୮% ସ୍ଲାବ୍: ୯୦% ସାମଗ୍ରୀ ଶସ୍ତା ହେବ

**ଜିଏସ୍‌ଟି ସ୍ଲାବ୍‌ରେ ପରିବର୍ତ୍ତନକୁ ମନ୍ତ୍ରୀଗୋଷ୍ଠୀର ସମର୍ଥନ**




ନୂଆଦିଲ୍ଲୀ,୨୧।୮

ଦେଶର ଟିକସ ବ୍ୟବସ୍ଥାକୁ ଅଧିକ ସରଳ କରିବା ପ୍ରକ୍ରିୟାକୁ ମନ୍ତ୍ରୀଗୋଷ୍ଠୀ (ଜିଓଏମ୍) ସମର୍ଥନ ଜଣାଇଛି। ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି)ରେ ପୂର୍ବରୁ ରହିଥିବା ୧୨% ଓ ୨୮% ସ୍ଲାବ୍‌କୁ ହଟାଇ କେବଳ ୫% ଓ ୧୮% ସ୍ଲାବ୍ ରଖିବା ପାଇଁ କେନ୍ଦ୍ର ସରକାର ଆଣିଥିବା ପ୍ରସ୍ତାବ ଗୁରୁବାର ଅନୁଷ୍ଠିତ ମନ୍ତ୍ରୀଗୋଷ୍ଠୀ ବୈଠକରେ ଗୃହୀତ ହୋଇଛି। କେନ୍ଦ୍ର ସରକାରଙ୍କ ଏହି ଲୋକାଭିମୁଖୀ ନିଷ୍ପତ୍ତି ସପକ୍ଷରେ ସବୁ ରାଜ୍ୟ ସହମତ ଥିବା ବୈଠକ ଶେଷରେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଗଣମାଧ୍ୟମକୁ ଜଣାଇଛନ୍ତି। ତେବେ ଏହାଦ୍ୱାରା କେତେ ରାଜସ୍ୱ କ୍ଷତି ହେବ ତାହାର ଆକଳନ କରିବାକୁ ରାଜ୍ୟଗୁଡ଼ିକ କହିଥିଲେ। ପରବର୍ତ୍ତୀ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏହା ଉପସ୍ଥାପନ କରାଯିବ। ଦୁଇଥାକିଆ ଜିଏସ୍‌ଟି ବ୍ୟବସ୍ଥା ଲୋକାଭିମୁଖୀ। ତେବେ ରାଜ୍ୟଗୁଡ଼ିକ ଯେତେବେଳେ ରାଜସ୍ୱ ହରାଇବେ, ତାହା ପରୋକ୍ଷରେ ସାଧାରଣ ଲୋକଙ୍କ ଉପରକୁ ଯିବ। ତେଣୁ ତାହାର ଅନୁଧ୍ୟାନ କରାଯିବା ଆବଶ୍ୟକ ବୋଲି ଭଟ୍ଟାଚାର୍ଯ୍ୟ କହିଥିଲେ। ୬ ଜଣିଆ ଜିଓଏମ୍ ବୈଠକରେ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କର୍ନାଟକ ଓ କେରଳର ଅର୍ଥ ଓ ରାଜସ୍ୱ ମନ୍ତ୍ରୀମାନେ ଯୋଗଦେଇଥିଲେ।

କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଜିଏସ୍‌ଟି ବ୍ୟବସ୍ଥା ଅନୁଯାୟୀ ଅତ୍ୟାବଶ୍ୟକ ଏବଂ ସମାଜ ଓ ବ୍ୟକ୍ତିବିଶେଷ ପାଇଁ ଉତ୍ତମ ବିବେଚିତ ସାମଗ୍ରୀଗୁଡ଼ିକ ଉପରେ ୫% ଜିଏସ୍‌ଟି ଲାଗୁ ହେବାକୁ ଥିବାବେଳେ ଅନ୍ୟ ଦ୍ରବ୍ୟ ଓ ସେବା କ୍ଷେତ୍ରରେ ୧୮% ଜିଏସ୍‌ଟି ଲାଗିବ। ଏବେ ୯୯ ପ୍ରତିଶତ ସାମଗ୍ରୀ ଉପରେ ୧୨% ଜିଏସ୍‌ଟି ଲାଗୁ ହେଉଥିବାବେଳେ ସେଗୁଡ଼ିକ ଉପରେ ୫% ଜିଏସ୍‌ଟି ଲାଗୁ ହେବ। ସେହିପରି ୨୮% ଟିକସ ଲାଗୁଥିବା ସାମଗ୍ରୀଗୁଡ଼ିକୁ ୧୮% ସ୍ଲାବ୍ ଅଧୀନକୁ ଅଣାଯିବ। ଏହା ଦ୍ୱାରା ପ୍ରାୟ ୯୦ ପ୍ରତିଶତ ସାମଗ୍ରୀ ଶସ୍ତା ହୋଇପାରେ ବୋଲି କୁହାଯାଉଛି। ଏହାବ୍ୟତୀତ ବିଳାସପୂର୍ଣ୍ଣ ଦ୍ରବ୍ୟ ଓ ତମାଖୁ ଆଦି କ୍ଷେତ୍ରରେ ୪୦% ଜିଏସ୍‌ଟି ଲାଗୁ କରାଯିବା ପ୍ରସ୍ତାବ ରହିଥିବା ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ସୁରେଶ କୁମାର ଖାନ୍ନା କହିଛନ୍ତି। ଅତ୍ୟାଧୁନିକ ଓ ବିଳାସପୂର୍ଣ୍ଣ କାର୍ ଉପରେ ୪୦%ରୁ ଅଧିକ ଜିଏସ୍‌ଟି ଲାଗୁ କରିବାକୁ ପଶ୍ଚିମବଙ୍ଗ ସମେତ କେତେକ ରାଜ୍ୟ ପ୍ରସ୍ତାବ ଦେଇଥିଲେ। ସୂଚନାଯୋଗ୍ୟ, ଆଗାମୀ ଦୀପାବଳି ସୁଦ୍ଧା ଜିଏସ୍‌ଟିରେ ସଂସ୍କାର କାର୍ଯ୍ୟକାରୀ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱାଧୀନତା ଦିବସ ଭାଷଣରେ ଘୋଷଣା କରିଥିଲେ।

# ଅନ୍‌ଲାଇନ ଗେମିଂ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ନୂଆଦିଲ୍ଲୀ,୨୧।୮

ରାଜ୍ୟ ସଭାରେ ଗୁରୁବାର ବିରୋଧୀ ସଦସ୍ୟମାନଙ୍କ ପ୍ରତିବାଦ ଓ ହୋହଲ୍ଲା ମଧ୍ୟରେ ପ୍ରମୋଶନ ଆଣ୍ଡ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ ଗେମିଂ ବିଲ୍ ଗୃହୀତ ହୋଇଯାଇଛି। ବୁଧବାର ଏହି ବିଲ୍‌କୁ ଲୋକ ସଭାର ଅନୁମୋଦନ ମିଳିଥିଲା। ବିଲ୍ ଆଗତ କରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ, ଅର୍ଥ ଆଧାରିତ ଗେମ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବାରେ ଏହି ବିଲ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଟଙ୍କା ବାଜି ଲଗାଇ ଖେଳାଯାଉଥିବା ଅନ୍‌ଲାଇନ୍ ଗେମ୍‌ଗୁଡ଼ିକୁ ବ୍ୟାନ୍ କରିବା ପାଇଁ ପ୍ରମୋଶନ୍ ଆଣ୍ଡ ରେଗୁଲେଶନ୍ ଅଫ୍ ଅନ୍‌ଲାଇନ୍ ଗେମିଂ ବିଲ୍-୨୦୨୫ ଲୋକ ସଭାରେ ଧ୍ୱନିମତରେ ପାରିତ ହୋଇଥିଲା। ଦେଶରେ ଦିନକୁ ଦିନ ବଢ଼ିଚାଲିଥିବା ଆର୍ଥିକ ଠକେଇ, ମନି ଲଣ୍ଡରିଂ ଓ ଗେମିଂ ଆଡିକ୍ସନକୁ ରୋକିବା ଉଦ୍ଦେଶ୍ୟରେ ଅଣାଯାଇଥିବା ଏହି ବିଧେୟକ ଗୁରୁବାର ରାଜ୍ୟ ସଭାରେ ପାରିତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିବା ପରେ ଏହା ଆଇନରେ ପରିଣତ ହେବ।

# ପାଟଣାରେ ପ୍ରତିଷ୍ଠା ହେବ ଇସ୍ପାତ କାରଖାନା



ପାଟଣାରେ ଇସ୍ପାତ କାରଖାନା ପ୍ରତିଷ୍ଠା ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥିଭବନଠାରେ କେନ୍ଦୁଝର ଜିଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

- ପୋସ୍କୋ ଓ ଜେଏସ୍‌ଡବ୍ଲ୍ୟୁ ମିଳିତ ଆନୁକୂଲ୍ୟରେ ପ୍ରତିଷ୍ଠା ହେବ
- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଜିଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ
- କେନ୍ଦୁଝର ସମୃଦ୍ଧ ହେଲେ ରାଜ୍ୟର ବିକାଶ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

ଦକ୍ଷିଣ କୋରିଆର ପ୍ରସିଦ୍ଧ ଇସ୍ପାତ କମ୍ପାନୀ ପୋସ୍କୋ ଏବଂ ଭାରତର ଜେଏସ୍‌ଡବ୍ଲ୍ୟୁର ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲାର ପାଟଣା ଅଞ୍ଚଳରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ହେବ ରାଜ୍ୟର ୨ୟ ବୃହତ୍ ଇସ୍ପାତ କାରଖାନା। ଜିଲାରେ ଏହି କାରଖାନା ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଶାସନକୁ ଆସିବା ଆଗରୁ ଦାବିକରି ଆସୁଥିଲେ। ଏହା ମଧ୍ୟ ଦଳର ନିର୍ବାଚନ ଇସ୍ତାହାରରେ ସ୍ଥାନ ପାଇଥିଲା। କେନ୍ଦୁଝରର ଲୁହାପଥର ବିଦେଶକୁ ରପ୍ତାନି ହୋଇ କାମରେ ଆସୁଛି, କିନ୍ତୁ ଓଡ଼ିଶାରେ ଏହା କାହିଁକି ବ୍ୟବହାର ହୋଇପାରୁନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ ଦାବି କରିଆସୁଥିଲେ ଏବଂ ଏଥିପାଇଁ ଲଗାତର ଉଦ୍ୟମ ଜାରି ରଖିଥିଲେ।

କେନ୍ଦୁଝର ଜିଲାବାସୀଙ୍କ ବହୁଦିନର ସ୍ୱପ୍ନ ଥିଲା, ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେଉ। ଏହା ସାକାର ହେବାକୁ ଯାଉଛି। ଏହା ସମ୍ଭବ ହୋଇଛି ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ବୋଲି ଧନ୍ୟବାଦ ଦେବାପାଇଁ ଆସିଥିବା କେନ୍ଦୁଝର ଜିଲାବାସୀଙ୍କ ମତ ଥିଲା। ☞ପୃଷ୍ଠା-୪

**ଚୋରି, ଆକ୍ରମଣ ଅଭିଯୋଗରେ ଜଣେ ଗିରଫ**

ଛେଣ୍ଡିପଦା,(ଅଜିତ ଧଳ): ନିଶା ଶିଳ୍ପାଞ୍ଚଳ ଥାନା ଗୋପାନାଥପୁର ଜଙ୍ଗଲ ଗାଁର ରଞ୍ଜିତ ନାଏକଙ୍କ ଘରୁ ୯ ହଜାର ଟଙ୍କା ଚୋରି ହୋଇଥିଲା। ଏ ସଂକ୍ରାନ୍ତରେ ପଚାରିବାରୁ ପଡ଼ୋଶୀ ପ୍ରମୋଦ ନାଏକ ରଞ୍ଜିତଙ୍କୁ ଆକ୍ରମଣ କରିଥିଲେ। ସୁସ୍ଥ ହେବା ପରେ ରଞ୍ଜିତ ଗତ ୧୩ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କ୍ର. ୨୫୭/୨୫ରେ ଏକ ମାମଲା ରୁଜୁ କରି ପ୍ରମୋଦଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ଶୃଙ୍ଖଳାର ସହ ପୂଜା, ଭସାଣି ଉପରେ ଗୁରୁତ୍ୱ

**ଅନୁଗୋଳ ପୌରାଞ୍ଚଳରେ ଗଣେଶ ପୂଜା ନେଇ ପ୍ରସ୍ତୁତି ବୈଠକ**



ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସହ ଅନ୍ୟ ଅଧିକାରୀ ଓ ପୂଜା କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ,୨୧।୮ (ମାନସ ବିଶ୍ୱାଳ)

ଚଳିତବର୍ଷ ଅନୁଗୋଳ ପୌରାଞ୍ଚଳ ଭିତରେ ହେଉଥିବା ୧୪ଟି ଗଣେଶ ପୂଜା କମିଟିର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଗୋଳ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ମାୟାଧର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଗୋଳ ତହସିଲଦାର, ଉରଖଣ୍ଡ ପୋଲିସ ଅଧିକାରୀ, ଅନୁଗୋଳ ଥାନା ଭାରପ୍ରାପ୍ତ ଅଧିକାରୀ, ଅନୁଗୋଳ ପୌରପାଳିକା ନିର୍ବାହୀ ଅଧିକାରୀ ଏବଂ ଟିପିସିଓଡିଏଲ ଏସଡିଓ ଏବଂ ସେଣ୍ଟ୍ରାଲ ଗଣେଶ ପୂଜା କମିଟି ସଭାପତି, ସମ୍ପାଦକ ଓ ଉପଦେଷ୍ଟାମାନେ ଉପସ୍ଥିତ ରହି ଗଣେଶ ପୂଜା ଏବଂ ଭସାଣିକୁ ଶୃଙ୍ଖଳାର ସହିତ ସମ୍ପନ୍ନ କରାଯିବା ଉପରେ ମତ ଉପସ୍ଥାପନା କରିଥିଲେ।

ପୂର୍ବରୁ ଅନୁଷ୍ଠିତ ସେଣ୍ଟ୍ରାଲ ଗଣେଶ ପୂଜା କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୨୭ ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ୭ଦିନ ଧରି ଗଣେଶ ପୂଜା ଅନୁଷ୍ଠିତ ହେବ। ସେପ୍ଟେମ୍ବର ୩ ଅପରାହ୍ନ ୨ଟାରୁ ରାତି ୧୦ଟା ୩୦ ମଧ୍ୟରେ ମେଢ଼ଣ ଓ ବିସର୍ଜନ ପର୍ବ ଶେଷ ହେବ। ମୋଟ ୧୪ଟି ପୂଜା କମିଟି ମେଢ଼ଣରେ ଯୋଗ ଦେବେ। ଡିଜେ କିମ୍ବା ସାଉଣ୍ଡ ସେଟଅପ କୌଣସି ପୂଜା କମିଟି ଆଣିପାରିବେ ନାହିଁ। ମ୍ୟୁଜିକାଲ କିମ୍ବା ଟ୍ରେକର ସାଉଣ୍ଡ ପ୍ରତେକ ପୂଜା କମିଟି ଆଣିବେ। ମୁଖ୍ୟ ଚିକିତ୍ସାଳୟ ପାଖରେ ପ୍ରତ୍ୟେକ ପୂଜା କମିଟି ସାଉଣ୍ଡ କମ୍ କରି ବଜାଇବେ। ଉକ୍ତ ମେଳଣ ଉତ୍ସବକୁ ଏମ୍‌ପି, ସମସ୍ତ ବିଧାୟକ, ଅନୁଗୋଳ ପୌରାଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲାପାଳ, ଉପଜିଲାପାଳ, ଡିଆଇଜି, ଆରକ୍ଷୀ ଅଧୀକ୍ଷକଙ୍କୁ ଅତିଥି ଭାବେ ନିମନ୍ତ୍ରିତ କରାଯିବ। କୌଣସି ପୂଜା କମିଟି ଜବରଦସ୍ତ ଚାନ୍ଦା ଆଦାୟ କରିପାରିବେ ନାହିଁ ବୋଲି ଉପଜିଲାପାଳ କହିଥିଲେ। ତୋରଣ ନିର୍ମାଣ ପାଇଁ ରାସ୍ତା ଉପରେ ଗାତ ଖୋଳିଲେ ପୂଜା କମିଟି ତାହାକୁ ପୂର୍ଣ୍ଣ କରିବେ। ବିଦ୍ୟୁତ୍ ଦେୟ ପୈଠ କରିବେ। ପ୍ରସାଦ ସେବନ କାର୍ଯ୍ୟକ୍ରମ କଲେ ପରିମଳ ବ୍ୟବସ୍ଥା ପାଇଁ ପୌର କାର୍ଯ୍ୟାଳୟ ତରଫରୁ ଛୋଟ ଏବଂ ବଡ଼ ଗାଡ଼ି ପାଇଁ ଟଙ୍କା ଦେବାକୁ ପଡ଼ିବ ବୋଲି ପୌରପାଳିକା ତରଫରୁ ନିର୍ବାହୀ ଅଧିକାରୀ ମତ ଦେଇଥିଲେ। ପ୍ରତ୍ୟେକ କମିଟି ପୂଜା ପେଣ୍ଡାଲରେ ସିସିଟିଭି ଲଗାଇବେ ବୋଲି ଅନୁଗୋଳ ଥାନା ଭାରପ୍ରାପ୍ତ ଅଧିକାରୀ ଏବଂ ଅନୁଗୋଳ ଉରଖଣ୍ଡ ପୋଲିସ ଅଧିକାରୀ ମତ ଦେଇଥିଲେ। ପ୍ରତି ପୂଜା କମିଟି ରଜାରଙ୍ଗ କାର୍ଯ୍ୟକ୍ରମ ଏବଂ ଭସାଣି ପାଇଁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନଠାରୁ ଅନୁମତି ଆଣିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା।

## ସ୍ୱଚ୍ଛତା ସଚେତନତାରେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ଆଠମଲ୍ଲିକ,୨୧।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ମିନି ଷ୍ଟାଡିୟମ ଠାରେ ଆଠମଲ୍ଲିକ ଏନ୍‌ଏସି ପକ୍ଷରୁ ଆଇନଗତ ସଫେଇ ସୁରକ୍ଷିତ ସଫେଇ କାର୍ଯ୍ୟକ୍ରମର ସଚେତନତା ଉପଲକ୍ଷେ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ପୁଲିଶେଶ୍ୱର କ୍ଲବକୁ ହରାଇ ମାଣିକ ପଥର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଲିଙ୍ଗାରାଜକୁ ହରାଇ ରାମେଶ୍ୱର ପାରଣା ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଗୁରୁଡ଼ି ସାହିକୁ ହରାଇ ଭେଟେରିଆନ କ୍ଲବ ବିଜୟ ଲାଭ କରିଥିଲା। ଚତୁର୍ଥ ମ୍ୟାଚରେ ନେତାଜୀ କ୍ଲବକୁ ହରାଇ ଟାଉନ୍‌ବ୍ରେକରରେ ମୁଣ୍ଡାସାହି ବିଜୟ ଲାଭ କରିଥିଲା। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଉପେନ୍ଦ୍ର ଲୁହା, ସମ୍ମାନିତ ଅତିଥି ଭାବେ ବିଡିଓ ଦିବ୍ୟ ସିଂ ମହାପାତ୍ର, ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ଆଇଆଇସି ପ୍ରକାଶ ଚନ୍ଦ୍ର ମାଝୀ, ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବାଶିଷ ରଣା, ଏନ୍‌ଏସି ଅଧ୍ୟକ୍ଷା ଆଶା କୁମାରୀ ସାହୁ, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ ମଞ୍ଚାସୀନ ଥିଲେ। ମୁଖ୍ୟ ରେଫରୀ ଭାବେ ସୁଶୀଲ ବେହେରା ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସ ମ୍ୟାନ ଭାବେ ପଦ୍ମନ ବେହେରା, ଅଜିତ ନାଏକ ସହଯୋଗ କରିଥିଲେ। ଉମାକାନ୍ତ ଦାଶ, ଏନ୍‌ଏସି କର୍ମଚାରୀ ନିର୍ମଳ ବେହେରା, ରମାକାନ୍ତ ବିଶ୍ୱାଳ, ଅବିନାଶ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

## କେନାଲରେ ଭାସୁଛି ନବଜାତ ଶିଶୁ ମୃତଦେହ

ଅନୁଗୋଳ,୨୧।୮ (ମାନସ ବିଶ୍ୱାଳ)

ଅନୁଗୋଳ ଟାଉନ ଥାନା ଶିକ୍ଷକପଡ଼ା ଅଞ୍ଚଳରେ ଥିବା କେନାଲ ଭିତରେ ଗୁରୁବାର ସକାଳେ ଏକ ନବଜାତ ଶିଶୁର ମୃତଦେହ ଦେଖିବାକୁ ମିଳିଛି। ଶିକ୍ଷକପଡ଼ା ଛାକ ଗୋଦାମ ପାଖ କେନାଲରେ ନବଜାତ ଶିଶୁର ମୃତଦେହ ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଅନୁଗୋଳ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ମାଟି ରାସ୍ତାକୁ ପକ୍କା କରାଯାଉ

କଣ୍ଢେଇ,୨୧।୮ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଅନ୍ଧାପାପୁର ଗ୍ରାମକୁ ଯାଇଥିବା ମାଟି ରାସ୍ତା କର୍ଦ୍ଦମାକ୍ତ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାକୁ ପକ୍କା କରିବାକୁ ଗ୍ରାମବାସୀ ଗୁରୁବାର ଅନୁଗୋଳ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଉଲ୍ଲେଖ କରିଛନ୍ତି, ଉକ୍ତ ମାଟି ରାସ୍ତାଟି ପଞ୍ଚାୟତ ବିଭାଗ ଅଧୀନରେ ରହିଛି। ଏହା ଉପରେ ୪ଟି ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭରଶୀଳ। ହେଲେ ରାସ୍ତାକୁ ପକ୍କା କରାଯାଇ ନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅଧୁଣ୍ଡ ହୋଇଯାଉଛି। ରାସ୍ତାକୁ ପକ୍କା କରିବା ପାଇଁ ପୂର୍ବରୁ ବହୁବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନାହିଁ। ତୁରନ୍ତ ଉକ୍ତ ରାସ୍ତାକୁ ପକ୍କା କରିବା ପାଇଁ ଗ୍ରାମର ସୁଶାନ୍ତ କୁମାର ସ୍ୱାଇଁ, ଭଜମନ ସ୍ୱାଇଁ, ଯୁଗଳ ସ୍ୱାଇଁ, ପ୍ରଶ୍ନ ସ୍ୱାଇଁ, ବିଗ୍ରାମ ସାହୁ, ଅଭିମନ୍ୟୁ ସାହୁ, ବିଜୟ ବେହେରା, ଶ୍ରୀପତି ପ୍ରଧାନ ପ୍ରମୁଖ ଦାବି କରିଛନ୍ତି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

କଣ୍ଢେଇ,୨୧।୮ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଠାକୁରଗଡ଼ ଥାନା ଅଞ୍ଚଳର ଜଣେ ବିବାହିତା ମହିଳାଙ୍କୁ ସେହି ଥାନା ଅଞ୍ଚଳର ରାମଜୀ ପ୍ରଧାନ ବଳାତ୍କାର ଉଦ୍ୟମ କରିଥିବା ଥାନାରେ ବୁଧବାର ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୧୩/୨୫ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ମହିଳା ଜଣଙ୍କ ନଳକୂଅକୁ ପାଣି ଆଣିବା ପାଇଁ ଯାଉଥିବା ବେଳେ ରାମଜୀ ତାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି।

## ମୃତ ଶ୍ରମିକଙ୍କ ପରିବାରକୁ ଆର୍ଥିକ ସହାୟତା ଦାବି



ଆଠମଲ୍ଲିକ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଠମଲ୍ଲିକ,୨୧।୮ (ଉଦୀପ୍ତ ପୁରୋହିତ)

**■ଗୋଟିଏ ଦିନରେ ଯାଇଥିଲା ୨ ଭାଇଙ୍କ ଜୀବନ**

**■ଉପଜିଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଲୁହାସିଙ୍ଗା ପଞ୍ଚାୟତ ଲୁହାସିଙ୍ଗା ଗ୍ରାମର ବିଭୀଷଣ ପ୍ରଧାନଙ୍କ ୨ ପୁଅ ମନୁ ପ୍ରଧାନ (୪୩) ଓ ସାନୁ ପ୍ରଧାନ (୩୪) ଗତ ୨୧ ତାରିଖରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲା ବେଳେ ସ୍ଲାବ ତଳେ ଚାପି ହୋଇ ପ୍ରାଣ ହରାଇଥିଲେ। ଆଠମଲ୍ଲିକ ଡାକ୍ତରଖାନାରେ ସାନୁଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା ବେଳେ ଗୁରୁତର ମନୁଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ ଘୋଷଣା କରାଯାଇଥିଲା। ଗୋଟିଏ ଦିନରେ ୨ ଭାଇଙ୍କ ଅକାଳ ବିୟୋଗ ପରେ ସେମାନଙ୍କ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। ମନୁ ପ୍ରଧାନଙ୍କ ସ୍ତ୍ରୀ ସଂଯୁକ୍ତା ପ୍ରଧାନ ଓ ୨ ଛୋଟ ପିଲା ଥିଲାବେଳେ ସାନୁ ପ୍ରଧାନଙ୍କ ସ୍ତ୍ରୀ ଟିଙ୍କିନା ପ୍ରଧାନ ଏବେ ଗର୍ଭବତୀ ଅଛନ୍ତି। ଉଭୟ ପରିବାର ବଡ଼ ଦୁଃଖ କଷ୍ଟରେ ଚଳୁଥିବାରୁ ଗ୍ରାମବାସୀଙ୍କ ତରଫରୁ ଉଭୟ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଠମଲ୍ଲିକ ଉପଜିଲାପାଳ ଉପେନ୍ଦ୍ର ଲୁହାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ରକୁ ଗ୍ରାମ ସଭାପତି ରମେଶ ଚନ୍ଦ୍ର ଗୋପାଳଙ୍କ ନେତୃତ୍ୱରେ ଗ୍ରାମବାସୀ ପ୍ରଦାନ କରିଥିଲେ।

## ନିଲାମ ହେବ ୪ ଟନ୍‌ର ଆଣ୍ଠାଲଡୁ

**ତାଳଚେରେ ଗଣେଶ ପୂଜାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଓ ଲଟେରି ଉଠାଣ**

ତାଳଚେର,୨୧।୮ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ଚଳିତବର୍ଷ ଅଗଷ୍ଟ ୨୭ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୭ ତାରିଖ ଇନ୍ଦୁପୂର୍ଣ୍ଣିମା ଦିନ ଭସାଣି ଉତ୍ସବରେ ଶେଷ ହେବେ। ଚଳିତବର୍ଷ ଭସାଣି ଉତ୍ସବରେ ୩୫ଟି ମେଢ଼ ସାମିଲ ହେବ। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଦେଉଳବେଢ଼ା କୋଲିୟାରୀ ଡିସିଆଇ କ୍ଲବ ହାଉସ୍‌ଠାରେ ଅନୁଷ୍ଠିତ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସହ ଭସାଣି ଶୋଭାଯାତ୍ରାରେ ସାମିଲ ହେବାକୁ ମେଢ଼ଗୁଡ଼ିକର ଲଟେରି ଉଠାଣ ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରୀୟ ଗଣେଶ ପୂଜା କମିଟି ସଭାପତି ତଥା ଉପଜିଲାପାଳ ସମୀର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ, ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ ଓ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି କାଉନସିଲର ସ୍ୱାଧୀନ ଥମ୍ବ ଯୋଗଦେଇ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ସବ୍ କମିଟି ଘୋଷଣା କରାଯାଇଥିଲା। ଭସାଣି ପୂର୍ବଦିନ ୬ ତାରିଖ ଅପରାହ୍ନରେ ଲଡୁ ନିଲାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଚଳିତ ବର୍ଷ ୪ ଟନ ଓଜନ ବିଶିଷ୍ଟ ଆଣ୍ଠାଲଡୁ ନିଲାମ କରାଯିବ। ଭସାଣି ଶୋଭାଯାତ୍ରା ଦିନ ସକାଳ ୮ଟାରେ ମେଢ଼ଗୁଡ଼ିକ ଏକତ୍ରିତ ହେବା ପରେ କ୍ରମାନ୍ୱୟରେ ଯିବେ। ଭସାଣିରେ ଡିଜେ ନିଷିଦ୍ଧ ହୋଇଥିଲା ବେଳେ ସାଉଣ୍ଡ ସିଷ୍ଟମକୁ ଛାଡ଼ି ସର୍ବାଧିକ ୫ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରାଯାଇପାରିବ। କେନ୍ଦ୍ରୀୟ ଗଣେଶ ପୂଜା କମିଟି ଉପସଭାପତି ଡ. ରଶ୍ମିରଞ୍ଜନ ମିଶ୍ର ମଞ୍ଚ ସଞ୍ଚାଳନା କରିଥିଲା ବେଳେ ଅନ୍ୟତମ ଉପସଭାପତି ପ୍ରକାଶ ମହାରଣା ବୈଠକ ସମ୍ବନ୍ଧୀୟ ସୂଚନା ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ଦିଲୀପ କୁମାର ପାଣି ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ରଣଜିତ ମହାପାତ୍ର ଲଟେରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ସୌଭାଗ୍ୟ ମହାରଣା, ନିରୋଜ ଦାସ, ଉପଦେଷ୍ଟା କେଶବ ଭୂତିଆ ଓ ରମେଶ ବେହେରା ପ୍ରମୁଖ ଶାନ୍ତିଶୃଙ୍ଖଳା ଭାବେ ପୂଜା ସମାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ସମସ୍ୟା ଉପସ୍ଥାପନ କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଅବସରପ୍ରାପ୍ତ ସହକାରୀ ଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

ପବିତ୍ରନଗର,୨୧।୮ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଡ଼ଗୁଣ୍ଡୁରୀ କ୍ଲଷ୍ଟର ବଡ଼ହୀରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅବସର ଗ୍ରହଣ କରିଥିବା ସହକାରୀ ଶିକ୍ଷକ ବିନୋଦ ଚନ୍ଦ୍ର ପ୍ରଧାନଙ୍କୁ ଏହି ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆର୍‌ସିସି ନୀଳମଣି ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶ୍ରୀଧର ଦାସ, ମଞ୍ଜୁଲତା ସାହୁ, ଅଶ୍ୱିନୀ କୁମାର ନାଏକ, ଲିଙ୍ଗରାଜ ମହାନ୍ତି, ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ସହକାରୀ ଶିକ୍ଷକ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେ ଜଣେ ଛାତ୍ର ବତ୍ସଳ, ମେଳାପି, ନମ୍ର ସ୍ୱଭାବର ଶିକ୍ଷକ ଥିଲେ ବୋଲି ଅତିଥିମାନେ କହିଥିଲେ। ଲୁହାମରା ସ୍କୁଲର ପ୍ରଧାନ ଶିକ୍ଷକ ବିଜୟ କୁମାର ଦେହୁରୀ, ସହକାରୀ ଶିକ୍ଷକ ମୁନା ନାଏକ, ସହକାରୀ ଶିକ୍ଷକ ବିଦେଶୀ ସାହୁ ଉପସ୍ଥିତ ଥିଲେ।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KENDRAPARA-JAJPUR**
AT-CHANDIKHOL,PO-SUNGUDA, JAJPUR-755044, Tel.No.0671-2444488, Email: serw_kpd@yahoo.com
Office Order:2534, Date:12.8.25

**CANCELLATION OF TENDER**

**No.O-628:** The following tender of RCK-25/24 invited vide this office letter no-3489, dtd.23.12.2024 is hereby cancelled as per the instruction issued by Chief Engineer (Roads).
1.Impvt. to RD Road (Chakroda) to Sunduria Road in the Dist. of Jajpur vide ltr no.25707, dtd.8.8.25. 2. Impvt. to Kalando to Bichhakhandi Road in the Dist. of Jajpur ltr no.25321, dtd.6.8.25. 3. Impvt. to Dharmasala to Bhubana Road in the Dist. of Jajpur ltr no.25322, dtd.6.8.25. 4. Impvt. to Nuapatana to Kotapur River Embankment via Muratapur Alarpur Road in the Dist. of Jajpur ltr no.25308, dtd.6.8.25.

Sd./- Chief Construction Engineer
Rural Works Circle, Kendrapara-Jajpur
OIPR-25129/11/0061/2526

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
No. CAD-1518 Email-hpschiplima@yahoo.in, Fax No. (0663) 2460505
No.-CHEP/TW-302/3202 Date: 19.08.2025

**TENDER CALL NOTICE NO.-CHEP-27/2025-26**

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Manufacturers / Authorized Dealers / Authorized Distributors / Channel Partners meeting Eligibility Criteria only for the procurement of the following materials;

| Description | Cost of Tender Paper (Non-refundable) | EMD in Rs. (Refundable) |
|---|---|---|
| Supply, Erection, Testing & Commissioning of 4 Nos. High Mast Lights for CHEP, Chiplima | Rs.7,080/- (Rs.6,000/- + GST @18%) | 26,940/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.22.08.2025 up to 12:30 PM of dtd.04.09.2025.
OIPR-04006/11/0099/2526 Sd/- C & P Head, CHEP, Chiplima

Govt. of Odisha
**PANCHAYAT SAMITI, DHARMASALA**
Email: ori-dharmasala@nic.in, Tel/Fax:06725-283023
**1st Corrigendum to Tender Call Notice No. "Tender Online 01 DMSL/2025-26"**

**No.i-284:** The following modifications are made in respect of the Tender Call Notice No. **"Tender Online 01DMSL/2025-26"** due to some unavoidable circumstances.
1. The Tender Call Notice No. **Tender Online 01DMSL/2025-26** will be available for online bidding from **30.08.2025** at 11.00 AM to **15.09.2025** upto 5.00 PM instead of **16.08.2025** at 11.00 AM to **01.09.2025** upto 5.00 PM.
2. The last date & time seeking tender clarification will be **12.09.2025** upto 5.00 PM instead of **30.08.2025** upto 5.00 PM.
3. The date of opening of tender shall be **16.09.2025** at 11.00 AM instead of **02.09.2025** at 11.00 AM
All other terms & conditions remain unchanged.
The above corrigendum shall only be published in the Govt. website **www.tendersodisha.gov.in.**

Sd./- Block Development Officer
Dharmasala
OIPR-19216/11/0004/2526

**OFFICE OF THE SUPERINTENDING ENGINEER DEOGARH (R&B) DIVISION, DEOGARH**
Email ID- eepwddeogarh@gmail.com
**INVITATIONS FOR BIDS (IFB)**
Letter No.2254, Dtd.19.08.2025
No.B-424: **Invitation For Bids**
**Bid Identification No.SE PWD DGR No. 11 of 2025-26**

| | | | |
|---|---|---|---|
| 1. | The Superintending Engineer, Deogarh (R&B) Division, Deogarh on behalf of Government of Odisha, invites percentage rate bids in Single cover system in ONLINE MODE only, for Construction of Road works as detailed below. | | |
| 2. | Nature of Work | : | Road Works |
| 3. | No. of Works | : | Road 07 Nos. |
| 4. | Bid Cost | : | Rs.6000/- & 10000/- |
| 5. | Class of Contractor | : | "D", "C" & "B" Class |
| 6. | Availability of Bid documents in the website | : | From dt.26.08.2025 to 17.00 hours of dt.04.09.2025 |
| 7. | Date of Opening of Technical Bid | : | Dt.06.09.2025 at 11.30 AM |
| 8. | The Bidders have to participate in ONLINE bidding only. Further details can be seen from the website: http://www.tendersorissa.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
Deogarh (R&B) Division
OIPR-34061/11/0013/2526

H&UD Department, Government of Odisha
**OFFICE OF THE MUNICIPAL COUNCIL, BARGARH**
Pin:768028 (Odisha), Tel.No-06646-223355/
E.Mail: bargarhmuniciplity.eo@gmail.com
No.C-928: Letter No.3345 SBM, Dated 19.08.2025

The Executive Officer, Bargarh Municipality, H&UD Department, Government of Odisha invites technical and financial proposals from reputed implementing Agencies/ Firms of National and international repute for **"Selection of An Agency/Firm For "Supplying of Door-to-Door Waste Collection Compartmentalized LCV Vehicles Including Drivers. Tractor Vehicles Including Drivers on Hiring Basis for Bargarh Municipality Area** in Bargarh District detailed in the Scope of Work in this DTCN. The interested and eligible Firms with valid Registration Certificate as a Company, as detailed in DTCN, may apply for the same in OFF-LINE mode. (For details visit https://bargarh.odisha.gov.in/tender & https://www.bargarhmunicipality.in/tender.php)

| | | |
|---|---|---|
| 01 | Nature of Works | Selection of An Agency/ Firm For "Supplying of Door To Door Waste Collection Compartmentalized LCV Vehicles Including Drivers. Tractor Vehicles Including Drivers on Hiring Basis for Bargarh Municipality |
| 02 | RFP (Bid) Cost | 1000/- (Rupees one Thousand only) (non-refundable) Only |
| 03 | EMD | Rs. 3,00,000/- (Rupees Three Lakh) only |
| 04 | Availability of RFP document in the website | 21-08-2025 |
| 05 | Last date of receipt of Bid | 06-09-2025 |
| 06 | Mode of Receipt of Bids | Speed / Regd. Post/ Courier |
| 07 | Date of opening of Technical Bid & PPT (Methodology including Management) | 08.09.2025 at 03.00 PM |
| 08 | Financial Bid | 09.09.2025 at 11.00 AM |
| 09 | Address for Business query and correspondence | Bargarh Municipality, Ward No-10, Dist: Bargarh Pin-768028 |

The bidders have to participate in OFF-LINE bidding only. Further details can be seen from the Bargarh District website https://bargarh.odisha.gov.in/tender & https://www.bargarhmunicipality.in/tender.php) Any addendum /corrigendum / cancellation of tender can also be seen in the said websites. If any query then contacts E-mail ID www.bargarhmunicipality.eo@gmail.com.

Sd./- Executive Officer,
Bargarh Municipality
OIPR-13078/11/0060/2526

**OFFICE OF THE PRINCIPAL**
**GOPABANDHU AYURVEDA MAHAVIDYALAYA**
V.I.P. ROAD, PURI (ODISHA) - 752002
Tel.: 06752-222072(O)/E-mail: principalgampuri@gmail.com
No. 3781/GAM Dated: 19.08.2025

**WALK-IN-INTERVIEW**

No. E-333: Walk-in-Interview for temporary and co-terminus post of One MPHW for one year at Gopabandhu Ayurveda Mahavidyalaya, Puri for Central Sector Scheme for implementation of National Programme on Osteoarthritis and other musculoskeletal disorders in Brahmagiri Block of Puri district and public health programme on AYUSH Geriatric Health Care Services - Vayomitra will be held in the office of the Principal of this institution on 29.08.2025 (Friday) at 11.00 A.M.
Details are available on website i.e. **www.gampuri.nic.in**.

Sd./- Principal
Gopabandhu Ayurveda Mahavidyalaya
Puri
OIPR-10044/11/0008/2526

**DISTRICT PROJECT OFFICE**
**SAMAGRA SIKSHA (SS), SAMBALPUR**
2nd Floor, Collectorate, Sambalpur - 768001
Email: dpcsambalpur.opepa@nic.in
**SHORT TENDER CALL NOTICE FOR SUPPLY OF TLM & EQUIPMENTS**
No. 1588/IE/ Date: 19.08.2025
No. n-127: Sealed tenders are invited from the reputed firms/ organizations having valid PAN, GST Registration and business setup in Odisha for supply of TLM & EQUIPMENTS (Physiotherapy, Auditory Training, Speech Therapy, Mobility & Braille Training, ADL & behavioral Modification Training, Equipment & Furniture for 07 Nos. of PMSHRI Schools) of Sambalpur district in two bid systems (Technical & Financial Bid). Last date & time of receiving the tender is 01.09.2025, 2.00 P.M.
For details please visit **www.sambalpur.odisha.gov.in** & **www.osepa.odisha.gov.in**.

By the order of Collector-cum-Chairman
Sd./- District Project Coordinator
SS, Sambalpur
OIPR-15013/11/0073/2526

**JEYPORE MUNICIPALITY, JEYPORE**
Phone No.06854231098, Fax No.06854230104
Email:ulbjeypore@gmail.com & jayporem.hud@nic.in
Letter No.3635/JM Date:19.08.2025
**EXPRESSION OF INTEREST (EOI)**
**Plantation and Maintenance of Trees under the "Women for Trees" Campaign under Jeypore Municipality**

**No.C-923:** Applications are invited in the prescribed format from eligible and interested **local Self-Help Groups (SHGs) of Jeypore Municipality area** registered under the National Urban Livelihoods Mission (NULM) for the execution of Plantation and Maintenance of Trees under the Women for Trees Campaign in observance of Local Self Governance Day, as per the Standard Operating Procedure (SOP) and guidelines issued by the Housing & Urban Development Department, Government of Odisha.
EOI must reach the undersigned on or before 26.08.2025 by 1.00 PM.
The details of the programme and application format can be downloaded from the office website (www.jeyporemunicipality.in) or obtained from the office of Jeypore Municipality, Jeypore.

Sd./- Executive Officer
Jeypore Municipality
OIPR-13079/11/0061/2526

**OFFICE OF THE EXECUTIVE ENGINEER RWS&S DIVISION, KENDRAPARA**
At:Ichhapur, Post: Shree Baladevjew, Email:eerwsskendrapara@gmail.com
**INVITATIONS FOR BIDS (IFB) [e-Procurement]**
Bid Identification No.RWS/42/2025-26
Letter No.5211/Dated 19.08.2025

**No.O-623:** 1.The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in **SINGLE** cover system in **ONLINE MODE** from eligible **Electrical** contractors for **External electrification** works of different Rural Piped Water Supply Schemes in Kendrapara District.
2. Name of the Work : External electrification works for different RPWS Scheme in Kendrapara District.
3. No. of Work : 02 Nos. (Two) only
4. Value of the Work : Rs.6.21 to 8.80 Lakhs
5. Concerned tender inviting authority : **Executive Engineer, RWS&S Division, Kendrapara.**
6. Cost of Bid documents (Rs.) (Online) : Rs.4000/-
7. Cost of EMD @ 1% (Online) : Rs.6300/- to 8900/-
8. Class of Bidder : "HT"
9. Period of Completion : 30 days
10. Availability of bid documents in the website : From date 25.08.2025 at 10.00 A.M. to date 06.09.2025 till 5.30 P.M.
11. Last date & time of seeking tender clarification : Upto 29.08.2025 upto 5.30 P.M.
12. Date of Opening of Bid : 08.09.2025 at 11.00 AM onwards

The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E. Subsequent corrigendum/addendum if required shall only be appeared in the above website.

Sd./- Executive Engineer
RWS&S Division, Kendrapara
OIPR-25004/11/0044/2526

**OFFICE OF THE SUPERINTENDING ENGINEER DHENKANAL (R&B) DIVISION,DHENKANAL**
Email- eedklpwd@gmail.com
**INVITATION FOR BIDS THROUGH e-Procurement**
Bid Identification No.SEDKL (R&B) 17/2025-26
No.B-422: **Invitation For Bids**

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Double cover system in ONLINE MODE only, for Construction of Building works as detailed below. | | |
| 2. | Nature of Work | : | 1 Nos. Road Works |
| 3. | No. of Work | : | 01 Nos. |
| 4. | Bid Cost | : | Rs.10,000/- |
| 5. | Class of Contractor | : | 'B' Class |
| 6. | Availability of Bid documents in the website | : | From 10.00 AM of 25.08.2025 to 5.00 PM of 08.09.2025 |
| 7. | Date of Opening of Bid | : | Dt.09.09.2025 at 11.00 AM |
| 8. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division,
Dhenkanal
OIPR-34016/11/0053/2526

**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR-751002
Tel-MD 0674-2340573, E-mail-mdossclttd456@gmail.com
NIT No.OSSC/Mktg (Hort)-42/2025
**Short e-Tender Call Notice for Procurement of Dragon Fruit Planting Materials (Stem cutting) for the Year 2025-26**

**No.CAD-1528:** OSSC Ltd. invites Short e-Tender from Producers/ Licensed suppliers only on item wise rate contract basis for Procurement of Dragon Fruit Planting Materials (Stem Cutting) for the Year-2025-26 in double cover system through online mode only for the work below.

| | |
|---|---|
| Name of the Work | Purchase of Dragon Fruit Planting Materials (Stem cutting) for the Year 2025-26 |
| No. of Work | One |
| Availability of bid documents in portal | 15 hours on dt.22.08.2025 to 17 hours of dt.01.09.2025 |
| Last date of receipt of tender in portal | 17 hours of dt.01.09.2025 |
| Date and Time opening of Bid | 10.30 hours of dt.02.09.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/ corrigendum/ cancellation can also be seen in the said website.

OIPR-01045/11/0090/2526 Sd./- Managing Director, OSSC Ltd.

**ଗିରଫ କାର୍ ଚାଳକଙ୍କୁ କୋର୍ଟ ଚାଲାଣ**

ଛେଣ୍ଡିପଦା,(ଅଜିତ ଧଳ): ଜରପଡ଼ା ଥାନା କତଡ଼ାଠାରେ ବୁଧବାର ଦୁର୍ଘଟଣା ଘଟାଇ ସ୍କୁଟି ଚାଳକଙ୍କ ଜୀବନ ନେଇଥିବା କାର୍ ଚାଳକ ଯାଜପୁର ଜିଲା ଦଶରଥପୁର କାଟୁରିଆ ଅଞ୍ଚଳର ସଞ୍ଜୀବ କୁମାର ସାମଲଙ୍କୁ ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, କତଡା ଗାଁର ଶ୍ରୀନିବାସ ପ୍ରଧାନ ଅନୁଗୋଳ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥରେ ଘରକୁ ଫେରୁଥିବାବେଳେ ପଛରୁ କାର୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ନଂ. ୩୪୧/୨୫ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ଜିଲା ମୁଖ୍ୟ ଚିକିତ୍ସାଳୟ ସମସ୍ୟାର ସମାଧାନ ଦାବି

**ଅନୁଗୋଳ,୨୧।୮(ମାନସ ବିଶ୍ୱାଳ)**


ଦାବିପତ୍ର ପ୍ରଦାନ ପାଇଁ ଆସିଥିବା ଜିଲା ଜନଜୀବନ ସୁରକ୍ଷା କମିଟି କର୍ମକର୍ତ୍ତାମାନେ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଜିଲା ମୁଖ୍ୟ ଚିକିତ୍ସାଳୟରେ ଦିନକୁ ଦିନ ଅବ୍ୟବସ୍ଥା ଲାଗି ରହିଛି। ବିଭିନ୍ନ ଅସୁବିଧା ଦେଇ ଜିଲା ମୁଖ୍ୟ ଚିକିତ୍ସାଳୟ ଗତି କରୁଥିବା ବେଳେ ନୂତନ ଭାବେ ତିଆରି ହୋଇଥିବା ଟ୍ରମା କେୟାରରେ ଅବସ୍ଥା ସମାନ ରହିଛି। ନିର୍ମାଣାଧୀନ ଟ୍ରମାକେୟାର ସେଣ୍ଟର ଓ ଆଇସିୟୁ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଗୁରୁତର ରୋଗୀ ଉପଯୁକ୍ତ ଚିକିତ୍ସାସେବା ପାଇପାରୁ ନାହାନ୍ତି। ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଟ୍ରମାକେୟାର ସେଣ୍ଟର ଓ ଆଇସିୟୁକୁ କାର୍ଯ୍ୟକ୍ରମ କରିବାକୁ ପଦକ୍ଷେପ ନିଆଯାଉ। ରକ୍ତ ପରୀକ୍ଷା କେନ୍ଦ୍ର ଓ ଔଷଧ ବିତରଣ କେନ୍ଦ୍ରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ। ରୋଗୀମାନଙ୍କ ସଂଖ୍ୟା ବୃଦ୍ଧି ଅନୁପାତରେ ପଞ୍ଜୀକରଣ କେନ୍ଦ୍ର ଖୋଲାଯାଉ। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ମୁତାବକ ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ କରାଯାଉ। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ପୋଲଟ୍ରି ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ପୋଲଟ୍ରି ଫାର୍ମର ସମସ୍ତ ଜାଗାକୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର କରାଯାଉ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ନର୍ସିଂ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉ। ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ଆମିଷ ବଜାରକୁ ଅନ୍ୟକୁ ସ୍ଥାନାନ୍ତର କରାଯାଉ ବୋଲି ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଦାବି କରାଯାଇଛି।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, କର୍ମକର୍ତ୍ତା ଚୟନ

**ପାଲଲହଡ଼ା,୨୧।୮(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ମା' ଦୁର୍ଗା ଡ୍ରାଇଭର ଆସୋସିଏଶନ ଦ୍ୱାରା ଦୁର୍ଗା ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ମା'ଙ୍କ ପୂଜା ଉତ୍ସବର ରୌପ୍ୟ ଜୟନ୍ତୀ ପାଳିତ ହେଉଥିବାରୁ ଉତ୍ସବକୁ ଅଧିକ ଜାକଜକମରେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଚଳିତବର୍ଷ ପାଇଁ ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଥିଲା। ରଞ୍ଜନ କୁମାର ମାଝୀ ସଭାପତି ଭାବେ ଚୟନ ହୋଇଥିବାବେଳେ ଉପସଭାପତି ଭାବେ ହଟ୍ଟ କିଶୋରେ ପ୍ରଧାନ, ସମ୍ପାଦକ ଭାବେ ମଙ୍ଗଳ ମାଝୀ, ଯୁଗ୍ମ ସମ୍ପାଦକ ଭାବେ ଚିରଞ୍ଜିବୀ ଜେନା, କୋଷାଧକ୍ଷ ଭାବେ ବୁନା ବିଶ୍ୱାଳ ସର୍ବ ସମ୍ମତିରେ ଚୟନ ହୋଇଥିଲେ। ବୈଠକରେ ସଂଘର ସମସ୍ତ ସଦସ୍ୟ ଏବଂ ଅଞ୍ଚଳର ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

# ୭ଦିନ ଧରି ଚାଲିବ ବିଶ୍ୱକର୍ମା ପୂଜା

**ନାଲ୍‌କୋ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ**

**ବଅାଁରପାଳ,୨୧।୮(ସୁବାସ ସାହୁ)**


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ, ପୂଜା କମିଟି, ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ।


ଅନୁଗୋଳ ଜିଲା ନାଲ୍‌କୋନଗରରେ ଚଳିତବର୍ଷ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ପାଳନ ପାଇଁ ଗୁରୁବାର ନାଲ୍‌କୋ ପ୍ରଶାସନ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୦ଟାରେ ଏସ୍‌ଆଣ୍ଡପି କମ୍ପ୍ଲେକ୍ସଠାରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଆଣ୍ଡପି କମ୍ପ୍ଲେକ୍ସ ଇଡି ଶ୍ରୀନିବାସ ଶୁଭ୍ରମନ୍ୟୁମ୍ ନରେଲାଙ୍କ ଅଧ୍ୟକ୍ଷତାରେ ମାନବ ସମ୍ବଳ ମହାପ୍ରବନ୍ଧକ ସୁନୀଲ ମହାପାତ୍ର, ନାଲ୍‌କୋ ସ୍ମେଲ୍ଟର ପ୍ଲାଣ୍ଟ ସିଜିଏମ୍ ଇନଚାର୍ଜ ଅକ୍ଷୟ କୁମାର ବେହେରା, ନାଲ୍‌କୋ ଥାନା ଅଧିକାରୀ ଶ୍ୟାମଲାଲ ଓରାମ, ସିଆଇଏସ୍‌ଏଫ୍ ଡେପୁଟି କମାଣ୍ଡାଣ୍ଟ ଯୁନିଟୋ ସୁମୀ, ନାଲ୍‌କୋ ସ୍ମେଲ୍ଟର ଓ ସିପିପି ପ୍ଲାଣ୍ଟର ସମସ୍ତ ପୂଜା କମିଟି ସଭାପତି, ସମ୍ପାଦକ, ପ୍ରତ୍ୟେକ ଶ୍ରମିକ ସଂଗଠନ ପକ୍ଷରୁ ୨ ଜଣ ସଦସ୍ୟ, ୱେଲଫେୟାର ଆସୋସିଏଶନ, ଅଫିସର ଆସୋସିଏଶନ, ଏସ୍‌ସିଏସ୍‌ଟି ଆସୋସିଏଶନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ଇଷ୍ଟେଟ ବିଭାଗ ଅଧିକାରୀ ପ୍ରଦୀପ୍ତ କୁମାର ମଲ୍ଲିକ, ମହାପ୍ରବନ୍ଧକ ରାଜାରାମ ମିଶ୍ର ଓ ୱେଲଫେୟାର କମିଟି ସଦସ୍ୟ କେ.କେ. ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିଲେ।

ଚଳିତବର୍ଷ ୧୮ଟି ପୂଜା ମଣ୍ଡପରେ ପୂଜା ହେବାକୁ ସ୍ଥିର ହୋଇଥିବାବେଳେ କୋଲମାଇନ୍ସ ବିଭାଗର ପୂଜା ପେଣ୍ଡାଲ ଯୋଡ଼ି ହୋଇ ସମୁଦାୟ ୧୯ଟି ପୂଜା ମଣ୍ଡପରେ ପୂଜାହେବ ବୋଲି ସ୍ଥିର କରାଯାଇଛି। ଆସନ୍ତା ସେପ୍ଟେମ୍ବର ୧୭ରୁ ପୂଜା ଆରମ୍ଭ ହୋଇ ୨୩ ପର୍ଯ୍ୟନ୍ତ ଚାଲିବ। ୨୩ ତାରିଖରେ ବିସର୍ଜନ ପୂଜା ସହ ସନ୍ଧ୍ୟା ୭ଟା ସୁଦ୍ଧା ଭସାଣି ଶେଷହେବ। ଗୋପବନ୍ଧୁ ପାର୍କ ସମ୍ମୁଖରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ୧୬ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦୋଳି ଓ ମିନାବଜାର ଆକର୍ଷଣ ସାଜିବ। ୧୫୦ଟି ସ୍ଥାନରେ ସିସିଟିଭି କ୍ୟାମେରା ଖଞ୍ଜାଯାଇ ମନିଟରିଂ କରାଯିବ, ପରିମଳ ବ୍ୟବସ୍ଥା, ବିଦ୍ୟୁତ୍, ପାନୀୟ ଜଳ, ଟ୍ରାଫିକ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି। ଭସାଣୀ ସମୟରେ ଡିଜେ ସାଉଣ୍ଡ ଓ ଅଶ୍ଳୀଳ ନୃତ୍ୟକୁ ପ୍ରଶୟ ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# ସଙ୍ଗଠନ ସୁଦୃଢ଼ କରିବାକୁ ପରାମର୍ଶ

**ଛେଣ୍ଡିପଦା,୨୧।୮(ଅଜିତ୍ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ଡାକ ବଙ୍ଗଳାଠାରେ ଛେଣ୍ଡିପଦା ବ୍ଲକ କଂଗ୍ରେସର କର୍ମୀ ସମ୍ମିଳନୀ ଓ ସଭାପତି ଚୟନ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଜିଲା କଂଗ୍ରେସ ସଂଯୋଜକ ଅମ୍ବିକା ପ୍ରସାଦ ଭଟ୍ଟଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କଂଗ୍ରେସ ପର୍ଯ୍ୟବେକ୍ଷକ ତଥା ରାଜ୍ୟ କଂଗ୍ରେସ ଉପ ସଭାପତି ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ସସ୍ମିତା ବେହେରା ପ୍ରମୁଖ ଯୋଗଦେଇ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ କର୍ମୀମାନେ ବ୍ଲକ ସଭାପତି ପାଇଁ ପଦ୍ମଚରଣ ମାଝୀ, ନିରଞ୍ଜନ ମାଝୀ, ଉଦୟ ନାଥ ବେହେରା, ଜିତେନ୍ଦ୍ର ସାହୁଙ୍କ ସମେତ ୬ ଜଣ କର୍ମୀଙ୍କ ନାମ ଦେଇଥିବା ବେଳେ ଖୁବ୍‌ଶୀଘ୍ର ନାମ ଘୋଷଣା କରାଯିବ ବୋଲି କୁହାଯାଇଥିଲା। ବରିଷ୍ଠ ନେତା ନରୋତ୍ତମ ନାୟକ, ପଦ୍ମଚରଣ ମାଝୀ, ଅନନ୍ତ ମାଝୀ, ଉଦୟ ନାଥ ବେହେରା, ଗୋବିନ୍ଦ ନାଏକ, ଉମେଶ ଚନ୍ଦ୍ର ସାହୁ, ଯୁବ କଂଗ୍ରେସ ସଭାପତି ଦୀପେନ ସାହୁ, ନିରଞ୍ଜନ ମାଝୀ, ଜିତେନ୍ଦ୍ର ସାହୁଙ୍କ ସମେତ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେଇଥିଲେ।




# ଅନନ୍ତ ଡିଏଭିର ପ୍ରତିଷ୍ଠା ଦିବସ ପାଳିତ




**ତାଳଚେର,୨୧।୮ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଶୁଭେନ୍ଦୁ ଶେଖର ବୋଷ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଏମ୍‌ସିଏଲ୍ ଅନନ୍ତ ଓସିପିର ମହାପ୍ରବନ୍ଧକ (ଖଣି) ଅକ୍ଷୟ କୁମାର ଦାଶ ମୁଖ୍ୟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ କ୍ଷେତ୍ରର ଏଏଫ୍‌ଏମ୍ ପି.କେ. ସାହୁ, ଏସ୍.ଓ. (ଏଲ୍‌ଆଣ୍ଡଆର୍) ନିରାକାର ଶତପଥୀ, ଏସ.ଓ. (ପିଆଣ୍ଡପି) ଦିବାକର ମାଝୀ, ଅନନ୍ତ ଓସିପିର ମ୍ୟାନେଜର ଅନିଲ କୁମାର ସାହୁ, ଡିଏଭି ପବ୍ଲିକ ସ୍କୁଲ ସମୂହର ଆଞ୍ଚଳିକ ସହ ଅଧିକାରୀ ଜ୍ୟୋତି ମିଶ୍ର, ଜଗନ୍ନାଥ କ୍ଷେତ୍ର ଅନନ୍ୟା ମହିଳା ମଣ୍ଡଳ ସମ୍ପାଦିକା ଇପାଲି ଅପରାଜିତା ଦାଶ, ବିଭିନ୍ନ ଶ୍ରମିକ ସଙ୍ଗଠନର ପଦାଧିକାରୀ ବିନୟ କୁମାର ସାହୁ, ଆର୍. କେ. ମହାନ୍ତି, ବିଶ୍ୱନାଥ ବେହେରା, ଦୁର୍ଗା ଚରଣ ସାହୁ, ଲିଙ୍ଗରାଜ ଡିଏଭିର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପୃଷ୍ଟି, ଡିଏଭି ସାବିତ୍ରୀ ଜିନ୍ଦଲର ପ୍ରଧାନ ଶିକ୍ଷକ ଫକୀରମୋହନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଆଧାତ୍ମିକ ପ୍ରବକ୍ତା ଆଚାର୍ଯ୍ୟ ଶ୍ରୀକାନ୍ତଜୀ ପ୍ରବଚନ ଦେଇଥିଲେ। ଏହି ଅନୁଷ୍ଠାନ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି ବୋଲି କହିବା ସହ ମୁଖ୍ୟ ଅତିଥି ଖୁସି ବ୍ୟକ୍ତ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଓ ୨୦୨୫ ବାର୍ଷିକ ପରୀକ୍ଷାର କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ କରୁଣାକର ସାହୁ ଏବଂ ଧୀରେନ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଆଗଉନି ଉନ୍ନତିମୂଳକ କାର୍ଯ୍ୟ, ଜିଲାପାଳଙ୍କୁ ଅଭିଯୋଗ


ଅଭିଯୋଗ କରିବାକୁ ଆସିଥିବା ସମିତି ସଭ୍ୟାସଭ୍ୟମାନେ।

**ଅନୁଗୋଳ,୨୧।୮(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ଦୀର୍ଘଦିନ ହେବ ପଡ଼ିରହିଛି। ଫଳରେ ବ୍ଲକର ବିକାଶ ହୋଇ ପାରୁନାହିଁ। କଣିହାଁ ବ୍ଲକର କେତେଜଣ ଜନପ୍ରତିନିଧି ଗୁରୁବାର ଜିଲାପାଳଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି। ସେମାନେ ଉଲ୍ଲେଖ କରିଛନ୍ତି, ପୂର୍ବ ସରକାର ସମୟରେ ଆସିଥିବା ଉନ୍ନୟନ କାର୍ଯ୍ୟଗୁଡିକ ବର୍ତ୍ତମାନ ଆଗେଇପାରୁ ନାହିଁ। ବ୍ଲକର ସମିତି ସଭ୍ୟାସଭ୍ୟଙ୍କୁ କାର୍ଯ୍ୟ ବିଷୟରେ ଅବଗତ କରାଯାଉ ନାହିଁ। ବ୍ଲକ ପ୍ରଶାସନ ସରକାରଙ୍କ ହାତ ବାରିସି ସାଜିଛି ବୋଲି ସମିତି ସଭ୍ୟାସଭ୍ୟମାନେ ଅଭିଯୋଗ କରିଛନ୍ତି। ପ୍ରତି ପଞ୍ଚାୟତରେ ହେଉଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କୁ ଅବଗତ କରାଯିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦେଇଛନ୍ତି।

## ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗ

**ସନ୍ନିଛକ,୨୧।୮(ସନ୍ତୋଷ ପରିଡ଼ା)**

ବଅାଁରପାଳ ଥାନା ଅଞ୍ଚଳର ମହିଳା କୁମ ନାଏକ(୨୮)ଙ୍କୁ ତାଙ୍କ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ଶ୍ୱଶୁର ଯୁଗଳ ନାଏକ, ଶାଶୁ ଗୁଟିକା ନାଏକ ଏବଂ ସ୍ୱାମୀ କାଠି ନାଏକଙ୍କ ବିରୋଧରେ ଏହି ଅଭିଯୋଗ କରାଯାଇଛି। ଅଭିଯୋଗରେ ଉଲ୍ଲେଖ କରାଯାଇଛି, ଚଉରଡିଅ ଗ୍ରାମର କୁମ କଟକ ଜିଲା ନରସିଂହପୁର ଥାନା ଦେବଭୂଇଁ ଗ୍ରାମର କାଠିଙ୍କ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରେ ନିର୍ଯାତନା ବଢ଼ିବାରୁ କୁମ ବାପଘରକୁ ପଳାଇଥିଲେ। ପରବର୍ତ୍ତୀ ସମୟରେ କାଠି ଚଉରଡିହ ଆସି କୁମଙ୍କୁ ମାରପିଟ ସହ ୩୦ ହଜାର ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ସନ୍ଦିଗ୍ଧ ଯୁବକଙ୍କୁ ପୋଲିସ ଜିମା

**ବଅାଁରପାଳ,୨୧।୮(ସୁବାସ ସାହୁ)**

ନାଲ୍‌କୋ ଥାନା ଅନ୍ତର୍ଗତ କୁରୁଡୋଲ ରାସ୍ତା ଓ କୁକୁଡ଼ାଙ୍ଗ ବ୍ରିଜ୍‌ଠାରେ ରାତ୍ରିରେ ପଥଚାରୀଙ୍କୁ ଭୟଭୀତ କରାଇ ଲୁଟ୍‌ପାଟ ହେଉଥିବା ବେଳେ ଗୁରୁବାର ଗ୍ରାମବାସୀ ସନ୍ଦେହରେ ଜଣେ ଅଣ ଓଡ଼ିଆ ଯୁବକଙ୍କୁ ଧରି ମାଡ଼ ମାରିବା ସହ ପୋଲିସକୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ବ୍ରିଜ୍ ଉପରେ କିଛିଦିନ ହେବ ପଥଚାରୀଙ୍କୁ ଆକ୍ରମଣ କରି ଲୁଟ୍ କରାଯାଉଥିବା ଅଭିଯୋଗ ହୋଇଆସୁଥିଲା। ୨ଦିନ ତଳେ କୁରୁଡୁଲର ଦେବାଶିଷ ସାହୁଙ୍କୁ ସେଠାରେ ଆକ୍ରମଣ କରାଯାଇଥିଲା। ଉକ୍ତ ସ୍ଥାନରେ ସମ୍ପୃକ୍ତ ସନ୍ଦିଗ୍ଧ ଯୁବକ ଯାଉଥିବା ଦେଖି ଗ୍ରାମବାସୀ ତାଙ୍କୁ ଧରିଥିଲେ। ନାଲ୍‌କୋ ପୋଲିସ କହିଛି, ଗ୍ରାମବାସୀ ଧରିଥିବା ଯୁବକ ଜଣକ ବିହାରୀ। ସେ କୌଣସି ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। କୁକୁଡ଼ାଙ୍ଗ ବ୍ରିଜ୍ ଅନୁଗୋଳ ଥାନା ଅଧୀନରେ ଆସୁଥିବା ଯୋଗୁ ନାଲ୍‌କୋ ପୋଲିସ ତାଙ୍କୁ ଅନୁଗୋଳ ଥାନାକୁ ହସ୍ତାନ୍ତର କରିଛି।

## ମା' ମହାପାଟଙ୍କ ବାର୍ଷିକ ପୂଜା ପ୍ରସ୍ତୁତି



**ବଅାଁରପାଳ,୨୧।୮(ସୁବାସ ସାହୁ):** ବଅାଁରପାଳ ବ୍ଲକ ତୁଳସୀପାଳ ଗ୍ରାମ ଫଟାକାଞ୍ଜିଆଠାରେ ଆସନ୍ତା ସୋମବାର ଗଡ଼ସନ୍ତ୍ରୀ ଓ ତୁଳସୀପାଳର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟଙ୍କ ବାର୍ଷିକ ଉତ୍ସବ ଏବଂ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ମହାପାଟଙ୍କ ବାର୍ଷିକ ପୂଜା ପାଇଁ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ଲୋକନାଥ ମାଝୀ ଏଥିରେ ସଭାପତିତ୍ୱ କରିଥିଲେ। ମା'ଙ୍କ ବାର୍ଷିକ ଯାତ୍ରା ଓ ପଟୁଆର କିପରି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେ ନେଇ ଆଲୋଚନା କରାଯାଇଥିଲା। ସମ୍ପାଦକ ଭଜମନ ମହାନ୍ତି, ମା' ଲୋଭୀ ଯାତ୍ରା କମିଟି ସଭାପତି ସୁନୀଲ ମାଝୀ, ଦୈତାରୀ ସାହୁ, ଦାଶରଥି ନାଏକ, ନୀଳମଣି ବିଶ୍ୱାଳ, ଧୀରେନ୍ଦ୍ର ଗଡ଼ନାୟକ ଓ ଅରୁଣ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଓ ଉଭୟ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଠାକୁରାଣୀ ପୀଠ ପରିସର ଓ ଯାତ୍ରା ପଡିଆକୁ ସ୍ୱେଚ୍ଛାସେବୀ ସଙ୍ଗଠନ ଶେଷ ଜୀବନର ସାଥୀ ପକ୍ଷରୁ ସଫେଇ କରାଯାଇଥିଲା।

# ନିୟମ ନ ମାନିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ଅନୁଗୋଳ,୨୧।୮(ମାନସ ବିଶାଳ)**

ଅନୁଗୋଳ ଜିଲାରେ ଚାଲୁଥିବା ଅଲଟ୍ରାସାଉଣ୍ଡ କ୍ଲିନିକଗୁଡ଼ିକରେ ପି.ସି. ଆଣ୍ଡ ପି.ଏନ.ଡି.ଟି. ଆଇନର ଠିକ୍ କାର୍ଯ୍ୟକାରିତାକୁ ନେଇ ଗୁରୁବାର ଅପରାହ୍ନରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଲଟ୍ରାସାଉଣ୍ଡ କ୍ଲିନିକର ସମୀକ୍ଷା କରି ଯେଉଁମାନେ ନିୟମାନୁଯାୟୀ କାର୍ଯ୍ୟ କରୁ ନ ଥିବେ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଲିଙ୍ଗଗତ ହାରରେ ଅସମାନତା ଦୂର କରିବା ପାଇଁ ପ୍ରଚେଷ୍ଟା ଜାରି ରଖିବାକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏତଦ୍‌ବ୍ୟତୀତ ପି.ସି. ଆଣ୍ଡ ପି.ଏନ.ଡି.ଟି ଆଇନ ଅନ୍ତର୍ଗତ ବିଭିନ୍ନ ଚିକିତ୍ସାଳୟର ପଞ୍ଜୀକରଣ, ନବୀକରଣ ଓ ସମୃଦ୍ଧୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ମଦନ ମୋହନ ପ୍ରଧାନ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଅନ୍ତର୍ଯ୍ୟାମୀ ମିଶ୍ର, ପବ୍ଲିକ ପ୍ରସିକ୍ୟୁଟର ପ୍ରଶାନ୍ତ କୁମାର ମଲ୍ଲିକ, ଉପ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ନାରାୟଣ ବାଗ, ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଡାକ୍ତର ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।


**TPNODL**

**TP Northern Odisha Distribution Limited**
(A Tata Power & Odisha Govt. Joint Venture)
Regd. Off: Corp Office, Januganj, RemunaGolei, Balasore, Odisha-756019
CIN No.: U40106OR2021SGC035951; Website: www.tpnodl.com

**NOTICE INVITING TENDER (NIT) August 22nd, 2025**

**TP Northern Odisha Distribution Limited** invites tender from eligible Bidders for the following:

| Sl. No. | Tender Enquiry No. | Work Description |
|---|---|---|
| 1 | TPNODL/OT/2025-26/2500001047 | Rate Contract for Supply of Ring type LTCT's of different ratings for FY 25-26. |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.
Future communication / corrigendum to tender documents, if any, shall be available on website.

**Chief- Contracts & MM**



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଏଏମ୍‌ସିସି ନୟାଗଡ଼
ଜିଲ୍ଲା: ନୟାଗଡ଼
**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (ଏହାପରେ ଆକ୍ଟ କୁହାଯିବ) ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ।

ଏତଦ୍‌ଦ୍ୱାରା ନିମ୍ନଲିଖିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ସହ-ରଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି ସେମାନେ ବ୍ୟାଙ୍କରୁ ନେଇଥିବା ଋଣର ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହୋଇଥିବାରୁ ତାଙ୍କର ଋଣ ଆକାଉଣ୍ଟକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି(ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି। ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ସେମାନଙ୍କୁ ସେମାନଙ୍କର ଶେଷ ଜ୍ଞାତ ଠିକଣାରେ ନୋଟିସ୍ ଜାରି କରାଯାଇଥିଲା, କିନ୍ତୁ ସେଗୁଡ଼ିକ ଦିଆଯାଇ ନପାରି ଫେରସ୍ତ ଆସିଅଛି, ଏବଂ ଏଥିପାଇଁ ସେମାନଙ୍କୁ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଯାଉଅଛି ।

| ଏସିବି ଓଡଗାଁ ଶାଖା / ଆକାଉଣ୍ଟ ନଂ. /ରଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ସୁରକ୍ଷିତ ସମ୍ପତ୍ତିର ବିବରଣୀ / କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଥିବା ସମ୍ପତ୍ତି ଠିକଣା | ନୋଟିସ୍ ତାରିଖ / ଏନ୍‌ପିଏ ତାରିଖ | ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ |
|---|---|---|---|
| ଆକାଉଣ୍ଟ ନଂ.: ୩୩୪୮୭୭୯୧୮୮୭ (ସିସି) ରଣଗ୍ରହୀତା: ଶ୍ରୀମତୀ ବସନ୍ତ ମଞ୍ଜରୀ ଆଚାରୀ, ସ୍ୱାମୀ: ଶ୍ରୀ ଶଶି ଭୂଷଣ ଆଚାରୀ / ଗ୍ୟାରେଣ୍ଟିଦାତା: ଶ୍ରୀ ଶଶି ଭୂଷଣ ଆଚାରୀ, ଉଭୟଙ୍କ ଠିକଣା- ସା: ଲକ୍ଷ୍ମୀ ବଜାର, ଓଡଗାଁ, ଜିଲ୍ଲା: ନୟାଗଡ଼ | ଶ୍ରୀ ଶଶି ଭୂଷଣ ଆଚାରୀଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଓଡଗାଁ, ଥାନା: ଓଡଗାଁ, ତହସିଲ ନଂ.: ୨୯୯, ଜିଲ୍ଲା: ନୟାଗଡ, ଖାତା ନଂ.: ୮୩୯/୩୭୪, ପ୍ଲଟ୍ ନଂ.: ୨୨୪୪/୩୦୧୦, କ୍ଷେତ୍ର: ଏକର୦.୦୩ ଡିସିମିଲ, ପ୍ଲଟ୍ ନଂ.: ୨୨୪୬/୩୦୧୧, କ୍ଷେତ୍ର: ଏକର୦.୦୨ ଡିସିମିଲ, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇନ୍ଦ୍ରମଣୀ ସାହୁ, ପଶ୍ଚିମ: ଇନ୍ଦୁମତୀ ମହାପାତ୍ର, ଉତ୍ତର: ଶଶି ଭୂଷଣ ଆଚାରୀ, ଦକ୍ଷିଣ: ରାସ୍ତା | ୦୧.୦୭.୨୦୨୫ / ୩୦.୦୬.୨୦୨୫ | ୦୧.୦୭.୨୦୨୫ ସୁଦ୍ଧା ଟ.୧୫,୩୪,୫୪୧/- + ସେବାବଦ ସୁଧ ଏବଂ ଖର୍ଚ୍ଚ |

ନୋଟିସ୍‌ର ବିକଳ୍ପ ସେବା ଭାବେ ପଦକ୍ଷେପମାନ ଗ୍ରହଣ କରାଯାଉଛି। ରଣଗ୍ରହୀତାମାନଙ୍କୁ ଏବଂ/କିମ୍ବା ସେମାନଙ୍କର ଗ୍ୟାରେଣ୍ଟିଦାତାମାନଙ୍କୁ (ଯେଉଁଠାରେ ପ୍ରଯୁଜ୍ୟ) ଏତଦ୍‌ଦ୍ୱାରା ଜଣାଇଦିଆଯାଉଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ସମସ୍ତ ବକେୟା ଦେୟ ପରିଶୋଧ କରନ୍ତୁ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ର ଉପଧାରା (୪) ଅନୁସାରେ ଏହି ନୋଟିସ୍‌ର ୬୦ଦିନ ଅତିକ୍ରାନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ।

ସ୍ଥାନ: ନୟାଗଡ଼, ତାରିଖ : ୨୧.୦୮.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



**न्यायालय कलेक्टर**
**जिला सारंगढ़-बिलाईगढ़ (छ.ग.)**
**सूचना पत्र**

क्रमांक/464/रीडर/2025 — सारंगढ़, दिनांक : 14.08.2025

प्रति,
1. श्री इन्द्रजीत बाघ, पिता: सत्यानंद बाघ
साकिन-कुड़ापाली, थाना: अम्बाभौना, जिला: बरगढ़ (उड़ीशा)
2. श्री नरसिंग राणा उर्फ विनोद, पिता: पुनाऊ राणा
साकिन-जामपाली, थाना: अम्बाभौना, जिला: बरगढ़ (उड़ीशा)
3. श्री लक्ष्मण प्रसाद ओग्रे, पिता: बट्टूलाल ओग्रे (वाहन स्वामी)
ग्राम: पामगढ़, जिला: जांजगीर-चांपा

**विषय:** प्रकरण की सुनवाई हेतु उपस्थित होने बाबत्। पेशी दिनांक 16.09.2025.
आपको पेपर प्रकाशन के जरिये सूचित किया जाता है कि इस न्यायालय के छ.ग. आबकारी अधिनियम के तहत लंबित प्रकरण क्रमांक 202505321300007/अ-47क (2)/2024-2025 पक्षकार छ.ग. शासन बनाम इन्द्रजीत बाघ वगै. में आगामी पेशी दिनांक 16.09.2025 को नियत है। उक्त सुनवाई तिथि में आपकी उपस्थिति अनिवार्य है। निर्धारित तिथि को उपस्थित नहीं होने की दशा में आपके विरूद्ध एक पक्षीय कार्यवाही कर दी जावेगी।
(कले. महो. द्वारा आदेशित)

G-252602931/1 — स्वा:/- अपर कलेक्टर, सारंगढ़-बिलाईगढ़



**OFFICE OF THE EXECUTIVE ENGINEER LIFT IRRIGATION DIVISION, BHADRAK** — No.CAD-1477
E-mail : eelidbdk@gmail.com

**E-Procurement Notice**
**Bid Identification No.01/2025-26 (3047)/OLIC (BDK)/ Dt.14.08.2025**

The Executive Engineer, Lift Irrigation Division, Bhadrak on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for Installation and Energisation of Lift Irrigation Projects on Turnkey basis from reputed Contractors/Firms having EXPERIENCE in similar nature of work with valid PWD License of required class for Civil Works should have Truck Mounted Mud Rotary Rig for Drilling of TWs including the Erection of 11 KV Line, L.T Line & Commissioning of Electrical Substation for power supply to L.I Projects along with installation of Pump Set, Starter and its energisation. The proof of registration from the appropriate authority shall be enclosed along with the Bid.

| | | |
|---|---|---|
| 1. | Number of Projects | 11 Nos. L.I. Ps (BKVY) for the year 2025-26 |
| 2. | Estimated Cost | Rs.23.84 Lakh to Rs.24.10 Lakh |
| 3. | Cost of Tender Paper | Rs.7080/- (including GST @ 18%) as mentioned against each L.I. Project through online mode as mentioned in DTCN |
| 4. | Date and Time of Publication | Dt.25.08.2025 from 11.00 A.M. |
| 5. | Date & Time of Closing with Seeking Clarification | Dt.03.09.2025 up to 5.00 P.M. |
| 6. | Date & Time of Opening of Bid | Dt.04.09.2025 at 11.00 A.M. |
| 7. | The bidders have to participate in online bidding only as per Codal provision. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any can be seen in the said website.

OIPR-32239/11/0003/2526 — Sd./- Executive Engineer



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.
MSM-HYDPNE-SBP-KBJ-19-25

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968.00, EMD : ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 05.09.2025, 1500 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଆସିଷ୍ଟାଣ୍ଟ ଡିଭିଜନାଲ ମେକାନିକାଲ ଇଂଜିନିୟର (ପରିବହନ) / ସମ୍ବଲପୁର
PR-501/Q/25-26



**ପୂର୍ବ ତଟ ରେଳପଥ**

(1) ବିଜ୍ଞପ୍ତି ସଂ.: e-Tender-Elect-G-35-25
**କାର୍ଯ୍ୟର ବିବରଣୀ :** ତିନି ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର କୋଚିଙ୍ଗ୍ ଡିପୋ ଠାରେ LHB / SGAC ଟାଇପ୍ AC କୋଚ୍, ପାୱାର କାର, ପ୍ୟାଣ୍ଟ୍ରି କାର, ହାଇବ୍ରିଡ୍ ଟାଇପ୍ LHB AC କୋଚ୍ ଏବଂ RA / ପର୍ଯ୍ୟବେକ୍ଷଣ କାର୍ / WCD / LOMS କୋଚ୍‌ଗୁଡ଼ିକ ଭଳି ଅନ୍ୟାନ୍ୟ ସ୍ୱତନ୍ତ୍ର କୋଚ୍‌ଗୁଡ଼ିକରେ ଲାଗିଥିବା RMPUs ନିମନ୍ତେ ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 11,29,27,274.82, EMD : ₹ 7,14,600/-
(2) ବିଜ୍ଞପ୍ତି ସଂ.: e-Tender-Elect-G-36-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ବିଭିନ୍ନ ସ୍ଥାନରେ 164 ଗୁମଟିଗୁଡ଼ିକରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସହିତ ପ୍ରିସିଜନ (Precision) ACsର ବ୍ୟବସ୍ଥା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 9,77,48,350.00, EMD : ₹ 6,38,800/-
(3) ବିଜ୍ଞପ୍ତି ସଂ.: e-Tender-Elect-G-37-25
**କାର୍ଯ୍ୟର ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଷ୍ଟେସନଗୁଡ଼ିକରେ କଲର ଲାଇଟ୍ ସିଗ୍ନାଲିଙ୍ଗ୍ ପ୍ୟାନେଲ ନିମନ୍ତେ ଅତ୍ୟଧିକ ପୁରୁଣା (Over aged) ଅଟୋ ଚେଞ୍ଜଓଭର ପ୍ୟାନେଲର ପୁନଃସ୍ଥାପନ ସହିତ ବୈଦ୍ୟୁତିକ ସମ୍ପତ୍ତିର (Asset) ବୃଦ୍ଧିକରଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 7,47,21,425.70, EMD : ₹ 5,23,600/-
ଶେଷ ହେବା ଅବଧି : 36 ମାସ (କ୍ରମ ସଂ. 1 ପାଇଁ), 04 ମାସ (କ୍ରମ ସଂ. 2 ପାଇଁ) ଏବଂ 06 ମାସ (କ୍ରମ ସଂ. 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.09.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ପାଇଁ)।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ଖୋର୍ଦ୍ଧା ରୋଡ୍
PR-499/Q/25-26

# ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ସ୍ଥଗିତ

କଟକ,୨୧।୮(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟେଟ)କୁ ପୁଣି ସ୍ଥଗିତ ରଖାଯାଇଛି। ବୋର୍ଡ ପକ୍ଷରୁ ଗତ ଅଗଷ୍ଟ ୧ରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ଅଗଷ୍ଟ ୩୧ ତାରିଖରେ ଏହି ପରୀକ୍ଷା ହେବାକୁ ଥିଲା। ଓଟେଟର ପେପର-୧ ଓ ପେପର-୨ ପରୀକ୍ଷା ସମାନ ଦିନରେ ୨ଟି ସିଟିଂରେ ହେବାର ଥିଲା। ମାତ୍ର ଅନିବାର୍ଯ୍ୟ କାରଣବଶତଃ ଉକ୍ତ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି ଓ ଖୁବ୍‌ଶୀଘ୍ର ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ପ୍ରେସ୍ ଇସ୍ତାହାରରେ ଗୁରୁବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରୁଥିବା ବେଳେ ପରୀକ୍ଷା କରାଇବା ନିମନ୍ତେ ବୋର୍ଡରେ ଏକପ୍ରକାର ଅସ୍ଥିରତା ଦେଖାଦେଇଥିଲା। ଯଦ୍ଵାରା ବୋର୍ଡ ସଭାପତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ପରୀକ୍ଷା ଘୁଞ୍ଚାଇବା ପାଇଁ ଚିଠି ଲେଖିଥିବା ନେଇ ଚର୍ଚ୍ଚା ହୋଇଥିଲା। ମାତ୍ର ସେତେବେଳେ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ଏହାକୁ ଅସ୍ୱୀକାର କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୨୦ରେ ସ୍ୱେଶାଲ ଓଟିଇଟି ପରୀକ୍ଷା ହେବାକୁ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିଲା। ମାତ୍ର ପୂର୍ବଦିନ ଅର୍ଥାତ ୧୯ ତାରିଖ ରାତିରେ ଓଟିଇଟି ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ପ୍ରଘଟ ହୋଇଥିଲା। ଏ ବାବଦରେ ବୋର୍ଡ କର୍ତ୍ତୃପକ୍ଷ ଅବଗତ ହେବା ପରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଏଥିସହ କ୍ରାଇମବ୍ରାଞ୍ଚରେ ଏନେଇ ବୋର୍ଡ ପକ୍ଷରୁ ଅଭିଯୋଗ କରାଯିବା ପରେ କ୍ରାଇମବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପର୍ଯ୍ୟାୟକ୍ରମେ ବୋର୍ଡ ଉପସଭାପତିଙ୍କ ସମେତ ମୋଟ ୮ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା।

## ପଥରସନ୍ଧିରେ ଚାପି ହୋଇ ଛାତ୍ରଙ୍କ ମୃତ୍ୟୁ

### ଝରଣାରେ ଗାଧୋଇବା କାଳ ହେଲା

ପାତ୍ରପୁର,୨୧।୮ (ଉମା ଚରଣ ନେପାକ)



ଶଙ୍କର ଶବର

ଗଞ୍ଜାମ ଜିଲା ଜରଡା ଥାନା ତୁମ୍ବା ପଞ୍ଚାୟତ ସୁନାରାବାଡ ନିକଟ ମେକାଡ଼ାଇ ଗ୍ରାମରେ ଗୁରୁବାର ଏକ ଦୁଃଖଦ ଘଟଣା ଘଟିଯାଇଛି। ଗ୍ରାମଠାରୁ ଅଳ୍ପ ଦୂରରେ ଥିବା ଝରଣାରେ ଗାଧୋଇଥିବା ବେଳେ ପଥର ତଳେ ଚାପି ହୋଇ ଜଣେ ଷଷ୍ଠ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଭୀମ ଶବରଙ୍କ ପୁଅ ଶଙ୍କର ଶବର (୧୨)। ସେ ଅଶରସିଙ୍ଗି ପ୍ରାଥମିକ ବିଦ୍ୟାଳୟରେ ପଢ଼ୁଥିଲେ। ଖବରରୁ ଜଣାପଡ଼ିଛି, ସକାଳେ ଶଙ୍କର ତାଙ୍କର ଅନ୍ୟ ୨ ସାଙ୍ଗଙ୍କ ସହ ନିକଟରେ ଥିବା ଏକ ଝରଣାକୁ ଗାଧୋଇବା ପାଇଁ ଯାଇଥିଲେ। ଝରଣାରେ ତିନି ଛାତ୍ର ଗାଧୋଉଥିବା ବେଳେ ହଠାତ୍ ଝରଣାର ଉପର ପଟରେ ଥିବା ପାହାଡ଼ରୁ ଏକ ବଡ଼ ପଥର ଖସି ଆସି ୨ଖଣ୍ଡ ହୋଇ ଝରଣାରେ ପଡ଼ିଥିଲା। ଫଳରେ ଶଙ୍କର ଦୁଇଟି ପଥର ସନ୍ଧିରେ ଚାପି ହୋଇ ରହିଯାଇଥିଲେ। ତାଙ୍କ ସହିତ ଥିବା ଅନ୍ୟ ଦୁଇ ଛାତ୍ରଙ୍କ ମଧ୍ୟରୁ ଜଣେ ଗ୍ରାମକୁ ଦୌଡ଼ିଯାଇ ଗ୍ରାମବାସୀଙ୍କୁ ଡାକି ଆଣିଥିଲେ। ଗ୍ରାମବାସୀ ଝରଣାଠାରେ ପହଞ୍ଚି ଶଙ୍କରଙ୍କୁ ପଥର ସନ୍ଧିରୁ ଉଦ୍ଧାର କରି ଦୋଲାରେ ବୋହି ଆଣିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଜରଡା ଥାନା ଏଏସ୍‌ଆଇ କୃଷ୍ଣଚନ୍ଦ୍ର ଭୂୟାଁ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ନଂ. ୧୦/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ଚୁନା ସାସମଲ କହିଛନ୍ତି।

## କ୍ରାଇମବ୍ରାଞ୍ଚ ରିମାଣ୍ଡରେ ଅଭିଯୁକ୍ତ ରାମଜୀ, ସନାତନ

### ସ୍ୱେଶାଲ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲା

କଟକ,୨୧।୮ (କାର୍ତ୍ତିକ ସାହୁ)

ସ୍ୱେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଅନ୍ୟ ଦୁଇ ଜଣ ଅଭିଯୁକ୍ତଙ୍କୁ ଗୁରୁବାର ରିମାଣ୍ଡରେ ଆଣିଛି କ୍ରାଇମବ୍ରାଞ୍ଚ। ଅଭିଯୁକ୍ତ ଦ୍ୱୟ ହେଲେ ରାମଜୀ ପ୍ରସାଦ ଗୁପ୍ତା ଓ ସନାତନ ବିଶୋଇ। ଉଭୟଙ୍କୁ ଚୌଦ୍ୱାର ଜେଲରୁ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟକୁ ଆଣିଛି ତଦନ୍ତକାରୀ ଟିମ। ରିମାଣ୍ଡରେ ଆସିଥିବା ଦୁଇ ଅଭିଯୁକ୍ତ କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ପହଞ୍ଚି ସାରିଛନ୍ତି। ଗୋଟିଏ ଦିନ ପାଇଁ ଉଭୟଙ୍କୁ ରିମାଣ୍ଡରେ ନେବା ପାଇଁ କୋର୍ଟ ଦେଇଛନ୍ତି ଅନୁମତି। ଗୁରୁବାର ଦିନ ୨ଟାରୁ ଶୁକ୍ରବାର ଦିନ ୨ଟା ପର୍ଯ୍ୟନ୍ତ ଉଭୟ ରିମାଣ୍ଡରେ ରହିବେ। ଅନ୍ୟପଟେ ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ମାମଲାର ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନ ଶୁଣାଣି ନିମନ୍ତେ ଶୁକ୍ରବାରକୁ ଧାର୍ଯ୍ୟ ହୋଇଛି।

## ପିଏମ୍ କୃଷି ସିଞ୍ଚାୟୀ ଯୋଜନା: ପାଣି ବ୍ୟବହାରରେ ଓଡ଼ିଶା ଶ୍ରେଷ୍ଠ

ଭୁବନେଶ୍ୱର,୨୧।୮(ସୁନିତ୍ ମିଶ୍ର)

ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ର ଜଳବିଭାଜିକା ଅଧୀନରେ ପାଣି ବ୍ୟବହାରରେ ଓଡ଼ିଶା ସର୍ବୋତ୍ତମ ପ୍ରଦର୍ଶନକାରୀ ରାଜ୍ୟ ହୋଇଛି। କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଦେଶର ସମସ୍ତ ରାଜ୍ୟ ଏବଂ ଜମ୍ମୁ କଶ୍ମୀର, ଲଦାଖ କେନ୍ଦ୍ରଶାସିତ ପ୍ରଦେଶର ଜଳବିଭାଜିକା-ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ୨.୦ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଅନୁମୋଦିତ ପାଣ୍ଠିର ୮୩% ବ୍ୟବହାରକରି ଓଡ଼ିଶା ସାରା ଦେଶରେ ୧ମ ସ୍ଥାନରେ ରହିଛି। ଏହି ପ୍ରକଳ୍ପର ଅବଧି ୨୦୨୧-୨୨ ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ମୋଟ ପ୍ରକଳ୍ପ ବ୍ୟୟ ୬୫୯.୨୨ କୋଟି ଟଙ୍କା ଏବଂ ଏଥିରେ କେନ୍ଦ୍ର ଏବଂ ରାଜ୍ୟ ଅଂଶ ୬୦:୪୦ ରହିଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସମୀକ୍ଷା ସମୟରେ କେନ୍ଦ୍ରମନ୍ତ୍ରୀଙ୍କୁ ଓଡ଼ିଶା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ଆବଣ୍ଟିତ ପାଣ୍ଠିର ସର୍ବୋତ୍ତମ ବ୍ୟବହାର ପାଇଁ ଓଡ଼ିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଆଲୋକପାତ କରିଛନ୍ତି, ୨୦୨୫-୨୬ ଆର୍ଥିକ ବର୍ଷରେ ଡବ୍ଲ୍ୟୁଡିସି-ପିଏମ୍‌କେଏସ୍‌ୱାଇ ୨.୦ ଅଧୀନରେ ୭ଟି ଅତିରିକ୍ତ ପ୍ରକଳ୍ପ ମଞ୍ଜୁର କରାଯାଇଛି ଯାହାର ମୋଟ ପ୍ରକଳ୍ପ ବ୍ୟୟ ୮୨.୧୦ କୋଟି ଟଙ୍କା ହେବ। ଏହାଦ୍ୱାରା ସମନ୍ୱିତ ଜଳଛାୟା ପରିଚାଳନା ମାଧ୍ୟମରେ ଜମିର ଉତ୍ପାଦନ କ୍ଷମତା ବୃଦ୍ଧି କରାଯାଇପାରିବ।

## ବିନା ଆଇଓଟି ଫ୍ଲୋମିଟରରେ ପାଣି ଚୋରି

### ୩୫ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚେତାବନୀ

ଯାଜପୁର,୨୧।୮(ହର୍ଷବର୍ଦ୍ଧନ ବେହେରା)

ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ସହର, ଶିଳ୍ପ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଆଇନ ଅନୁଯାୟୀ ଜଳଯୋଗାଣ କରାଯାଉଛି। ତେବେ କେଉଁ ଅନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତା'ର ହିସାବ ରଖିବାକୁ ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍(ଆଇଓଟି)ଜଳ ମାପକ ଯନ୍ତ୍ର ଫ୍ଲୋମିଟର ବ୍ୟବହାର କରାଯାଉଛି। ଏହି ଯନ୍ତ୍ରର ମିଟର ଅନୁଯାୟୀ ସରକାରଙ୍କ ପକ୍ଷରୁ ଜଳକର ଆଦାୟ ହେଉଛି। ଏହି ଯନ୍ତ୍ରରେ ସଂପୃକ୍ତ ଶିଳ୍ପାନୁଷ୍ଠାନ କେତେ ଜଳ ଉତ୍ତୋଳନ କରୁଛି ତାହାର ହିସାବ ଯନ୍ତ୍ରରେ ଲାଗିଥିବା ମେଶିନରେ ମଧ୍ୟ ସୂଚନା ଦେବା କିନ୍ତୁ ବିଡ଼ମ୍ବନା ଯେ, ରାଜ୍ୟର ୮୮ଟିରୁ ୩୫ ଶିଳ୍ପାନୁଷ୍ଠାନରେ ଆଇଓଟି ଫ୍ଲୋମିଟର ଏଯାଏ ଲାଗି ପାରିନାହିଁ। ଫଳରେ ଏହି ଶିଳ୍ପାନୁଷ୍ଠାନଗୁଡ଼ିକ ମନଇଚ୍ଛା ଜଳ ଉତ୍ତୋଳନ କରିବା ସହ ଜଳକରରେ ଫାଙ୍କି ଦେଉଥିବାର ଅଭିଯୋଗ ହେଉଛି। ଫଳରେ ଏହି ଶିଳ୍ପାନୁଷ୍ଠାନଗୁଡ଼ିକ ମନଇଚ୍ଛା ବିଭିନ୍ନ ନଦୀନାଳ ଓ ଅନ୍ୟାନ୍ୟ ଜଳଉତ୍ସରୁ ପାଣି ଚୋରି କରୁଥିବା ସ୍ପଷ୍ଟ ହୋଇଛି। ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, କଳିଙ୍ଗନଗର ଶିଳ୍ପାଞ୍ଚଳର ନୀଳାଚଳ ଇସ୍ପାତ ନିଗମ ଲିଃ(ଏନ୍‌ଆଇଏନ୍‌ଏଲ୍) ଖରସ୍ରୋତା ନଦୀରୁ ୧୨.୯୪ କ୍ୟୁସେକ ଜଳ ବ୍ୟବହାର କରୁଥିବାବେଳେ ଏଯାଏ ଫ୍ଲୋମିଟର ଲଗାଇ ନାହିଁ। ସେହିପରି ସମ୍ବଲପୁର ବିଆର ଷ୍ଟିଲ ଆଣ୍ଡ ପାୱାର, ଝାରସୁଗୁଡ଼ା ଇଷ୍ଟର୍ଣ୍ଣ ଷ୍ଟିଲ ଆଣ୍ଡ ପାୱାର, ଭୂଷଣ




ପାୱାର ଏଣ୍ଡ ଷ୍ଟିଲ ଲିଃ, ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ଲିଃ, ବ୍ରାହ୍ମଣୀପାଲ ଫେରୋ ଆଲୋଏଜ ପ୍ରାଃ, ଜିଏମ୍‌ଆର କମଳଙ୍ଗା ଏନର୍ଜି ଲିଃ, ଭୂଷଣ ଷ୍ଟିଲ ଆଣ୍ଡ ସ୍ଟ୍ରିପ ଲିଃ, ଓସିଏଲ ଇଣ୍ଡିଆ ସିମେଣ୍ଟ ଏଣ୍ଡ ରେଫ୍ରାକ୍ଟୋରି ପ୍ଲାଣ୍ଟ, ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିଃ, ଜେକେ ପେପର ଲିଃ, ଝାରସୁଗୁଡ଼ା ବେଦାନ୍ତ ଆଲୁମିନା ଲିଃ, ଆଇଡିପିସି ଲିଃ, ହିମା ଏସ୍‌ଏମ୍‌ପି ପାୱାର ଜେନେରେଶନ ଲିଃ, ବଡ଼ମାଳ ଏସ୍‌ଏମ୍‌ପି ପାୱାର ଜେନେରେଶନ ଲିଃ, ଓଡ଼ିଶା ସ୍ପଞ୍ଜ ଆଇରନ ଲିଃ, ଯୋଡ଼ା ଟାଟା ଷ୍ଟିଲ ମାଇନ୍ସ ଡିଭିଜନ, ବଡ଼ବିଲ ସେଲ, ବୋଲାନି ଓର୍ ମାଇନ୍ସ ଅଫ୍ ସେଲ, ଏମ୍‌ଜିଏମ୍ ମାଇନ୍ସ ଲିଃ, ଲାର୍ସେନ ଆଣ୍ଡ ଟର୍ବୋ ଲିଃ, ବରସୁଆ ଆଇରନ ଓର ମାଇନ୍ସ ଅଫ୍ ସେଲ, ମାସ୍ ବାୟୋ ଫୁଏଲ ପ୍ରାଲିଃ, ଲଖନପୁର ଏମ୍‌ସିଏଲ, ଆଇବି ଭ୍ୟାଲି ଏମ୍‌ସିଏଲ, ବେଲପାହାଡ଼ ଏମ୍‌ସିଏଲ, ଇଣ୍ଟିଗ୍ରେଟେଡ ଟାଉନ ଶିପ, ପାରାଦୀପ ପୋର୍ଟ ଟ୍ରଷ୍ଟ, ଆଇଓସିଏଲ ପାରାଦୀପ ରିଫାଇନେରି ପ୍ରୋଜେକ୍ଟ, ଭଦ୍ରକ ଫେକର ପାୱାର ଲିଃ, ଭରତପୁର ଏମ୍‌ସିଏଲ, ଏମ୍‌ସିଏଲ ଇଣ୍ଟିଗ୍ରେଟେଡ ୱାଟର ସପ୍ଲାଏ ସ୍କିମ, ଏମ୍‌ସିଏଲ ଲିଙ୍ଗରାଜ ଓସିପି, ଏମ୍‌ସିଏଲ ବସୁନ୍ଧରା ଓ ରାଉରକେଲା ସେଲ୍ ଆଇଓଟି ଫ୍ଲୋମିଟର ଲଗାଇ ନାହାନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ଶିଳ୍ପାନୁଷ୍ଠାନ ସ୍ଥାନୀୟ ଅଞ୍ଚଳର ଭୂତଳ ଜଳସ୍ତର ତଳକୁ ଚାଲି ଯାଉଥିବାବେଳେ ଗ୍ରୀଷ୍ମଋତୁରେ ଅଞ୍ଚଳର ବନ୍ଧ, କଟା, ନାଳ ଇତ୍ୟାଦି ଶୁଖି ଯାଉଥାଏ। ଫଳରେ ଅଞ୍ଚଳବାସୀ ଗ୍ରୀଷ୍ମ ଋତୁରେ ଜଳ କଷ୍ଟରେ ହଇରାଣ ହୋଇଥାନ୍ତି। ଏହାକୁ ନେଇ ସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଥିବାବେଳେ ଲୋକେ ଆପତ୍ତି କଲେ ମଧ୍ୟ କେହି ଶୁଣୁନାହାନ୍ତି। ଅନ୍ୟପକ୍ଷେ ଅନେକ ଶିଳ୍ପାନୁଷ୍ଠାନ ପାଣି ନେଇ ଉପଯୁକ୍ତ ଭାବେ ଜଳକର ଦାଖଲ କରୁନଥିବା ବିଭିନ୍ନ ସମୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ତାଗିଦା କରାଯାଇଛି। କେତେକାଂଶରେ ଅତି ନିମ୍ନମାନର ଫ୍ଲୋମିଟର ଜରିଆରେ ପାଣି ଯୋଗାଇ ଦିଆଯାଉଥିବାରୁ ବାସ୍ତବରେ କେତେ ପରିମାଣର ପାଣି ଯାଉଛି ତାହା ମଧ୍ୟ ଆକଳନ କରିବା ସମ୍ଭବ ହୋଇ ପାରୁନାହିଁ। ଏଭଳି ଭାବେ ଭୂତଳ ଓ ନଦୀଜଳକୁ ଖଣି ଓ ଶିଳ୍ପାନୁଷ୍ଠାନ ଲୁଟ କରି ଆସୁଥିଲେ ହେଁ ସରକାର କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହିକ୍ରମରେ ଜଳସମ୍ପଦ ବିଭାଗର ଚିଫ୍ ଇଞ୍ଜିନିୟର ଆଇଓଟି ଫ୍ଲୋମିଟର ଲଗାଇ ନ ଥିବା ଉପରୋକ୍ତ ଶିଳ୍ପାନୁଷ୍ଠାନ ବିରୋଧରେ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବାକୁ ୧୬।୮।୨୦୨୫ରେ ବିଭାଗୀୟ ଅତିରିକ୍ତ ସଚିବଙ୍କୁ ପତ୍ର ଲେଖିଛନ୍ତି।

## ଭାଜପା ପୂର୍ବତନ ଜିଲା ସଭାପତି, କୁଜାସିଂ ପୂର୍ବତନ ସରପଞ୍ଚ ଦଳରୁ ନିଲମ୍ବିତ

### ଦଳ ବିରୋଧୀ କାର୍ଯ୍ୟ ମହଙ୍ଗା ପଡ଼ିଲା

ପାରଳାଖେମୁଣ୍ଡି,୨୧।୮ (ଗିରିଧାରୀ ପରିଡ଼ା)

ଦଳୀୟ ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ଗଜପତି ଜିଲା ଭାଜପାର ପୂର୍ବତନ ସଭାପତି ସିଦ୍ଧେଶ୍ୱର ମିଶ୍ର ଓ ଗୁମ୍ମା ବ୍ଲକ କୁଜାସିଂ ପଞ୍ଚାୟତର ପୂର୍ବତନ ସରପଞ୍ଚ କାହ୍ନୁ ଭୂୟାଁଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଏନେଇ ଗଜପତି ଜିଲା ଭାଜପା ସଭାପତି ନବ କିଶୋର ଶବର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ନିର୍ବାଚନ ସମୟରେ ସିଦ୍ଧେଶ୍ୱର ଓ କାହ୍ନୁ ଦଳରେ ଥାଇ ମଧ୍ୟ ଅନ୍ୟ ଦଳର ପ୍ରାର୍ଥୀଙ୍କୁ ସହାୟତା କରିଥିଲେ। ସେହିପରି ନିର୍ବାଚନ ପରେ ମୋହନାରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ଧରି ବିଭିନ୍ନ ଦଳ ବିରୋଧୀ କାର୍ଯ୍ୟ କରୁଥିଲେ। ଫଳରେ ଦଳ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ଏନେଇ ସିଦ୍ଧେଶ୍ୱର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଜିଲା ସଭାପତି ଜଣେ ଅପରିପକ୍ୱ ନେତା। ତେଣୁ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେ ଏବେ ଦଳକୁ ଆସିଛନ୍ତି। ଫଳରେ ଦଳର ନିୟମକୁ ଜାଣିନାହାନ୍ତି।

## ପଦୋନ୍ନତି,ବଦଳି ହୋଇଥିବା ଅଧିକାରୀ ବାହ୍ୟ ପ୍ରଭାବ ଆଣିବାକୁ ଚେଷ୍ଟାକଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୧।୮(ସୁନିତ୍ ମିଶ୍ର)

କୃଷି ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ଆଦେଶନାମା ଜାରିକରି କହିଛନ୍ତି, ସମସ୍ତ ପଦୋନ୍ନତିପ୍ରାପ୍ତ/ ବଦଳି ହୋଇଥିବା ଅଧିକାରୀମାନେ ବିଳମ୍ବ ନ କରି ସେମାନଙ୍କ ନିଯୁକ୍ତ ସ୍ଥାନରେ ଯୋଗଦେବା ଉଚିତ। କୌଣସି ପରିସ୍ଥିତିରେ ସରକାରୀ ନିର୍ଦ୍ଦେଶର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯିବ ନାହିଁ। ଆସନ୍ତା ୩୧ ସୁଦ୍ଧା ତାଙ୍କ ନିଯୁକ୍ତି ସ୍ଥାନରେ ଯୋଗଦେବାରେ ବିଫଳ ହେଉଥିବା ଯେକୌଣସି ଅଧିକାରୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ରହିବେ। ଏପରି ଅଧିକାରୀମାନଙ୍କ ଦରମା ଆସନ୍ତା ସେପ୍ଟେମ୍ବରରୁ ବନ୍ଦ କରାଯିବ। ପୋଷ୍ଟିଂ ଆଦେଶର ପରିବର୍ତ୍ତନ ପାଇଁ ଅନୈତିକ ବାହ୍ୟ ପ୍ରଭାବ ଆଣିବାର ପ୍ରୟାସ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଚେତାଇ ଦିଆଯାଇଛି। ନିର୍ଦ୍ଦେଶାଳୟ କ୍ଷେତ୍ର ପ୍ରତିଷ୍ଠାନର ମୁଖ୍ୟ, ଅଧିକାରୀମାନଙ୍କୁ ଆଦେଶର ଅନୁପାଳନ ଉପରେ ନଜର ରଖିବାକୁ ଏବଂ କାର୍ଯ୍ୟସ୍ଥଳରେ ଯୋଗଦାନ ନ ଦେଉଥିବା ମାମଲାଗୁଡ଼ିକୁ ବିଭାଗରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଦୃଶ୍ୟମୂଳ ସ୍ତରରେ କାର୍ଯ୍ୟାଳୟଗୁଡ଼ିକର ସୁଗମ କାର୍ଯ୍ୟ ପାଇଁ ଏହି ବିଜ୍ଞପ୍ତି ଜାରି କରାଯାଇଛି।

## ଗୋଟିଏ ଛତାତଳକୁ ଯିବ ବିଭାଗୀୟ ଯୋଜନା: ଉନ୍ନୟନ ଆୟୁକ୍ତ

ଭୁବନେଶ୍ୱର,୨୧।୮ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଛୋଟ ଛୋଟ ଯୋଜନାଗୁଡ଼ିକୁ ଗୋଟିଏ ଛତାତଳକୁ ନେବାପାଇଁ ଉନ୍ନୟନ ଆୟୁକ୍ତ ଅନୁ ଗର୍ଗ ସବୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତମାସ ୧୩ରେ ବିଭାଗୀୟ ସମୀକ୍ଷା ବୈଠକ ଅବସରରେ ଉନ୍ନୟନ ଆୟୁକ୍ତ କହିଥିଲେ ଯେ, ଛୋଟ ଛୋଟ ଯୋଜନାଗୁଡ଼ିକୁ ଠିକଣା ଭାବେ ତଦାରଖ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଯୋଜନା ଓ ସଂଯୋଜନା ଏବଂ ଅର୍ଥ ବିଭାଗ ସହିତ ବିଚାରବିମର୍ଶ କରି ତ୍ୱରିତ ପଦକ୍ଷେପ ଗ୍ରହଣ କର। ଯାହାଦ୍ୱାରା କି ଯୋଜନାର ସଫଳ ରୂପାୟନ ହୋଇପାରିବ। ଏହି ଅବସରରେ ଉନ୍ନୟନ ଆୟୁକ୍ତ ସବୁ ବିଭାଗକୁ ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ଯୋଜନାଗୁଡ଼ିକର ଏକ୍ସପେଣ୍ଡିଚର ଫାଇନାନ୍ସ କମିଟି(ଇଏଫ୍‌ସି) ଏବଂ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି(ସିଏଫ୍‌ସି)ର ଅନୁମୋଦନ ଚଳିତମାସ ୩୧ ସୁଦ୍ଧା କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅନୁମୋଦନ ପାଇଁ ସମୟ ଅପଚୟ ନ କରି ତଥା ଯୋଜନା ଓ ସଂଯୋଜନ ବିଭାଗର କାମ୍ୟାୟତ୍ତଙ୍କୁ ଅପେକ୍ଷା ନ କରି ତୁରନ୍ତ ଅନୁମୋଦନ କରାଇବାକୁ ସେ ପରାମର୍ଶ ଦେଇଛନ୍ତି।

## କଂଗ୍ରେସ ଗଠନ କଲା ସୃଜନ, ୱାର ରୁମ୍ କମିଟି

ଭୁବନେଶ୍ୱର,୨୧।୮ (ରବିନାରାୟଣ ଜେନା)

ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଓଡ଼ିଶାର ୩୫ ଗୋଟି ଜିଲା କଂଗ୍ରେସ କମିଟି ସଭାପତି ଚୟନ ପ୍ରକ୍ରିୟା ନିମନ୍ତେ ଅଖିଳ ଭାରତ କଂଗ୍ରେସ କମିଟି ୩୫ ଏଆଇସିସି ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ଏହି ପର୍ଯ୍ୟବେକ୍ଷକମାନଙ୍କ ସହିତ ଯୋଗାଯୋଗ ଓ ସମନ୍ୱୟ ରଖିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଗୁରୁବାର ଏକ ରାଜ୍ୟସ୍ତରୀୟ ସୃଜନ କମିଟି ଏବଂ ୱାରରୁମ କମିଟି ଗଠନ କରିଛନ୍ତି। ଉପରୋକ୍ତ ଦୁଇ କମିଟି ମିଳିତ ଭାବେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ସୃଜନ କମିଟିରେ ଅଧ୍ୟକ୍ଷ ଭାବେ ଡ. ଦେବାଶିଷ ପଟ୍ଟନାୟକ ରହିଥିବା ବେଳେ ସହ ଅଧ୍ୟକ୍ଷ ଭାବେ ସୁଧାଂଶୁ ଶେଖର ଦେଓ ରହିଛନ୍ତି। ସେହିପରି ୱାରରୁମ କମିଟିର ଅଧ୍ୟକ୍ଷ ଭାବେ ମନୋରଞ୍ଜନ ଦାଶ ରହିଥିବା ବେଳେ ସଭ୍ୟ ଭାବରେ ତରୁଣ ମିଶ୍ର, ବାଙ୍କନିଧି ବେହେରା, ଶାନ୍ତନୁ କୁମାର ସାହୁ ଓ ଜୟଶ୍ରୀ ପାତ୍ର ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ପାଟଣାରେ ପ୍ରତିଷ୍ଠା ...

କେନ୍ଦୁଝର ଜିଲାର ପ୍ରାୟ ସମସ୍ତ ଅଞ୍ଚଳର ଆଦିବାସୀ ମଞ୍ଚ, ଯୁବ ଛାତ୍ରସ୍ୱାସ୍ଥ୍ୟ, ନାଗରିକ ମଞ୍ଚ, ପ୍ରେସ୍ କ୍ଲବ, ବୁଦ୍ଧିଜୀବୀ ଓ ଅନ୍ୟାନ୍ୟ ସଙ୍ଗଠନର କର୍ମକର୍ତ୍ତା ଓ ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧିମାନେ ଭୁବନେଶ୍ୱର ଆସି ମୁଖ୍ୟମନ୍ତ୍ରୀଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଓ ଧନ୍ୟବାଦ ଅର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା, ବିଶେଷକରି କେନ୍ଦୁଝର ଜିଲାକୁ ଏହି ଅମୂଲ୍ୟ ଉପହାର ପାଇଁ ମଧ୍ୟ ଜିଲାବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। କେନ୍ଦୁଝର ଜିଲାବାସୀଙ୍କ ସହ ପାଟଣା ବିଧାୟକ ଅଖିଳ ନାୟକ ଏବଂ ଚମ୍ପୁଆ ବିଧାୟକ ଫକୀର ନାୟକ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଜିଲାବାସୀଙ୍କୁ ପ୍ରତ୍ୟୁତ୍ତରରେ କହିଛନ୍ତି, ଖଣିଜଦ୍ରବ୍ୟ କେନ୍ଦୁଝର ଜିଲା ସମୃଦ୍ଧ ହେଲେ ଓଡ଼ିଶାର ବିକାଶ ହେବ। ଇସ୍ପାତ କାରଖାନା ଦାବି ଜିଲାବାସୀଙ୍କ ସବୁଠୁ ପୁରୁଣା ଓ ବଡ଼ ଦାବି ଥିଲା। ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଖଣିଜଦ୍ରବ୍ୟ ରାଜ୍ୟରେ ୪ଟି ମେଗା ଷ୍ଟିଲ୍ ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଘୋଷଣା କରିଥିଲେ। ୩ଟି ଇସ୍ପାତ କାରଖାନା ପ୍ରତିଷ୍ଠା ସରିଛି, କିନ୍ତୁ ଇଚ୍ଛାଶକ୍ତିର ଅଭାବରୁ ଓଡ଼ିଶା ଏଥିରୁ ବଞ୍ଚିତ ଥିଲା। ଡବଲ ଇଞ୍ଜିନ ସରକାରଙ୍କ ଯୋଗୁ ବର୍ତ୍ତମାନ ବିଶ୍ୱର ବୃହତ୍ ଇସ୍ପାତ ଉତ୍ପାଦନକାରୀ କମ୍ପାନୀ ପକ୍ଷରୁ ଏହା ସ୍ଥାପନ ହେବାକୁ ଯାଉଛି। ଏହି ଇସ୍ପାତ କାରଖାନା କେନ୍ଦୁଝର ଜିଲା ଓ ସମଗ୍ର ଓଡ଼ିଶାର ଭବିଷ୍ୟତ ନିର୍ମାଣ କରିବ। ଆଗାମୀ ଦିନରେ ପାଟଣା ଅଞ୍ଚଳ ମଧ୍ୟ ରାଉରକେଲା ଭଳି ଏକ ଅତ୍ୟାଧୁନିକ ସହରରେ ପରିଣତ ହେବ। ଡବଲ ଇଞ୍ଜିନ ସରକାରରେ କେବଳ କେନ୍ଦୁଝରରେ ନୁହେଁ, ସମଗ୍ର ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ ହେବ। ଓଡ଼ିଶା ପାଇଁ ଅନେକ ବଡ଼ ବଡ଼ ପ୍ରକଳ୍ପ କେନ୍ଦ୍ର ସରକାର ମଞ୍ଜୁର କରୁଛନ୍ତି। ମହାପ୍ରଭୁ ଜଗନ୍ନାଥ, ମା' ତାରିଣୀ ଏବଂ ପ୍ରଭୁ ବଳଦେବ ଜୀଉଙ୍କ ଆଶୀର୍ବାଦରୁ ଜିଲାରେ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି। ଏହା ମାଧ୍ୟମରେ କେନ୍ଦୁଝର ଜିଲା ସହ ସମଗ୍ର ରାଜ୍ୟର ବିକାଶ ହେବ। ତେଣୁ ଏଥିପାଇଁ ଜିଲାବାସୀ ବିଶେଷକରି ପାଟଣା ଅଞ୍ଚଳବାସୀ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି। ଗୁରୁବାର ଅପରାହ୍ଣରେ ଭୁବନେଶ୍ୱର ରାଜ୍ୟ ଅତିଥି ଭବନଠାରେ କେନ୍ଦୁଝର ଜିଲାର ବିଭିନ୍ନ ସଙ୍ଗଠନ ଓ ନାଗରିକ ମଞ୍ଚ ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି।

### ସାମ୍ବିଧାନିକ ପଦାଧିକାରୀ ...

ସେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତିଙ୍କୁ ଭେଟି ସମାଧାନର ସୂତ୍ର ବାହାର କରୁଛନ୍ତି। ଅଚଳାବସ୍ଥା ଦୂର ପାଇଁ କେନ୍ଦ୍ରୀୟ ସ୍ତରରେ ଯୋଗେ ଆଲୋଚନା ହେଉଥିବା ଦେଖାଯାଉଛି ବୋଲି ମେହେଟ୍ଟା କହିଥିଲେ। ବିବାଦ ସମାଧାନ ନେଇ ବହୁ ବର୍ଷଣ୍ଡି ହେଲା ଏଭଳି ବ୍ୟବସ୍ଥା ଗ୍ରହଣୀୟ ହୋଇଆସିଛି। ପ୍ରତିନିଧିମାନେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ଭେଟି ଏକ ମଧ୍ୟବର୍ତ୍ତୀ ପନ୍ଥା ବାହାର କରିଥାନ୍ତି। ତେଣୁ ରାଜ୍ୟ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ଅଚଳାବସ୍ଥା ଦୂରକରିବା ପାଇଁ ରାଷ୍ଟ୍ରନାୟକତ୍ୱ ଓ ରାଜନୈତିକ ପରିପକ୍ୱତାର ପ୍ରୟୋଗ ଉପରେ ମେହେଟ୍ଟା ଗୁରୁତ୍ୱ ଦେଇଥିଲେ। ବିଲ୍ ଉପରେ ନିଷ୍ପତ୍ତି ନେବା ଲାଗି ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କ ନିମନ୍ତେ ସମ୍ବିଧାନରେ କେଉଁଠି ସମୟସୀମା ଧାର୍ଯ୍ୟ ହୋଇନାହିଁ ବୋଲି ସେ ଯୁକ୍ତି ବର୍ଷାଇଥିଲେ। ଏହାର ଜବାବରେ ସିଜେଆଇ ଗଭାଇ କହିଥିଲେ, ଯଦି କୌଣସି ଭୁଲ ଥାଏ, ତାହାର ସମାଧାନର ଉପାୟ ରହିବା ଆବଶ୍ୟକ। ସର୍ବୋଚ୍ଚ ଅଦାଲତ ହେଉଛନ୍ତି ସମ୍ବିଧାନର ତତ୍ତ୍ୱାବଧାନକ ଏବଂ ଏହାକୁ ଶାବ୍ଦିକ ଅର୍ଥରେ ସମ୍ବିଧାନର ବ୍ୟାଖ୍ୟା କରିବାକୁ ହେବ। ଜଷ୍ଟିସ୍ ନରସିଂହ ମଧ୍ୟ ଏଥିରେ ସହମତ ହୋଇଥିଲେ। ନିର୍ବାଚିତ ଜନପ୍ରତିନିଧିଙ୍କର ଯଥେଷ୍ଟ ଅଭିଜ୍ଞତା ରହିଥିବାରୁ ସେମାନଙ୍କୁ ହେୟ କରା ନ ଯାଉ ବୋଲି ମେହେଟ୍ଟା କହିବାରୁ ସିଜେଆଇ କହିଥିଲେ, ଆମେ ସେଭଳି କେବେ କହିନାହୁଁ। ନ୍ୟାୟିକ ସକ୍ରିୟତା ନ୍ୟାୟିକ ଆତଙ୍କରେ ପରିଣତ ହେବା ଉଚିତ ନୁହେଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ତାମିଲନାଡୁ ବିଧାନସଭାରେ ଗୃହୀତ ୧୦ଟି ବିଲ୍ ଉପରେ ରାଜ୍ୟପାଳ ମଞ୍ଜୁରୀ ନ ଦେଇ ଏହାକୁ ଦୀର୍ଘଦିନ ପକାଇ ରଖିଥିବାରୁ ସମ୍ପୃକ୍ତ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଲ୍‌ଗୁଡ଼ିକ ଉପରେ ରାଜ୍ୟପାଳ ୧ ମାସ ମଧ୍ୟରେ ଏବଂ ରାଷ୍ଟ୍ରପତି ୩ ମାସ ମଧ୍ୟରେ ନିଷ୍ପତ୍ତି ନେବା ପାଇଁ ସର୍ବୋଚ୍ଚ ଅଦାଲତ ସମୟସୀମା ଧାର୍ଯ୍ୟ କରିଥିବାବେଳେ କେନ୍ଦ୍ର ସରକାର ଏହାର ପୁନର୍ବିଚାର ପାଇଁ ଆବେଦନ କରିଥିଲେ।

### ଆଇପିଏସ୍ ସ୍ତରରେ ...

ପରମର ସିଂ ପୁରୁଷୋତ୍ତମଦାସଙ୍କୁ କ୍ରାଇମବ୍ରାଞ୍ଚ ଏସ୍‌ପି, ୨୦୧୪ ବ୍ୟାଚ୍ ଆଇପିଏସ୍ ଅଧିକାରୀ ବିବେକାନନ୍ଦ ଶର୍ମାଙ୍କୁ ଖୋର୍ଦ୍ଧା ଏସ୍‌ପି, ୨୦୧୪ ବ୍ୟାଚ୍ ଆଇପିଏସ୍ ପ୍ରତୀକ ସିଂଙ୍କୁ ପୁରୀ ଏସ୍‌ପି, ୨୦୧୫ ବ୍ୟାଚ୍ ଆଇପିଏସ୍ ଅଫିସର ପ୍ରତ୍ୟୁଷ ଦିୱାକରଙ୍କୁ ବାଲେଶ୍ୱର ଏସ୍‌ପି, ୨୦୧୬ ବ୍ୟାଚ୍ ଆଇପିଏସ୍ ଅଫିସର ଭିନିତ୍ ଅଗ୍ରୱାଲ୍‌ଙ୍କୁ କଟକ(ଗ୍ରାମାଞ୍ଚଳ) ଏସ୍‌ପି, ୨୦୧୮ ବ୍ୟାଚ୍ ଆଇପିଏସ୍ ଅଫିସର ରାଜ ପ୍ରସାଦଙ୍କୁ ଏସ୍‌ପି ସ୍ୱେଶାଲ ବ୍ରାଞ୍ଚରେ ନୂଆ ଦାୟିତ୍ୱ ଦିଆଯାଇଛି। ଅନୁରୂପ ଭାବେ ୨୦୧୯ ବ୍ୟାଚ୍ ଆଇପିଏସ୍ ଅଫିସର ଗୁନ୍ଦଲା ରେଡ୍ଡି ରାଘବେନ୍ଦ୍ରଙ୍କୁ ଝାରସୁଗୁଡ଼ା ଏସ୍‌ପି, ୨୦୨୧ ବ୍ୟାଚ୍ ଆଇପିଏସ୍ ଅଫିସର ଅଙ୍କିତ କୁମାର ବର୍ମାଙ୍କୁ ଜଗତ୍‌ସିଂହପୁର ଏସ୍‌ପି, ୨୦୨୧ ବ୍ୟାଚ୍ ଆଇପିଏସ୍ ଅଫିସର ଅମ୍ରିତ ପାଲ ସିଂଙ୍କୁ ନୂଆପଡ଼ା ଏସ୍‌ପି, ୨୦୨୧ ବ୍ୟାଚ୍ ଆଇପିଏସ୍ ଅଫିସର ଅମ୍ରିତପାଲ କୌରଙ୍କୁ ସୁନ୍ଦରଗଡ଼ ଏସ୍‌ପି ଏବଂ ଓପିଏସ୍ ଭବାନୀ ଶଙ୍କର ଉଦ୍‌ଗାତାଙ୍କୁ କଟକ ରେଲୱେ ଏସ୍‌ପି ଭାବେ ନୂଆ ଦାୟିତ୍ୱ ମିଳିଛି। ଏହି ଅବସରରେ ୧୨ଜଣ ଓପିଏସ୍ ସ୍ତରରେ ଅଦଳବଦଳ କରିଛନ୍ତି।

## 'ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା



ଭୁବନେଶ୍ୱର,୨୧।୮ (ରବିନାରାୟଣ ଜେନା)

ଭାରତୀୟ ଗଣତନ୍ତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା କରି ସହମତିଭିତ୍ତିକ ସରକାର ଆଡ଼କୁ ଗତି କରିବା ବଦଳରେ କେନ୍ଦ୍ର ସରକାର ନିଜ ହାତରେ ସମସ୍ତ କ୍ଷମତା ଠୁଳକରି ଭାରତକୁ ଏକ ନବ୍ୟ ଫାସିବାଦୀ ରାଷ୍ଟ୍ରରେ ପରିଣତ କରିବା ଚେଷ୍ଟା ଚଳାଉଛନ୍ତି ବୋଲି ବିଶିଷ୍ଟ ସମାଜ ବିଜ୍ଞାନୀ ପ୍ରାଧ୍ୟାପକ ବିଜୟ ବହିଦାର ମତବ୍ୟକ୍ତ କରିଛନ୍ତି। ବୁଧବାର ସଂସଦରେ ସମ୍ବିଧାନର ୧୩୦ତମ ସଂଶୋଧନ ବିଲ୍ ଆଗତ ପରିପ୍ରେକ୍ଷୀରେ ଗୁରୁବାର କଂଗ୍ରେସ ଭବନରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ 'ସଂସଦୀୟ ଗଣତନ୍ତ୍ର ଓ ସଂଘୀୟ ବ୍ୟବସ୍ଥା ଉପରେ ପଦାଘାତ' ଶୀର୍ଷକ ଆଲୋଚନା ସଭାରେ ବହିଦାର କହିଲେ, ଭୋଟଦାନ ପ୍ରକ୍ରିୟାରେ ସଂଶୋଧନ ଆଣି ବ୍ୟବସ୍ଥାକୁ ସଂସ୍କାରିତ କରିବା ପରିବର୍ତ୍ତେ ରାଜ୍ୟଗୁଡ଼ିକୁ ଦୁର୍ବଳ କରି ସଂଘୀୟ ବ୍ୟବସ୍ଥାକୁ ନଷ୍ଟ କରିବାକୁ ଚେଷ୍ଟା ଚାଲିଛି। ଏବେ ରାଜ୍ୟଗୁଡ଼ିକର ସ୍ୱାୟତ୍ତତା ନାହିଁ। ଏଥିରେ ପୁଣି କେନ୍ଦ୍ରୀୟ କାର୍ଯ୍ୟପାଳିକା କ୍ଷମତା ଆହୁରି ବୃଦ୍ଧି କରିବା ପାଇଁ ଏହି ସମ୍ବିଧାନ ସଂଶୋଧନ ଅଭିପ୍ରେତ। ଭାରତୀୟ ସମ୍ବିଧାନ କାର୍ଯ୍ୟପାଳିକାଙ୍କୁ ବ୍ୟବସ୍ଥାପିକା ନିକଟରେ ଉତ୍ତରଦାୟୀ କରିଥିବା ବେଳେ ଏହି ସମ୍ବିଧାନ ସଂଶୋଧନ ବିଲ ଆଇନରେ ପରିଣତ ହେଲେ ନ୍ୟାୟପାଳିକାକୁ ଆଡ଼େଇ କାର୍ଯ୍ୟପାଳିକା ସର୍ବେସର୍ବା ହୋଇଯିବ। ପୋଲିସ, ଇଡି, ସିବିଆଇକୁ ହାତ କରି କେନ୍ଦ୍ରୀୟ କାର୍ଯ୍ୟପାଳିକା ଯାହାକୁ ଚାହିଁବ ଦୋଷୀ ସାବ୍ୟସ୍ତ କରିବ। ପୂର୍ବରୁ ୩୦ଦିନ ଜେଲରେ ରଖିବା କଷ୍ଟସାଧ୍ୟ ନୁହେଁ। ଫଳରେ ପ୍ରତିପକ୍ଷ ରାଜନେତାଙ୍କୁ ଜେଲରେ ପୂରାଇ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ପଦରୁ କେନ୍ଦ୍ର ଅତି ସହଜରେ ଓଡ଼ାଇଦେଇ ପାରିବେ ବୋଲି ସେ କହିଥିଲେ। ପିସିସି ସଭାପତି ଭକ୍ତ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ନାମରେ ସବୁ ଥାନାରେ ଏତଲା ଦେବା ପରି ଆଗକୁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ ଏହି କଳା ବିଧେୟକକୁ କଂଗ୍ରେସ ବିରୋଧ କରିବ। ଏମିତିରେ ବିପକ୍ଷ ଦଳର ନେତାଙ୍କୁ ଗିରଫ କରିବାର ଯେଉଁ ମାନସିକତା ଭାଜପାର ରହିଛି ତାକୁ ଆୟୁଧ କରି ବିପକ୍ଷ ଦଳର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ତଡ଼ିବା ପାଇଁ ବାଟ ପରିଷ୍କାର କରାଯାଉଛି। ଆଲୋଚନାକ୍ରମେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଓ ନିରଞ୍ଜନ ପଟ୍ଟନାୟକ କହିଥିଲେ, ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ ଦେଶର ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଥିବାରୁ ଏବେ ସ୍କୁଲ ପାଠ୍ୟକ୍ରମରେ ଦେଶ ବିଭାଜନକୁ ଆଗକୁ ଆଣିବା ପାଇଁ ଭାଜପା ସରକାର ଚକ୍ରାନ୍ତ କରୁଛି। ସମ୍ବିଧାନ ଉପରେ ଶାସକ ଦଳର ଏହି ଶକ୍ତ ପ୍ରହାରକୁ ବିରୋଧୀ ଦଳଗୁଡ଼ିକ କିପରି ମୁକାବିଲା କରିବେ ସେଥିନେଇ ଗଭୀର ଚିନ୍ତନର ଆବଶ୍ୟକତା ରହିଛି ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ ଓ ବିଜୁଳି ଭୂଷଣ ମିଶ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:..................................
ଜନ୍ମ ତାରିଖ: ..............................


ଇଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।


# ଅତ୍ୟାଧୁନିକ ପଦ୍ଧତିରେ ଉତ୍ପାଦନକୁ ଗୁରୁତ୍ୱ

ଭୁବନେଶ୍ୱର,୨୧।୮

ବର୍ତ୍ତମାନ ସମୟରେ ପ୍ଲମ୍ବିଂ ଶିଳ୍ପର ଚାହିଦା ବୃଦ୍ଧି ସାଙ୍ଗକୁ ବଜାର ଆବଶ୍ୟକତା ପୂରଣ ପାଇଁ ସବୁସ୍ତରରେ ଉତ୍ପାଦନକାରୀମାନେ ପ୍ରୟାସ କରୁଛନ୍ତି। ଏପରିକି ଗ୍ରାହକଙ୍କ ଚାହିଦା ମୁତାବକ ଗୁଣାତ୍ମକ ଉତ୍ପାଦ ଓ ଅତ୍ୟାଧୁନିକ ପଦ୍ଧତିର ବିନିଯୋଗକୁ ଉତ୍ପାଦନକାରୀ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱସ୍ତରୀୟ ଉତ୍ପାଦନକାରୀ ତଥା ଦେଶର ପ୍ରମୁଖ ଶିଳ୍ପ ବ୍ରାଣ୍ଡ ଆଶୀର୍ବାଦ (ଆଶୀର୍ବାଦ ବାଏ ଅଲିଆକ୍ସିସ୍)ର ଚାହିଦା ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ଏପରିକି ପ୍ଲମ୍ବିଂ ଶିଳ୍ପରେ ଆଶୀର୍ବାଦର ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଥିଲାବେଳେ ଅତ୍ୟାଧୁନିକ ପଦ୍ଧତିରେ ୟୁପିଭିସିର ଉତ୍ପାଦନ ସାଙ୍ଗକୁ ଅନ୍ୟାନ୍ୟ ଉତ୍ପାଦ ରେଞ୍ଜଗୁଡ଼ିକୁ ମଧ୍ୟ

### ପ୍ଲମ୍ବିଂ ଶିଳ୍ପରେ ଆଶୀର୍ବାଦର ଉଲ୍ଲେଖନୀୟ ଅଭିବୃଦ୍ଧି

ବଜାରରେ ଉପଲବ୍ଧ କରାଉଛି। ପାଇପ ଆଣ୍ଡ ଫିଟିଂ ଇଣ୍ଡଷ୍ଟ୍ରିରେ ଏହାର ଯୋଗଦାନ ୯% ରହିଛି। ସେହିଭଳି ୨୦୨୨ରୁ ଓଡ଼ିଶାର କଟକଠାରେ ମଧ୍ୟ ଏହାର ଏକ ଉନ୍ନତ ବିନିର୍ମାଣ ବ୍ୟବସ୍ଥା ଜାରି ରହିଛି। କମ୍ପାନୀ ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ବିହାର ଭଳି ପୂର୍ବ ଭାରତୀୟ ରାଜ୍ୟରେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ପାଇପ୍ ସମାଧାନର ବଢୁଥିବା ଚାହିଦାକୁ ପୂରଣ କରିବାକୁ ସମସ୍ତ ପ୍ରୟାସ କରୁଥିଲାବେଳେ ଏହି ୟୁନିଟ୍ ବଜାର ଆବଶ୍ୟକତା ପୂରଣ ପାଇଁ ସ୍ଥାପନ କରାଯାଇଥିଲା। ସେହିପରି କଟକର ଟାଙ୍ଗୀଠାରେ ଅବସ୍ଥିତ ଏହି ୟୁନିଟର ବାର୍ଷିକ ଉତ୍ପାଦନ କ୍ଷମତା ୧୦,୦୦୦


ଅନିଲ ତୋମର

ମେଟ୍ରିକ୍ ଟନ୍ ରହିଛି, ଯାହା ୟୁପିଭିସି ପାଇପ ଏବଂ ଏଚ୍‌ଡିପିଇ ପାଇପର ଏକ ବିସ୍ତୃତ ପରିସର ନିର୍ମାଣ କରୁଛି। ଏପରିକି ଆଧୁନିକ ପ୍ରଯୁକ୍ତିରେ ସଜ୍ଜିତ ଏହି କାରଖାନା ବିଶ୍ୱସ୍ତରୀୟ ନିର୍ମାଣ ମାନକ ଏବଂ କାର୍ଯ୍ୟକ୍ଷେତ୍ର ର ସୁରକ୍ଷାକୁ ନିଶ୍ଚିତ କରିବାକୁ ଏଆଇ-ସକ୍ଷମ ତଦାରଖ, ଯନ୍ତ୍ର ସୁରକ୍ଷା ନିରୀକ୍ଷଣ ଏବଂ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ସହିତ ଆବଶ୍ୟକ ନିୟମାବଳୀକୁ ଦୃଢ଼ ଭାବେ ପାଳନ କରୁଛି।

ଏ ନେଇ ଆଶୀର୍ବାଦ ବାଏ ଅଲିଆକ୍ସିସ୍‌ର ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଅନିଲ ତୋମାର କହିଛନ୍ତି, କଟକ ୟୁନିଟ୍ ଗ୍ରାହକଙ୍କ ନିକଟରେ ବିଶ୍ୱସ୍ତରୀୟ ବିନିର୍ମାଣ ପହଞ୍ଚାଇବା ପାଇଁ ଆଶୀର୍ବାଦର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଗତ ୩ବର୍ଷ ପୂର୍ବେ ଏହି ୟୁନିଟ୍ ନିର୍ମାଣ ହୋଇଥିଲାବେଳେ ପ୍ରଯୁକ୍ତିଗତ ଭାବେ ଏହା ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଉନ୍ନତ କାରଖାନା ବ୍ୟବସ୍ଥାରେ ପରିଚାଳିତ ହେଉଛି। ଏହାର ଶୁଭାରମ୍ଭ ପରଠାରୁ ଆମେ କେବଳ ପୂର୍ବ ଭାରତର ଆମ ଗ୍ରାହକଙ୍କ ପାଇଁ ଲଜିଷ୍ଟିକ୍ସ ଖର୍ଚ୍ଚରେ ଉନ୍ନତି କରିପାରିଛୁ ତାହା ନୁହେଁ ବିତରଣର ସମୟସୀମା ହ୍ରାସ କରିବା ସହ ଅର୍ଥପୂର୍ଣ୍ଣ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିଛୁ। ବିଶେଷକରି ଏଠାରେ ସବୁ ସମୟରେ ସ୍ଥିରତା ଏବଂ ସୁରକ୍ଷାର ଉଚ୍ଚତମ ମାନକକୁ ବଜାୟ ରଖାଯାଇଛି। ଓଡ଼ିଶା ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା' ପଦକ୍ଷେପ ସହ ସମନ୍ୱିତ ଏହି କାରଖାନା ବିଶ୍ୱସନୀୟ, ଉଚ୍ଚ ଗୁଣବତ୍ତା ବିଶିଷ୍ଟ ପାଇପ୍ ସମାଧାନ ସହ ସ୍ଥାନୀୟ ଅଞ୍ଚଳର ବଢୁଥିବା ମୌଳିକ ଭିତ୍ତିଭୂମି ଆବଶ୍ୟକତାକୁ ପୂରଣ କରିବାର ଆମର କ୍ଷମତାକୁ ଦୃଢ଼ କରୁଛି। ସେହିପରି କଟକ କାରଖାନା ଇତିମଧ୍ୟରେ ୨୫୦ରୁ ଅଧିକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏପରିକି ସ୍ଥାନୀୟ ଯୁବବର୍ଗଙ୍କୁ ମୂଲ୍ୟବାନ ବୈଷୟିକ ଦକ୍ଷତା ବିକଶିତ କରିବାରେ ଏହା ବେଶ୍ ସହାୟକ ଓ ସାହାଯ୍ୟ କରିଛି। ଏହାର ମୂଳରେ ସ୍ଥିରତା ସହିତ ପ୍ରସ୍ତୁତ କରାଯାଇଥିବା ଏହି କାରଖାନା ଏକ ସ୍ୱଚ୍ଛତା ଉନ୍ନୟନ ପ୍ରଣାଳୀ, ଶକ୍ତି ସମ୍ପର୍କିତ ଆଲୋକ ବ୍ୟବସ୍ଥା ଏବଂ ଏକ ବୃହତ୍ ସ୍ତରୀୟ ବୃକ୍ଷରୋପଣ ପଦକ୍ଷେପ ଭଳି ପରିବେଶ ଅନୁକୂଳ ପଦକ୍ଷେପ ଗ୍ରହଣ କରିଛି।

# ଆଇଆର୍‌ଇଏଲ୍‌ର ୭୫ତମ ବାର୍ଷିକୀ ଉତ୍ସବ



ଭୁବନେଶ୍ୱର,୨୧।୮

ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ପ୍ରତିଷ୍ଠାନ ପ୍ରତିଷ୍ଠାର ୭୫ତମ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଇଆର୍‌ଇଏଲ୍ (ଇଣ୍ଡିଆ) ପକ୍ଷରୁ ଭୁବନେଶ୍ୱରର ମେଫେୟାର ଲାଗୁନଠାରେ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଏହାର ପୂର୍ବତନ ସିଏମ୍‌ଡି ଏବଂ ନିର୍ଦ୍ଦେଶକମାନଙ୍କୁ ସମ୍ମାନିତ କରିବା ସହିତ ଏହାର ଘରୋଇ ଏବଂ ବିଦେଶୀ ଗ୍ରାହକମାନଙ୍କୁ ପୁରସ୍କୃତ କରିବା।

ଅପରପକ୍ଷରେ ଭାରତ ସରକାରଙ୍କ ବିକଶିତ ଭାରତ ଲକ୍ଷ୍ୟ ଅନୁଯାୟୀ ହେମନ୍ତ ଶର୍ମା ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌କୁ ଏହାର ୭୫ ତମ ବାର୍ଷିକୀରେ ପହଞ୍ଚିବା ପାଇଁ ତାଙ୍କର ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ଓଡ଼ିଶାରେ ବିରଳ ପୃଥିବୀ ଶିଳ୍ପକୁ ଆଗକୁ ବଢ଼ାଇବା ପାଇଁ ସବ୍‌ସିଡି ଭୂମି, ବିଦ୍ୟୁତ୍ ଏବଂ ଜଳଯୋଗାଣ, ରାସ୍ତା ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସହାୟତା କ୍ଷେତ୍ରରେ ଆଗାମୀ ୨୫ବର୍ଷ ପାଇଁ ପୂର୍ଣ ସମର୍ଥନ ଏବଂ ସହାୟତାର ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ଏହି କାର୍ଯ୍ୟକ୍ରମକୁ ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍‌ର ସିଏମ୍‌ଡି ଇନ୍‌ଚାର୍ଜ ଏବଂ ନିର୍ଦ୍ଦେଶକ (ଅର୍ଥ) ସାରଦା ଭୂଷଣ ମହାନ୍ତି, ନିର୍ଦ୍ଦେଶକ (ମାର୍କେଟିଂ) ଆର୍.ଏ.ଖାଲେଙ୍କ ସମେତ ନିର୍ଦ୍ଦେଶକ (ବୈଷୟିକ) ଅନୁତ୍ତମ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଭିଆଇଟିରେ କ୍ରିଷ୍ଟାଲ କନେକ୍ସନ୍ସ ଆଲୁମ୍‌ନି ମିଟ୍

ଭୁବନେଶ୍ୱର,୨୧।୮ (ଅଭୟ ଦାଶ)




ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି)ର ଚେନ୍ନାଇ କ୍ୟାମ୍ପସ୍‌ରେ 'କ୍ରିଷ୍ଟାଲ କନେକ୍ସନ୍ସ ଆଲୁମ୍‌ନି ମିଟ୍-୨୦୨୫' ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭିଆଇଟି ଚେନ୍ନାଇର ପୁରାତନ ଛାତ୍ରୀଛାତ୍ରମାନଙ୍କୁ ଆଲୁମ୍‌ନି ଉତ୍କର୍ଷ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସିନେମା ଆଇକନ୍ ଏବଂ ସାଂସଦ ଡ. କମଲ ହାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରତାନ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସେହିଭଳି ଭିଆଇଟିର ପ୍ରତିଷ୍ଠାତା କୁଳପତି ଡ. ଜି. ବିଶ୍ୱନାଥନ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ ଏବଂ ଭିଆଇଟି ଉପାଧ୍ୟକ୍ଷ ଡ. ଜି.ଭି. ସେଲ୍‌ଭାମ ଉପସ୍ଥିତ ଅତିଥି ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ସେହିଭଳି ଡକ୍ଟର କମଲ ହାସନ ତାଙ୍କ ଅଭିଭାଷଣରେ କହିଥିଲେ, ଯୁବପିଢ଼ି ଜୀବନରେ ସାହସର ସହିତ ବିଫଳତାକୁ ସାମ୍ନା କରିବା ଉଚିତ ଏବଂ ସଫଳତା ଆଡକୁ ଅଗ୍ରସର ହେବା ଉଚିତ। ଆମେ ବହୁତ କମ୍ ସ୍ୱାଧୀନତା ବିଷୟରେ କହୁଛୁ, ବିଫଳତାର ସ୍ୱାଧୀନତା, ଯାହା ବିନା କୌଣସି ନବସୃଜନ ସମ୍ଭବ ନୁହେଁ, କାରଣ ଯେଉଁ ଦେଶ ବିଫଳତାକୁ ଭୟକରେ ସେ କେବେ ବି ତା'ର ପ୍ରକୃତ ସମ୍ଭାବନାକୁ ଖୋଜିପାରିବ ନାହିଁ। ଭାରତରେ ମଧ୍ୟ ବିଫଳତାକୁ ପ୍ରାୟତଃ ଆଜୀବନ କାରାଦଣ୍ଡ ପରି ବ୍ୟବହାର କରାଯାଏ ଏବଂ ସେହି ଭୟ ଦାରିଦ୍ର୍ୟ ଅପେକ୍ଷା ଅଧିକ ସ୍ୱପ୍ନକୁ ମାରିଦିଏ ବୋଲି ସେ କହିଥିଲେ। ପ୍ରତ୍ୟେକ ସଫଳତାର କାହାଣୀରେ ଲୋକମାନେ କେବେ ଦେଖି ନ ଥିବା ବିଫଳତାର ଏକ ଲମ୍ବା ସମ୍ପାଦନାକୁ ପ୍ରଶଂସା କରନ୍ତି ବୋଲି ସେ କହିଛନ୍ତି। ଷ୍ଟାର୍ଟଅପ୍ ଇକୋସିଷ୍ଟମର ଉଦାହରଣ ଦେଇ ଡକ୍ଟର କମଲ ହାସନ କହିଥିଲେ, ପ୍ରତି ୧୦୦ଟି ଧାରଣା ପାଇଁ, ପ୍ରଥମ ୫ ବର୍ଷରେ ୯୦ଟି ବିଫଳ ହୁଏ। ସିଲିକନ୍ ଭ୍ୟାଲିରେ ଏହାକୁ ଅଭିଜ୍ଞତା ପ୍ରାପ୍ତ ଭାବେ ଦେଖାଯାଏ। ଭାରତରେ ଏହାକୁ ଲଜ୍ଜାର ସହିତ ଦେଖାଯାଏ ବୋଲି ସେ କହିଥିଲେ। ଭିଆଇଟିର ପ୍ରତିଷ୍ଠାତା ଏବଂ କୁଳପତି ଡକ୍ଟର ଜି. ବିଶ୍ୱନାଥନ ତାଙ୍କ ସଭାପତିତ୍ୱ ଅଭିଭାଷଣରେ କହିଥିଲେ, ତାଙ୍କର ଦୃଢ଼ବିଶ୍ୱାସ ଯେ କେବଳ ଶିକ୍ଷା, ବିଶେଷକରି ଉଚ୍ଚଶିକ୍ଷା ଭାରତକୁ ଏକ ବିକଶିତ ଦେଶ କରିପାରିବ। ଆମେ ସମସ୍ତେ ଚାହୁଁଛୁ ଯେ ଭାରତ ଏକ ବିକଶିତ ଦେଶ ହେଉ, ଏହା କେବଳ ଉଚ୍ଚଶିକ୍ଷା ଏବଂ ନିଶ୍ଚିତ ଭାବରେ କାମ କରିବାର ସୁଯୋଗ ଦ୍ୱାରା ସମ୍ଭବ ସେ ଆହୁରି ମଧ୍ୟ କହିଛନ୍ତି। ଭିଆଇଟି ଉପାଧ୍ୟକ୍ଷ ଡକ୍ଟର ସେଲ୍‌ଭାମ ତାଙ୍କ ଅଭିଭାଷଣରେ କହିଥିଲେ , ଛାତ୍ରମାନେ ଚାକିରି ଖୋଜିବା ଅପେକ୍ଷା ଉଦ୍ୟୋଗୀ ହୁଅନ୍ତି ଏବଂ ଅନ୍ୟମାନଙ୍କୁ ଚାକିରି ପ୍ରଦାନ କରନ୍ତି।

# ତନେଇରା କଟକ ଷ୍ଟୋରର ପ୍ରଥମ ବାର୍ଷିକୀ ଅଫର

ଭୁବନେଶ୍ୱର,୨୧।୮




ତନେଇରା କଟକ ଷ୍ଟୋରର ପ୍ରଥମ ବାର୍ଷିକୀ ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ କଟକ ସିଡିଏ ସେକ୍ଟର-୬ରେ ଅବସ୍ଥିତ ତନେଇରା ଷ୍ଟୋର ପକ୍ଷରୁ ଆକର୍ଷଣୀୟ ରିହାତି ଅଫର ଦିଆଯାଉଛି। ଏହି ଅଫର ଜରିଆରେ ୨୦,୦୦୦ ଟଙ୍କା କିମ୍ବା ତଦୂର୍ଦ୍ଧ୍ୱ କ୍ରୟ ଉପରେ ଗ୍ରାହକଙ୍କୁ ଏକ କମ୍ପ୍ଲିମେଣ୍ଟାରି ଗୋଲ୍ଡ କଏନ୍ ପ୍ରଦାନ କରାଯାଉଛି। ଏହି ସୀମିତ ସମୟ ଅଫର ୨୦୨୫ ଅଗଷ୍ଟ ୨୫ପର୍ଯ୍ୟନ୍ତ ଉପଲବ୍ଧ। ଅପରପକ୍ଷରେ ଏହା କୃତଜ୍ଞତା ଏବଂ ଉତ୍ସବର ଏକ ନିଦର୍ଶନ ହୋଇଥିଲାବେଳେ ଠିକ୍ ପାର୍ବଣ ଋତୁ ଆରମ୍ଭ ହେବା ବେଳକୁ ଗ୍ରାହକଙ୍କୁ ତନେଇରା ସହ ଖୁସି ବାଣ୍ଟିବାକୁ ଆମନ୍ତ୍ରଣ କରାଯାଉଛି। ଭାରତର ପୁରୁଣା ବୟନ ପରମ୍ପରା ସହ ଜଡ଼ିତ ତନେଇରା ଦେଶର ବୁଣାକାରମାନଙ୍କ ଅତୁଳନୀୟ କରିବାକୁ ସମ୍ମାନ ଜଣାଉଛି। ଏହାର କଟକ ଷ୍ଟୋରରେ ଏହି ବିରାସତ ବର୍ତ୍ତମାନ ମଧ୍ୟ ପ୍ରତିଅବସରକୁ ଖାପ ଖାଇଲା ଭଳି ବ୍ୟାପକ ପ୍ରକାର ବିକଳ୍ପଗୁଡ଼ିକ ସହ ଲାଇଭ ହୋଇଛି।

ସେହିଭଳି ଏହି ଷ୍ଟୋରରେ ଗ୍ରାହକ ଦେଶର କୋଣ ଅନୁକୋଣର ହସ୍ତତନ୍ତ ଶାଢ଼ି ମଧ୍ୟରୁ ନିଜ ମନ ପସନ୍ଦର ଶାଢ଼ି ବାଛିପାରିବେ। ବିଶେଷକରି ଇକତ, ସମ୍ବଲପୁରୀ, ଜାମଦାନୀ, ବନାରସୀ, ଟସର, କାଞ୍ଜିବରମ, ସାଉଥ ସିଲ୍‌କ କୋଟା ଦୋରିଆ, ଭେଗାନ୍ ସିଲକ ମାହେଶ୍ୱରୀ ଏବଂ ଚନ୍ଦେରି ଭଳି ପ୍ରମୁଖ ବ୍ରାଣ୍ଡ ଶାଢ଼ି ସହ ଷ୍ଟୋରରେ ରେଡି-ଟୁ-ୱେର ପୋଷାକ, ବ୍ଲାଉଜ, କୁର୍ତ୍ତା, ଅନ୍‌ଷ୍ଟିଚଡ କୁର୍ତ୍ତା ସେଟ୍ ଆଦିର ବ୍ୟାପକ ସମ୍ଭାର ଉପଲବ୍ଧ ରହିଛି। ଏ ସବୁ ଉତ୍ପାଦ ଶୁଦ୍ଧ ଏବଂ ପ୍ରାକୃତିକ ଫ୍ୟାବ୍ରିକ୍ସରେ ପ୍ରସ୍ତୁତ ହୋଇଛି।

# ଶେୟାର ବଜାର କାରବାରରେ ଉତ୍ସାହ


## ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



ଇଶୁ ପଟ୍ଟନାୟକ (ଡୁଗୁଲି)
ବାଙ୍କୁଆଳ, ଭୁବନେଶ୍ୱର
ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ।
ଶୁଭେଚ୍ଛା ସହ- କେକେ ମା, ଅଜା, ଆଈ, ବାବା, ମାମା, ଦାଦା, ମିନି ଅପା, ମାମି ଅପା, ଟୁଟୁ ପିଇସା, ମାନୁ ଅପା, ନବ ପିଇସା, ରାନୁ ଅପା, ଟିଲୁ ପିଇସା, ଲିପୁ ଭାଇ, ଡୁଗୁ ଭାଇ, ନବ୍ୟା ଦିଦି, ନାଓମି ଦିଦି, ଲୀନା ଓ ବନ୍ଧୁ ପରିବାର ବର୍ଗ।
ଧ-୧୭୧୪


ମୁମ୍ବାଇ,୨୧।୮: କ୍ରମାଗତ ଷଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ଚତୁର୍ଥ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇପାରିଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୨.୮୭ ପଏଣ୍ଟ ବୃଦ୍ଧି ଘଟି ୮୨,୦୦୦.୭୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୩୩.୨୦ ପଏଣ୍ଟ ବଢି ୨୫,୦୮୩.୭୫ ଅଙ୍କରେ କାରବାର ଶେଷ ହୋଇଥିଲା।

# ଆର୍‌ସିଇଏମ୍‌ରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

ଭୁବନେଶ୍ୱର,୨୧।୮

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଭୁବନେଶ୍ୱରର ମଞ୍ଚେଶ୍ୱରସ୍ଥିତ ରାଜଧାନୀ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ (ଆର୍‌ସିଇଏମ୍) ପକ୍ଷରୁ ନବାଗତଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜନ କରାଯାଇଥିଲା। ଚଳିତ ଶିକ୍ଷାବର୍ଷ ପାଇଁ ଅନୁଷ୍ଠାନର ନବାଗତ ଏମ୍‌ବିଏ ଓ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏର ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଉକ୍ତ ଉତ୍ସବରେ ମ୍ୟାନେଜମେଣ୍ଟ ଏଜୁକେଶନ କନ୍‌ସଲ୍ଟାଣ୍ଟ କମାଣ୍ଡର ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ବିଜ୍‌ନେସ୍ ମ୍ୟାନେଜମେଣ୍ଟ ବିଭାଗର ପ୍ରାକ୍ତନ ପ୍ରଫେସର ଡ. ନିର୍ମଳ ଚନ୍ଦ୍ର କର,ବିପିୟୁଟି ରାଉରକେଲାର ପ୍ରାକ୍ତନ ଡିନ୍-ମ୍ୟାନେମେଣ୍ଟ ପ୍ରଫେସର ଶକ୍ତି ରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ବିଭିନ୍ନ ପ୍ରକାର ଶିକ୍ଷାର ଜ୍ୱଳନ୍ତ ଉଦାହରଣ ଦେଇ ନିର୍ଦ୍ଦିଷ୍ଟ କାର୍ଯ୍ୟ ହାସଲକରିବା ପାଇଁ ଉପାୟଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ସେହିଭଳି ଆର୍‌ସିଇଏମ୍‌ର ଅଧ୍ୟକ୍ଷ ଡ. ତପନ କୁମାର ଲେଙ୍କା ତାଙ୍କ ଅଭିଭାଷଣରେ ଉନ୍ନତ ମାନର ଶିକ୍ଷାଦାନ ସହ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ଅନୁଷ୍ଠାନର ସହ ପ୍ରଫେସର ବିଭୁପ୍ରସାଦ ମିଶ୍ର, ଡ. ଅମ୍ରିତା ରାଉତ, ଡ. ପ୍ରଜ୍ଞା ପାରମିତାଙ୍କ ସମେତ ସସ୍ମିତା ସାହୁ, ଶିତିକଣ୍ଠ ପରିଡ଼ା ଏବଂ ଅନୁଷ୍ଠାନର ସମସ୍ତ କର୍ମଚରୀ ଯୋଗଦେଇ ଉତ୍ସବଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ଅନୁଷ୍ଠାନର ଡିନ୍ ଡ. ମାନସ ରଞ୍ଜନ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉକ୍ତ କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ପାଇଁ କଲେଜର ସମ୍ପାଦକ ସୁରେଶ କୁମାର ସାମଲ ସମସ୍ତ ଅତିଥ, କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ।


# Classified Everyday
0674-2580101, 9692975378



## REAL ESTATE
### SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 8249976746, 7978660091. D-1698

A gharabari corner plot at Brahmanjharilo near Phulnakhara Cuttack 1560sqft. 20 lakhs including registration & compoundwall. 7809525452. D-76482

Prime plot 3000sqft. (60'50') Nuagaon, Samantarapur only 5KMs from Rajmahal sqr. Bhubaneswar. Perfect for dream home/ future investment. Contact- 9040013345. D-76072

2150sqft. Plot area & 2250sqft. Construction area with BDA Approved Individual house near Naveen Nivas, Aerodrome area, Bhubaneswar cost@2.15crore, Contact: 7978090773. D-1715

## LOST

By the virtue of affidavit at Notary Tangi, Dist.- Khorda .Affidavit No.- 70AA 238431 on dated 15.08.2025. I Manoranjan Sahoo S/o Surendranath sahoo, resident of Gopalaprasad Kuhudi 752027, lost sale deed document no.- 1524/2009/1 somewhere outside of the Tangi SR office. If anyone find can contact 8018329614. D-1721

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit No.- 1898, dated 20th August 2025 before Notary Public, Cuttack that I Sarojini Pati, W/o- Sanat Kumar Pati, residing At- Madhuban, P.O.- Madhuban, P.S.- Aul, Dist.- Kendrapara- 755061, Odisha declare that I have changed my name from Sarijini Pati to Sarojini Pati. Henceforth, I shall be known as Sarojini Pati for all purposes. D-1723

By virtue of an affidavit No.- 7360 sworn before Executive Magistrate, Bhadrak, dated 22.07.2025, I Benazir Khan, D/o- Anwar Hossain Khan, Vill- Bada Sankarpur, P.O./P.S.- Purunabazar, Dist.- Bhadrak, Pin- 756100, Odisha declare that I have changed my name from Banazeer Khatoon to Benazir Khan. Henceforth, she shall be known as Benazir Khan for all future purposes. D-1720

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

I, Bijaylaxmi Rout, W/o- Ranjan Kumar Rout, Resident of Ranjan Villa, Chakeisiani, near Santoshi Maa Temple, P.O.- Rasulgarh, P.S.- Mancheswar, Bhubaneswar- 751010, Odisha declare by this affidavit No.- 181, dt. 16.08.2025 that now onwards I shall be known as Bijaylakhmi Rout for all future purposes. D-1710

By virtue of an affidavit sworn before the Executive Magistrate, Boudh, No.- 1166, date 20.08.25, I Dipanjali Danga, W/o- Khageswar Singh, R/o. Village/ P.O.- Mundipadar, P.S.- Baunsuni, Dist.- Boudh, Odisha, PIN- 762015 declare that I have changed my name from Dipa Danga to Dipanjali Danga. Henceforth, I shall be known as Dipanjali Danga for all purposes.
Dipanjali Danga
D-1718

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before affidavit No.- 1417, Executive Magistrate, Chhendipada, dated 21 August 2025, I, Prativa Sahu, Address W/o- Gyanedra Kumar Sahoo, At- Kampasala Jungle, P.O.- Kampasala, P.S.- Chhendipada, Dist.-Angul (Odisha), PIN-759130 declare that I have changed my name from Prativa Sahoo to Prativa Sahu. Henceforth, I shall be known as Prativa Sahu for all purposes.
Prativa Sahu
D-1722

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ମନେ ପଡ଼ନ୍ତି

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ହିମାଂଶୁ ମୋହନ ତ୍ରିପାଠୀ
ପଲ୍ଲୀକଣ୍ଠା, ଏରସମା, ଜିଲ୍ଲା: ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ପ୍ରାର୍ଥନା ।
-ଶୋକସନ୍ତପ୍ତ-
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ ।
ଧ-୧୭୧୭

## ସହିଦ ଯବାନଙ୍କ ଏକାଦଶ



ସହିଦ ଯବାନ ସ୍ୱର୍ଗତ କେଦାର ନାଥ ପରିଡ଼ା
ପିତା- ସ୍ୱର୍ଗତ କୈଳାସ ଚନ୍ଦ୍ର ପରିଡ଼ା
ସା/ପୋ- କୁମୁରିସିଂହା, ଥା-ଅନୁଗୋଳ ସଦର, ଜିଲ୍ଲା- ଅନୁଗୋଳ
ଆପଣ 18.02.1979ରେ ଜନ୍ମ ଗ୍ରହଣ କରି 7 ବିହାର ରେଜିମେଣ୍ଟ ଆର୍ମି ନଂ JC-562908 ଯୋଗଦାନ କରି ପଞ୍ଜାବ ଫିରୋଜପୁରରେ ସୁବେଦାର ଭାବେ କାର୍ଯ୍ୟରତ ଥାଇ 12.08.2025ରେ ଦେଶ ପାଇଁ ସହିଦ ହୋଇଗଲେ । ଆପଣଙ୍କର ମେଳାପି, ମିଷ୍ଟଭାଷି, ସମାଜସେବା, ଦେଶସେବା, ପରୋପକାରିତା ଆମ୍ଭମାନଙ୍କୁ ପ୍ରେରଣାର ଉତ୍ସ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ, ଦୁଇ ପୁଅ, ବୃଦ୍ଧା ମା' ଓ ପରିବାର ବର୍ଗ।
ଧ-୧୭୧୬

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨୨/୨୦୨୫ Bhubaneswar, Friday, August 22/ 2025

# ଚର୍ଚ୍ଚାରେ ଏସିଆ କପ୍


ନିର୍ମଳ କୁମାର ମିଶ୍ର

**ଗୁରୁତ୍ୱପୂର୍ଣ୍ଣ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟ ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ଟି୨୦ ଫର୍ମାଟରେ ଖେଳାଯିବ। ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ୧୧ଟି ଓ ଆବୁଧାବିଠାରେ ୮ଟି ମ୍ୟାଚ ଅନୁଷ୍ଠିତ ହେବ। ଇତିମଧ୍ୟରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା ହୋଇଯାଇଛି...**

ସମ୍ମାନଜନକ ଏସିଆ କପ୍ କ୍ରିକେଟକୁ ନେଇ ଉଷ୍ମତା ବଢ଼ିଛି। ଏସିଆର ଶ୍ରେଷ୍ଠ ଦଳ ଗୁଡ଼ିକୁ ନେଇ ଏହି ପ୍ରତିଯୋଗିତା ସେପ୍ଟେମ୍ବର ୯ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ଟି୨୦ ଫର୍ମାଟରେ ଖେଳାଯିବ। ଏସିଆ କପ୍‌କୁ ଆଇସିସି ଟି୨୦ ବିଶ୍ୱକପ୍-୨୦୨୬ ପାଇଁ ପ୍ରସ୍ତୁତିର ଏକ ଅଂଶ ଭାବେ ବିବେଚନା କରାଯାଉଛି। ଗତ କିଛିଦିନଧରି ଚର୍ଚ୍ଚାରେ ରହି ଆସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ପାଇଁ ଗତ ୧୯ ତାରିଖରେ ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବ ଅଧିନାୟକ ପଦ ବଜାୟ ରଖିଥିବାବେଳେ ଟେଷ୍ଟରେ ଟିମ୍ ଇଣ୍ଡିଆର ନେତୃତ୍ୱ ନେଉଥିବା ଶୁବମନ ଗିଲ୍‌ଙ୍କୁ ଉପ-ଅଧିନାୟକ ମନୋନୀତ କରାଯାଇଛି। ଷ୍ଟ୍ରାଇକର ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟ ଯେଉଁ ମାନଙ୍କୁ ସୁଯୋଗ ମିଳିଛି ସେମାନେ ହେଲେ ଅଭିଷେକ ଶର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଜୀତେଶ ଶର୍ମା, ଶିବମ୍ ଦୁବେ, ଅର୍ଶଦୀପ ସିଂ, ସଞ୍ଜୁ ସାମସନ, ହର୍ଷିତ ରାଣା, ତିଲକ ବର୍ମା, ରିଙ୍କୁ ସିଂ, ବରୁଣ ଚକ୍ରବର୍ତ୍ତୀ ଓ କୁଲଦୀପ ଯାଦବ।

ଭାରତ ୧୭ଶ ସଂସ୍କରଣର ଚାମ୍ପିୟନ। ଏସିସି ନିୟମ ଅନୁସାରେ ଚାମ୍ପିୟନ ଟିମ୍ ହିଁ ପରବର୍ତ୍ତୀ ସଂସ୍କରଣର ଆୟୋଜକ ରହିବା କଥା। ମାତ୍ର ପାକିସ୍ତାନ ଓ ବାଂଲାଦେଶ ସହିତ ରାଜନୈତିକ ସମ୍ପର୍କ ଭଲ ନ ଥିବାରୁ ୧୭ତମ ସଂସ୍କରଣର ଆୟୋଜନକୁ ନେଇ ଅନେକ ବାଦ ବିବାଦ ସୃଷ୍ଟି ହୋଇଛି। ଏପରି କି ବାତିଲ ହୋଇଯିବାର ସମ୍ଭାବନା ଥିଲା। ମାତ୍ର ପରବର୍ତ୍ତୀ ସମୟରେ ହାଇବ୍ରିଡ ମୋଡ୍‌ରେ ଖେଳାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏସିଆନ କ୍ରିକେଟ କାଉନସିଲ, ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନାକଭି ଓ ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଭର୍ଚୁଆଲ ବୈଠକରେ ଯୋଗଦେଇ ବହୁ ଆଲୋଚନା ଓ ପର୍ଯ୍ୟାଲୋଚନା ମାଧ୍ୟମରେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟ ୟୁଏଇରେ ଖେଳାଯିବା ପାଇଁ ରାଜି ହେବା ପରେ ଅଚଳ ଅବସ୍ଥା ଦୂର ହୋଇଥିଲା। ଏଥିରେ ଏସିସିର ୨୫ ସଦସ୍ୟ ଦେଶ ସହମତି ପ୍ରକାଶ କରିଥିଲେ।

ଏସିଆ କପ୍‌ର ଆଗାମୀ ସଂସ୍କରଣରେ ୮ଟି ଦଳ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏଥିରେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ, ହଂକଂ, ଓମାନ ଓ ସଂଯୁକ୍ତ ଆରବ ଏମିରେଟ୍ସ ଅନ୍ତର୍ଭୁକ୍ତ। ଭାଗ ନେଉଥିବା ୮ଟି ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ -ଏ'ରେ ଭାରତ, ପାକିସ୍ତାନ, ୟୁଏଇ ଓ ଓମାନ ଏବଂ ଗ୍ରୁପ୍ -ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ଥାନ ଓ ହଂକଂ ରହିଛନ୍ତି। ଟୁର୍ନାମେଣ୍ଟରେ ୧୯ଟି ମ୍ୟାଚ ଖେଳାଯିବ। ଗ୍ରୁପ୍ ପର୍ଯ୍ୟାୟରେ ପ୍ରତ୍ୟେକ ଦଳ ୩ଟି ମ୍ୟାଚ ଖେଳିବେ। ଭାରତ ତା'ର ପ୍ରଥମ ମ୍ୟାଚ ୧୦ ସେପ୍ଟେମ୍ବରରେ ୟୁଏଇ ବିପକ୍ଷରେ ଖେଳିବାକୁ ଥିବା ବେଳେ ୨ୟ ମ୍ୟାଚ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ସେପ୍ଟେମ୍ବର ୧୪ ଓ ଶେଷ ଗ୍ରୁପ୍ ମ୍ୟାଚ ୧୯ ତାରିଖରେ ଓମାନ ବିପକ୍ଷରେ ଖେଳିବ। ଗ୍ରୁପ୍-ଏ ଓ ଗ୍ରୁପ୍-ବି'ର ଶ୍ରେଷ୍ଠ ୨ଟି ଲେଖାଏ ଦଳ ସୁପର ଫୋର୍‌ରେ ପ୍ରବେଶ କରିବେ। ଏସିଆନ କ୍ରିକେଟ କାଉନସିଲର ୫ଟି ସମ୍ପୂର୍ଣ୍ଣ ସଦସ୍ୟ ଦେଶ ଆଫଗାନିସ୍ତାନ, ବାଂଲାଦେଶ, ପାକିସ୍ତାନ, ଭାରତ ଓ ଶ୍ରୀଲଙ୍କା ସିଧାସଳଖ ଅଂଶଗ୍ରହଣ କରୁଥିବା ବେଳେ ହଂକଂ, ଓମାନ ଓ ୟୁଏଇ କ୍ୱାଲିଫାଇ ମ୍ୟାଚ ଖେଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଆୟୋଜକ ଦେଶ ଭାବରେ ୟୁଏଇ ସୁଯୋଗ ପାଇଛି। ନିୟମ ଅନୁଯାୟୀ ଏସିସି ଦ୍ୱାରା ଆୟୋଜିତ ୨୦୨୪ ପୁରୁଷ ପ୍ରିମିୟର କପର ଟେବୁଲ ଶୀର୍ଷରେ ଥିବା ୩ଟି ଟିମ୍ ଏଥିରେ ଖେଳିବାର ସୁଯୋଗ ମିଳିଛି।

ଏସିଆ କପ୍‌ରେ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ୧୧ଟି ଓ ଆବୁଧାବିଠାରେ ୮ଟି ମ୍ୟାଚ ଖେଳାଯିବ। ଏସିଆନ କ୍ରିକେଟ କାଉନସିଲ ଜୁଲାଇ ୨୬ରେ ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରିଥିବା ବେଳେ ଅଗଷ୍ଟ ୨ରେ ୨ଟି ଭେନ୍ୟୁରେ ସମସ୍ତ ମ୍ୟାଚ ଖେଳାଯିବାର ସୂଚନା ଦେଇଛି। ୨୦୨୩ରେ ଏସିଆ କପ୍‌ର ୧୪ଶ ସଂସ୍କରଣ ଅ।ଇସିସି ଏକଦିବସୀୟ ଟୁର୍ନାମେଣ୍ଟ ପାଇଁ ଦିନିକିଆ ଫର୍ମାଟରେ ହୋଇଥିଲା। ପ୍ରଥମ ଏସିଆ କପ୍ ଭାବେ ଏହା ପାକିସ୍ତାନ ଓ ଶ୍ରୀଲଙ୍କାରେ ଅନୁଷ୍ଠିତ ହୋଇଥିଲା। ପାକିସ୍ତାନରେ ମାତ୍ର ୪ଟି ଓ ଶ୍ରୀଲଙ୍କାରେ ୯ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୬ଟି ଟିମ୍‌କୁ ନେଇ ଏହି ଟୁର୍ନାମେଣ୍ଟରେ ମୋଟ ୧୩ଟି ମ୍ୟାଚ ଖେଳାଯାଇଥିଲା। ଶ୍ରୀଲଙ୍କାକୁ ଫାଇନାଲରେ ହରାଇ ଭାରତ ତା'ର ୮ମ ଏସିଆ କପ୍ ଟାଇଟଲ ହାସଲ କରିଥିଲା। ଫାଇନାଲରେ ଶ୍ରୀଲଙ୍କା ମାତ୍ର ୫୦ରନ୍‌ରେ ଅଲ୍‌ଆଉଟ ହେବାରୁ ଭାରତ ମାତ୍ର ୬ ଓଭରରେ ୧୦ଉଇକେଟରେ ଏକତରଫା ବିଜୟ ହାସଲ କରିଥିଲା।

ଇତିହାସଅନୁସାରେ ଏସିଆ କପ୍‌ର ପ୍ରଥମ ସଂସ୍କରଣ ୧୯୮୪ରେ ଶାରଜାଠାରେ ଖେଳାଯାଇଥିଲା। ପ୍ରତି ୨ବର୍ଷରେ ଥରେ ହେଉଥିବା ଟୁର୍ନାମେଣ୍ଟରେ ଭାରତ ୭ଥର ଏକଦିବସୀୟ ଫର୍ମାଟରେ ଚାମ୍ପିୟନ ହୋଇଥିବା ବେଳେ ଗୋଟିଏ ଥର ଟି୨୦ ଫର୍ମାଟରେ ଟାଇଟଲ ବିଜୟୀ ହୋଇଛି। ଭାରତ ୧୯୮୪, ୧୯୮୬, ୧୯୮୮, ୧୯୯୦, ୧୯୯୫, ୨୦୧୦, ୨୦୧୬ ଏବଂ ୨୦୨୩ ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ଶ୍ରୀଲଙ୍କା ୬ଥର ଏବଂ ପାକିସ୍ତାନ ୨୦୦୦ ଏବଂ ୨୦୧୨ରେ ଶେଷ ଥର ପାଇଁ ଚାମ୍ପିୟନ ହୋଇଥିଲା। ପୂର୍ବରୁ ଭାରତ କେବଳ ୧୯୯୦ ମସିହାରେ ଏହି ଟୁର୍ନାମେଣ୍ଟର ଆୟୋଜକ ଥିଲା। ବାଂଲାଦେଶ ଓ ୟୁଏଇ ସର୍ବାଧିକ ୫ଥର ଲେଖାଏ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାର ସୁଯୋଗ ପାଇଛନ୍ତି।

୨୦୨୪ ଏସିସି ପ୍ରିମିୟର କପ୍ ଫାଇନାଲରେ ୟୁଏଇ ୫୫ରନରେ ଓମାନକୁ ହରାଇ ଯୋଗ୍ୟତା ଅର୍ଜନ କରିଥିବା ବେଳେ ହଂକଂ ଶକ୍ତିଶାଳୀ ନେପାଳକୁ ୪ ଉଇକେଟରେ ହରାଇ ତୃତୀୟ ଦଳ ରୂପେ ଯୋଗ୍ୟତା ହାସଲ କରିଥିଲା।

ଆଗାମୀ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ଗୋଟିଏ ଗ୍ରୁପ୍‌ରେ ସ୍ଥାନ ପାଇଥିବାରୁ ସମସ୍ତ କ୍ରିକେଟ ପ୍ରେମୀମାନଙ୍କ ନଜର ଏହି ମ୍ୟାଚ ଉପରେ ରହିଛି। ଉଭୟ ଦଳ ପରସ୍ପରକୁ ୩ଥର ଭେଟିବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୧୪ରେ ପ୍ରଥମ ମ୍ୟାଚ ଦୁବାଇ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ହେବ।

ଏସିଆ କପ୍‌ର ଆୟୋଜନକୁ ନେଇ ସବୁବେଳେ ବିବାଦ ଦେଖାଦେଇଛି। ପ୍ରତ୍ୟେକ ସଂସ୍କରଣରେ ପିଚ୍, ଖେଳାଳିଙ୍କ ସୁବିଧା ସୁଯୋଗ, ଅମ୍ପାୟରିଂ, ଆୟୋଜନ, ଭାରତ ବିରୋଧୀ ସ୍ଲୋଗାନ, ଏସିସିର ଆସୋସିଏଟ୍ ମେମ୍ବର୍ସ ଦେଶଙ୍କ ଅଭିଯୋଗ, ଟିମ୍ ସଂଖ୍ୟା ବୃଦ୍ଧି, ରାଜନୈତିକ ଅସ୍ଥିରତା ପରି ଅନେକ କାରଣ ରହିଛି। ଏପରି କି ଟୁର୍ନାମେଣ୍ଟର ଗ୍ଲାମର କମାଇବା ପାଇଁ ଓ ଅନ୍ତର୍ଜାତୀୟ କାର୍ଯ୍ୟସୂଚୀ ପାଇଁ ସ୍ଥାୟୀ ସଦସ୍ୟ ଦେଶଗୁଡିକ ସେମାନଙ୍କର ଦ୍ୱିତୀୟ ଟିମ୍ ପଠାଇବା ଘଟଣା ବିବାଦ ସୃଷ୍ଟି କରିଛି। ଏପରି କି ଆତଙ୍କବାଦୀଙ୍କ ଆକ୍ରମଣ ଧମକ ମଧ୍ୟ ଏହି ଟୁର୍ନାମେଣ୍ଟ ଆୟୋଜନକୁ ଆଶଙ୍କା ଘେରକୁ ନେଇଯାଇଛି। ଭାରତ ଓ ପାକିସ୍ତାନ ମଧ୍ୟରେ ଏସିଆ କପ୍‌ରେ ମ୍ୟାଚ ରହିଲେ ବହୁ ସଂଖ୍ୟାରେ ଦର୍ଶକ ଉପସ୍ଥିତ ରହି ଉଭୟ ଦଳକୁ ସମର୍ଥନ କରିବା ଦୃଷ୍ଟିକୋଣରୁ ମଧ୍ୟ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଥାଏ। ଏଥର ମଧ୍ୟ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଓ ବାଂଲାଦେଶ ସହିତ ଖରାପ ସମ୍ପର୍କ ପାଇଁ ଭାରତ ଏସିଆ କପ୍ ଖେଳିବ ନାହିଁ ବୋଲି ମନା କରି ଦେଇଥିଲେ ଏସିସିର ବ୍ୟାପକ ଆର୍ଥିକ କ୍ଷତି ହୋଇଥାନ୍ତା। ଭାରତ ଆୟୋଜକ ହେଲେ ମଧ୍ୟ ସମ୍ପୂର୍ଣ୍ଣ ମ୍ୟାଚ ୟୁଏଇରେ ହେବା ପାଇଁ ଏସିସି ସର୍ତ୍ତରେ ରାଜି ହୋଇଛି।

ବର୍ତ୍ତମାନ ଭାରତ ବିଶ୍ୱକ୍ରୀଡ଼ାର ଶ୍ରେଷ୍ଠ ପ୍ରତିଯୋଗିତା ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଅଲିମ୍ପିକ୍ସ (ଲସ୍‌ଏଞ୍ଜେଲ୍ସ)ରେ ମଧ୍ୟ ଏହି ଲୋକପ୍ରିୟ ଖେଳକୁ ସାମିଲ କରାଯାଇଛି। ୨୦୦୮ରେ ମୁମ୍ବାଇ ଆକ୍ରମଣ ପରଠାରୁ ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ହୋଇନାହିଁ। ଏପରି କି ଭାରତ ସରକାର ତାଙ୍କର ସ୍ପଷ୍ଟ ମନ୍ତବ୍ୟ ମାଧ୍ୟମରେ ୨୦୨୭ ପର୍ଯ୍ୟନ୍ତ ଏହା ଆଦୌ ସମ୍ଭବ ନୁହେଁ ବୋଲି କହିଛନ୍ତି। କେବଳ ଆଇସିସି ଦ୍ୱାରା ଆୟୋଜିତ ଟୁର୍ନାମେଣ୍ଟ ଗୁଡିକରେ ନିରପେକ୍ଷ ଭେନ୍ୟୁରେ ଦୁଇ ଦେଶ କ୍ରିକେଟ ଖେଳୁଛନ୍ତି। ଭାରତ ୧୯୮୬ରେ ଶ୍ରୀଲଙ୍କାରେ ଅନୁଷ୍ଠିତ ଏସିଆ କପ୍‌ରେ ସେଠାକାର ଉତ୍ତେଜନା ପରିସ୍ଥିତି ପାଇଁ ଯୋଗ ଦେଇ ନ ଥିଲା। ୨୦୧୦ରେ ପଡିଆ ମଧ୍ୟରେ ସୋଏବ ଅଖତର ଓ ହରଭଜନ ସିଂଙ୍କ କଥା କଟାକଟି ଘଟଣା ମଧ୍ୟ ବହୁ ବିବାଦ ସୃଷ୍ଟି କରିଥିଲା। ସେହିପରି ୧୯୯୦ରେ ପାକିସ୍ତାନ ଏସିଆ କପ ଖେଳି ନ ଥିଲା। ଗୌତମ ଗମ୍ଭୀର ଓ କମରନ ଅକମଲଙ୍କ ମଧ୍ୟରେ ବଚସା ମଧ୍ୟ ଏସିଆ କପ୍‌ରେ ଚର୍ଚ୍ଚାର ଅନ୍ୟତମ କାରଣ ଥିଲା। ଇଂଲଣ୍ଡରେ ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍‌ରେ ପାକିସ୍ତାନ ସହ ଭାରତ ମ୍ୟାଚ ନ ଖେଳିବା ସଦ୍ୟତମ ଚର୍ଚ୍ଚାର ବିଷୟ ହୋଇଛି।






# ଦୃଢ଼ମନା ଆବୁ ହୁବେଦା

**ପାରା ବ୍ୟାଡ୍‌ମିଣ୍ଟନ ତାରକା ଆବୁ ହୁବେଦା ବାହାରିନ, ବ୍ରାଜିଲ, ଦୁବାଇ, ଇଜିପ୍ଟ, ଜାପାନରେ ପଦକ ଜିତିବା ଓ ଏସିଆନ ପାରା ଗେମ୍ସରେ ଖେଳିବା ସହ ନିଜ କାଟେଗୋରିରେ ବିଶ୍ୱର ନଂ-୪ ମଧ୍ୟରେ ରହିଛନ୍ତି। ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ସର୍ବଶ୍ରେଷ୍ଠ ଲକ୍ଷ୍ମଣ ପୁରସ୍କାର ହାସଲ କରି ନିଜ ଦକ୍ଷତାର ପ୍ରମାଣ ଦେଇସାରିଛନ୍ତି...**

ଭାରତର ଅନ୍ୟତମ ପେସାଦାର ପାରା ବ୍ୟାଡ୍‌ମିଣ୍ଟନ ତାରକା ହେଲେ ଆବୁ ହୁବେଦା। ୨୦୧୬ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଉତ୍ତର ପ୍ରଦେଶର ହୁବେଦା ୨୦୧୭ରେ ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ପ୍ରଥମ ଅନ୍ତର୍ଜାତୀୟ ଟାଇଟଲ ଜିତିଥିଲେ। ଏଥିରେ ସେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ୨୦୧୮ରେ ସେ ପୁରୁଷ ସିଙ୍ଗଲ୍ସରେ ଜାତୀୟ ଚାମ୍ପିୟନ ହୋଇଥିଲେ। ପିଲାଦିନ ସମ୍ପର୍କରେ ହୁବେଦା କୁହନ୍ତି ଯେ, "ମୋତେ ଦୁଇ ବର୍ଷ ହୋଇଥିବାବେଳେ ଡାହାଣ ଗୋଡ଼ରେ ପୋଲିଓ ହୋଇଯାଇଥିଲା। ଗୋଡ଼ର ୬୦ ପ୍ରତିଶତ ଅକ୍ଷମ ହୋଇଥିଲା। ଆମ ପଡ଼ୋଶୀ ଲୋକେ, ଏପରି କି ସମ୍ପର୍କୀୟମାନେ ମୋ ମା'-ବାପାଙ୍କୁ କହୁଥିଲେ, ସୁନା ପରି ପିଲାଟିଏ ଏବେ ମାଟି ହୋଇଯାଇଛି। ଏହା ମୋ ମା'-ବାପାଙ୍କୁ ବାଧିଥିଲା। ସେମାନେ ଚିନ୍ତିତ ଥିଲେ ଯେ, ଆମ ଛୁଆ ତା' ଜୀବନରେ କ'ଣ କରିବ"। କ୍ରମେ ସମୟ ବଦଳିଲା। ସାହସ ଓ କଠିନ ପରିଶ୍ରମ ବଳରେ ହୁବେଦା ଏବେ ବିଶ୍ୱର ୪ ନମ୍ବର ପୁରୁଷ ଡବଲ୍ସ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି। ସେ ଦେଶର ସବୁଠୁ ସ୍ଥିର ପ୍ରଦର୍ଶନ କରୁଥିବା ପାରା ଆଥ୍‌ଲେଟ୍। ସେ ୪ ଥରର ଜାତୀୟ ଚାମ୍ପିୟନ ଓ ଉତ୍ତର ପ୍ରଦେଶ ସରକାରଙ୍କ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପ୍ରଦାନ କରାଯାଉଥିବା ସର୍ବଶ୍ରେଷ୍ଠ ଲକ୍ଷ୍ମଣ ପୁରସ୍କାର ବିଜେତା। ତାଙ୍କ ଅଭିଯାନରେ ଯେତିକି ସଂଘର୍ଷ ଥିଲା, ସେତିକି ସମର୍ଥନ ମଧ୍ୟ ରହିଥିଲା।

ହୁବେଦା ଚଳିତ ବର୍ଷ ଥାଇଲାଣ୍ଡର ନାଖନ ରାଚ୍‌ଚାସିମାଠାରେ ଏସିଆନ୍ ପାରା-ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ପୁରୁଷ ଡବଲ୍ସ (ଡବ୍ଲ୍ୟୁଏଚ୍୧-ଡବ୍ଲ୍ୟୁଏଚ୍୨)ରେ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରେମ କୁମାର ଆଲେଙ୍କୁ ସାଥି କରି ଖେଳୁଥିବା ହୁବେଦା ବ୍ରୋଞ୍ଜ ପଦକ ମ୍ୟାଚ୍‌ରେ ଥାଇଲାଣ୍ଡର ଏ ସାଇ ଲେନ ଓ ଏ ଶ୍ରୀବୋରାନଙ୍କୁ ୨୧-୧୨, ୨୧-୧୨ ସିଧାସଳଖ ଗେମ୍‌ରେ ହରାଇ ଏହି ସଫଳତା ପାଇଥିଲେ। ହ୍ୱିଲଚେୟାର ଡବଲ୍ସରେ ଏହା ଭାରତ ପାଇଁ ପ୍ରଥମ ଏସିଆନ୍ କଣ୍ଟିନେଣ୍ଟାଲ ସ୍ତରର ପଦକ ଥିଲା। ଲକ୍ଷ୍ନୌରେ ବଡ଼ ହେବା ବେଳେ ଆବୁ ନିଜକୁ କଦାପି ଭିନ୍ନକ୍ଷମ ଭାବେ ଭାବି ନ ଥିଲେ। ସାଙ୍ଗମାନଙ୍କ ସହ ଗଳି କ୍ରିକେଟ ଖେଳୁଥିଲେ। ଲକ୍ଷ୍ନୌରେ ଥିବା ଭିଡିଭୂମିର ସଦୁପଯୋଗ କରି ସେ ଆଗକୁ ବଢ଼ିଥିଲେ।

୨୦୦୮ରେ ସେ ପ୍ରଥମ ଥର ପାଇଁ ପାରା ସ୍ପୋର୍ଟ୍ସ ସମ୍ପର୍କରେ ଜାଣିବାକୁ ପାଇଥିଲେ। ପ୍ରଥମେ ଆଥ୍‌ଲେଟିକ୍ସରେ ଭାଗ୍ୟ ପରୀକ୍ଷା କରିଥିଲେ। କିନ୍ତୁ ଏଥିରେ ପଦକ ଆଣିବା ପାଇଁ ଲକ୍ଷ୍ନୌରେ ସେଭଳି କୌଣସି ସୁବିଧା, ଟ୍ରେନିଂ ବ୍ୟବସ୍ଥା ଓ ପରିବେଶ ନ ଥିବା ଅନୁଭବ କରିଥିଲେ। ଜଣେ ବନ୍ଧୁଙ୍କଠାରୁ ସେ ବ୍ୟାଡ୍‌ମିଣ୍ଟନ ସମ୍ପର୍କରେ ଜାଣିଥିଲେ। ୨୦୧୧ରେ ଚେନ୍ନାଇରେ ଏକ ଟୁର୍ନାମେଣ୍ଟ ଅବସରରେ ହ୍ୱିଲଚେୟାରରେ ପ୍ରତିଯୋଗୀମାନେ ବ୍ୟାଡ୍‌ମିଣ୍ଟନ ଖେଳୁଥିବା ସେ ପ୍ରଥମ ଥର ଦେଖିଥିଲେ। ଜଣେ ଅଧିକାରୀଙ୍କ ପରାମର୍ଶ କ୍ରମେ ସେ ହୁଇଲଚେୟାର ବ୍ୟାଡ୍‌ମିଣ୍ଟନକୁ କ୍ୟାରିୟର କରିବାକୁ ଆଗଭର ହୋଇଥିଲେ। ସ୍ପୋର୍ଟ୍ସ ଲାଗି ସ୍ୱତନ୍ତ୍ର ହ୍ୱିଲଚେୟାରର ଆବଶ୍ୟକତା ଥିବା ବୁଝିପାରିଥିଲେ। କିନ୍ତୁ ସ୍ପୋର୍ଟ୍ସ ପାଇଁ ବ୍ୟବହୃତ ହ୍ୱିଲଚେୟାର ଖୁବ୍ ମହଙ୍ଗା ଥିଲା। ସେହି ସମୟରେ ତାହାର ମୂଲ୍ୟ ପ୍ରାୟ ୪୦ ହଜାର ଟଙ୍କା ଥିଲା ଏବଂ ସେଥିଲାଗି କୌଣସି ପାଣ୍ଠି ମଧ୍ୟ ନ ଥିଲା। ତାଙ୍କ ଲାଗି ଅର୍ଥ ଯୋଗାଡ଼ କରାଯାଇଥିଲା। ହ୍ୱିଲଚେୟାର କିଣିବା ପରେ ସେ ସେଥିରେ ବ୍ୟାଡ୍‌ମିଣ୍ଟନକୁ ସୁହାଇଲା ଭଳି ପରିବର୍ତ୍ତନ କରିଥିଲେ। ସେ ଖେଳ ଆରମ୍ଭ କଲାବେଳେ ମାତ୍ର ୨ରୁ ୩ ଖେଳାଳି ଏକାଠି ଖେଳୁଥିଲେ। ସେ ବ୍ୟାଡ୍‌ମିଣ୍ଟନର ମୌଳିକତା ଜାଣିବା ପରେ ଅନ୍ୟ ହ୍ୱିଲଚେୟାର ବ୍ୟବହାରକାରୀଙ୍କୁ ଶିଖାଇଲେ। ସେମାନେ ପୂର୍ବରୁ କେବଳ କ୍ରିକେଟ ଖେଳୁଥିଲେ। ଏହା ହିଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। କୋଚ୍ ଗୌରବ ଖାନ୍ନା ଲକ୍ଷ୍ନୌ ବାସିନ୍ଦା ବୋଲି ସେ ଜାଣିବାକୁ ପାଇଲେ। ଗୌରବ ରେଫରି କାର୍ଯ୍ୟ କରିବା ସହିତ ବଧିର ବ୍ୟାଡ୍‌ମିଣ୍ଟନ ଦଳକୁ ପ୍ରଶିକ୍ଷଣ ଦେଉଥିଲେ। ତାଙ୍କୁ ଯୋଗାଯୋଗ କରାଯାଇଥିଲା। ସେ ପ୍ରଶିକ୍ଷଣ ଦେବାକୁ ରାଜି ହୋଇଥିଲେ। ସେ ପ୍ରତିଦିନ ତାଙ୍କ ରେଲୱେ ଚାକିରିକୁ ଯିବା ପୂର୍ବରୁ ସକାଳ ୮ଟାରୁ ୯.୩୦ ପର୍ଯ୍ୟନ୍ତ ଟ୍ରେନିଂ ଦେଉଥିଲେ। ଏବେ ସେ ଭାରତୀୟ ପାରା-ବ୍ୟାଡ୍‌ମିଣ୍ଟନ ଦଳର ମୁଖ୍ୟ କୋଚ୍, ଜଣେ ଦ୍ରୋଣାଚାର୍ଯ୍ୟ ଓ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ କୋଚ୍। ୨୦୧୨-୧୩ ବେଳକୁ ହୁବେଦା ହ୍ୱିଲଚେୟାର କାଟେଗୋରିରେ ପ୍ରତିଷ୍ଠିତ ଆଥ୍‌ଲେଟ ପାଲଟି ଯାଇଥିଲେ। ସେହିବର୍ଷ ସେ ଉତ୍ତର ପ୍ରଦେଶ ପାଇଁ ଏକ ଡବଲ ଗୋଲ୍ଡ ମେଡାଲ ଜିତିଥିଲେ। ଏ ସମ୍ପର୍କରେ ସେ କହିଛନ୍ତି ଯେ, ତାହା ମୋ ପାଇଁ ସମ୍ମାନର ବିଷୟ ଥିଲା। ସିନିୟର ଖେଳାଳି ଓ ଡବଲ୍ସ ପାର୍ଟନର ପ୍ରେମ କୁମାର ଆଲେ ମୋର ମାର୍ଗଦର୍ଶନ କରିଥିଲେ। ଆଜି ମୁଁ ଓ ପ୍ରେମ ୱାର୍ଲ୍ଡ ନଂ-୪ ଏବଂ ଏସିଆରେ ନଂ-୩ ପୁରୁଷ ଡବଲ୍ସ ଯୋଡ଼ି। ହୁବେଦାଙ୍କ ଅଗ୍ରଗତି ସହଜ ନ ଥିଲା। ତାଙ୍କୁ କିଛି ସମର୍ଥନ କରୁଥିଲେ ଓ ଅନ୍ୟମାନେ ସମର୍ଥନ କରୁ ନ ଥିଲେ। ଲକ୍ଷ୍ନୌରେ ସେ ଯେତେବେଳେ ପ୍ରଥମେ ହ୍ୱିଲଚେୟାର ବ୍ୟାଡ୍‌ମିଣ୍ଟନ ଖେଳିବା ଆରମ୍ଭ କରିଥିଲେ ଅନେକ ଏହାକୁ ବିରୋଧ କରିଥିଲେ। ଏପରିକି କୋର୍ଟରେ ତାଙ୍କୁ ପୂରାଇ ଦେବେ ନାହିଁ କହିଥିଲେ। ଅଧିକାର ପାଇଁ ତାଙ୍କୁ ଲଢ଼େଇ କରିବାକୁ ପଡ଼ିଥିଲା। ସରକାର ଓ କ୍ରୀଡ଼ା ଅଧିକାରୀଙ୍କୁ ଚିଠି ଲେଖିବା ପରେ ସେମାନେ ହ୍ୱିଲଚେୟାରକୁ ପରୀକ୍ଷା କରିଥିଲେ। ସ୍ପୋର୍ଟ୍ସ ହ୍ୱିଲଚେୟାର ଯୋଗୁ କୋର୍ଟର କୌଣସି କ୍ଷତି ହେବ ନାହିଁ ଜାଣିବା ପରେ ତାଙ୍କୁ ଖେଳିବାକୁ ଅନୁମତି ମିଳିଥିଲା। କେବଳ ଯେ ଅଜଣା ଲୋକେ ତାଙ୍କ ପାଇଁ ବାଧକ ସାଜିଥିଲେ ତା ନୁହେଁ, ବରଂ ସମ୍ପର୍କୀୟମାନେ ମଧ୍ୟ ତାଙ୍କୁ ଖେଳରୁ ଦୂରେଇ ରଖିବାକୁ ତାଙ୍କ ମା' ଓ ବାପାଙ୍କୁ ପରାମର୍ଶ ଦେଇଥିଲେ। ପାଠ ପଢ଼ିଲେ ଚାକିରି କରିବ, ପାରା ସ୍ପୋର୍ଟ୍ସରେ କ'ଣ ଅଛି ବୋଲି ସେମାନେ ମତ ଦେଉଥିଲେ। ଏହା ଶୁଣିବା ବହୁତ କଷ୍ଟଦାୟକ ଥିଲା। ଇତିମଧ୍ୟରେ ହୁବେଦା ବାହାରିନ, ବ୍ରାଜିଲ, ଦୁବାଇ, ଇଜିପ୍ଟ, ଜାପାନରେ ପଦକ ଜିତିବା ଓ ଏସିଆନ ପାରା ଗେମ୍ସରେ ପଦାର୍ପଣ କରିବା ସହ ନିଜ କାଟେଗୋରିରେ ବିଶ୍ୱର ନଂ-୪ ମଧ୍ୟରେ ରହିଛନ୍ତି। ନିକଟରେ ଜିତିଥିବା ବ୍ରୋଞ୍ଜ ପଦକ ତାଙ୍କ କ୍ୟାରିୟରକୁ ଆହୁରି ଋଦ୍ଧିମନ୍ତ କରିଛି।



## ସେଫ୍

ଗ୍ରାଣ୍ଡମାଷ୍ଟର ଦିବ୍ୟା ଦେଶମୁଖ ପାଇଁ
କଙ୍ଗ୍ରାଚୁଲେଶନ, ପୁରସ୍କାର
ତିନିକୋଟି ଆର୍ଥିକ ସହାୟତା ଦେଲା
ମହାରାଷ୍ଟ୍ର ସରକାର
ଭିଜିଟ୍ କରି ତାଙ୍କ ଘର
ଭାରତର ଚିଫ ଜଷ୍ଟିସ ଭୂଷଣ
କହନ୍ତି ଗର୍ବ ଆମ୍ଭର ...(୧)



ଫ୍ରେଣ୍ଡ୍ ରିକ୍ୱେଷ୍ଟ ଗ୍ରହଣ କରି କରି
ଦି' ବର୍ଷରେ ଆଠ କୋଟି
ମୁମ୍ବାଇର ଜଣେ ବୃଦ୍ଧ ବ୍ୟକ୍ତିଠାରୁ
ଝୁଣି ନେଲା ଧରି ଚୁଟି
ବେଟା ହୋଇ କହି ବେଟି
ଶାର୍ଭି, କବିତା, ଦିନାଜ୍, ଜସ୍ମିନ
ନାମେ ଭାସିଗଲା ପାର୍ଟି....(୨)

ଖେଳାଳିଟି ଖେଳେ ସାଧନାରେ କିଏ
ରୋଜଗାର କରେ ଖଟି
ବମ୍ବେ ବୃଦ୍ଧ ଭଳି କଳା ପୋତାଧନ
ସାଇବର ନିଏ ଲୁଟି
ପଚାର ଯା' ଗୋଟି ଗୋଟି
ଅଣାଅଣୀ ତମ ସ୍ୱାଧିନତା ଦିବସରେ
ନାରୀ କେତେ ସେଫ୍ ଏଠି ?....(୩)

–ସୁବାସ ଚନ୍ଦ୍ର ପ୍ରଧାନ

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ